୫୧
# ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଡିସେମ୍ବର ୨/୨୦୨୪ (୧୬ ପୃଷ୍ଠା) Bhubaneswar, Monday, December 2/2024 Page 16 ₹ 7.00 | SAMBALPUR
୫୧ଶ ଭାଗ ୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 9 ମୂଲ୍ୟ ₹୭/-




KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

୫୧

# ଧରିତ୍ରୀ

DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୨/୨୦୨୪ | Bhubaneswar, Monday, December 2/2024 | ପୃଷ୍ଠା-୧




ନୌସେନା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ରବିବାର ପୁରୀ ସମୁଦ୍ର ବେଳାଭୂମିରେ ପ୍ରଦର୍ଶିତ ଯୁଦ୍ଧ କୌଶଳ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ବିପଦ ଆଣୁଛି ଡିଜିଟାଲ ଅପରାଧ

## ଡିଜିପି-ଆଇଜିପି ସମ୍ମିଳନୀରେ ଚିନ୍ତା ବ୍ୟକ୍ତକଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧।୧୨(ପି.ଟି.)

ଅନ୍‌ଲାଇନ୍ ଠକେଇ, ସାଇବରକ୍ରାଇମ୍ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଭଳି ଡିଜିଟାଲ ଅପରାଧ ସମାଜ ପାଇଁ ବିପଦ ଆଣୁଛି। ବିଶେଷକରି ଡିପ୍‌ଫେକ୍ ଟେକ୍ନୋଲୋଜି ସାମାଜିକ ଓ ପାରିବାରିକ ସମ୍ପର୍କକୁ ବ୍ୟାହତ କରୁଛି ବୋଲି ରବିବାର ଭୁବନେଶ୍ୱରରେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଏବଂ ପୋଲିସ ମହାନିରୀକ୍ଷକ (ଆଇଜିପି)ମାନଙ୍କ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସତର୍କ କରାଇଛନ୍ତି।

ଲୋକସେବା ଭବନର କନ୍‌ଭେନ୍ସନ ସେଣ୍ଟରରେ ଶୁକ୍ରବାରଠାରୁ ଚାଲିଥିବା ୫୯ତମ ଡିଜିପି/ଆଇଜିପି ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ସାରା ଦେଶର ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ପୋଲିସର କାର୍ଯ୍ୟଭାର ହ୍ରାସ ପାଇଁ କାରିଗରିର ବ୍ୟବହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଥାନାଗୁଡ଼ିକୁ ସମ୍ବଳ ବଣ୍ଟନର କେନ୍ଦ୍ରବିନ୍ଦୁ କରିବାକୁ ପଡ଼ିବ। ତେବେ ପ୍ରଯୁକ୍ତିକୁ ଉପଯୋଗକରି ଘଟାଯାଉଥିବା ଡିଜିଟାଲ ଅପରାଧଗୁଡ଼ିକ ପ୍ରତି ସତର୍କ ହେବାକୁ ପଡ଼ିବ। କାରଣ ଏଆଇ ଏବଂ ପ୍ରଯୁକ୍ତି ଯୋଗୁ ସୃଷ୍ଟି ହେଉଥିବା ସମ୍ଭାବ୍ୟ ବିପଦ ସାମାଜିକ ଓ ପାରିବାରିକ ସମ୍ପର୍କ କ୍ଷେତ୍ରରେ ମଧ୍ୟ ଅନ୍ତରାୟ ସୃଷ୍ଟି କରୁଛି। ଏଭଳି ସ୍ଥିତିରେ ପୋଲିସ ବାହିନୀ କୃତ୍ରିମ ବୁଦ୍ଧିମତ୍ତା ଏବଂ ଆକାଂକ୍ଷୀ ଭାରତକୁ ନେଇ ଦେଶର ଏଆଇ ଶକ୍ତିକୁ ଉପଯୋଗ ପୂର୍ବକ ଏହି ଆହ୍ୱାନକୁ ସୁଯୋଗରେ ପରିବର୍ତ୍ତନ କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

କେବଳ ଏତିକି ନୁହେଁ, ସ୍ମାର୍ଟ ପୋଲିସ ପ୍ରଶାସନର ମନ୍ତ୍ରକୁ ମଧ୍ୟ ଅଧିକ ବ୍ୟାପକ କରିବାକୁ ହେବ। ପୋଲିସକୁ ଅଧିକ ରଣନୈତିକ, ନିଷ୍ଠାପର, ଅନୁକୂଳ, ବିଶ୍ୱସନୀୟ ଓ ସ୍ୱଚ୍ଛ ହେବାକୁ ପଡ଼ିବ। ସହରାଞ୍ଚଳ ପୋଲିସ ବ୍ୟବସ୍ଥାରେ ନିଆଯାଇଥିବା ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ସହ ଦେଶର ୧୦୦ଟି ସହରରେ ପଦକ୍ଷେପଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଛନ୍ତି ବୋଲି ସରକାରଙ୍କ ପକ୍ଷରୁ ☞ପୃଷ୍ଠା-୨

# ରାଜ୍ୟର ୩.୫ କୋଟି ଲୋକଙ୍କୁ ମିଳିବ ଆୟୁଷ୍ମାନ କାର୍ଡ

ଭୁବନେଶ୍ୱର,୧।୧୨(ବନ୍ଦନା ସେଠୀ)

ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବ। ଆୟୁଷ୍ମାନ ଭାରତ ଯୋଜନା ପାର୍ଟ ୧ ଓ ୨କୁ ରାଜ୍ୟରେ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ପ୍ରାୟ ସାଢେ ୩କୋଟି ଲୋକଙ୍କୁ ବୀମା କାର୍ଡ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରହିଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ ସରିଛି ଓ କେନ୍ଦ୍ର ସରକାରଙ୍କ ସହ ଆଲୋଚନା ଚାଲିଛି। ଉଭୟ ଆୟୁଷ୍ମାନ ଯୋଜନା ଓ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଆରୋଗ୍ୟ ଯୋଜନାର ଗୋଟିଏ କାର୍ଡ ହେବ। ଫଳରେ କୌଣସି କାର୍ଡକୁ ନେଇ ଆଉ ଦ୍ୱନ୍ଦ୍ୱ ରହିବ ନାହିଁ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ସେହିପରି ଉଭୟ କାର୍ଡ କ୍ୟାସ୍‌ଲେସ୍ ହେବା ସହିତ ଦେଶର ୨୭ହଜାର ହସ୍ପିଟାଲରେ କାର୍ଯ୍ୟକ୍ଷମ ହେବ। ପୁରୁଣା କାର୍ଡରେ ପୂର୍ବରୁ ୯୫୦ଟି ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳୁଥିବାବେଳେ ଆୟୁଷ୍ମାନ କାର୍ଡରେ ଏହାକୁ ବ୍ୟାପକ କରାଯାଇଛି। ଏହି ଗୋଟିଏ କାର୍ଡ ଦେଖାଇ ରୋଗୀ ଉପଲବ୍ଧ ସ୍ୱାସ୍ଥ୍ୟ ଚିକିତ୍ସା ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

**ଆଜିର ସମ୍ପାଦକୀୟ**

**ସଂଖ୍ୟାଲଘୁ ଚରିତ୍ର**

# ଡଲାର ହଟାଇଲେ ବ୍ରିକ୍ସକୁ ୧୦୦% ଟାରିଫ୍

## ଶପଥ ପୂର୍ବରୁ ଟ୍ରମ୍ପଙ୍କ ଧମକ

**ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକା(ବ୍ରିକ୍ସ) କିଙ୍ଗ୍ ଡଲାରର ଆଧିପତ୍ୟକୁ ନ୍ୟୂନକରି ନୂଆ ମୁଦ୍ରା ଆପଣାଇଲେ କିମ୍ବା ଅନ୍ୟ କୌଣସି କରେନ୍ସିକୁ ସମର୍ଥନ କଲେ ସମ୍ପୃକ୍ତ ସଦସ୍ୟ ରାଷ୍ଟ୍ରକୁ ଆମେରିକା ପକ୍ଷରୁ ୧୦୦% ଟାରିଫ୍ (ଆମଦାନୀ ଶୁଳ୍କ)ର ସମ୍ମୁଖୀନ ହେବାକୁ ପଡ଼ିବ। ଆମେରିକୀୟ ଡଲାର ଉପରୁ ନିର୍ଭରଶୀଳତା ହ୍ରାସ ପାଇଁ ବ୍ରିକ୍ସ ନୂଆ ବ୍ୟାଙ୍କ ନୋଟ୍ ଆଣିବାକୁ ପ୍ରସ୍ତୁତି ଚଳାଇଥିବାବେଳେ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ରାଷ୍ଟ୍ର ସମୂହକୁ ଏଭଳି ଚେତାବନୀ ଦେଇଛନ୍ତି। ଏତିକି ନୁହେଁ, ବ୍ରିକ୍ସ ଯେପରି ପ୍ରସ୍ତାବିତ କରେନ୍ସି ଆଣିବା ଦିଗରେ ପଦକ୍ଷେପ ନ ନିଏ, ସେ ସମ୍ପର୍କରେ ମଧ୍ୟ ଟ୍ରମ୍ପ ଗ୍ୟାରେଣ୍ଟି ମାଗିଛନ୍ତି। କୌଣସି ବ୍ରିକ୍ସ ରାଷ୍ଟ୍ର ଏହାକୁ ଅବଜ୍ଞା କଲେ ଟ୍ରମ୍ପ ଜାନୁଆରୀ ୨୦ରେ ନୂଆ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆମେରିକା ବଜାରରେ ତାହାର ଉତ୍ପାଦ ବିକ୍ରି କରିବା କାଠିକର ପାଠ ହୋଇଯିବ। ଏହାଦ୍ୱାରା ସମ୍ପୃକ୍ତ ଦେଶର ଅର୍ଥନୀତି ବହୁଳ ଭାବେ ପ୍ରଭାବିତ ହେବା ଆଶଙ୍କା ରହିଛି।**



ଡୋନାଲ୍ଡ ଟ୍ରମ୍ପ

ୱାଶିଂଟନ୍,୧।୧୨

୨୦୦୯ରେ ଗଠିତ ବ୍ରିକ୍ସ ହେଉଛି ଏକମାତ୍ର ବୃହତ୍ ଅନ୍ତର୍ଜାତୀୟ ସମୂହ, ଯହିଁରେ ଆମେରିକା ସାମିଲ ହୋଇନାହିଁ। ପ୍ରଥମେ ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକା ବ୍ରିକ୍ସ ସଦସ୍ୟ ଥିବାବେଳେ ପରବର୍ତ୍ତୀ ସମୟରେ ଇରାନ୍, ଇଜିପ୍ଟ, ଇଥିଓପିଆ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏଥିରେ ସଦସ୍ୟ ହୋଇଥିଲେ। ତେବେ ଗତ କିଛି ବର୍ଷ ହେଲା ରୁଷିଆ ଓ ଚାଇନା ସମେତ କେତୋଟି ଦେଶ ଆମେରିକୀୟ ଡଲାରର ବିକଳ୍ପ ମୁଦ୍ରା ବା ବ୍ରିକ୍ସ କରେନ୍ସି ପ୍ରଚଳନ ପାଇଁ ଉଦ୍ୟମ ଚଳାଇ ଆସିଛନ୍ତି। ଏହି ପଦକ୍ଷେପରୁ ଭାରତ ମଧ୍ୟ ବାଦ୍ ପଡ଼ିନାହିଁ। ୨୦୨୩ରେ ଦକ୍ଷିଣ ଆଫ୍ରିକା ବ୍ରିକ୍ସ ସମ୍ମିଳନୀରେ ଏହି ରାଷ୍ଟ୍ର ସମୂହ ନିଜ ନିଜ ମଧ୍ୟରେ ବାଣିଜ୍ୟିକ କାରବାର ପାଇଁ ଏକ ନୂଆ କରେନ୍ସି ଆଣିବା ପାଇଁ ଡିଡଲାରାଇଜେଶନ୍ (ଡଲାର ଉପରୁ ନିର୍ଭରଶୀଳତା ହ୍ରାସ) ଉଦ୍ୟମ ଆରମ୍ଭ କରିଥିଲେ। ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡି ସୁଜା ପ୍ରଥମେ ଏହି ପ୍ରସ୍ତାବ ଦେଇଥିଲେ। ସେତେବେଳେ ଭାରତ ମଧ୍ୟ ଏହି ପ୍ରସ୍ତାବରେ ରାଜି ହୋଇଥିଲା।

୨୦୨୪ ଅକ୍ଟୋବର ୨୪ରେ ରୁଷିଆର କଜାନ ସହରରେ ୧୬ତମ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଏହି ରାଷ୍ଟ୍ରଗୋଷ୍ଠୀ ପକ୍ଷରୁ ପ୍ରତୀକାତ୍ମକ ଭାବେ ଏକ ସ୍ୱତନ୍ତ୍ର ବ୍ୟାଙ୍କନୋଟ୍ ଜାରି କରାଯାଇଥିଲା। ସମ୍ମିଳନୀରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଧରିଥିବା ଏକ ବ୍ୟାଙ୍କନୋଟ୍‌ରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ଜାତୀୟ ପତାକା ରହିଥିବା ଦେଖିବାକୁ ମିଳିଥିଲା। ସୀମାପାର ବ୍ୟବସାୟିକ କାରବାର ବେଳେ ଡଲାରର ପ୍ରଭୁତ୍ୱ ହ୍ରାସ କରି ଏହାର ବିକଳ୍ପ ଭାବେ ନୂଆ କରେନ୍ସି ବ୍ୟବହାର କରିବା ଲକ୍ଷ୍ୟରେ ବ୍ରିକ୍ସ ବ୍ୟାଙ୍କନୋଟ୍ ଆଣିବାକୁ ପ୍ରସ୍ତୁତି ଚାଲିଥିବା ନେଇ ବିଶେଷଜ୍ଞମାନେ କହିଥିଲେ। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ଟ୍ରମ୍ପଙ୍କ ବିଜୟ ହୋଇସାରିଛି। ୨୦୨୫ ଜାନୁଆରୀ ୨୦ରେ ଟ୍ରମ୍ପ ଶପଥ ନେବାକୁ ଯାଉଛନ୍ତି। ଏହା ପୂର୍ବରୁ ଟ୍ରମ୍ପ ନିଜ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ଏକ ପୋଷ୍ଟ କରି ବ୍ରିକ୍ସ ରାଷ୍ଟ୍ରଗୁଡ଼ିକୁ କଡ଼ା ଚେତାବନୀ ଦେଇଛନ୍ତି। ଉକ୍ତ ପୋଷ୍ଟରେ ପୂର୍ବତନ ତଥା ଭାବୀ ରାଷ୍ଟ୍ରପତି ଟ୍ରମ୍ପ ଉଲ୍ଲେଖ କରିଛନ୍ତି, ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଡଲାରରୁ ମୁହଁ ଫେରାଇ ନେବାକୁ ଉଦ୍ୟମ କରୁଥିବାବେଳେ ଏହି ଘଟଣାକ୍ରମ ଉପରେ ଆମେ ନଜର ରଖିବା ଶେଷ ହୋଇଯାଇଛି। ବ୍ରିକ୍ସ ଦେଶଗୁଡ଼ିକ ନୂଆ କରେନ୍ସି ସୃଷ୍ଟି କରିବେ ନାହିଁ କିମ୍ବା ଅନ୍ୟ କୌଣସି କରେନ୍ସିକୁ ସମର୍ଥନ କରିବେ ନାହିଁ, ଯାହାକି ଶକ୍ତିଶାଳୀ ୟୁଏସ୍ ଡଲାର ପରିବର୍ତ୍ତେ ପ୍ରଚଳିତ ହେବ। ଯେଉଁ ଦେଶ ଏହାକୁ ନ ମାନିବ, ସମ୍ପୃକ୍ତ ରାଷ୍ଟ୍ରର ସାମଗ୍ରୀଗୁଡ଼ିକ ପାଇଁ ଆମେରିକା ୧୦୦ ପ୍ରତିଶତ ଆମଦାନୀ ଶୁଳ୍କ ଲଗାଇବ। ଅର୍ଥାତ୍ ଆମେରିକାର ଚମତ୍କାର ଅର୍ଥନୀତିର ଦ୍ୱାର ସେହି ଦେଶ ଲାଗି ବନ୍ଦ ହୋଇଯିବ। ସେମାନେ ଅନ୍ୟ କୌଣସି ଭକୁଆକୁ ଖୋଜିବାକୁ ଯାଇପାରିବେ। ଅନ୍ତର୍ଜାତୀୟ ବାଣିଜ୍ୟିକ କାରବାରରେ ବ୍ରିକ୍ସ ଡଲାରର ସ୍ଥାନ ନେଇପାରିବ ନାହିଁ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି।

## ପ୍ରଭାବିତ ହେବ ଭାରତୀୟ ଅର୍ଥନୀତି

ଆମେରିକା ହେଉଛି ଭାରତର ସବୁଠୁ ବଡ଼ ବାଣିଜ୍ୟିକ ସହଯୋଗୀ। ଦୁଇ ଦେଶ ମଧ୍ୟରେ ବାର୍ଷିକ ପ୍ରାୟ ୧୨୦ ବିଲିୟନ୍ ଡଲାର ମୂଲ୍ୟର ବାଣିଜ୍ୟିକ କାରବାର ହେଉଛି। ଏଭଳି ସ୍ଥିତିରେ ଭାରତ ବ୍ରିକ୍ସ ପକ୍ଷରୁ ପ୍ରସ୍ତାବିତ ବ୍ୟାଙ୍କନୋଟ୍ ବା ବିନିମୟ ମୁଦ୍ରାକୁ ଆପଣାଇଲେ ଦେଶର ଅର୍ଥନୀତି ଓ ଅଭିବୃଦ୍ଧି ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା କରାଯାଉଛି। କାରଣ ଭାରତ ରପ୍ତାନି କରୁଥିବା ହୀରା ଓ ଅଳଙ୍କାର, କୃଷି ସାମଗ୍ରୀ, ରିଫାଇନ୍‌ଡ ପ୍ରେଟ୍ରୋଲିୟମ୍, ଚାଉଳ, ବସ୍ତ୍ର, ଯାନବାହନ ଯନ୍ତ୍ରପାତି, ଔଷଧ, ମେଡିକାଲ ଉପକରଣ ଏବଂ ଆଇଟି ସଫ୍ଟୱେର ସେବା ଆଦି ଆମେରିକାକୁ ପ୍ରବେଶ କରିବା ପୂର୍ବରୁ ସେଗୁଡ଼ିକର ଦରଦାମ୍ ପ୍ରାୟ ଦୁଇଗୁଣା ହୋଇଯିବ। ଫଳରେ ସେଗୁଡ଼ିକ ଆମେରିକା ବଜାରରେ ଉପଲବ୍ଧ ହୋଇପାରିବ ନାହିଁ। ଶସ୍ତାରେ ଉପଲବ୍ଧ ଅନ୍ୟ ଦେଶର ସାମଗ୍ରୀ ଆମଦାନୀ କରି ଆମେରିକା ନିଜ ଚାହିଦା ପୂରଣ କରିବ। ତେଣୁ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏକ ଅଧିକ ସ୍ୱାଧୀନ ଅର୍ଥନୈତିକ ବ୍ୟବସ୍ଥା କରି ପ୍ରତିଷ୍ଠା ପୂର୍ବକ ପାଶ୍ଚାତ୍ୟର ଆର୍ଥିକ ଢାଞ୍ଚା ଉପରେ ନିଜ ନିର୍ଭରଶୀଳତା ହ୍ରାସ ପାଇଁ ଚଳାଇଥିବା ଉଦ୍ୟମ ଭାରତୀୟ ଅର୍ଥନୀତି ପାଇଁ ବିପଦ ହୋଇପାରେ ବୋଲି ଅର୍ଥନୀତିଜ୍ଞମାନେ ମନେକରୁଛନ୍ତି। ଏଭଳି ସ୍ଥିତିରେ ଡଲାରର ଉପଲବ୍ଧତାକୁ ସୀମିତ କରି ବିକଳ୍ପର ସନ୍ଧାନ ଏକ ବାସ୍ତବବାଦୀ ଚିନ୍ତାଧାରା ହୋଇ ନ ପାରେ। ଏହାବାଦ୍ ବ୍ରିକ୍ସ ମୁଦ୍ରାରେ କାରବାର କରାଯିବା ଦ୍ୱାରା ଉକ୍ତ ବ୍ଲକ୍‌ର ସଦସ୍ୟମାନେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇପାରନ୍ତି ବୋଲି କୁହାଯାଉଛି।

# ତେଲଙ୍ଗାନାରେ ୭ ମାଓବାଦୀ ନିହତ

ମାଲକାନଗିରି,୧।୧୨ (ଦୁର୍ଯ୍ୟୋଧନ ପାତ୍ର)

ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଏବଂ ପୋଲିସ ମହାନିରୀକ୍ଷକ(ଆଇଜିପି) ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆତଙ୍କବାଦ ଓ ମାଓବାଦୀ ମୁକାବିଲା ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା କରୁଥିବା ବେଳେ ରବିବାର ତେଲଙ୍ଗାନା ରାଜ୍ୟ ମୁଲୁଗୁ ଜିଲା ଚାଲାପାକା ଜଙ୍ଗଲରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୭ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ତେଲଙ୍ଗାନା ସଚିବ କୁରସାମ ମଙ୍ଗୁ ଓରଫ ଭଦରୁ, ଡିଭିସିଏମ୍ ଏଗାଲପୁ ଓରଫ ମଧୁ, ଏସିଏମ୍ ମୁସାକୀ ଦେବାଲ, ଏସିଏମ୍ ମୁସାକୀ ଯମୁନା, ପାର୍ଟି ମେମ୍ବର ଜାଇ ସିଙ୍ଘ, କିଶୋର ଓ ରମେଶ। ଘଟଣାସ୍ଥଳରେ ଯବାନମାନେ ସର୍ଚ୍ଚ ଅପରେଶନ କରି ଏହି ୭ ଜଣଙ୍କ ମୃତଦେହ ଜବତ ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଠାବ କରିଥିବା ☞ପୃଷ୍ଠା-୨

# ଜୟ ଶାହା ଆଇସିସି ଚେୟାରମ୍ୟାନ୍

■ ସର୍ବକନିଷ୍ଠ ଭାବରେ ଇତିହାସ ରଚିଲେ

■ ପଞ୍ଚମ ଭାରତୀୟ ଭାବେ କ୍ରିକେଟର ସର୍ବୋଚ୍ଚ ପଦ

ଦୁବାଇ,୧।୧୨(ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍ (ଆଇସିସି)ର ଚେୟାରମ୍ୟାନ୍ ଭାବରେ ରବିବାର ଦାୟିତ୍ୱ ଗ୍ରହଣ କରିଛନ୍ତି ବିସିସିଆଇ ସଭାପତି ଜୟ ଶାହା। ଅଗଷ୍ଟ ୨୭ ତାରିଖରେ ସେ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ନିର୍ବାଚିତ ହୋଇଥିବା ବେଳେ ରବିବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ସହିତ ୩୬ ବର୍ଷ ବୟସରେ ଆଇସିସିର ସର୍ବକନିଷ୍ଠ ଚେୟାରମ୍ୟାନ୍ ହେବାର ରେକର୍ଡ ମଧ୍ୟ କରିଛନ୍ତି। କ୍ରିକେଟର ଏହି ସର୍ବୋଚ୍ଚ ପଦରେ ଅବସ୍ଥାପିତ ହେବାରେ ଶାହା ପଞ୍ଚମ ଭାରତୀୟ ପାଲଟିଛନ୍ତି। ପୂର୍ବରୁ ଜଗମୋହନ ଡାଲମିୟା, ଶରଦ ପାୱାର, ଏନ୍. ଶ୍ରୀନିବାସନ୍ ଓ ଶଶାଙ୍କ ମନୋହର ଯୋଶୀ ଆଇସିସିର ମୁଖ୍ୟ ଭାବରେ କାର୍ଯ୍ୟ କରିସାରିଛନ୍ତି।

ଆଇସିସି ଚେୟାରମ୍ୟାନ୍ ରହିଥିବା ନ୍ୟୁଜିଲାଣ୍ଡର ଗ୍ରେଗ୍ ବାର୍କଲେ ତୃତୀୟ ଥର ସଭାପତି ଦୌଡ଼ରୁ ଓହରିବା ପରେ ଏକମାତ୍ର ପ୍ରତ୍ୟାଶୀ ଭାବରେ ଶାହା ନାମାଙ୍କନ ଦାଖଲ କରିଥିଲେ। ଭାରତୀୟ କ୍ରିକେଟ ସହ ଯୋଡ଼ିହେବା ପୂର୍ବରୁ ୨୦୦୯ରେ ଶାହା ପ୍ରଥମେ



ସେଣ୍ଟ୍ରାଲ ବୋର୍ଡ ଅଫ୍ କ୍ରିକେଟ ଅହମଦାବାଦ(ସିବିସିଏ)ରେ କାର୍ଯ୍ୟ କରିଥିଲେ। ପରେ ରାଜ୍ୟସ୍ତରରେ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ। ୨୦୧୩ରେ ଗୁଜରାଟ କ୍ରିକେଟ ଆସୋସିଏଶନ(ଜିସିଏ)ର ଯୁଗ୍ମ ସମ୍ପାଦକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ଶାହା। ☞ପୃଷ୍ଠା-୨

# ଅନେକ କିଛି ଗୋପନୀୟ ରହିଲା

ଭୁବନେଶ୍ୱର, ୧।୧୨(ସୁନିତ୍ ମିଶ୍ର)

ଭୁବନେଶ୍ୱରଠାରେ ଆୟୋଜିତ ଡିଜିପି ଓ ଆଇଜି ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଯୋଗଦେବା ଲାଗି ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସମୟାନୁଯାୟୀ ଦିଲ୍ଲୀ ଫେରିଯାଇଛନ୍ତି। ହେଲେ ପ୍ରଧାନମନ୍ତ୍ରୀ ଏବଂ ଶାହା ଯେତିକି ସମୟ ଏଠାରେ ରହିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପୂର୍ବରୁ କୌଣସି ପ୍ରଧାନମନ୍ତ୍ରୀ ଓଡ଼ିଶାରେ ଏତେ ଦୀର୍ଘ ସମୟ ରହିଥିବାର ନଜିର ନାହିଁ। ଏହା ରାଜ୍ୟବାସୀଙ୍କୁ ଯେତିକି ଖୁସି କରିଛି ରାଜନୈତିକ ପର୍ଯ୍ୟବେକ୍ଷକଙ୍କୁ ସେତିକି ଦ୍ୱନ୍ଦ୍ୱରେ ପକାଇଛି। କାରଣ ଏହି ଦୁଇ ମୁଖ୍ୟଙ୍କ ଗସ୍ତ ସବୁବେଳେ ରାଜନୈତିକ ଗୁରୁତ୍ୱ ରଖିଥାଏ। ଓଡ଼ିଶା ସରକାରଙ୍କୁ ଗତ ନିର୍ବାଚନରେ ସଫଳତାର ସହିତ ନିଜ ହାତକୁ ନେଇପାରିଥିବା ଭାଜପାର ସେଭଳି କୌଣସି ଆଖିଦୃଶିଆ ସମସ୍ୟା ଉପୁଜି ନାହିଁ। ବିନା ଅଭିଜ୍ଞତାରେ ଦାୟିତ୍ୱ ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ କ୍ରମଶଃ ଶାସନଡୋରିକୁ ବୁଝିବାରେ ସଫଳ ହୋଇଛନ୍ତି। ଏଭଳି ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଓଡ଼ିଶାରେ ଦୀର୍ଘ ସମୟ ବିତାଇବା ଅନେକ କଥା କହୁଛି।

ପ୍ରଧାନମନ୍ତ୍ରୀ ଓଡ଼ିଶାରେ ମୋଟ୍ ୪୮ ଘଣ୍ଟା ପାଇଁ ଆସି ରହିଛନ୍ତି। ଶୁକ୍ରବାର ଅପରାହ୍ନ ୪ଟା ୨୦ ସମୟରେ ଆସି ଭୁବନେଶ୍ୱର ବିମାନବନ୍ଦରଠାରେ ପ୍ରଧାନମନ୍ତ୍ରୀ ପହଞ୍ଚିଥିଲେ। ରବିବାର ଅପରାହ୍ନ ୪ଟା ୨୦ ବେଳକୁ ସେ ଓଡ଼ିଶା ଫେରିବା ଲାଗି ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀ ଶୁକ୍ରବାର ଆସିବା ସମୟରେ ତାଙ୍କୁ ଭାଜପା ନେତାମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ବିମାନବନ୍ଦରଠାରେ ଆୟୋଜିତ ଏକ ସାଧାରଣ ସଭାରେ ମୋଦି ସମ୍ବୋଧିତ ମଧ୍ୟ କରିଥିଲେ। ଏହାପରେ ପ୍ରଧାନମନ୍ତ୍ରୀ ୫ଟା ୩୦ରେ ରାଜଭବନରେ ପହଞ୍ଚି ଏକ ଘଣ୍ଟା ରହିବା ପରେ ସେଠାରୁ ଦଳୀୟ କାର୍ଯ୍ୟାଳୟ ଯାଇଥିଲେ। ଦଳୀୟ କାର୍ଯ୍ୟାଳୟରେ ୨ ଘଣ୍ଟା ରହିବା ଲାଗି ତାଙ୍କ କାର୍ଯ୍ୟସୂଚୀ ପୂର୍ବରୁ ସ୍ଥିର ଥିବା ସତ୍ତ୍ୱେ ସେ କିନ୍ତୁ ପ୍ରାୟ ସାଢେ ୩ ଘଣ୍ଟା ସେଠାରେ ସମୟ ବିତାଇଥିଲେ। ଏହି ଅବସରରେ ସେ ଭାଜପା ଏମ୍‌ପି, ମନ୍ତ୍ରୀ, ବିଧାୟକ ଏବଂ ଦଳୀୟ ପଦାଧିକାରୀମାନଙ୍କୁ କିପରି ଅଧିକ ଦିନ ଦଳ ସରକାରରେ ରହିପାରିବ, କେମିତି ଲୋକଙ୍କ ସହ ଯୋଡିହେବେ ଏବଂ ନିଜର ରାଜନୈତିକ ଜୀବନର ଅନେକ କଥା ଆଲୋଚନା କରିଥିଲେ। ୨୯ ତାରିଖରେ ମୋଦି ବିମାନବନ୍ଦରଠାରୁ ରାଜଭବନ ଆସିବା, ପୁଣିଥରେ ରାଜଭବନରୁ ଦଳୀୟ କାର୍ଯ୍ୟାଳୟ ଯାଇ ରାତିରେ ରାଜଭବନ ଫେରିବା ଭିତରେ ଅନେକ ଥର ସାଧାରଣ ଲୋକମାନେ ରାସ୍ତାରେ ପ୍ରଧାନମନ୍ତ୍ରୀଙ୍କୁ ଦେଖିବାର ସୁଯୋଗ ପାଇଥିଲେ। ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ୩୦ ଏବଂ ୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ। ମୋଦି ୩୦ ତାରିଖ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଡିଜିପି ସମ୍ମିଳନୀରେ ଯୋଗ ଦେଇଥିଲେ। ଲୋକସେବା ଭବନର ନୂତନ କନ୍‌ଭେନଶନ ସେଣ୍ଟରଠାରେ ଆୟୋଜିତ ଏହି ଡିଜିପି ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା, କାର୍ଯ୍ୟକ୍ରମ କ'ଣ ଥିଲା ସେକଥା କିଛି ବାହାରକୁ ଜଣାଯାଇ ନାହିଁ। ସେହିପରି ୧ ତାରିଖରେ ମଧ୍ୟ ସେ ସକାଳ ୮ଟାରେ ଡିଜିପି ସମ୍ମିଳନୀରେ ପହଞ୍ଚି ଅପରାହ୍ନ ୪ଟା ୧୦ ମିନିଟ୍‌ରେ ସେଠାରୁ ବାହାରି ବିମାନବନ୍ଦର ଅଭିମୁଖେ ଚାଲିଯାଇଛନ୍ତି। ଏହି ଦୁଇ ଦିନ ଯାକ ଲୋକସେବା ଭବନ ଭିତରେ କଡ଼ା ସୁରକ୍ଷା କଟକଣା ପାଳନ କରାଯାଇଥିଲା। ଲୋକସେବା ଭବନର ପଛପଟ ରାସ୍ତା ସମ୍ପୂର୍ଣ୍ଣ ସିଲ୍ କରିଦିଆଯାଇଥିଲା। କେବଳ ଲୋକସେବା ଭବନର ପଛ ରାସ୍ତା ସିଲ୍ କରିଦିଆଯାଇ ନ ଥିଲା ରାଜଧାନୀର କେନ୍ଦ୍ରାଞ୍ଚଳରେ ଅର୍ଥାତ୍ ରାଜଭବନ ଛକଠାରୁ ଆଖପାଖ ଅଞ୍ଚଳର ଯାନବାହନ ଯାତାୟାତରେ ଅନେକ ବାଧା ସୃଷ୍ଟି ହୋଇଥିଲା।

ଏହିସବୁ ବିଷୟଠାରୁ ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଓଡ଼ିଶା ଗସ୍ତସୂଚୀ। ଶାହା ମଧ୍ୟ ୨୯ ତାରିଖ ଦିନ ପ୍ରଧାନମନ୍ତ୍ରୀ ଆସିବାର ପ୍ରାୟ ଦୁଇରୁ ଅଢେଇ ଘଣ୍ଟା ଆଗରୁ ଆସି ଓଡ଼ିଶାରେ ପହଞ୍ଚିଥିଲେ। ହେଲେ ଶାହା ବିମାନବନ୍ଦର ଠାରେ ପହଞ୍ଚିବା ପରଠାରୁ କେଉଁଠାରେ ରହିଲେ, କେତେବେଳେ ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସିପିଆଇ(ଏମ୍) ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସିପିଆଇ(ଏମ୍) ରାଜ୍ୟ ଅଫିସ, ଜୟଦେବ ବିହାର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବିଏମ୍‌ସି ୱାର୍କର୍ସ ୟୁନିୟନ ପକ୍ଷରୁ ଘେରାଉ, ସ୍ଥାନ: ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଜାତୀୟ ପ୍ରଦୂଷଣ ନିରାକରଣ ଦିବସ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୩ଟା।
- ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ଅବସରରେ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୩ଟା।
- ଗୁରୁକୁଳ ଗୀତାଞ୍ଜଳିର ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ସିଏଚ୍‌ଏସ୍ ୮୩ ୱେଲଫେୟାର ସୋସାଇଟିର ପ୍ରଥମ ପ୍ରତିଷ୍ଠା ଦିବସ, ସ୍ଥାନ: ଜିକେସିଏମ୍, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସଙ୍ଗୀତାୟନ, ସ୍ଥାନ: ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ବାପୁଜୀ କ୍ରିକେଟ୍ କ୍ଲବ ପକ୍ଷରୁ ଶଙ୍ଖାମେରୀ ପ୍ରିମିୟର ଲିଗ୍ ଶୁଭାରମ୍ଭ, ସ୍ଥାନ: ଶଙ୍ଖାମେରୀ ହାଇସ୍କୁଲ ପଡ଼ିଆ, ବଡ଼ମ୍ବା ସମୟ: ପୂର୍ବାହ୍ନ ୧୦ଟା।
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଆନ୍ତଃମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ସତ୍ୟବ୍ରତ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ପୁରୀ

- ୪ର୍ଥ ଟୁବୁଲି ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ କାର୍ଟର ଫାଇନାଲ ମ୍ୟାଚ, ସ୍ଥାନ: ବାରବାଟି ମିନି ଷ୍ଟାଡିୟମ, ନିମାପଡ଼ା, ସମୟ: ସକାଳ ୯ଟା।
- ଦେବଦୀପାବଳୀ ଉପଲକ୍ଷେ ଦୀପଦାନ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- 'ଫିଟ୍ ଇଣ୍ଡିଆ ସପ୍ତାହ'ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ି କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍ କିଷାନ କ୍ୟାମ୍ପ, ସ୍ଥାନ: କୃଷି କାର୍ଯ୍ୟାଳୟ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଇଷ୍ଟଜୋନ୍ ଇଣ୍ଟର ୟୁନିଭରସିଟି (ପୁରୁଷ) ଖୋ-ଖୋ ଟୁର୍ନାମେଣ୍ଟ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ି କ୍ୟାମ୍ପସ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଫାଣ୍ଟାସି, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଜଳେଶ୍ୱର ସୀମାନ୍ତ ଗ୍ରାମୀଣ ମହୋତ୍ସବ କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ: ଭଞ୍ଜଶ୍ରୀ ଭବନ, ନୂଆବଜାର, ଜଳେଶ୍ୱର, ସମୟ: ଅପରାହ୍ନ ୪ଟା।
- ବାଲେଶ୍ୱର ଲୋକ ମହୋତ୍ସବ-୨୦୨୪ର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କୀୟ ପ୍ରଶିକ୍ଷଣ ଶିବିର,ସ୍ଥାନ:ଆରଡ଼ି, ନାନ୍ଦପୁର, ସୁନ୍ଦରପୁର ଏବଂ ଓଳଗ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇଏମ୍ ରାଜ୍ୟ ଅଭିଯାତ୍ରୀ ଦଳର ପଦଯାତ୍ରା, ସ୍ଥାନ: ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବଜାୟୀ ରଖିବା ଦାବିରେ ଧାରଣା, ସ୍ଥାନ: କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ ଟା।
- ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ା, ସ୍ଥାନ: ପାଟଣା ବ୍ଲକ୍ ଡୁରୁମୁଙ୍ଗା ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୦ ଟା।
- ସତ୍ୟସାଇଙ୍କ ଅଖଣ୍ଡ ଜ୍ୟୋତି ପରିକ୍ରମା, ଭଜନ ପରିବେଷଣ, ସ୍ଥାନ: ଡ଼ଅଁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଭଜନ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: କଲିଙ୍ଗା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ତକତପୁର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- କପ୍ତିପଦା ଉପଖଣ୍ଡସ୍ତରୀୟ 'ଧୁମୁସା'ମହୋତ୍ସବ ଲାଗି ପ୍ରସ୍ତୁତି ବୈଠକ, ସ୍ଥାନ:ଉଦଳା ସନ୍ଧାନୀ ସଭାଗୃହ,ସମୟ:ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ବାଙ୍ଗିରିପୋଷିରେ ୩ଟି ନୂତନ ରେଳ ପ୍ରକଳ୍ପର ଶୁଭାରମ୍ଭ ପରିପ୍ରେକ୍ଷୀରେ ରେଲୱେ ଜିଏମ୍‌ଙ୍କ ଉତ୍ସବସ୍ଥଳ ନିରୀକ୍ଷଣ, ସ୍ଥାନ: ବାଙ୍ଗିରିପୋଷି ଷ୍ଟେଶନ ନିକଟସ୍ଥ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ: ଅପରାହ୍ନ ୨ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ:ଅପରାହ୍ନ ୫ଟାରୁ ରାତି ୧୦ଟା।
- କୁଳଦୀପ ଓ ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ମୟୂରଭଞ୍ଜ ମହୋତ୍ସବ, ଛଉ ପଡ଼ିଆ ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସର ସଭାଗୃହ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଡିଆରଡିଏ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ୩୫ତମ ଜାତୀୟ ବାଣିଜ୍ୟ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ ଗୋଶାଳା ପଡିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

ଦେବ ଦିପାବଳୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୮ଟା।

୬୩ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଲିଗ୍ ମ୍ୟାଚରେ ୟୁନାଇଟେଡ ସ୍ପୋଟସ୍ କ୍ଲବ ବରଗଡ଼ ବନାମ ସାଇ ଏଚ. ଏ.ଏଲ. ସୁନାବେଡା, ସ୍ଥାନ: ଶରଣକୁଳ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ରାୟଗଡ଼ା

- ଜିଲାପାଳଙ୍କ ସଦର ମହକୁମାରେ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ପାରମ୍ପରିକ ବେଶଭୁଷା ପ୍ରତିଯୋଗିତା, ସ୍ଥାନ: ଶାସ୍ତ୍ରୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡେଇ ମଞ୍ଚ ନାଟକ ଉଦ୍‌ଯାପନୀ ଦିବସ, ସ୍ଥାନ: ଶାସ୍ତ୍ରୀ ଭବନ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦାର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ୩୦ ।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ବିରାଟ ମେଧା ବୃତ୍ତି ପରୀକ୍ଷା ଫଳ ଘୋଷଣା କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ଛକ ସ୍ଥିତ ବିରାଟ ଶିକ୍ଷାନୁଷ୍ଠାନ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ଟିପିଡବ୍ଲୁଡିଏଲ ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : କଚେରୀ ଛକ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ ଧନୁଯାତ୍ରା କଳାକାରଙ୍କ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ଜିଲା ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା।
- ଶୀତ ମହୋତ୍ସବ ଉତ୍ସବରେ ସୌଖୀନ କଳାକାରଙ୍କ ଦ୍ୱାରା ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ତରଭା ନୀଳକଣ୍ଠେଶ୍ୱର ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସୂର୍ଯ୍ୟପୂଜା, ସ୍ଥାନ: ସୁବାଷ ନଗର, ବରଗଡ଼, ସମୟ: ସକାଳ ୭ଟା ୩୦।
- ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଭେଡ଼େନ, ସମୟ: ପୂର୍ବାହ୍ନ ୧୦ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପାରାୟଣ, ସ୍ଥାନ: ସୁବାଷ ନଗର, ବରଗଡ଼, ସମୟ: ଅପରାହ୍ନ ୩ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୁବାଷ ନଗର, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ମହାମୃତ୍ୟୁଞ୍ଜୟ ମନ୍ତ୍ରଜପ, ସ୍ଥାନ: ରାମପୁର ଶିବ ମନ୍ଦିର, ସମୟ: ସକାଳ ୮ଟା।
- ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କଣ୍ଟାଟିକ୍ରା ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଚାଷୀମାନଙ୍କ ପ୍ରସ୍ତୁତି ବୈଠକ, ସ୍ଥାନ: ଖୁଣ୍ଟଲାମାଳ, ସମୟ: ମଧ୍ୟାହ୍ନ ୧୨ଟା।
- ଯୋଗର ଉପକାରିତା ସମ୍ବନ୍ଧରେ ସଚେତନତା ସଭା, ସ୍ଥାନ: ପଣ୍ଡ୍ରି ପଥର, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ଇସ୍ପାତ ନାଟ୍ୟ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।
- ବାଟ ମା' ମଙ୍ଗଳା ଶକ୍ତିପୀଠ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ ଆଦ୍‌ମୀ ପାର୍ଟି ବୈଠକ, ସ୍ଥାନ: ଏମ୍ ବ୍ଲକ କାର୍ଯ୍ୟାଳୟ, ବାସନ୍ତୀ କଲୋନୀ, ସମୟ: ଅପରାହ୍ନ ୪ଟା ୩୦।
- ଡିପିଏସ୍‌ର ପ୍ରତିଷ୍ଠା ଦିବସ, ସ୍ଥାନ: ସେକ୍ଟର-୧୪, ସମୟ: ଅପରାହ୍ନ ୪ଟା ୩୦।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ୫ ଦଫା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ଦାବିପତ୍ର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ, ସ୍ଥାନ: ଶ୍ରୀ ଗୋପାଳଜୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ରାଜ୍ୟସ୍ତରୀୟ କବାଡି ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ରୋନକ ପ୍ଲାଜା, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଜୋରାଡବରା କୃଷି ସମବାୟ ସମିତି ପକ୍ଷରୁ ମଣ୍ଡି ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଭଟାପଲା, ସମୟ: ମଧ୍ୟାହ୍ନ ୧୨ଟା।

## ନୂଆପଡ଼ା

- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ନୂତନ ହିତାଧିକାରୀ ସର୍ଭେ ତାଲିମ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୋଡେନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିରାଟ ଧନୁଯାତ୍ରା ମହୋତ୍ସବର ଚତୁର୍ଥ ରଜନୀ, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡିଆ, ସମୟ: ରାତ୍ର ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦ୍‌ଭାବନା ସଭାଗୃହ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାର ବିଭିନ୍ନ ସମସ୍ୟା ନେଇ କଂଗ୍ରେସର ପଦଯାତ୍ରା, ସ୍ଥାନ: ବୋଡେନ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ, ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଭୈରବୀ ମହୋତ୍ସବର ଚତୁର୍ଥ ଦିନ, ସ୍ଥାନ: ମିନି ଷ୍ଟାଡିୟମ, ପୁରୁଣାକଟକ, ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ରାଶ୍ୟାଧିପଙ୍କ ଦୁର୍ବଳତାଜନିତ ଶାରୀରିକ ଓ ମାନସିକ ସୁସ୍ଥତା ନଷ୍ଟ ହୋଇପାରେ। ସାମାନ୍ୟ ଥଣ୍ଡାଜନିତ ପୀଡାନୁଭବ କରିବା ସାଙ୍ଗକୁ ନୈରାଶ୍ୟ, ବ୍ୟସ୍ତ ଓ ବିବ୍ରତ କରାଇପାରେ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଅବ୍ୟାହତ ରହିବ।

**ବୃଷ**
ଆଜି ବନ୍ଧୁଙ୍କ ଆଭ୍ୟନ୍ତରୀଣ ସମସ୍ୟାର ସମାଧାନ ଦିଗରେ ମୁଣ୍ଡ ପୂରାଇ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ବିରକ୍ତ ହୋଇ କାର୍ଯ୍ୟପ୍ରବାହକୁ ଅବରୁଦ୍ଧ କରିଦେଇପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ। ଧାର ଟଙ୍କାକୁ ନେଇ ଟେନ୍‌ସନ୍ ବଢ଼ିଯାଇପାରେ।

**ମିଥୁନ**
ଆପଣଙ୍କ ଇଚ୍ଛାନୁକୂଳ କାର୍ଯ୍ୟ ଓ ପ୍ରାପ୍ୟ ପାଇଁ ମାର୍ଗ ସୁଗମ ରହିବ। ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ କରିବା ସାଙ୍ଗକୁ ନିଜ ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ବିଭିନ୍ନ ଯୋଜନା ଓ ସାଙ୍ଗଠନିକ କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ଭିତରେ ସମ୍ପର୍କ ହାନି ଘଟିପାରେ।

**କର୍କଟ**
ଭୁଲ ବୁଝାମଣା ହେତୁ ବନ୍ଧୁଙ୍କ ସହ ବିବାଦ, ନୂତନ କାମରେ ପ୍ରତିବନ୍ଧକଜନିତ ଚିନ୍ତିତ ରହିବେ। ଅପେକ୍ଷା କରିଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ୍ଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ।

**ସିଂହ**
ଧନାଧିପ ବ୍ୟୟାଧିପ ଯୁକ୍ତ ହେତୁ ଅର୍ଥ ପ୍ରଦାନ ନ କରିପାରିଲେ ମଧ୍ୟ ପ୍ରତିଶ୍ରୁତି ପାଇ ଖୁସି ହେବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ କରିବ। ଆଲୋଚନା ପରିସରରେ ସତକଥା କହି ବିବାଦ ଘେରରେ ପଡିପାରନ୍ତି। ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବା ସାଙ୍ଗକୁ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ସପ୍ତମସ୍ଥ ରାହୁଙ୍କ ପ୍ରଭାବରେ କୌଶଳ ପ୍ରୟୋଗକରି କାର୍ଯ୍ୟ ହାସଲ କରିପାରିବେ। ସନ୍ତାନଙ୍କ ସମସ୍ୟା ବ୍ୟସ୍ତବିବ୍ରତ କରାଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଶନିଙ୍କ ପ୍ରଭାବରୁ ସନ୍ଦେହ ଘେରରେ ରହିପାରନ୍ତି। ବନ୍ଧୁଙ୍କ ସହ ଟଙ୍କା ପଇସା ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ।

**ତୁଳା**
ବ୍ୟୟାଧିପ ଯୁକ୍ତ କର୍ମାଧିପ କାରଣରୁ କର୍ମକ୍ଷେତ୍ରରେ ସ୍ଥାନାନ୍ତର ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ନୂତନ ବନ୍ଧୁ ସମ୍ପର୍କ ଓ ସୁଚିନ୍ତିତ କାର୍ଯ୍ୟଧାରା କାମକୁ ଅଗ୍ରଗାମୀ କରାଇବାରେ ସାହାଯ୍ୟ କରିବ। ଜଣେ ପଡୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହୋଇପାରେ। ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ବିଛା**
ଆଳସ୍ୟ ଓ ମାନସିକ ଉଦାସୀନତାଜନିତ କାମରେ ଅବହେଳା ସୃଷ୍ଟି ହୋଇପାରେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, କ୍ରୀଡା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗଦେବେ। ସାଧାରଣ କଥାକୁ କେନ୍ଦ୍ର କରି ଅପରାହ୍ନରେ ଟେନସନ ବଢିଯିବ।

**ଧନୁ**
ବହୁତ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇପାରନ୍ତି। ଅନ୍ୟମାନଙ୍କ ବିନା ସାହାଯ୍ୟରେ ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପଡୋଶୀଙ୍କ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କହିବାରୁ ସହକର୍ମୀ ଦୂରେଇ ରହିପାରନ୍ତି।

**ମକର**
ସମ୍ପର୍କୀୟଙ୍କୁ ସାହାଯ୍ୟ ପ୍ରତିଶ୍ରୁତି ଦେଇ ଶ୍ରଦ୍ଧାଭାଜନ ହୋଇପାରନ୍ତି। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ସ୍ଥଗିତ କାମଗୁଡିକ ପାଇଁ ଯୋଜନା ପ୍ରସ୍ତୁତ କରିବେ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ ପାଇଁ ଆଗଭର ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଏବଂ ବନ୍ଧୁଙ୍କ ସହ ଆଲୋଚନା ପ୍ରଭୃତିରୁ ଲାଭ ପାଇବେ।

**କୁମ୍ଭ**
କେତେକ ସାଧାରଣ ଅସୁବିଧାକୁ ବାଦ୍ ଦେଲେ ଦିନଟିରେ ବହୁତ ଭଲ କାମ କରିବେ। ଆଶା ଓ ଅଭିଳାଷ ପୂରଣ ସାଙ୍ଗକୁ ଅର୍ଥ ପାଇ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରନ୍ତି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ ଜିନିଷ କ୍ରୟ ସକାଶେ ମନ ବଳିବ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅଯଥା ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

**ମୀନ**
କର୍ମକ୍ଷେତ୍ରରୁ ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ ମାତ୍ର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି। ଯାତ୍ରାରେ ସଫଳତା ପାଇବେ କିନ୍ତୁ ପ୍ରତ୍ୟାବର୍ତ୍ତନ ପ୍ରୀତିପ୍ରଦ ହୋଇ ନ ପାରେ।

ଆଜି ଡିସେମ୍ବର ୨ ତାରିଖ, ମାର୍ଗଶିର ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ସୋମବାର, ଶ୍ରୀମନ୍ଦିରରେ ଶେଷ ଦେବଦୀପାବଳି, ଶ୍ରୀଜୀଉଙ୍କର ଶ୍ରାଦ୍ଧବେଶ, ନନ୍ଦ, ଯଶୋଦା, ଦେବକୀ, ବସୁଦେବ, ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୬।୦୯ ଗତେ, ଘ.୦୭।୩୧ ମଧ୍ୟେ, ଘ.୦୯।୦୩ ମି. ଗତେ, ଘ.୧୧।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୩୧ ମି. ଗତେ, ଘ.୦୮।୫୨ ମି. ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ଅନେକ କିଛି..

ଆଉ କାହାକୁ ଭେଟିଲେ ସେସବୁ କିଛି ଲୋକଲୋଚନକୁ ଆସିନାହିଁ। କୌଣସି ଗଣମାଧ୍ୟମ ସଂସ୍ଥା ମଧ୍ୟ ଶାହାଙ୍କ ଏହି ଗସ୍ତକାଳ ସମୟରେ ତାଙ୍କ କାର୍ଯ୍ୟସୂଚୀ ଉପରେ ଖବର ସଂଗ୍ରହ କରିନାହାନ୍ତି। ପୂର୍ବରୁ ଶାହାଙ୍କ ଓଡ଼ିଶା ଗସ୍ତ ସମୟରେ ତାଙ୍କ ହୋର୍ଡିଂ ଓ ପୋଷ୍ଟରରେ ଭୁବନେଶ୍ୱରକୁ ଛାଉଣି କରିଦିଆଯାଉଥିଲା। ହେଲେ ଏଥରର ଶାହାଙ୍କ ଗସ୍ତ ସମ୍ପୂର୍ଣ୍ଣ ଅଲଗା ଥିଲା। କାଁ ଭାଁ କ୍ୱଚିତ୍ ଶାହାଙ୍କ ଫଟୋଚିତ୍ର ରାସ୍ତାରେ ଦେଖିବାକୁ ମିଳିଥିଲା। ପ୍ରଥମ ଦିନ ଡିଜିପି ସମ୍ମିଳନୀର ଉଦ୍‌ଘାଟନ ଶେଷ ହେବାପରେ ଶାହା ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ମଧ୍ୟ ଯାଇ ନ ଥିଲେ। ବିଗତ ଦିନରେ ଭାଜପାକୁ ରାଜ୍ୟରେ ମଜଭୁତ କରିବା ଲାଗି ସବୁଠାରୁ ଅଧିକ ପ୍ରଚାର ପ୍ରସାର କରିବା ପାଇଁ ଶାହା ଓଡ଼ିଶା ଗସ୍ତରେ ଆସୁଥିଲେ। ହେଲେ ଶାହା ତାଙ୍କର ଏହି ୩ ଦିନିଆ ଗସ୍ତ ସମୟରେ ଚନ୍ଦ୍ରଶେଖରପୁର ଯିବା ରାସ୍ତାରେ ପଡୁଥିବା ଆଇପିଏସ୍ ମେସ୍‌ରେ ରହୁଥିବା କଥା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। କାରଣ ଶାହାଙ୍କ ରହିବା ବିଷୟ ମଧ୍ୟ କେହି କେଉଁଠାରେ ଆଲୋଚନା କରିନାହାନ୍ତି। ତେବେ ଶାହାଙ୍କ ଭଳି ଜଣେ କ୍ଷମତାଶାଳୀ ଏବଂ ଦକ୍ଷ ରାଜନେତାଙ୍କ ଏଭଳି ଗୋପନୀୟ କାର୍ଯ୍ୟସୂଚୀ ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ରାଜ୍ୟରେ ଭାଜପା ସରକାର କରିବା ପରେ ମୋଦି ଏବଂ ଶାହାଙ୍କ ଏହା ମିଳିତ ପ୍ରଥମ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଥିଲା।

## ଜୟ ଶାହା ଆଇସିସି ...

୨୦୧୯ରେ ପ୍ରଥମ ଥର ବିସିସିଆଇ ସମ୍ପାଦକ ହୋଇଥିବା ଶାହା ଜାନୁଆରୀ ୨୦୨୧ରେ ଏସିଆନ କ୍ରିକେଟ କାଉନ୍‌ସିଲର ମୁଖ୍ୟ ଭାବରେ କାର୍ଯ୍ୟ କରୁଛନ୍ତି। ଏବେ ଅଧ୍ୟକ୍ଷ ପଦ ଗ୍ରହଣ ପରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ରହିବ। ଆସନ୍ତା ଫେବୃଆରୀ-ମାର୍ଚ୍ଚ ମାସରେ ହେବାକୁ ଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫି ପାଇଁ ପାକିସ୍ତାନ ଯିବାକୁ ମନା କରିଥିଲା ଭାରତ। ସୁରକ୍ଷା ଦୃଷ୍ଟିକୋଣରୁ ଭାରତ ସରକାର ଯିବା ପାଇଁ ଅନୁମତି ଦେଇ ନ ଥିଲେ। ଦୀର୍ଘଦିନର ବୈଠକ ପରେ ଶେଷରେ ହାଇବ୍ରିଡ୍ ମଡେଲ ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ ସହମତି ପ୍ରକାଶ କରିଥିଲେ ମଧ୍ୟ ସର୍ତ୍ତ ରଖିଥିଲା। ୨୦୩୧ ଯାଏ ଭାରତରେ ହେବାକୁ ଥିବା କୌଣସି ଟୁର୍ନାମେଣ୍ଟରେ ପାକିସ୍ତାନ ଅଂଶଗ୍ରହଣ କରିବ ନାହିଁ ବୋଲି ସର୍ତ୍ତ ରଖାଯାଇଥିବା ବେଳେ ଏହା ଉପରେ ଆଇସିସିର ପ୍ରତିକ୍ରିୟା ମିଳିପାରିନାହିଁ।

ନିର୍ବାଚିତ ହେବା ପରେ ଶାହା ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ କ୍ରିକେଟକୁ ବିଶ୍ୱସ୍ତରରେ ପ୍ରସିଦ୍ଧ କରିବା ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି। ଆସନ୍ତା ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯାଇଥିବା ବେଳେ ଏହା ଲଞ୍ଚପ୍ୟାଡ୍ ଭଳି କାର୍ଯ୍ୟ କରିବ ବୋଲି ସେ କହିଛନ୍ତି। ଆଇସିସିର ଟିମ୍ ଓ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ମିଳିତ ଭାବରେ ସେ କ୍ରିକେଟକୁ ଏକ ଗ୍ଲୋବାଲ ସ୍ପୋର୍ଟ୍ସରେ ପରିଣତ କରିବେ ବୋଲି କହିଛନ୍ତି। କ୍ରିକେଟରେ ଏକାଧିକ ଫର୍ମାଟ ମଧ୍ୟରେ ସମନ୍ୱୟ ଓ ନୂତନ ବୈଷୟିକ କୌଶଳର ବ୍ୟବହାର ଉପରେ ମଧ୍ୟ ସେ ଗୁରୁତ୍ୱ ଦେବେ ବୋଲି ଶାହା କହିଛନ୍ତି। ଆସନ୍ତା ଲସ୍‌ଏଞ୍ଜେଲ୍ସ ଗେମ୍‌ରେ କ୍ରିକେଟ୍‌କୁ ବିଶ୍ୱର ଘରେ ଘରେ ଲୋକପ୍ରିୟ କରିବା ନେଇ ଆଶା କରୁଥିବା ଶାହା କହିଛନ୍ତି ।

## ତେଲଙ୍ଗାନାରେ ୭ ...

ତେଲଙ୍ଗାନା ପୋଲିସ ସୂଚନା ଦେଇଛି।

ସୂଚନାଯୋଗ୍ୟ, ମୁଲୁଗୁ ଜିଲା ଚାଲାପାକା ଜଙ୍ଗଲରେ ମାଓବାଦୀ ନେତା ଭଦରୁ ଏକ ଟିମ୍ ସହ କ୍ୟାମ୍ପ କରି ରହିଥିବା ପୋଲିସକୁ ସୂଚନା ମିଳିଥିଲା। ଗ୍ରେହାଉଣ୍ଡ ଯବାନମାନେ ଉକ୍ତ ଜଙ୍ଗଲରେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଯବାନମାନେ ସୂଚନା ପାଇ ଭୋର ପ୍ରାୟ ୫.୩୦ରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା।



ଭୁବନେଶ୍ୱର ଲୋକସେବା ଭବନରେ ଡିଜିପି-ଆଇଜିପି ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସମେତ ଅନ୍ୟମାନେ।


ସମ୍ମିଳନୀରେ ଯୋଗଦେଇଥିବା ଡିଜିପି, ଆଇଜିପି ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକର ଅଧିକାରୀ।

## ବିପଦ ଆଣୁଛି ଡିଜିଟାଲ ...

ଜାରି ଏକ ବିବୃତିରେ କୁହାଯାଇଛି। ବିବୃତି ଅନୁଯାୟୀ, ଉକ୍ତ ସମ୍ମିଳନୀରେ ଆତଙ୍କବାଦ ଓ ମାଓବାଦୀ ମୁକାବିଲା, ଉପକୂଳ ସୁରକ୍ଷା, ନୂଆ ଆପରାଧିକ ଆଇନ ଏବଂ ବେଆଇନ ନିଶାଦ୍ରବ୍ୟ କାରବାର ଏଡ଼ାଇବା ସମେତ ଜାତୀୟ ନିରାପତ୍ତା ଉପରେ ବିଶଦ ଭାବେ ଆଲୋଚନା କରାଯାଇଛି। ସେହିପରି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସୃଷ୍ଟି ହେଉଥିବା ଆହ୍ୱାନଗୁଡ଼ିକର ମୁକାବିଲା ଦିଗରେ ଭାରତ ପକ୍ଷରୁ ଆପଣାଯାଉଥିବା ରଣନୀତିକୁ ନେଇ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି।

୨୦୧୪ରେ ଗୁଆହାଟୀ ସମ୍ମିଳନୀରେ ଆରମ୍ଭ କରାଯାଇଥିବା ସ୍ମାର୍ଟ ପୋଲିସିଂ ବିଚାରଧାରା ଭାରତୀୟ ପୋଲିସ ବ୍ୟବସ୍ଥାରେ ବ୍ୟବସ୍ଥିତ ଢଙ୍ଗରେ ବଡ଼ ପରିବର୍ତ୍ତନ ଆଣିପାରିଛି। ବିଶେଷକରି ପୋଲିସ କର୍ମଚାରୀଙ୍କୁ ଏହା ଅଧିକ ମଜଭୁତ ଓ ସମ୍ବେଦନଶୀଳ, ମର୍ଡନ ଓ ମୋବାଇଲ, ସତର୍କ, ଉତ୍ତରଦାୟୀ ବିଶ୍ୱସନୀୟ, ରେସ୍‌ପନ୍ସିଭ୍, ଟେକ୍ନୋ-ସେଭି ଏବଂ ଟ୍ରେନ୍ଡ (ଏସ୍‌ଏମ୍‌ଏଆର୍‌ଟି) କରିଛି। ଏହାବାଦ୍ ନୂଆକରି ପ୍ରଣୟନ କରାଯାଇଥିବା ୩ ଆପରାଧିକ ଆଇନ, ପଦକ୍ଷେପ ଏବଂ ପୋଲିସ ବ୍ୟବସ୍ଥା ତଥା ସୁରକ୍ଷା ସ୍ଥିତିରେ ଉତ୍ତମ କାର୍ଯ୍ୟପନ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ଉପରେ ମଧ୍ୟ ସମ୍ମିଳନୀରେ ସମୀକ୍ଷା କରାଯାଇଛି। କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମାଧାନ ଦିଗରେ ହ୍ୟାକାଥନ୍‌ର ସଫଳତା ସମ୍ପର୍କରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ମୋଦି ଜାତୀୟସ୍ତରରେ ଏକ ପୋଲିସ ହ୍ୟାକାଥନ ଆୟୋଜନ କରିବାକୁ ବିଚାରବିମର୍ଶ ପାଇଁ ପରାମର୍ଶ ଦେଇଛନ୍ତି। ସେ ବନ୍ଦର ସୁରକ୍ଷା ଉପରେ ଗୁରୁତ୍ୱ ଦେବା ସହ ଏଥିପାଇଁ ଭବିଷ୍ୟତ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ଆବଶ୍ୟକତାକୁ ରେଖାଙ୍କିତ କରିଛନ୍ତି। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପ୍ରତି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନକୁ ମଧ୍ୟ ସେ ସ୍ମରଣ କରିଛନ୍ତି। ମୋଦି କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟଠାରୁ ଆରମ୍ଭକରି ଥାନାସ୍ତର ପର୍ଯ୍ୟନ୍ତ ସମସ୍ତ ସୁରକ୍ଷା ପ୍ରତିଷ୍ଠାନରେ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯିବ। ପୋଲିସ ପେସାଦାର ମନୋଭାବ ନେଇ ସୁଧାର ଓ ସାମର୍ଥ୍ୟ ବିକାଶ ପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ ଓ ହାସଲ କରିପାରିଲେ ତାହା ସର୍ଦ୍ଦାର ପଟେଲଙ୍କ ପ୍ରତି ଉପଯୁକ୍ତ ସମ୍ମାନ ହେବ। ଉଲ୍ଲେଖଯୋଗ୍ୟ, ଉଦ୍‌ଯାପନୀ ଅଧିବେଶନରେ ପ୍ରଧାନମନ୍ତ୍ରୀ ଗୋଇନ୍ଦା ବିଭାଗର ଅଧିକାରୀମାନଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୋଲିସ ପଦକ ବଣ୍ଟନ କରିଛନ୍ତି।

ସମ୍ମିଳନୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ.ମିଶ୍ର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଧିକାରୀମାନେ ଯୋଗଦେଇଥିଲେ। ହାଇବ୍ରିଡ୍ ଫର୍ମାଟ୍‌ରେ ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଡିଜିପି, ଆଇଜିପି ଏବଂ ସିଏପିଏଫ୍/ସିପିଓ ମୁଖ୍ୟମାନେ ଉପସ୍ଥିତ ରହିଥିବାବେଳେ ୭୫୦ରୁ ଅଧିକ ପୋଲିସ ଅଧିକାରୀ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇଥିଲେ।

# ଉତ୍ତର ପ୍ରଦେଶରୁ ଆସୁଛି ୩୦୦ ଟ୍ରକ୍ ଆଳୁ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୧।୧୨ (ସୁନିତ୍ ମିଶ୍ର)

ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଳୁ ଗାଡ଼ି ଛାଡ଼ିବା ଲାଗି ମନା କରିବା ପରେ ରାଜ୍ୟରେ ବର୍ତ୍ତମାନ ସାଧାରଣ ଖାଉଟିଙ୍କ ହାଣ୍ଡିଶାଳ ଉପରେ ମାଡ଼ ହୋଇଛି। ଆଳୁ ଯୋଗାଣରେ ବାଧା ସୃଷ୍ଟି ହେବାପରେ ଖାଉଟିଙ୍କୁ ଅନେକ ସ୍ଥାନରେ ଏବେ ଆଳୁ କେଜି ୫୦ରୁ ୬୦ ଟଙ୍କାରେ କିଣିବାକୁ ପଡୁଛି, ଯାହାକୁ ନେଇ ସରକାର ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ତେବେ ଏଭଳି ସ୍ଥିତିରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି, ଉତ୍ତର ପ୍ରଦେଶରୁ ୩୦୦ ଟ୍ରକ୍ ଆଳୁ ଆସୁଛି। ସୋମବାର ସୁଦ୍ଧା ଏହି ଆଳୁ ଓଡ଼ିଶାରେ ପହଞ୍ଚିବ। ଫଳରେ ରାଜ୍ୟରେ ଆଉ ଆଳୁ ସଙ୍କଟ ରହିବନି ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

ଏହା ସହିତ ମନ୍ତ୍ରୀ ପାତ୍ର ଅସାଧୁ ବ୍ୟବସାୟୀଙ୍କୁ ଚେତାବନୀ ଦେଇ କହିଛନ୍ତି, ଏବେ ଆଳୁ କିଲୋ ୩୫ ଟଙ୍କାରେ ବିକ୍ରି ହେଉଛି। କେଉଁଠି କେଉଁଠି ଅତି ବେଶିରେ ୪୦ ଟଙ୍କାରେ ବିକ୍ରି ହେଉଛି। ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଛି। ଯଦି କୌଣସି ବ୍ୟବସାୟୀ ଅଧିକ ଦରରେ ଆଳୁ ବିକ୍ରି କରିବେ, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମଙ୍ଗଳବାରଠୁ ପଶ୍ଚିମବଙ୍ଗର ଆଳୁ ବ୍ୟବସାୟୀମାନେ ଆନ୍ଦୋଳନ ଡାକରା ଦେଇଥିବା ବେଳେ ମନ୍ତ୍ରୀ କହିଛନ୍ତି, ପଶ୍ଚିମବଙ୍ଗରେ ବର୍ତ୍ତମାନ ୭ ଲକ୍ଷ ମେଟ୍ରିକ ଟନ୍ ଆଳୁ ଗଚ୍ଛିତ ଅଛି। ତାଙ୍କର ଚାହିଦା ଅତି ବେଶିରେ ୫ ଲକ୍ଷ ମେଟ୍ରିକ ଟନ୍ ହେବ। ତେଣୁ ବାକି ୨ ଲକ୍ଷ ମେଟ୍ରିକ ଟନ୍ ଆଳୁ ସେମାନେ ଅନ୍ୟ ରାଜ୍ୟକୁ ଦେଇପାରିବେ। ପଶ୍ଚିମବଙ୍ଗ ବ୍ୟବସାୟୀମାନେ ଓଡ଼ିଶାକୁ ଆଳୁ ପଠାଇବା ପାଇଁ ଚାହୁଁଛନ୍ତି। କାରଣ ବେଶି ଦିନ ଆଳୁ ରହିଲେ ପଚିଯିବ। କିନ୍ତୁ ପଶ୍ଚିମବଙ୍ଗ ସରକାର ଅନୁମତି ଦେଉ ନ ଥିବାରୁ ବ୍ୟବସାୟୀ କ୍ଷତି ସହିବେ। ସେଥିପାଇଁ ପଶ୍ଚିମବଙ୍ଗର ଆଳୁ ବ୍ୟବସାୟୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ଯେଉଁ ରାଜ୍ୟରେ ଯାହାସବୁ ସାମଗ୍ରୀ ଅଧିକ ଉତ୍ପାଦନ ହୁଏ, ସେ ରାଜ୍ୟ ଅନ୍ୟ ରାଜ୍ୟକୁ ରପ୍ତାନି କରେ। ହେଲେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଦ୍ୱାରା ଏହି ଭଲ ବାତାବରଣ ଉପରେ ଭଟ୍ଟା ପଡୁଛି। ଅନ୍ୟ ରାଜ୍ୟକୁ ଆଳୁ ଦେବେନି ବୋଲି ସେ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଠିକ୍ ନୁହେଁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସବୁ ରାଜ୍ୟ ପ୍ରତି ସମଭାବନା ରଖିବା ଦରକାର ବୋଲି ସେ କହିଛନ୍ତି।

# ତୈଳଭଣ୍ଡାର ବନାମ କଳାପଥର ଖାଦାନ

## ବରଡ଼ା ମୌଜାରେ ଭୂତଳ ଡିଜେଲ ଭଣ୍ଡାର ପ୍ରସ୍ତାବ

## ଝୁଲିରହିଛି ଚଣ୍ଡିଖୋଲ ଭୂତଳ ତୈଳ ଭଣ୍ଡାର ପ୍ରକଳ୍ପ

ଯାଜପୁର, ୧।୧୨ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ତହସିଲ ଡଙ୍କାରୀ ପାହାଡ଼ ପାଦଦେଶରେ ଦେଶର ୪ର୍ଥ ବୃହତ୍ ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ପାଇଁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ମିଳିଥିଲା। ହେଲେ ଏହି ପ୍ରକଳ୍ପ ନିର୍ମାଣ ଦ୍ୱାରା ପ୍ରାୟ ୧୬ଟି କଳାପଥର ଖାଦାନରୁ ଆଦାୟ ହେଉଥିବା ୧୪୧୩ କୋଟି ୮୬ ଲକ୍ଷ ୯୧ ହଜାର ୮୩୦ ଟଙ୍କା ରାଜ୍ୟ ସରକାର ରାଜସ୍ୱ ହରାଇବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଆକଳନ କରାଯାଇ ରିପୋର୍ଟ ଦିଆଯାଇଥିଲା। ଏଭଳି ଭାବେ ପରୋକ୍ଷରେ ଏହି ପ୍ରକଳ୍ପ ପ୍ରତିଷ୍ଠା କରାଇ ନ ଦେବାକୁ ସେତେବେଳେ ଷଡଯନ୍ତ୍ର ରଚାଯାଇଥିଲା ବୋଲି ଚର୍ଚ୍ଚା ହୋଇଥିଲା। ଲଘୁ ଖଣିଜ ଦ୍ରବ୍ୟ ତଥା ମୂଲ୍ୟବାନ ଗ୍ରାନାଇଟ ପଥରରେ ଭରପୂର ଡଙ୍କାରୀ ପାହାଡର ମାତ୍ର ୧୫ ପ୍ରତିଶତ ଅଞ୍ଚଳ ଏହି ତୈଳ ଭଣ୍ଡାର ପରିସରଭୁକ୍ତ ହେବ ବୋଲି ଇଣ୍ଡିଆନ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ଲିଃ (ଆଇଏସ୍‌ପିଆର୍‌ଏଲ୍)ର ଡେପୁଟି ସିଇଓ ଅଜୟ ଦାସୋରେ ସ୍ପଷ୍ଟ କରିଥିଲେ। ତଥାପି ୬ ବର୍ଷ ହେଲା ଏହି ପ୍ରକଳ୍ପ ଝୁଲିରହିଛି। ଇତିମଧ୍ୟରେ ରାଜ୍ୟ ସରକାର ସେହି ଡଙ୍କାରୀ ପାହାଡ ପାର୍ଶ୍ୱ ବରଡ଼ା ମୌଜାରେ ଅଣ୍ଡର ଗ୍ରାଉଣ୍ଡ୍ ଡିଜେଲ ଷ୍ଟୋରେଜ (ଭୂତଳ ଡିଜେଲ ଭଣ୍ଡାର) ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି। ଅନୁରୂପ ଭାବେ ବରଡ଼ା ମୌଜାରେ ମଧ୍ୟ ୫ଟି ମୂଲ୍ୟବାନ କଳାପଥର ଖାଦାନ ରହିଛି। ତେଣୁ ସୁରକ୍ଷା ଓ ନିରାପଦ ଦୃଷ୍ଟିରୁ ଉକ୍ତ ଖାଦାନଗୁଡ଼ିକୁ ବନ୍ଦ କରାଯାଇପାରେ। ଏହିକ୍ରମରେ ପ୍ରସ୍ତାବିତ ଭୂତଳ ଡିଜେଲ ଭଣ୍ଡାର ପ୍ରକଳ୍ପ ବି ସଫଳ ହେବ କି ନାହିଁ ସେନେଇ ସନ୍ଦେହ ସୃଷ୍ଟି ହେଉଛି।

ରାଜ୍ୟ ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଗ ଜାରକା ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କ ପତ୍ରରୁ ମିଳିଥିବା ସୂଚନା ଅନୁସାରେ ବରଡ଼ା ମୌଜାରେ ଏକ ଭୂତଳ ଡିଜେଲ ଭଣ୍ଡାର ପ୍ରତିଷ୍ଠା କରିବାକୁ ଯୋଜନା ରହିଛି। ୧୨।୧୧।୨୦୨୪ରେ ନିର୍ବାହୀ ଯନ୍ତ୍ରୀ ତାଙ୍କ ପତ୍ରସଂଖ୍ୟା ୫୦୭୬ରେ ଯାଜପୁରର ଅତିରିକ୍ତ ଜିଲାପାଳଙ୍କୁ ଏହି ପ୍ରକଳ୍ପ ପ୍ରତିଷ୍ଠା ହେଲେ କୌଣସି ସମସ୍ୟା ହେବ ନାହିଁ ବୋଲି ଏନ୍‌ଓସି ପ୍ରଦାନ କରିଛନ୍ତି। ତେବେ ଏହି ପ୍ରକଳ୍ପର ଅନ୍ୟାନ୍ୟ ବିଷୟ ତଥା ବ୍ୟୟ ଅଟକଳ, ଜମି ପରିମାଣ ଇତ୍ୟାଦି ସଂକ୍ରାନ୍ତରେ ଏଯାଏ ସୂଚନା ମିଳି ପାରିନାହିଁ। ସୂଚନାଯୋଗ୍ୟ ଯେ, ବରଡ଼ା ମୌଜାରେ ପ୍ରାୟ ୪୦ ଏକର ଅଞ୍ଚଳରେ ୫ଟି କଳାପଥର ଖାଦାନ ରହିଛି। ସେଥିରୁ ଅଜିତ ସାହୁଙ୍କୁ ୪ଟି ଏବଂ ପ୍ରକାଶ ନାୟକଙ୍କୁ ୧ଟି ଖାଦାନ ଲିଜ୍ ସୂତ୍ରରେ ଦିଆଯାଇଛି। ତେବେ ଜରିମାନା ଦାଖଲ ନୋଟିସ ପରେ ଅଜିତଙ୍କ ୪ଟି ଖାଦାନ ବନ୍ଦ ପଡ଼ିଥିବା ସୂଚନା ମିଳିଛି। ଏହି ମୌଜାରୁ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୨ କୋଟି ଟଙ୍କା ରାଜସ୍ୱ ପାଉଛନ୍ତି। ଡଙ୍କାରୀ ପାହାଡ଼ରେ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରକଳ୍ପ ଝୁଲିରହିବା ପଛରେ କଳାପଥର ଖାଦାନରୁ ରାଜସ୍ୱ ଆୟ ଏବଂ ପ୍ରଭାବଶାଳୀଙ୍କ ପ୍ରଭାବ ବୋଲି କୁହାଯାଉଛି। ତେଣୁ କଳାପଥର ଖାଦାନ ଅଞ୍ଚଳରେ ପୁଣି ଭୂତଳ ଡିଜେଲ ଭଣ୍ଡାର ନିର୍ମାଣ ପ୍ରସ୍ତାବ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ସମୟ ହିଁ କହିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# କ୍ରିକେଟ ଖେଳରୁ ମହାଭାରତ: ଛୁରାମାଡ଼ରେ ୩ ଆହତ

ବାଲେଶ୍ୱର, ୧।୧୨ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ରୂପସା ଗାଁରେ କ୍ରିକେଟ ଖେଳ ଓ କମେଣ୍ଟ୍‌ମରାକୁ କେନ୍ଦ୍ର କରି ରବିବାର ମହାଭାରତ ହୋଇଛି। ଛୁରାମାଡ଼ରେ ୩ ଖେଳାଳି ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

ସକାଳ ସମୟରେ ରୂପସା ଗାଁର କିଛି ପିଲା ପାଖ ଗାଁ ପିଛାବଣିଆ ଗାଁକୁ କ୍ରିକେଟ ଖେଳିବା ପାଇଁ ଯାଇଥିଲେ। ସେଠାରେ ଖେଳକୁ ନେଇ କମେଣ୍ଟମରା ଯୋଗୁ ଉଭୟ ଟିମ୍ ଖେଳାଳିଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଅପରାହ୍ନରେ ରୂପସା ଗାଁର ପିଲାମାନେ ରୂପସା ପୁରୁଣା ରାଇସମିଲ୍ ପଡିଆରେ କ୍ରିକେଟ ଖେଳୁଥିବା ବେଳେ ୭ରୁ ୮ଟି ଗାଡ଼ିରେ ପିଛାବଣିଆ ଗାଁର ଯୁବକଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଯୁବକ ଆସି ସେମାନଙ୍କୁ ଛୁରି, ଭୁଜାଲି, ଲୁହାରଡ଼ ଓ କ୍ରିକେଟ ବ୍ୟାଟରେ ମରଣାନ୍ତକ ଆକ୍ରମଣ କରି ଚାଲିଯାଇଥିଲେ। ଏଥିରେ ରୂପସା ଗାଁର ସପନ କାଣ୍ଡର, ସୁଶାନ୍ତ ବେହେରା, ରାଜେନ୍ଦ୍ର ବର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଜୟପୁରରୁ ଭୁବନେଶ୍ୱର ଉଡ଼ିଲା ୨ ବିମାନ

ଜୟପୁର, ୧।୧୨ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବିମାନବନ୍ଦରରୁ ଭୁବନେଶ୍ୱରକୁ ରବିବାର ୨ ବିମାନ ଉଡ଼ାଣ କରିଛି। ଦ୍ୱିତୀୟ ବିମାନ ଦୈନିକ ଉଡାଣ କଲା ବୋଲି ଜୟପୁର ବିମାନବନ୍ଦର ନିର୍ଦ୍ଦେଶକ ଅବକାଶ ପରିଡ଼ା ସୂଚନା ଦେଇଛନ୍ତି। ପ୍ରତିଦିନ ସକାଳ ୬ଟା ୫୫ରେ ପ୍ରଥମ ଏବଂ ପୂର୍ବାହ୍ନ ୧୦ଟା ୫୫ରେ ଦ୍ୱିତୀୟ ବିମାନ ଭୁବନେଶ୍ୱରରୁ ଜୟପୁର ଅଭିମୁଖେ ଚଳାଚଳ କରିବ। ଏଠାରେ ପହଞ୍ଚିବା ପରେ ଉଭୟ ବିମାନ ସକାଳ ୮ ଟା ୫୫ ଏବଂ ଅପରାହ୍ଣ ୩ଟା ୧୫ରେ ପୁଣି ଜୟପୁରରୁ ଭୁବନେଶ୍ୱର ଅଭିମୁଖେ ଉଡ଼ାଣ କରିବ। ସେବା ପ୍ରଦାନକାରୀ ସଂସ୍ଥା ଇଣ୍ଡିଆନ୍ ଏୟାର ଲାଇନ୍ସ ପକ୍ଷରୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦିଆଯାଇଛି। ଯାତ୍ରୀଙ୍କ ସଂଖ୍ୟା ବିମାନବନ୍ଦରରେ ବଢିବା ଯୋଗୁ କେନ୍ଦ୍ରୀୟ ଉଡାଣ ଯୋଜନାରେ ଜୟପୁର ବିମାନ ଚଳାଚଳକୁ ସରକାର ଗୁରୁତ୍ୱ ଦେଇଛନ୍ତି।

# ୨୦୩୦ ସୁଦ୍ଧା ଓଡ଼ିଶା ଏଡ୍‌ସ ସଂକ୍ରମଣଶୂନ୍ୟ ହେବ

■ ସମସ୍ତେ ସଙ୍କଳ୍ପ ନେବାକୁ ଆହ୍ୱାନ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

■ ଗଞ୍ଜାମରେ ସର୍ବାଧିକ ଏଡ୍‌ସ ରୋଗୀ ଚିହ୍ନଟ

ଭୁବନେଶ୍ୱର, ୧।୧୨ (ବନ୍ଦନା ସେଠୀ)



ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସହ ଅନ୍ୟ ଅତିଥିମାନେ ଓସାକ୍ସର ନ୍ୟୁଜ୍‌ଲେଟର ଉନ୍ମୋଚନ କରୁଛନ୍ତି।



ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ମାନବଶୃଙ୍ଖଳ।

୨୦୦୨ ମସିହାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ୫୦ ହଜାରରୁ ଊର୍ଦ୍ଧ୍ୱ ଏଚ୍‌ଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଗଞ୍ଜାମ ଜିଲାରେ ସର୍ବାଧିକ ୧୯୧୫୫ଜଣ ଏବଂ ସୁବର୍ଣ୍ଣପୁର ଜିଲାରେ ସର୍ବନିମ୍ନ ୧୪୬ଜଣ ପଜିଟିଭ୍ ବାହାରିଛନ୍ତି। ତେବେ ୨୦୩୦ ସୁଦ୍ଧା ଓଡ଼ିଶାକୁ ଏଚ୍‌ଆଇଭି/ଏଡ୍‌ସ ସଂକ୍ରମଣ ଶୂନ୍ୟ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ସରକାରଙ୍କ ସହ ସମସ୍ତେ ସଂକଳ୍ପବଦ୍ଧ ହୋଇ ଜନସଚେତନତାକୁ ବ୍ୟାପକ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆହ୍ୱାନ ଦେଇଛନ୍ତି। ରବିବାର ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ) ପକ୍ଷରୁ ନୀଳାଚଳ ପଲିଟେକ୍ନିକ୍‌ଠାରେ ରାଜ୍ୟସ୍ତରୀୟ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ଛାତ୍ରୀଛାତ୍ର ଏଚ୍‌ଆଇଭିର କାରଣ ଓ ନିରାକରଣ ସମ୍ପର୍କରେ ସଚେତନ ହେଲେ ସମାଜ ସଚେତନ ହେବ ଏବଂ ଆମେ ଏଡ୍‌ସକୁ ସମ୍ପୂର୍ଣ୍ଣ ପ୍ରତିହତ କରିପାରିବା। ଏହି ସଂକ୍ରମଣ ସହ ରହିଥିବା ଘୃଣା, ଭେଦଭାବକୁ ଦୂର କରିବା ଆମର ସାମୂହିକ ଦାୟିତ୍ୱ ଏବଂ ଏଥିପାଇଁ ଆମର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିବା ଆବଶ୍ୟକ। ଏଥିସହ ସମସ୍ତ ସଂକ୍ରମିତ ବ୍ୟକ୍ତିବିଶେଷଙ୍କ ଅଧିକାରକୁ ସମର୍ଥନ କରୁଥିବା ନିୟମକୁ ପ୍ରୋତ୍ସାହନ ଦେବା ଜରୁରୀ। କେହି ବି ସଂକ୍ରମିତ କିମ୍ବା ସଂକ୍ରମଣର ଆଶଙ୍କା ଥିବା ବ୍ୟକ୍ତି ତାଙ୍କ ଅଧିକାରରୁ ଯେପରି ବଞ୍ଚିତ ନ ହେବେ, ସେଥିପାଇଁ ସମସ୍ତେ ସଂକଳ୍ପ ନେବାକୁ ମନ୍ତ୍ରୀ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍. କହିଲେ, ରାଜ୍ୟର ସବୁ ଜିଲାରେ ଏଡ୍‌ସ ସଂକ୍ରମିତ ଅଛନ୍ତି। ଅନ୍ୟ ରୋଗୀମାନେ ନିଜ ରୋଗ ସହିତ ଲଢୁଥିବାବେଳେ, ଏଡ୍‌ସ ରୋଗୀମାନେ ସମାଜରେ ରହିଥିବା ଭେଦଭାବ ସହିତ ଲଢୁଛନ୍ତି। ତେଣୁ ଏଡ୍‌ସର ଭୟାବହତା ନିହାତି ଭାବେ ଅଧିକ। ଛାତ୍ରୀଛାତ୍ରଙ୍କ ମାଧ୍ୟମରେ ସଚେତନତାକୁ ଆହୁରି ବ୍ୟାପକ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଓସାକ୍ସ ପ୍ରକଳ୍ପ ନିର୍ଦ୍ଦେଶକ ଡା. ସନ୍ତୋଷ କୁମାର ସ୍ୱାଇଁ ସ୍ୱାଗତଭାଷଣ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡା. ଜିତେନ୍ଦ୍ର ନାଥ ବେବର୍ତ୍ତା, ବିଭାଗୀୟ ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର, ଡା. ନୀଳକଣ୍ଠ ମିଶ୍ର, ଡା. ଅମରେନ୍ଦ୍ର ମହାନ୍ତିଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ, ଓସାକ୍ସର ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଓସାକ୍ସର ୱେବ୍‌ସାଇଟ ଏବଂ ନ୍ୟୁଜ୍‌ଲେଟର ଉନ୍ମୋଚିତ ହୋଇଥିଲା। ନାକୋ ପ୍ରାୟୋଜିତ ଦୁଇ ମାସିଆ ସଚେତନତା କାର୍ଯ୍ୟକ୍ରମରେ ସର୍ବାଧିକ ଗ୍ରାମକୁ ସାମିଲ କରିଥିବା ଜିଲାଗୁଡିକ ମଧ୍ୟରେ ଗଞ୍ଜାମ, ଖୋର୍ଦ୍ଧା ଏବଂ ବାଲେଶ୍ୱର ଜିଲାକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ରେଡ୍ ରିବନର ମାନବ ଶୃଙ୍ଖଳକରି ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ।

# ଏମ୍‌କେସିଜିରେ ପୁଣି ରାଗିଂ

## ଖାତା ଲେଖିବାକୁ ବାଧ କରୁଛନ୍ତି ସିନିୟର

ବ୍ରହ୍ମପୁର, ୧।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ପୁଣି ରାଗିଂ ଅଭିଯୋଗ ଆସିଛି। କେତେଜଣ ସିନିୟର ଛାତ୍ରୀ ପ୍ରଥମ ବର୍ଷ ଏମ୍‌ବିବିଏସ ହଷ୍ଟେଲକୁ ଆସି ଜୁନିୟର ଛାତ୍ରୀଙ୍କୁ ନିଜ ଖାତା ଲେଖିଦେବାକୁ ବାଧ କରୁଛନ୍ତି। ନ ଲେଖିଲେ ବିଭିନ୍ନ ଧମକ ଦେଉଥିବା ଅଭିଯୋଗ ହୋଇଛି।

ଏମ୍‌କେସିଜି ମେଡିକାଲ କଲେଜରେ ଏମ୍‌ବିବିଏସ୍ ପ୍ରଥମ ବର୍ଷରେ ପଢୁଥିବା ଏକାଧିକ ଛାତ୍ରୀଙ୍କୁ ରାଗିଂ କରାଯାଉଥିବା ସମ୍ପର୍କରେ ଜଣେ ଛାତ୍ରୀଙ୍କ ବାପା ଦିଲ୍ଲୀସ୍ଥିତ ଆଣ୍ଟି ରାଗିଂ ସେଲ୍‌ରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ପାଇଁ ଆଣ୍ଟି ରାଗିଂ ସେଲ୍ ପକ୍ଷରୁ ଏମ୍‌କେସିଜି ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ହୋଇଛି। ତେଣୁ ସୋମବାର ଏମ୍‌କେସିଜି ଆଣ୍ଟି ରାଗିଂ କମିଟି ବୈଠକ ବସିବ ବୋଲି ସୂଚନା ମିଳିଛି। ଛାତ୍ରୀଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ଝିଅ ସହ ହଷ୍ଟେଲରେ ୪୦ଜଣ ପ୍ରଥମ ବର୍ଷର ଛାତ୍ରୀ ରହୁଛନ୍ତି। ସିନିୟର ଛାତ୍ରୀମାନେ ପ୍ରତ୍ୟେକ ରାତିରେ ହଷ୍ଟେଲ ଭିତରକୁ ଯାଉଛନ୍ତି। ସେମାନେ ନିଜର ଖାତା ଲେଖିଦେବାକୁ ବାଧ କରୁଛନ୍ତି। ପ୍ରଥମ ବର୍ଷର ଛାତ୍ରୀମାନେ ରାଜି ନ ହେଲେ ରାଗିଂ କରିବା ସହ ନାନାପ୍ରକାର ଧମକ ଦେଉଛନ୍ତି। ଏହାକୁ ନେଇ ପ୍ରଥମ ବର୍ଷର ବହୁ ଛାତ୍ରୀ ମାନସିକ ଅଶାନ୍ତିରେ ରହିଛନ୍ତି ବୋଲି ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି। ରାଗିଂ କରୁଥିବା ୪ ଜଣ ସିନିୟର ଛାତ୍ରୀଙ୍କ ନାମ ମଧ୍ୟ ସେ ଆଣ୍ଟି ରାଗିଂ ସେଲକୁ ଜଣାଇଛନ୍ତି।

# ଯାତ୍ରାମଞ୍ଚରେ ଜିଅନ୍ତା ଘୁଷୁରି ଖାଇଲେ କଳାକାର



ଯାତ୍ରା ମଞ୍ଚରେ କଳାକାର ସାପ ଖେଳାଉଛନ୍ତି।

## ଭିଡିଓ ଭାଇରାଲ ପରେ ତୀବ୍ର ପ୍ରତିକ୍ରିୟା

ହିଞ୍ଜିଳିକାଟୁ, ୧।୧୨ (ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ରାଳବ ଗାଁରେ ଯାତ୍ରାମଞ୍ଚରେ ଅମାନବୀୟ ଆଚରଣ ପ୍ରଦର୍ଶନ କରାଯାଇଛି। ରାକ୍ଷସ ଚରିତ୍ରରେ ଅଭିନୟ କରୁଥିବା କଳାକାରମାନେ ଏକ ଜିଅନ୍ତା ଘୁଷୁରିକୁ ମାରି ଖାଉଥିବା ଓ ବିଷଧର ସାପ ଖେଳାଉଥିବାର ଏକାଧିକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଗତ ୨୪ ତାରିଖରେ ଘଟିଥିବା ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କଳା ନାଁରେ ଏଭଳି ନିଷ୍ଠୁରତା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

ରାଳବ ଗ୍ରାମରେ କାଞ୍ଜିଅଁଳା ଉପଲକ୍ଷେ ଯାତ୍ରା ଚାଲିଥିଲା। ଉକ୍ତ ଦିନ ଦୁଇଟି ସାହିରେ ରାମାୟଣ ନାଟକ ମଞ୍ଚସ୍ଥ ହେଉଥିଲା। ଏହି ବାଦି ନାଟକକୁ ଶହ ଶହ ଲୋକ ଉପଭୋଗ କରୁଥିଲେ। ମ୍ୟାଜିକ ଶୋ'ରୁ ଆରମ୍ଭ ହୋଇ ବିଷଧର ସାପ ଆଣି ମଞ୍ଚରେ ଖେଳ ପ୍ରଦର୍ଶିତ ହୋଇଥିଲା। ନାଟକ ମଧ୍ୟରେ ରାକ୍ଷସ ବେଶ ହୋଇ କେତେଜଣ କଳାକାର ମଞ୍ଚକୁ ଆସିଥିଲେ। ସେମାନଙ୍କ ଆଗରେ ଏକ ଜିଅନ୍ତା ଘୁଷୁରିର ଗୋଡ଼ ବାନ୍ଧି ଝୁଲାଯାଇଥିବା ଦେଖାଯାଇଥିଲା। ଜଣେ କଳାକାର ଘୁଷୁରିର ପେଟ ଚିରି କିଛି ଅଂଶ ନିଜ ପାଟିରେ ପୂରାଇ ଥିଲେ। ଦର୍ଶକମାନେ ଏସବୁ କାର୍ଯ୍ୟ ଦେଖୁଥିଲେ ବି କେହି ବିରୋଧ କରି ନ ଥିଲେ। ସେହିପରି ଅନ୍ୟ ମଞ୍ଚରେ ମଧ୍ୟ କଳାକାରମାନେ ବନ୍ୟପ୍ରାଣୀ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ଏ ନେଇ ବ୍ରହ୍ମପୁରର ଜଣେ ପରିବେଶବିତ୍ ଏକ୍ସ (ଟୁଇଟର) ଯୋଗେ ପିସିସିଏଫ, ୱାଇଲ୍ଡ ଲାଇଫଙ୍କୁ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ହିଞ୍ଜିଳିକାଟୁ ବନରକ୍ଷୀ ଘରମଣୀ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାରୁ ସମ୍ପୃକ୍ତ ୨ ଜଣ କଳାକାର ଓ ନାଟକ ପରିଚାଳନା କମିଟିକୁ ଡକାଯାଇ ପଚରାଉଚରା ଚାଲିଥିବା କହିଛନ୍ତି। ଦୋଷୀମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଓଟିଏସ୍ ମାଧ୍ୟମରେ ଆଦାୟ ହେବ ବକେୟା ଜରିମାନା ଟଙ୍କା: ମନ୍ତ୍ରୀ

## ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ମିଳିପାରେ ଆଶ୍ୱସ୍ତି

ଭୁବନେଶ୍ୱର, ୧।୧୨ (ସୁନିତ୍ ମିଶ୍ର)

ରାଜ୍ୟରେ ପ୍ରତ୍ୟେକ ଦିନ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଶହ ଶହ ଦୁଇ ଚକିଆ, ଚାରି ଚକିଆ ଏବଂ ବଡ଼ ଗାଡ଼ିବାଲାଙ୍କୁ ଜରିମାନା ଅର୍ଥ ଇ-ଚାଲାଣ ମାଧ୍ୟମରେ ଯାଉଛି। ଟ୍ରାଫିକ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଇ-ଚାଲାଣ କଟିଥିବା ଗାଡ଼ି ମାଲିକଙ୍କୁ ଆଗକୁ ଆଶ୍ୱସ୍ତି ମିଳିପାରେ। ୱାନ୍ ଟାଇମ୍ ସେଟେଲମେଣ୍ଟ (ଓଟିଏସ୍) ବ୍ୟବସ୍ଥା ସରକାର ଆଣିପାରନ୍ତି। କିନ୍ତୁ ତା'ପରେ ଟ୍ରାଫିକ୍ ନିୟମକୁ ସରକାର ଅଧିକ କଡ଼ାକଡ଼ି କରିବେ। ଚାଲାଣ ଅର୍ଥ ଆଦାୟ ପାଇଁ କୋର୍ଟରୁ ସମନ ପଠାଯିବ। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଗଲା ୪ ବର୍ଷରେ ଇ-ଚାଲାଣ ବାବଦ ଅର୍ଥକୁ ଓଟିଏସ୍ ଜରିଆରେ ଆଦାୟ କରାଯିବା ପରେ ନିୟମ କଡ଼ାକଡ଼ି ହେବ। ପରବର୍ତ୍ତୀ ସମୟରେ ଅର୍ଥ ଆଦାୟ ପାଇଁ କୋର୍ଟରୁ ସମନ ମଧ୍ୟ ପହଞ୍ଚିବ।

ପରିବହନ ବିଭାଗର ତଥ୍ୟ ଅନୁସାରେ ୨୦୨୦ରୁ ୨୦୨୪ ମଧ୍ୟରେ ରାଜ୍ୟରେ ଇ-ଚାଲାଣ ବାବଦକୁ ଆଦାୟ ହୋଇ ନ ପାରି ୧୨୧୫ କୋଟି ଟଙ୍କା ପଡ଼ିରହିଛି। ୨୯ ଲକ୍ଷ ୭୭ ହଜାର ୭୧୮ଟି ଇ-ଚାଲାଣ ବାବଦକୁ ପରିବହନ ବିଭାଗରେ ଜରିମାନା ଗାଡ଼ି ମାଲିକ ଦାଖଲ କରି ନାହାନ୍ତି। ଏତେ ପରିମାଣର ଅନାଦେୟ ଜରିମାନା ଅର୍ଥ ଆଦାୟ କରିବାକୁ ରାଜ୍ୟ ସରକାର ଏବେ ୱାନ୍ ଟାଇମ୍ ସେଟେଲମେଣ୍ଟ ବା ଓଟିଏସ୍ ପରିକଳ୍ପନା କରୁଛନ୍ତି। ପରିବହନ ବିଭାଗ ତଥ୍ୟାନୁଯାୟୀ, ୨୦୨୦ରୁ ଚଳିତ ବର୍ଷ ମେ ମାସ ଭିତରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ମୋଟ ୫୬ ଲକ୍ଷ ୮୧ ହଜାର ୯୯୩ଟି ଇ-ଚାଲାଣ କଟାଯାଇଥିଲା। ସେଥିମଧ୍ୟରୁ ଏବେ ମଧ୍ୟ ୨୯ ଲକ୍ଷ ୭୭ ହଜାର ୭୧୮ଟି ଚାଲାଣ ବାବଦକୁ ଜରିମାନା ଅର୍ଥ ଆଦାୟ ହୋଇପାରିନି।

# ଏଥର ଭୁବନେଶ୍ୱର ପ୍ରଧାନ ବରଗଡ଼ କଂସ

ବରଗଡ଼, ୧।୧୨ (ପ୍ରେମାନନ୍ଦ ଖମାରୀ)



ଭୁବନେଶ୍ୱର ପ୍ରଧାନ, କଂସ ଅଭିନେତା

ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଇଁ ରବିବାର କଂସ କଳାକାର ଚୟନ ହୋଇଥିଲା। ଏଥିରେ ବରଗଡ଼ ବ୍ଲକ ସର୍ଲା ଗ୍ରାମର ଭୁବନେଶ୍ୱର ପ୍ରଧାନ ପ୍ରଥମ ସ୍ଥାନରେ ରହି ଆସନ୍ତା ଧନୁଯାତ୍ରା ମହୋତ୍ସବରେ କଂସ ଭୂମିକାରେ ଅଭିନୟ କରିବାର ସୁଯୋଗ ପାଇଛନ୍ତି। ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର କଂସ ଅଭିନେତା ଭାବେ ଭୁବନେଶ୍ୱରଙ୍କ ନାମକୁ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ତେବେ କଂସ ଅଭିନେତା ଭାବେ ଭୁବନେଶ୍ୱର ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଇଁ ନୂଆ ନୁହଁନ୍ତି। ସେ ଏହାପୂର୍ବରୁ ୫ଥର କଂସ ଭୂମିକାରେ ଅଭିନୟ କରିସାରିଛନ୍ତି। ତେବେ ଆସନ୍ତା ଧନୁଯାତ୍ରା ମହୋତ୍ସବ ନବବର୍ଷରୁ ଆରମ୍ଭ ହେଉଛି। ଧନୁଯାତ୍ରାରେ ସେ ତାଙ୍କ ଦୃଶ୍ୟାଭିନୟରେ କିଛି ନୂଆ ପ୍ରଦର୍ଶନ କରିବେ ଏବଂ ତାହା ଅନ୍ୟବର୍ଷ ତୁଳନାରେ ଦର୍ଶକମାନଙ୍କୁ ଅଧିକ ଆକୃଷ୍ଟ କରିବ ବୋଲି ଭୁବନେଶ୍ୱର କହିଛନ୍ତି।

ପ୍ରକାଶଥାଉକି, ବରଗଡ଼ ଧନୁଯାତ୍ରା ମହୋତ୍ସବରେ ସାଧାରଣତଃ ପ୍ରତି ୩ବର୍ଷ ବ୍ୟବଧାନରେ କଂସ ଅଭିନେତା ଚୟନ ପରମ୍ପରା ରହିଛି। ୨୦୨୨ରେ କଂସ ଚୟନ ହୋଇଥିଲା ବେଳେ କଂସ କଳାକାର ଭାବେ ମନୋନୀତ ହୃଷୀକେଶ ଭୋଇଙ୍କ ପାଇଁ ଆସନ୍ତା ଧନୁଯାତ୍ରା ଶେଷ ସୁଯୋଗ ଥିଲା। କିନ୍ତୁ ଜିଲା ସ୍ୱାସ୍ଥ୍ୟ ବିଭାଗରେ ଡ୍ରାଇଭର ଭାବେ କାର୍ଯ୍ୟରତ ହୃଷୀକେଶ ଏକ ଲାଞ୍ଚ ମାମଲାରେ ନିଲମ୍ବିତ ହୋଇଥିଲେ। ଏପରିକି ଧନୁଯାତ୍ରା ମହୋତ୍ସବ ସମିତି ମଧ୍ୟ ତାଙ୍କୁ କଂସ ଅଭିନେତାରୁ ବିଦା କରିଥିଲା ଏବଂ ନୂତନ କଂସ କଳାକାର ଚୟନ ପାଇଁ ନିଷ୍ପତ୍ତି ନେଇଥିଲା। ସେହି ନିଷ୍ପତ୍ତି ଅନୁଯାୟୀ, ୨୦୨୨ର ଚୟନ ପ୍ରକ୍ରିୟାରେ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ରହିଥିବା ଜଗଦାନନ୍ଦ ମିଶ୍ର, ଆର୍ତ୍ତତ୍ରାଣ ସୁନାନୀ, ଭୁବନେଶ୍ୱର ପ୍ରଧାନ ଏବଂ ସୁଶିଲ କୁମାର ମେହେର ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରକ୍ରିୟାରେ ଅନ୍ୟ ୩ଜଣଙ୍କୁ ପଛରେ ପକାଇ ଭୁବନେଶ୍ୱର ବରଗଡ଼ ଧନୁଯାତ୍ରାରେ କଂସ ଅଭିନେତା ଭାବେ ସୁଯୋଗ ପାଇଛନ୍ତି। ଚୟନ ପ୍ରକ୍ରିୟାରେ ଉମେଶ ଚନ୍ଦ୍ର ଶତପଥୀ, ଚୂଡ଼ାମଣି ରଥ, ସନ୍ଦୀପ ଆଚାର୍ଯ୍ୟ ପ୍ରମୁଖ ବିଚାରକ ଥିବାବେଳେ ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, କଳାକାର ସମନ୍ୱୟ ସମିତିର ଅଶୋକ ବେହେରା, ନକୁଳ ବାଦୀ, ପ୍ରଶାନ୍ତ ମହାପାତ୍ର, ସୁନିଲ ମହାପାତ୍ର, ପ୍ରଭାସ ରଞ୍ଜନ ମହଲା, ଗୁରୁଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ଦାଶ, ଆଖଣ୍ଡଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବଦଳିବେ ଶ୍ରୀକୃଷ୍ଣ, ବଳରାମ, ଶ୍ରୀରାଧା

ଆଗାମୀ ଧନୁଯାତ୍ରା ମହୋତ୍ସବ ପାଇଁ କଂସ କଳାକାର ବଦଳିଛନ୍ତି। ଅନୁରୂପ ଭାବେ ଶ୍ରୀକୃଷ୍ଣ, ବଳରାମ ଏବଂ ଶ୍ରୀରାଧା କଳାକାର ମଧ୍ୟ ବଦଳିବେ ବୋଲି ସୂଚନା ମିଳିଛି। ଏ ନେଇ ବିଧିବଦ୍ଧ ଘୋଷଣା ହୋଇ ନ ଥିବାବେଳେ ଅତିଶୀଘ୍ର ଏଥିପାଇଁ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ଗତବର୍ଷ ସମ୍ରାଟ ମହାପାତ୍ର ଶ୍ରୀକୃଷ୍ଣ, କିଶନ କୁମାର ବିର୍ତ୍ତିଆ ବଳରାମ ଏବଂ ବୈଷ୍ଣବୀ ବିର୍ତ୍ତିଆ ଶ୍ରୀରାଧା ଭୂମିକାରେ ଅଭିନୟ କରିଥିଲେ।

“ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା ଏବଂ ଝଡଝଞ୍ଜାକୁ ବାଟ ଛାଡିଦେବା । -ଶ୍ରୀମା

-ଦେବଦୀପାବଳି
ସମାପ୍ତ ଓ ଚନ୍ଦ୍ରଦର୍ଶନ



# ସଂଖ୍ୟାଲଘୁ ଚରିତ୍ର

ବାଂଲାଦେଶ ଏକମାତ୍ର ପଡ଼ୋଶୀ ଦେଶ ଭାବେ ଭାରତକୁ ଦେଇଆସୁଥିବା ସମ୍ମାନ ଏବେ ଭୂଲୁଣ୍ଠିତ ହୋଇଯାଇଛି । ଗତ କିଛିବର୍ଷ ହେବ ଅନ୍ୟାନ୍ୟ ପଡ଼ୋଶୀ ଭାରତର ଶତ୍ରୁ ପାଲଟି ଯାଇସାରିଛନ୍ତି । ବାଂଲାଦେଶ ସୃଷ୍ଟି କରିବାରେ ଭାରତର ଅନନ୍ୟ ଭୂମିକା ଥିବାରୁ ଆଶା ଥିଲା ଏହା ସହ ସମ୍ପର୍କ ଦୀର୍ଘ ସମୟ ଅତୁଟ ରହିବ । ହେଲେ ତା'ର ଆଭ୍ୟନ୍ତରୀଣ ବ୍ୟାପାରରେ ଯେବେ ଭାରତ ହସ୍ତକ୍ଷେପ କଲା ସେବେଠୁ ଭାରତକୁ ବାଂଲାଦେଶୀ ନାଗରିକ ସନ୍ଦେହ ଚକ୍ଷୁରେ ଦେଖିଲେ । ଅର୍ଥାତ୍ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ନିଜ ଦେଶରୁ ବିତାଡ଼ିତ ହେବା ପରେ ତାଙ୍କୁ ଭାରତ ମାଟିରେ ଆଶ୍ରୟ ଦିଆଯିବା ବର୍ତ୍ତମାନ ସେଠାକାର ଦେଶବାସୀଙ୍କୁ କ୍ରୋଧିତ କରିଛି ବୋଲି କୁହାଯାଉଛି । ଏଠାରେ ଦୃଷ୍ଟି ପକାଇବାକୁ ହେବ ଯେ, ଭାରତର ବୈଦେଶିକ ନୀତି ପଡ଼ୋଶୀ ଦେଶ ସହିତ ବିଫଳ ହେବାରେ ଲାଗିଛି । ୨୦୧୭ରେ ମାଧେସୀମାନଙ୍କୁ ଭାରତ ସରକାର ଖୋଲାଖୋଲି ସମର୍ଥନ ଜଣାଇବା ପରେ ସାଧାରଣ ନେପାଳୀ ନାଗରିକ ଭାରତ ବିରୋଧୀ ପାଲଟିଗଲେ । ସେହିଭଳି ଭାବେ ମାଳଦ୍ୱୀପ ସହିତ ଆମର 'ବଡ଼ ଭାଇ' ବ୍ୟବହାର ସେଠାକାର ଜନସାଧାରଣଙ୍କୁ ଉତ୍କ୍ଷିପ୍ତ କରିଛି । ଅନୁରୂପ ଭାବେ ବର୍ମା (ମ୍ୟାନ୍ମାର)ର ମିଲିଟାରୀ ଜୁଣ୍ଟାଙ୍କୁ ସକ୍ରିୟ ସାହାଯ୍ୟ ଯୋଗାଇଦେବାରୁ ସାଧାରଣ ବର୍ମା ନାଗରିକ ଭାରତ ବିରୋଧୀ ହୋଇ ରହିଛନ୍ତି । ସେହି ଦେଶରେ ଯଦି, ଶୀଘ୍ର ହେଉ ବା ବିଳମ୍ବରେ, ଗଣତନ୍ତ୍ର ପୁନଃ ପ୍ରତିଷ୍ଠା ହେବ ସେତେବେଳକାର ନିର୍ବାଚିତ ସରକାର ଭାରତ ବିରୋଧୀ ହେବାକୁ ବାଧ୍ୟ ହେବ । କାରଣ ଦେଶର ଜନସାଧାରଣ ଭାରତ ବିରୋଧୀ ଶକ୍ତିମାନଙ୍କୁ ହିଁ ନିର୍ବାଚିତ କରିପାରନ୍ତି । ସେହିଭଳି ପରିସ୍ଥିତି ବାଂଲାଦେଶରେ ଦେଖିବାକୁ ମିଳିଲା ।

ବାଂଲାଦେଶର ସଦ୍ୟ ଘଟଣାକୁ ଦେଖାଯାଉ । ଅରାଜକତା ଆରମ୍ଭ ହେବା ପରେ ସେଠାରେ ଅନେକ ମନ୍ଦିର ଭାଙ୍ଗାଯିବା ସହ ହିନ୍ଦୁ ଓ ଅନ୍ୟାନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଅତ୍ୟାଚାର କରାଯାଉଥିବା ଖବର ଶୁଣିବାକୁ ମିଳୁଛି । ଏମାନେ ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସମର୍ଥକ ଥିଲେ ବୋଲି କୁହାଯାଉଛି । ଏବେ ହିନ୍ଦୁଙ୍କ ମଧ୍ୟରେ ଥିବା ଏକ ସଂଖ୍ୟାଲଘୁ ଗୋଷ୍ଠୀ ଅନ୍ତର୍ଜାତୀୟ କୃଷ୍ଣ ସଦ୍‌ଭାବନା ସଂଘ (ଇସ୍କନ) ପ୍ରତି ବାଂଲାଦେଶୀ ନାଗରିକଙ୍କ ଅସୂୟାଭାବ ବଢ଼ିଯାଇଛି । କାରଣ ସେଠାରେ ଏହାର ମୁଖ୍ୟ ଥିବା ଚିନ୍ମୟ ଦାସ ସରକାର ବିରୋଧୀ ମତ ଓ ଶୋଭାଯାତ୍ରା କରିବାରେ ଆଗୁସାର ଥିଲେ । ଏଥିସହିତ ତାଙ୍କ ନେତୃତ୍ୱରେ ହୋଇଥିବା ଏକ ଶୋଭାଯାତ୍ରାରେ ସଂଖ୍ୟାଲଘୁ ଲୋକମାନେ ଗୈରିକ ପତାକା ଧରିଥିଲେ, ଯେଉଁଥିରେ ବାଂଲାଦେଶର ଜାତୀୟ ପତାକାକୁ ଅପମାନିତ କରାଯାଇଥିଲା ବୋଲି ଅଭିଯୋଗ ଅଣାଯାଇ ଚିନ୍ମୟଙ୍କୁ ରାଷ୍ଟ୍ରଦ୍ରୋହ ମାମଲାରେ ଗିରଫ କରାଯାଇଛି । ତେବେ ଯେଉଁ ଘଟଣାକୁ ନେଇ ବାଂଲାଦେଶରେ ବର୍ତ୍ତମାନ ସଂଖ୍ୟାଲଘୁ ହିନ୍ଦୁଙ୍କ ପ୍ରତି ଉତ୍ତେଜନା ଦେଖାଦେଇଛି, ତାହା ପଛରେ ଆଇନଜୀବୀ ସଇଫୁଲ ଇସ୍‌ଲାମ ଅଲିଫ୍‌ଙ୍କ ମୃତ୍ୟୁ ଜଡ଼ିତ । କୁହାଯାଉଛି ଚିନ୍ମୟଙ୍କ ପାଇଁ ସଇଫୁଲ ମାମଲା ଲଢୁଥିଲେ । ଯେତେବେଳେ ତାଙ୍କ ଜାମିନ ଖାରଜ ହୋଇଗଲା ସେତେବେଳେ ଚିଟାଗଙ୍ଗ କୋର୍ଟ ପରିସରରେ ଉତ୍ତେଜନା ଦେଖାଦେଇଥିଲା । ହିନ୍ଦୁମାନେ କୋର୍ଟ ରାୟକୁ ପ୍ରତିବାଦ କରି ବିରୋଧ ପ୍ରଦର୍ଶନ କରିଥିଲେ । ଏହି ସମୟରେ ପୋଲିସ କାର୍ଯ୍ୟାନୁଷ୍ଠାନ ହେବାରୁ ସଇଫୁଲଙ୍କ ମୃତ୍ୟୁ ଘଟିଥିଲା । ହେଲେ ସଇଫୁଲଙ୍କୁ ସଂଖ୍ୟାଲଘୁମାନେ ମାରି ଦେଇଥିବା ବାଂଲାଦେଶର ବିଭିନ୍ନ ସଙ୍ଗଠନ ପକ୍ଷରୁ କୁହାଯାଇଛି । ଏହାର ପରିଣତି ସଂଖ୍ୟାଲଘୁମାନେ ଭୋଗୁଛନ୍ତି ।

ଗତ ନିର୍ବାଚନ ସମୟରେ ଶେଖ୍ ହାସିନାଙ୍କ ଏକଚ୍ଛତ୍ରବାଦୀ କାର୍ଯ୍ୟଶୈଳୀ ବାଂଲାଦେଶୀ ଭୋଟରଙ୍କୁ ବିରୋଧୀ କରିଦେଇଥିଲା । ସେଠାକାର ନିର୍ବାଚନ କମିଶନଙ୍କୁ ହାତେଇ ସରକାର ଗଢ଼ିପାରିଥିଲେ ଶେଖ୍ ହାସିନା । କିନ୍ତୁ ସାଧାରଣ ନାଗରିକଙ୍କ କ୍ରୋଧ ସମ୍ଭାଳିବାରେ ଅସଫଳ ହୋଇଥିଲେ । ତାଙ୍କ କାର୍ଯ୍ୟକଳାପକୁ ଭାରତ ସରକାର ସମର୍ଥନ କରିଆସୁଥିବା ହେତୁ ଏବେ ସାଧାରଣ ବାଂଲାଦେଶୀ ସ୍ୱାଭାବିକ ଭାବେ ଭାରତ ବିରୋଧୀ ପାଲଟିଛନ୍ତି । ଯେହେତୁ ସେଠାକାର ସଂଖ୍ୟାଲଘୁ ହିନ୍ଦୁ ବିଭିନ୍ନ ସମୟରେ ନିଜର କ୍ଷମତା ଦେଖାଇବାକୁ ଯାଇ ହାସିନା ସରକାରଙ୍କ ସମର୍ଥନ ଲାଭ କରିଥିଲେ, ସେହେତୁ ଏବେ ସେଠାରେ ହିନ୍ଦୁ ବିରୋଧୀ ମନୋଭାବ ବୃଦ୍ଧି ପାଉଛି । ଏହାର ସମାନ୍ତରାଳ ପରିସ୍ଥିତି ଦେଖିବାକୁ ହେଲେ ଭାରତୀୟଙ୍କ ପାଇଁ ତାହା କଷ୍ଟକର ନୁହେଁ । କଂଗ୍ରେସ ଶାସନ ସମୟରେ ସଂଖ୍ୟାଲଘୁଙ୍କ ଭୋଟ ଗୋଟାଇବା ନାମରେ ଯେଉଁଭଳି ମୁସଲମାନ ସମ୍ପ୍ରଦାୟକୁ ବିଭିନ୍ନ ପ୍ରକାରର ସମର୍ଥନ ଏବଂ ସାହସ ଯୋଗାଇ ଦିଆଯାଇଥିଲା, ତାହା ଗୋଟେପଟେ ପ୍ରଶାସନିକ ସହଯୋଗ ଯୋଗୁ ମୁସଲମାନ ସମ୍ପ୍ରଦାୟର ଅତ୍ୟଧିକ ମାତ୍ରାର ଉତ୍ପାତ ବୃଦ୍ଧି ପାଇଥିଲା । ବିଭିନ୍ନ ସ୍ଥାନରେ ବୋମା ବିସ୍ଫୋରଣ, ତୁହାକୁତୁହା ସରକାରଙ୍କ ତରଫରୁ 'ରେଡ୍ ଆଲର୍ଟ' ଜାରି କରିବାର ଘୋଷଣା ଏବଂ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଲା ଯେ ମୁସଲମାନ ସମ୍ପ୍ରଦାୟର ରାଜନେତା କିମ୍ବା ଶିକ୍ଷିତ ବୁଦ୍ଧିଜୀବୀ ସିମି ଭଳି ଆତଙ୍କବାଦୀ ସଙ୍ଗଠନକୁ ସମାଲୋଚନା ମଧ୍ୟ କଲେ ନାହିଁ । ଆଜି ଭାରତରେ ମୁସଲମାନ ବିରୋଧୀ ମନୋଭାବ ଯେଉଁଭଳି ବ୍ୟାପିଛି ସେଥିପାଇଁ ସେହି ସମ୍ପ୍ରଦାୟର ଶିକ୍ଷିତ ଓ ଚିନ୍ତାଶୀଳ ବ୍ୟକ୍ତିମାନେ ହିଁ ଦାୟୀ । ଗୋଟିଏପଟେ କଂଗ୍ରେସର ନାମକୁ 'ଖାନ୍‌ଗ୍ରେସ୍'ରେ ପରିବର୍ତ୍ତନ କରିବା ସହିତ ଭାରତରେ ଦୀର୍ଘ ସମୟ ଧରି ଶାସନ କରିଆସୁଥିବା ସେହି ଦଳର ନିର୍ବାଚନୀ ପରାଜୟ ଘଟିଲା । ଫଳସ୍ୱରୂପ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା କ୍ଷମତାକୁ ଆସିବାର ସୁଯୋଗ ପାଇଲା ଏବଂ ସେହି ଦଳର ସଂଖ୍ୟାଲଘୁ ବିଶେଷକରି ମୁସଲମାନ ବିରୋଧୀ ମନୋଭାବ ଓ କାର୍ଯ୍ୟକଳାପକୁ ସାଧାରଣ ହିନ୍ଦୁ ଭାରତୀୟ ସମର୍ଥନ ଜଣାଉଛନ୍ତି ।

ଏହି ପ୍ରଚ୍ଛଦପଟରେ ବାଂଲାଦେଶରେ ଘଟୁଥିବା ଅରାଜକତା ଓ ହିନ୍ଦୁବିରୋଧୀ ମନୋଭାବ ଭାରତୀୟମାନଙ୍କୁ ବୁଝିବା କଷ୍ଟକର ହେବନାହିଁ । ସବୁ ସମାଜର ସବୁବେଳେ ସଂଖ୍ୟାଲଘୁ ଗୋଷ୍ଠୀ ମାର୍ଜିତ ହୋଇ ରହିବା ଦରକାର । ଅନେକ ସମୟରେ ଗାନ୍ଧିଜୀ ଶିଖାଇଥିବା ଗୋଟିଏ ଗାଲରେ ଚାପୁଡ଼ା ମାରିଲେ ଆର ଗାଲ ଦେଖାଇଦେବାର ନୀତି ଦୀର୍ଘ ସମୟର ଶାନ୍ତି ସୃଷ୍ଟି କରିବାରେ ସହାୟକ ହୋଇଥାଏ । କିନ୍ତୁ ସଂଖ୍ୟାଲଘୁର ଚରିତ୍ର ଯଦି ଉଗ୍ର ହେବ, ତେବେ ସଂଖ୍ୟାଗରିଷ୍ଠମାନେ ସେମାନଙ୍କୁ ଦମନ କରିବେ । ଅର୍ଥାତ୍ ଭାରତରେ ମୁସଲମାନଙ୍କ ପ୍ରତି ଯାହା ଘଟୁଛି ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ତାହା ହିଁ ଘଟୁଛି । ଭାରତରେ ମୁସଲମାନମାନେ କଂଗ୍ରେସର ଭୋଟବ୍ୟାଙ୍କ୍ ହୋଇ ଯେତିକି ଦଣ୍ଡନ୍ଧି ଲାଭ ଉଠାଇବା କଥା ତାହା ଉଠାଇନେଲେ । ଏବେ ସେମାନଙ୍କର ଶୁଭବେଳା କଟିଗଲା ଭଳି ମନେହେଉଛି । ଅନୁରୂପ ଭାବେ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କୁ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରିଥିବା ହାସିନାଙ୍କ ଆୱାମୀ ଲିଗ୍ ଯେତେବେଳେ ଲୋକପ୍ରିୟତା ହରାଇଲା ସେତେବେଳେ ସେଠାକାର ହିନ୍ଦୁ ସ୍ୱାଭାବିକ ଭାବେ କେଞ୍ଚା ଖାଉଛନ୍ତି । ପୃଥିବୀବ୍ୟାପୀ ଏହା ହିଁ ମନୁଷ୍ୟର ବ୍ୟବହାର ଅନୁଯାୟୀ ଫଳ ପାଇବାର ନୀତି ବୋଲି ବୁଝିବାକୁ ହେବ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | | 1 | 3 | 5 |
| | | | | | 2 | | 7 | 6 |
| | | | 9 | | | | | 8 |
| | | 1 | 5 | 3 | 7 | | | |
| | 7 | | 6 | | | | 4 | |
| | | 9 | 4 | | | | | |
| | | 3 | | | | | | |
| | 8 | | | | | | | 7 |
| | | | | 1 | 6 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 2 | 4 | 5 | 3 | 7 | 8 | 9 |
| 9 | 3 | 7 | 1 | 6 | 8 | 4 | 5 | 2 |
| 5 | 4 | 8 | 9 | 7 | 2 | 1 | 6 | 3 |
| 2 | 5 | 6 | 7 | 3 | 4 | 9 | 1 | 8 |
| 8 | 9 | 3 | 6 | 2 | 1 | 5 | 7 | 4 |
| 4 | 7 | 1 | 5 | 8 | 9 | 2 | 3 | 6 |
| 3 | 2 | 4 | 8 | 1 | 5 | 6 | 9 | 7 |
| 7 | 1 | 9 | 3 | 4 | 6 | 8 | 2 | 5 |
| 6 | 8 | 5 | 2 | 9 | 7 | 3 | 4 | 1 |

ଗତକାଲିର ଉତ୍ତର

# ରାଜନୀତିରେ ବୟସ ସୀମା



ସହଦେବ ସାହୁ

ଡୋନାଲ୍ଡ ଟ୍ରମ୍ପଙ୍କ ସହ ମୁହାଁମୁହିଁ ତର୍କମାଳାର ପ୍ରଥମ ଅବସରରେ ଜୋ ବାଇଡେନ୍ ଥଙ୍ଗେଇଗଲେ ବୋଲି ଡେମୋକ୍ରାଟ୍ ଦଳର ବହୁତ ନେତା କହିହେଲେ ତାଙ୍କୁ ବାର୍ଦ୍ଧକ୍ୟ ଘାରିଲାଣି ଓ ସେ ନିର୍ବାଚନ ରଣାଙ୍ଗନରୁ ଓହରି ଯାଆନ୍ତୁ, ସେ ବି ମାନିନେଲେ । ଆଉ ଥରେ ଲଢ଼ିବି କହିବାର ଦୁଇ ଦିନ ଭିତରେ ଜୋ ବାଇଡେନ୍ କହିଲେ ଦଳର ଲୋକେ ଚାହୁଁ ନ ଥିବାରୁ ସେ ରାଷ୍ଟ୍ରପତି ପଦ ପାଇଁ ଲଢ଼େଇରୁ ଓହରି ଯାଉଛନ୍ତି । ଫଳରେ କମଳା ହାରିସ୍ ରାଷ୍ଟ୍ରପତି ପ୍ରାର୍ଥୀ ହେଲେ । ଜିତିଲେ ଟ୍ରମ୍ପ, ବର୍ତ୍ତମାନ ବୟସ ୭୮, କାର୍ଯ୍ୟକାଳ ସରିବା ବେଳକୁ ହେବେ ୮୨, ତଥାପି ରିପବ୍ଲିକାନ୍‌ମାନେ ତାଙ୍କୁ ଜରାଗ୍ରସ୍ତ କହୁନାହାନ୍ତି, ଅଥଚ ତାଙ୍କଠୁଁ ୩ ବର୍ଷ କମ୍ ବାଇଡେନ୍‌ଙ୍କୁ ଡେମୋକ୍ରାଟ୍‌ମାନେ ଜରାଗ୍ରସ୍ତ କହିପାରିଲେ । ତାହାର କାରଣ ବୟସ ବେଶି ହୋଇଗଲେ ଡିମେନ୍‌ସିଆ, ଆମ ଭାଷାରେ ମତିଭ୍ରମତା ବଢ଼େ, ପ୍ରତ୍ୟୁତ୍ପନ୍ନମତିତା ହ୍ରାସ ପାଏ, କ'ଣ କରିଲଣି ବା କ'ଣ କରିବାକୁ ଅଛି ମନେ ପଡ଼େନାହିଁ, ଆଗରୁ ପରିଚିତ ଥିବା ଲୋକର ନାଁ ମନେପଡ଼େ ନାହିଁ, ଚାବିକାଠି କେଉଁଠି ରଖିଲ ଖୋଜିବୁଲ । ବୈଜ୍ଞାନିକମାନେ କହନ୍ତି ମସ୍ତିଷ୍କର ହିସାବୀ ଶକ୍ତି ବା କଗ୍ନିଟିଭ୍ କାପାବିଲିଟି ହ୍ରାସ ପାଏ । ୨୦୧୪ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ବହୁମତ ପାଇ ସରକାର ଗଢ଼ିବାକୁ ଗଲାବେଳେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହୋଇଗଲେ; ଦଳର ପୁରୁଖା ଓ ପ୍ରମୁଖ ନେତା ଏଲ୍. କେ. ଆଡ୍‌ଭାନୀ, ଏମ୍. ଏମ୍. ଯୋଶୀ, ସୁମିତ୍ରା ମହାଜନ ପ୍ରମୁଖଙ୍କୁ ପାର୍ଲିଆମେଣ୍ଟାରି ବୋର୍ଡରୁ ଅବସର ଦିଆଗଲା; ମୋଦି ସରକାର ଗଢ଼ିବା ବେଳେ କହିଥିଲେ, ରାଜନେତାମାନେ ୭୫ ବର୍ଷ ବୟସ ପରଠୁ ସକ୍ରିୟ ରାଜନୀତିରେ ନ ରୁହନ୍ତୁ । କଗ୍ନିଟିଭ୍ କାପାବିଲିଟି ହ୍ରାସ ବା ସ୍ୱାସ୍ଥ୍ୟହାନି ଆଦି କାରଣ ନ ଦେଖାଇ ସେ କହିଥିଲେ, ସରକାର ଚଳାଇବାରେ ସେମାନେ ପରାମର୍ଶ ଓ ଉପଦେଶ ଦେବାର ବୟସ ଆସିଗଲାଣି । ତାଙ୍କ ମତକୁ ସମର୍ଥନ କରି ଅଖିଳ ଭାରତୀୟ କଂଗ୍ରେସ କମିଟି ଜେନେରାଲ୍ ସେକ୍ରେଟାରୀ ଜନାର୍ଦ୍ଦନ ଦ୍ୱିବେଦୀ ୨୦୧୪ ଅଗଷ୍ଟରେ କହିଥିଲେ, ୭୫ ତ ବେଶି ହୋଇଗଲା, ୬୫ରୁ ବେଶି ବୟସର ରାଜନେତାମାନେ ସକ୍ରିୟ ରାଜନୀତିରୁ ସନ୍ନ୍ୟାସ ନେଇ ଉପଦେଶ ବା ପରାମର୍ଶ ଦେବା କାମରେ ଲାଗନ୍ତୁ । (ଅବଶ୍ୟ ସେ ସୋନିଆ ଗାନ୍ଧୀଙ୍କୁ ଏ ଅଯୋଗ୍ୟତାରୁ ବାଦ ଦେଇଥିଲେ ।) ଅନ୍ୟତମ କଂଗ୍ରେସ ନେତା ଜୟରାମ ରମେଶ କହିଲେ, ବୟସ ୭୦ ପାର ହେଲେ ରାଜନେତାମାନେ ଋଷିମାନଙ୍କ ଭଳି ଜ୍ଞାନ ବିତରଣ କରିବାରେ ଲାଗନ୍ତୁ । ସେ କହିଲେ, ସକ୍ରିୟ ରାଜନୀତିରେ ବହୁତ ଦଉଡ଼ାଦଉଡ଼ି କରିବାକୁ ପଡ଼େ, ବେଳେବେଳେ ଘଟଣା ସ୍ଥଳରେ ସୁଦୂର ପ୍ରସାରୀ ନିଷ୍ପତ୍ତି ନେବାକୁ ପଡ଼େ ଓ ସେଥିପାଇଁ ନିର୍ବାଚନ ପ୍ରଚାରରେ ଦଳର ନେତୃତ୍ୱ ନେବାକୁ ପଡ଼େ । ଏସବୁ ପରିପ୍ରେକ୍ଷୀରେ ଶାରୀରିକ ସାମର୍ଥ୍ୟ ଓ ମାନସିକ ପ୍ରତ୍ୟୁତ୍ପନ୍ନମତିତା (କଗ୍ନିଟିଭ୍ କାପାବିଲିଟି) ଦରକାର,



ତାହା ପାଇଁ ଉପଯୁକ୍ତ ବୟସସୀମା ୭୦ ରହିବା ଦରକାର ବୋଲି ଜୟରାମ କହିଥିଲେ । ଆଇଏଏସ୍ ଚାକିରିରୁ ସ୍ୱେଚ୍ଛାରେ ଅବସର ନେଇ ପାଣ୍ଡିଆନ୍ ୨୦୨୪ ନିର୍ବାଚନରେ ଯେଉଁ ପ୍ରକାରର ଧୂଆଁଧାର ପ୍ରଚାର କଲେ ତାହା ବିଜେଡି ଦଳର ସଭାପତିଙ୍କ କଗ୍ନିଟିଭ୍ କାପାବିଲିଟି ଉପରେ ପ୍ରଶ୍ନ ଉଠାଇଥିଲା ।

ରାଜରାଜୁଡ଼ା ଶାସନରେ ମୃତ୍ୟୁ ନ ହେବାଯାକେ ରାଜା ଶାସନମୁଖ୍ୟ ହୋଇ ରହୁଥିଲେ, ସନ୍ତାନକୁ ଗାଦିରେ ବସାଇବା ରାଜାଙ୍କ ଲକ୍ଷ୍ୟ ଥିଲା । ବିଦ୍ରୋହ ଆସିଲେ ରାଜ-ପରିବାରର ଚକ୍ରାନ୍ତକାରୀ କୌଣସି ସଦସ୍ୟ ବା ରାଜାଙ୍କ ଅଧୀନରେ ଥିବା ସେନାପତି ଶାସନଭାର ସମ୍ଭାଳୁଥିଲା । ଜରାଗ୍ରସ୍ତ ହେଲେ ବାବା, ଗଡ୍‌ମାନ୍ ବା ତାନ୍ତ୍ରିକ ଉପରେ ଆସ୍ଥା ରଖିବା ଆରମ୍ଭ କରୁଥିଲେ, ପାରିଷଦମାନେ ଓ ଉପଦେଷ୍ଟାମାନେ ପ୍ରକୃତ ପାୱାର ଜାହିର କରୁଥିଲେ । ଆମ ଦେଶରେ ବି ବୟସାଧିକ ବ୍ୟକ୍ତିଙ୍କୁ ରାଜ୍ୟପାଳ କରିବା ଏକ ପରମ୍ପରା ହୋଇଯାଇଛି । ଆମେରିକାର ସିନେଟ୍ ଓ ଆମ ଦେଶର ଦଳ ତାଙ୍କୁ ପଠାଇଛି ତାକୁ ସେମାନେ ଭୋଟ୍ ଦେବେ, ଅର୍ଥାତ୍ ସେମାନେ ଗଣଙ୍କ ତନ୍ତ୍ରରେ ଭାଗ ନିଅନ୍ତି ନାହିଁ– ଏ କଥା ସମ୍ବିଧାନ ସୂଚାଏ । ଯଦି ଯୁକ୍ତରାଷ୍ଟ୍ରରେ ଓ ଆମ ଦେଶରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସ ଆଉ ଲୋକ ସଭାରେ ଜରାଗ୍ରସ୍ତମାନେ ଦଳ ଦ୍ୱାରା ବଛା ହୋଇ ନିର୍ବାଚନରେ ବିଜୟୀ ହୁଅନ୍ତି, ତେବେ ଦେଶର ଶାସନ ପାଇଁ ସେମାନେ ଲୋକଙ୍କ ଉପଯୁକ୍ତ ପ୍ରତିନିଧି ହୋଇପାରିବେ କି? ସେମାନେ ତ ଧୃତରାଷ୍ଟ୍ରୀୟ ନ୍ୟାୟରେ ପରିବାରର ଓ ଦଳପତିଙ୍କ ଇଙ୍ଗିତରେ କାମ କରିବେ । ଯଦି ସେମାନଙ୍କ ଯଥେଷ୍ଟ ଧନ ଅଛି, ସିଏ ସ୍ୱାଧୀନ ପ୍ରାର୍ଥୀ ଭାବେ ଜିତିପାରନ୍ତି, ଯଥା ୨୦୦୫ରୁ ହରିଆନା ବିଧାନସଭାର ସଦସ୍ୟ ହୋଇ ଆସିଥିବା ଶ୍ରୀମତୀ ଜିନ୍ଦଲ (ଜିନ୍ଦଲ କମ୍ପାନୀ ଗୋଷ୍ଠୀର ମାଲିକାଣୀ) ୨୦୨୪ ନିର୍ବାଚନରେ ବି ବିଧାନସଭାକୁ ଯାଇଛନ୍ତି, କୌଣସି ଦଳ ନ ଚାହିଁଥିଲେ ବି ଏବଂ ୭୪ ବର୍ଷ ବୟସରେ ସ୍ୱାଧୀନ ପ୍ରାର୍ଥୀ ହୋଇ ବି । ଭର୍ତ୍ତୃହରି ମହତାବ ୨୦୨୪ ନିର୍ବାଚନ ପରବର୍ତ୍ତୀ ଲୋକ ସଭା ପ୍ରଥମ ଅଧିବେଶନରେ ପ୍ରୋଟେମ୍ ସ୍ପିକର ହେଲା ବେଳେ କଂଗ୍ରେସ ଦଳ ତ ପ୍ରଶ୍ନ କଲା, ସିନିଅର୍‌ମୋଷ୍ଟ ଅର୍ଥାତ୍ ସବୁଠୁ ବୟସ୍କକୁ କାହିଁକି କଲ ନାହିଁ । ଆମେରିକାର ସିନେଟ୍‌ରେ ବି ସେଇକଥା, ମେଜରିଟି ପାର୍ଟିର ସବୁଠୁ ବୟସ୍କ ସଦସ୍ୟ ପ୍ରୋଟେମ୍ ସ୍ପିକର୍ ହୋଇଥାଏ । ୱେଷ୍ଟ ଭର୍ଜିନିଆ ଡେମୋକ୍ରାଟ୍ ଦଳର ସିନେଟର୍ ବାଇର୍ଡ ପ୍ରୋଟେମ୍ ସ୍ପିକର୍ ହେବାବେଳକୁ ୯୯ ବର୍ଷ, କଥା କହିପାରୁନଥିଲେ କି ଚାଲିପାରୁ ନ ଥିଲେ, ସେ ପୁଣି ୧୦୦ ବର୍ଷରେ ମୃତ୍ୟୁ ଯାଏ ସିନେଟର୍ ଥିଲେ । ଆଉ ଜଣେ ସିନେଟର୍ ଷ୍ଟ୍ରମ ଥରମଣ୍ଡ ୧୦ ବର୍ଷଯାଏ ସ୍ମୃତିଭ୍ରମ ହୋଇଥିଲେ, ଚାଲି ଚାଲି ଆସିଛନ୍ତି କି ଘୋଡ଼ାପିଠିରେ ଆସିଛନ୍ତି, ସିନେଟ୍ ହଲ୍ କେଉଁଠି କହିପାରୁନଥିଲେ ବି ୯୯ ବର୍ଷ ଯାଏ ସିନେଟର୍ ଥିଲେ । ଆମେରିକାରେ ୨୦୨୩ରେ ଆରମ୍ଭ ୧୧୮ତମ କଂଗ୍ରେସ (ଆମର ସଂସଦ ଭଳି)ରେ ସଦସ୍ୟମାନଙ୍କ ହାରାହାରି ବୟସ ୬୩.୭ ଜଣ ୮୦ ଉପରେ, ତହିଁରେ ଜଣେ ୮୮ ବର୍ଷର, ନାମ ଡିଆନେ ଫିନେଷ୍ଟିନ୍, ଯିଏ ୧୯୯୨ରୁ ସିନେଟର୍ ଅଛନ୍ତି ୨୦୨୫ରେ (ବୟସ ୯୧ ହେଲାଯାଏ) ସିନେଟର୍ ନିର୍ବାଚିତ ହୋଇଛନ୍ତି ।

ଗଣତନ୍ତ୍ରରେ ନିର୍ବାଚିତ ନେତାମାନଙ୍କ ହାତରେ ଥାଏ ପ୍ରକୃତ ପାୱାର । ନେତା ବୃଦ୍ଧ ହୋଇ ଚଳତ୍‌ଶକ୍ତି ରହିତ ହେଲାଯାଏ, ବିଚାରଶକ୍ତି ହ୍ରାସ ଓ ପୂରାପୂରି ସ୍ମରଣ ଶକ୍ତିଶୂନ୍ୟ ହେଲେ ବି ତାଙ୍କୁ ଦଳର ଲୋକେ କହନ୍ତି ନାହିଁ 'ବୟସ ଅଧିକ ହେଲାଣି ଏବେ ରାଜନୀତି ଛାଡ଼ିଦିଅନ୍ତୁ' । ଅଥଚ ସେମାନେ ଲେଜିସ୍‌ଲେଚରରେ ନିୟମ କରିଥାନ୍ତି ସରକାରୀ ବ୍ୟବସ୍ଥାର ଅନ୍ୟ ଦୁଇଟି ଶାଖା –ଜୁଡିସିଆରି ଓ ଏକ୍‌ଜିକ୍ୟୁଟିଭ୍‌ରେ ନିଯୁକ୍ତ ଅଧିକାରୀମାନେ ଶାରୀରିକ ଅକ୍ଷମତା ବା ବୟସାଧିକ କାରଣରୁ କାର୍ଯ୍ୟରୁ ଅବସର ନେବେ; କାହାର ପ୍ରଭାବରେ କି ଟଙ୍କା ଗୁଞ୍ଜାରେ ନିଯୁକ୍ତି ପାଇପାରିବେ ନାହିଁ । ଅଥଚ ଲେଜିସ୍‌ଲେଚରରେ ପଶିବା ପାଇଁ ନିଜର ଅକ୍ଷମତା ଏବଂ ନିର୍ବାଚନୀ ଖର୍ଚ୍ଚ ତୁଲାଇବା ପାଇଁ ବଡ଼ ବଡ଼ ଠିକାଦାର ଓ କମ୍ପାନୀ ମାଲିକଙ୍କଠାରୁ ଟଙ୍କା ନେବା କଥା ଭୁଲିଯା'ନ୍ତି, ଲେଜିସ୍‌ଲେଚରରେ ଆସନ ପାଇଁ ଲୋକଙ୍କ ଭୋଟ କିଣନ୍ତି । ଜଣେ ଏମ୍‌ପି ମାସକୁ ଦରମା ଲକ୍ଷେ ଲେଖାଏ ୫ ବର୍ଷରେ ୬୦ ଲକ୍ଷ ପାଇବାର ଥିଲା ବେଳେ ସେମାନେ ନିର୍ବାଚନୀ ଖର୍ଚ୍ଚ ୯୦ ଲକ୍ଷ ଯାଏ କରିପାରିବେ ବୋଲି ନିର୍ବାଚନ ଆଚରଣ ବିଧିରେ ନିର୍ବାଚନ କମିଶନ ଆଗରେ ଦସ୍ତଖତ କରୁଛନ୍ତି । କ'ଣ ୯୦ ଲକ୍ଷ ମୂଳ ଓ ତା' ସୁଧ ଦେଉଛନ୍ତି? ୯୦ ଲକ୍ଷ ପାଇଁ ଯାହା ଉପରେ ନିର୍ଭର କରନ୍ତି, ତା' କାମ କରିଦେବାକୁ ବାଧ୍ୟ ହେବେ । ତେଣୁ ସମାଜର ହିତରେ କାମ କରିବା ଇଚ୍ଛା ଗୌଣ ! ମୃତ୍ୟୁଯାଏ ଏମ୍‌ଏଲ୍‌ଏ ବା ଏମ୍‌ପି ଆସନକୁ ମାଡ଼ିବସିବା, ଅର୍ଥାତ୍ ଜେରୋଣ୍ଟୋକ୍ରାସି (ବୃଦ୍ଧବୃଦ୍ଧାଙ୍କ ଶାସନ) ଚାଲୁରହେ । ସମ୍ବିଧାନ ପ୍ରଣେତାମାନେ କେବେ ଏହା ଆଶା କରିନଥିଲେ, ସର୍ବନିମ୍ନ କେତେ ବୟସରେ ଜଣେ ଲୋକପ୍ରତିନିଧି ହୋଇପାରିବ କହିଥିଲେ ବି କେତେ ବୟସଯାଏ ଏପରି ରହିପାରିବେ କହିନାହାନ୍ତି; ସେମାନେ ଭୋଟରଙ୍କ ବିବେକ ଉପରେ ଛାଡିଦେଇଥିଲେ, କିନ୍ତୁ ଆମ ଦେଶରେ ରାଜନୈତିକ ଦଳଗୁଡ଼ିକ ୧୯୮୫ର ଦଳବଦଳ ଆଇନ ଓ ୨୦୦୩ର ସମ୍ବିଧାନ ସଂଶୋଧନ ଆଇନ (ବିଜୟୀର ଅଯୋଗ୍ୟତା ଆଇନ– ୧୦ମ ତଫସିଲ) ବଳରେ ଭୋଟରମାନଙ୍କ ବିବେକକୁ ତୁଚ୍ଛ କରିଦେଇଛନ୍ତି । ଦଳର ମୁଖ୍ୟଙ୍କ କଥା ନ ମାନିଲେ ପ୍ରାର୍ଥୀ ହୋଇପାରିବେ ନାହିଁ ତ ଏମ୍‌ଏଲ୍‌ଏ/ଏମ୍‌ପି ଆସନ ହରାଇବେ । ମୃତ୍ୟୁ ହେଲାଯାଏ ବା ଇସ୍ତଫା–ଇଚ୍ଛା କଲାଯାଏ ଦଳପତି ଦେଶ/ପ୍ରଦେଶର ଭାଗ୍ୟନିୟନ୍ତା ହୋଇ ରହିବେ ଓ ତାଙ୍କର ପ୍ରିୟ ଲୋକେ ଲୋକପ୍ରତିନିଧି ବୋଲାଉଥିବେ ।

sahadevas@yahoo.com

# ଆଭ୍ୟନ୍ତରୀଣ ପ୍ରଦୂଷଣ



ଇପ୍ସିତା ମହାନ୍ତି

ଆମ ଚତୁଃପାର୍ଶ୍ୱସ୍ଥ ବାୟୁମଣ୍ଡଳ ଦିନକୁ ଦିନ ବିଷାକ୍ତ ହୋଇ ଚାଲିଛି । ବାୟୁ ପ୍ରଦୂଷଣ କଥା ଆସିଲେ ଆମ ଆଖିଆଗରେ ଧୂଆଁ, ଧୂଳି ଓ ମାରାତ୍ମକ ଭାସମାନ ରାସାୟନିକ କଣିକାର ଛବି ନାଚି ଉଠେ । ଏହି ପ୍ରଦୂଷଣ ଆଜି ଆମ ରୋଷେଇ କକ୍ଷ, ଶୟନ କକ୍ଷ ଓ ବୈଠକ କକ୍ଷ ଉପରେ ଆକ୍ରମଣ କରିବା ଆରମ୍ଭ କରିଛି । ଏକଥା ଆମେ ସ୍ୱପ୍ନରେ କଳ୍ପନା କରି ନ ଥିଲୁ । ଏହା ଅତି ଚିନ୍ତାଜନକ ବିଷୟ । କାରଣ ଘର ଭିତରର ପ୍ରଦୂଷଣ ବାହ୍ୟ ପ୍ରଦୂଷଣ ଅପେକ୍ଷା ଅଧିକ ବିପଜ୍ଜନକ ସାବ୍ୟସ୍ତ ହୋଇଛି । ଏ କ୍ଷେତ୍ରରେ ଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ ଓ ବେଙ୍ଗାଲୁରୁ ଭଳି ସହରର ସ୍ଥିତି ଅତୀବ ସଙ୍ଗିନ । ଏସବୁ ମହାନଗରୀରେ ବାହ୍ୟ ପ୍ରଦୂଷଣ ସହିତ ଘର ଭିତରର ବାତାବରଣ ଆଦୌ ସୁରକ୍ଷିତ ନାହିଁ । ଏଭଳି ଦୟନୀୟ ସ୍ଥିତି ଯୋଗୁ ଘର ଭିତରର ବାୟୁ ଏତେ ମାତ୍ରାରେ ପ୍ରଦୂଷିତ ଯେ ଲୋକେ ଶ୍ୱାସକ୍ରିୟା ସକାଶେ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି । ଅନେକ ରୋଗର କାରକ ଅନାୟାସରେ ଶରୀର ମଧ୍ୟକୁ ପହଞ୍ଚୁଛି । ଲୋକଙ୍କ ଫୁସ୍‌ଫୁସ୍ ବହୁମାତ୍ରାରେ କ୍ଷତି ଘଟୁଛି । ସାଧାରଣ କାଶ, ଛିଙ୍କଠାରୁ ଆରମ୍ଭ କରି ଲୋକେ ଶ୍ୱାସରୋଗ, ହୃଦ୍‌ରୋଗ, ହୃଦ୍‌ଘାତ, ଯକ୍ଷ୍ମା ଓ କର୍କଟ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି ।

କିଛି ବର୍ଷ ତଳେ ଦିଲ୍ଲୀସ୍ଥିତ ବଲ୍ଲଭଭାଇ ପଟେଲ ଚେଷ୍ଟ ଇନ୍‌ଷ୍ଟିଚ୍ୟୁଟ ଦିଲ୍ଲୀ ଓ ନୋଏଡା ଅଞ୍ଚଳର ଆଭ୍ୟନ୍ତରୀଣ ପ୍ରଦୂଷଣ ଉପରେ ଏକ ସର୍ବେକ୍ଷଣ କରିଥିଲା । ଏଠିକାର ଘରଗୁଡ଼ିକର ଆଭ୍ୟନ୍ତରୀଣ ପ୍ରଦୂଷଣର ସ୍ଥିତି ଯାଞ୍ଚ ଦ୍ୱାରା ଯେଉଁ ତଥ୍ୟ ମିଳିଥିଲା, ତାହା କେବଳ ବିବ୍ରତ କରି ନ ଥିଲା ବରଂ ଏହା ଆମ ଦେଶର ଆଖି ଖୋଲି ଦେଇଥିଲା । ଦିଲ୍ଲୀର କେତେକ ସ୍ଥାନର ଘର ଭିତରର ପ୍ରଦୂଷଣ ଅତିମାତ୍ରାରେ ବୃଦ୍ଧି ପାଇଥିବା ଏହି ଗବେଷଣାରୁ ଜଣାପଡ଼ିଥିଲା । ଯେଉଁଥିପାଇଁ ଏଠିକାର ୧୪%ରୁ ଊର୍ଦ୍ଧ୍ୱ ପିଲା ଆଜି ଶ୍ୱାସରୋଗରେ ପୀଡ଼ିତ । ଦିଲ୍ଲୀର ଔଦ୍ୟୋଗିକ ଅଞ୍ଚଳରେ ବାସ କରୁଥିବା ୧୧.୮% ପିଲା ଶ୍ୱାସରୋଗୀ ହୋଇଥିବା ବେଳେ ଜନବସତି ଅଞ୍ଚଳରେ ଏହି ସଂଖ୍ୟା ସାଢ଼େ ୭%ରୁ କିଛି ଅଧିକ । ପୂର୍ବରୁ ସହରାଞ୍ଚଳର ୪୩.୯% ପିଲା କଫ ଓ ଶ୍ୱାସଜନିତ ସମସ୍ୟା ଭୋଗୁଥିଲେ । ଏହି ମାମଲାରେ ଗାଁଗୁଡ଼ିକର ସ୍ଥିତି ସାମାନ୍ୟ ଭଲ ଅଛି । ତଥ୍ୟ ଅନୁସାରେ ଯେଉଁସବୁ ଘରେ କାଠ ଓ କୋଇଲାରେ ରନ୍ଧନ ହେଉଥିଲା, ସେହି ଅଞ୍ଚଳର ବାୟୁରେ ସଲଫର୍ ଡାଇଅକ୍ସାଇଡ ୪ଗୁଣ ଅଧିକ ରହିଛି । ଅଧ୍ୟୟନର ତଥ୍ୟ ଅନୁଯାୟୀ ଘର ଭିତରେ ଧୂପବତି, ଧୂପକାଠି ଓ ମଶାଧୂପର ଧୂଆଁ ପ୍ରଦୂଷଣ ସ୍ତରକୁ ସାଧାରଣ ସ୍ତର ଅପେକ୍ଷା ୧୫ଗୁଣ ବୃଦ୍ଧି କରିଛି । ଏହି ଅଧ୍ୟୟନ କେତେକ ନିର୍ଦ୍ଦିଷ୍ଟ କକ୍ଷରେ ହୋଇଥିଲା । କକ୍ଷ ମଧ୍ୟରେ ଧୂଆଁ ଜମାହୋଇ ନ ରହିବା ପାଇଁ ଏହାର ଦ୍ୱାର ଓ ଝରକାକୁ ଖୋଲି ଦିଆଯାଇଥିଲା । ଧୂପବତି, ଧୂପକାଠି ଓ ମଶାଧୂପ ଜଳାଇବା ପୂର୍ବରୁ ଓ ପରେ କକ୍ଷର ପ୍ରଦୂଷଣ ମାତ୍ରା ମାପ କରାଯାଇଥିଲା । ସ୍ଥିରୀକୃତ ମାନକ ଅନୁଯାୟୀ ୨.୫ ମାଇକ୍ରୋନ ଆକାରର କଣିକା ସ୍ତର ୬୦ ମାଇକ୍ରୋଗ୍ରାମ୍ ରହିବା କଥା କିନ୍ତୁ ଧୂପବତି, ଧୂପକାଠି ଓ ମଶାଧୂପ ଜାଳିବା ସମୟରେ କକ୍ଷ ଭିତରେ ଏହି ସ୍ତର ୧୮୭୯.୭ ମାଇକ୍ରୋଗ୍ରାମ୍



ଥିଲା । ୧୦ ମାଇକ୍ରୋନ ଆକାରର କଣିକା ସ୍ତର ୧ଶହ ମାଇକ୍ରୋଗ୍ରାମ ରହିବା କଥା କିନ୍ତୁ ଧୂପବତି, ଧୂପକାଠି ଓ ମଶାଧୂପ ଜାଳିବା ସମୟରେ କକ୍ଷ ଭିତରେ ଏହି ସ୍ତର ୧୭୭୫ମାଇକ୍ରୋଗ୍ରାମକୁ ଅତିକ୍ରମ କରିଥିଲା । ଧୂପବତୀ ଜାଳିଲେ ସବୁଠାରୁ ଅଧିକ ଧୂଆଁ ସୃଷ୍ଟି ହୋଇଥାଏ । ତା' ପଛକୁ ରହିଛି ଧୂପକାଠି ଓ ମଶାଧୂପ । ତେଣୁ ଘରେ ଧୂପବତି, ଧୂପକାଠି ଓ ମଶାଧୂପ ଜଳାଉଥିଲେ ଅଧିକ ସତର୍କ ରହିବା ।

ବାହ୍ୟ ପ୍ରଦୂଷଣ ଅପେକ୍ଷା ଆଭ୍ୟନ୍ତରୀଣ ପ୍ରଦୂଷଣ ୧୦ଗୁଣ କ୍ଷତିକାରକ ବୋଲି ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ର ସେଣ୍ଟର ଫର୍ କମ୍ୟୁନିଟି ମେଡିସିନ ନିଜ ଅଧ୍ୟୟନରେ ପ୍ରକାଶ କରିଛି । ଘରେ ରନ୍ଧା ସମୟରେ ନିର୍ଗତ ବାୟୁ ଯୋଗୁ ୨୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ୫୦% ଯୁବକଙ୍କ ଫୁସ୍‌ଫୁସ୍ କ୍ଷତିଗ୍ରସ୍ତ ହୋଇଛି । ଏହା ଯକ୍ଷ୍ମା ରୋଗର ଏକ ପ୍ରମୁଖ କାରଣ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଥ୍ୟ ଅନୁଯାୟୀ ରୋଷେଇ ଘରୁ ନିର୍ଗତ ଧୂଆଁ ଓ ବାଷ୍ପ ଦ୍ୱାରା ପ୍ରତିବର୍ଷ ବିକାଶଶୀଳ ଦେଶରେ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାନ୍ତି । ଅର୍ଥାତ୍ ରୋଷେଇଘରୁ ନିର୍ଗତ ଧୂଆଁ ଓ ବାଷ୍ପ ପ୍ରତି ସେକେଣ୍ଡରେ ଜଣଙ୍କ ମୁଣ୍ଡ ନେଇ ଚାଲିଛି । ବାହ୍ୟ ପ୍ରଦୂଷଣ ରୋକିବା ପାଇଁ ଦିଲ୍ଲୀରେ ଅନେକ ସମୟରେ ଯୁଗ୍ମ ଅଯୁଗ୍ମ ନିୟମ ଲାଗୁ ହେଉଛି । ଯାତାୟାତ ଉପରେ କଟକଣା ଲାଗୁଛି । ଏହାଦ୍ୱାରା ଦିଲ୍ଲୀ ଅଞ୍ଚଳର ବାୟୁମଣ୍ଡଳ ପ୍ରଦୂଷଣ ଉପରେ କେତେ ଲଗାମ ଲାଗିଛି ତାହା ଭିନ୍ନ ପରିସଂଖ୍ୟାନରୁ ଜଣାପଡିବ, କିନ୍ତୁ ଘର ଭିତରର ପ୍ରଦୂଷଣ ଉପରେ ଏହି ପରିସଂଖ୍ୟାନ ଅନେକ ପ୍ରଶ୍ନ ଠିଆ କରିଛି । କାରଣ ଶିଶୁ, ମହିଳା ଓ ବୟସ୍କମାନେ ମାତ୍ରାଧିକ ସମୟ ଘର ଭିତରେ କାଟନ୍ତି । ବିଗତ ଦିନରେ କରୋନା ସଂକ୍ରମଣରୁ ରକ୍ଷା ପାଇଁ ତଥା ଲକ୍‌ଡାଉନ ଓ ଶଟ୍ ଡାଉନ ଭଳି କଟକଣାର ବାଧ୍ୟବାଧକତା ଯୋଗୁ ସମସ୍ତଙ୍କୁ ଘର ଭିତରେ ରହିବାକୁ ପଡିଥିଲା । ଏଭଳି ସ୍ଥିତିରେ ଆଭ୍ୟନ୍ତରୀଣ ପ୍ରଦୂଷଣ ଆମକୁ ରୋଗିଣା କରି ଦେଇପାରେ । ଘର ଭିତରର ପ୍ରଦୂଷଣ ଫୁସ୍‌ଫୁସ୍ ପାଇଁ ଅତ୍ୟନ୍ତ କ୍ଷତିକାରକ, ଅଥଚ ସେ ବିଷୟରେ ଆମେ ସଚେତନ ନୁହନ୍ତି ।

ସୁସ୍ଥ ଶରୀରରେ ସୁସ୍ଥ ବିଚାର ଜନ୍ମ ନିଏ । ଘର ଭିତରେ ସୁସ୍ଥ ଜୀବନଯାପନ ପାଇଁ ଚାହୁଁଥିଲେ, ଆମକୁ କେତେକ ଉପାୟ ଅବଲମ୍ବନ କରିବାକୁ ହେବ । ପ୍ରଥମତଃ ଆମେ ଠାକୁରଙ୍କୁ ଯେଉଁ ଧୂପବତି ଦେଉ ସେଥିରେ ଘର ଭିତରର ବାୟୁ ପ୍ରଦୂଷିତ ହୁଏ । ତେଣୁ ପ୍ରାକୃତିକ ଧୂପବତି ଜାଳି ଆମେ ବାୟୁ ପ୍ରଦୂଷଣକୁ ବି ଅନେକ ମାତ୍ରାରେ ରୋକି ପାରିବା । ୨ୟରେ ମଶା ମାରିବା ପାଇଁ ମଶାଧୂପ ନ ଲଗାଇ ଏମାନଙ୍କ ବଂଶ ଲୋପ ପାଇଁ ଉପାୟ ବାହାର କରି ଆମେ ଏହାର ବ୍ୟବହାରକୁ କମାଇ ପାରିବା । ଶୋଇବା ବେଳେ ମଶାରି ବ୍ୟବହାର କରିବା । ୩ୟରେ କେହିକେହି ଘର ଭିତରେ ଧୂମପାନ କରିଥାନ୍ତି । ଏଭଳି ବଦଭ୍ୟାସରୁ ନିବୃତ୍ତ ରହିବା । ୪ର୍ଥରେ ଘରଗୁଡ଼ିକରେ ଥିବା ରେଫ୍ରିଜରେଟର୍ ଓ ଶୀତତାପ ନିୟନ୍ତ୍ରିତ ଯନ୍ତ୍ରରୁ କ୍ଲୋରୋଫ୍ଲୋର କାର୍ବନ ନାମକ ବିଷାକ୍ତ ଗ୍ୟାସ ନିର୍ଗତ ହୋଇଥାଏ । ଏହା କେବଳ ଘର ଭିତରର ବାୟୁକୁ ପ୍ରଦୂଷିତ କରି ନ ଥାଏ ବରଂ ଓଜୋନ ସ୍ତରକୁ ମଧ୍ୟ କ୍ଷତି ପହଞ୍ଚାଏ । ତେଣୁ ଏଗୁଡିକଠାରୁ ଯଥା ସମ୍ଭବ ଦୂରେଇ ରହିବା ଅବା ଆବଶ୍ୟକ ଅନୁଯାୟୀ ବ୍ୟବହାର କରିବା ।

ବୈପାରୀଗୁଡ଼ା, କୋରାପୁଟ
ମୋ: ୬୩୭୦୬୭୯୪୦୫

## ଏଇ ଭାରତରେ

ଚାକିରି ସହ ଚାଷ କରିବା କଷ୍ଟକର ହୋଇଥିଲେ ମଧ୍ୟ ସେଥିରେ ସଫଳ ହୋଇଛନ୍ତି କେରଳର ଇଞ୍ଜିନିୟର ପାର୍ବତୀ ମୋହନାନ୍ । ପାର୍ବତୀ ଫୁଲଚାଷ କରି ସେଥିରୁ ମାସକୁ ୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ତାଙ୍କ ନିକଟକୁ ଦିନକୁ ୧୦୦ ପର୍ଯ୍ୟନ୍ତ ଅର୍ଡର ଆସୁଛି । ପାର୍ବତୀଙ୍କ ଘର ଆଲପୁଝା ଜିଲା ମୁହାମ୍ମା ପଞ୍ଚାୟତରେ । ସେ ଅଧ ଏକର ଜମିରେ ପର୍ତ୍ତୁଲାକା ଫୁଲଚାଷ କରୁଛନ୍ତି । ବଡ଼ କଥା ହେଉଛି ସେ ଚାକିରିରୁ ସମୟ ବାହାର କରି ଏହି ଚାଷ ଜାରି ରଖିଛନ୍ତି । ପାର୍ବତୀ କୋଚିରେ ଏକ ଆଇଟି କମ୍ପାନୀରେ ସଫ୍ଟୱେର ଟେଷ୍ଟର ଭାବେ କାମ କରୁଛନ୍ତି । ସେ ସପ୍ତାହାନ୍ତରେ ଘରକୁ ଆସି ଫଳ ବଗିଚାର ଯତ୍ନ ନେବା ସହ ବ୍ୟବସାୟ ସମ୍ପର୍କରେ ବୁଝନ୍ତି । ସେ ପ୍ରଥମେ ବଗିଚାରେ ୩୦ ପ୍ରକାର ପର୍ତ୍ତୁଲାକା ଫୁଲଚାଷ କରୁଥିଲେ । ଏବେ ୩୦୦୦ କିସମର ଫୁଲଚାଷ କରୁଛନ୍ତି । ଏହାକୁ ସେ ଭାରତର ବିଭିନ୍ନ ସ୍ଥାନରୁ ସଂଗ୍ରହ କରିଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୨ ଡିସେମ୍ବର ୧୯୭୫

- ଜାତିସଂଘ ପକ୍ଷରୁ ରାଜ୍ୟର ଉପକୂଳବର୍ତ୍ତୀ ସମୁଦ୍ର ଗର୍ଭରେ ମତ୍ସ୍ୟସମ୍ପଦର ଅନୁଧ୍ୟାନ ।
- ବନାରସୀ ଦାସଗୁପ୍ତଙ୍କ ହରିଆନାର ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ ।
- ଡକ୍ଟର ତୁଳସୀ ଗିରି ନେପାଳର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତ ହୋଇଥିବାର ନେପାଳ ରେଡିଓ ସୂତ୍ରରୁ ପ୍ରକାଶ ।

## ଚିରନ୍ତନୀ

ଓଢ଼ଣା ତଳରୁ ଚାହିଁବା ସେ ତ
ଅଧିକ ପାପ
ଧରାପଡ଼େ ତହୁଁ ଗୋପନ ସବୁ
ମନର ମାପ ।
–(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜୈବବିବିଧତାର ସୁରକ୍ଷା ହେଉ

ମହାଶୟ,

ଦେଶର ଅର୍ଥନୈତିକ ବିକାଶ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଜଙ୍ଗଲର ଯଥେଷ୍ଟ ଭୂମିକା ରହିଛି । କିନ୍ତୁ ମନୁଷ୍ୟ ପ୍ରଗତି ଓ ଶିଳ୍ପାୟନ ନାମରେ ଉଭୟ ପରିବେଶ ଓ ପ୍ରକୃତିକୁ ଧ୍ୱଂସ କରିଚାଲିଛି । ମଣିଷର ଏହି ଅପରିଣାମଦର୍ଶିତା ପାଇଁ ଧ୍ୱଂସପାଉଛି ହଜାର ହଜାର ହେକ୍ଟର ସବୁଜ ବନାନୀ । ଋତୁଚକ୍ରରେ ବିଭ୍ରାଟ ଆସିବାରୁ ଜଙ୍ଗଲ ଏବଂ ଏହାର ଚତୁଃପାର୍ଶ୍ୱରେ ଦେଖାଯାଇଥିବା ବାଘ, ସିଂହ, ହାତୀ, କୁଟୁରା, ବାରହା, ଶମ୍ବର, ହରିଣ, ଗୟଳ, ବାଦୁଡ଼ି, ଶାଗୁଣା, ମୟୂର, ହଳଦୀବସନ୍ତ, ବାୟା ଚଢେଇ, ପେଚା, ଘରଚଟିଆ ଇତ୍ୟାଦିଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇଚାଲିଛି । ବର୍ଦ୍ଧିତ ସହରୀକରଣ, ଦ୍ରୁତ ଶିଳ୍ପାୟନ ଏବଂ କୃଷିର ପ୍ରସାର ତଥା ଭିତ୍ତିଭୂମି ବିକାଶ ଉଦ୍ଦେଶ୍ୟରେ ଭୂମିର ରୂପାନ୍ତରଣ ଏବେ ୫୩%ରେ ପହଞ୍ଚିଥିବାରୁ ଏସବୁ ପ୍ରକ୍ରିୟାରେ ପ୍ରାକୃତିକ ବାସସ୍ଥଳୀ ନଷ୍ଟ ହେବା ଏବଂ ପରିସଂସ୍ଥା ବିଖଣ୍ଡିତ ହେବା ଜୈବବିବିଧତା ପାଇଁ ବିପଦ ପାଲଟିଛି । ପରିବେଶ ଅବକ୍ଷୟକୁ ରୋକିବାକୁ ହେଲେ ଆମକୁ ଜୈବିକ କୃଷିକୁ ଆପଣେଇବାକୁ ପଡ଼ିବ । ପଞ୍ଚାୟତସ୍ତରଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବନୀକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କଲେ ଜୈବବିବିଧତାର ସୁରକ୍ଷା ସହ ଏକ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ । ଏଥିପାଇଁ ଜନସଚେତନତାର ମଧ୍ୟ ଆବଶ୍ୟକତା ରହିଛି ।

–କମଳଲୋଚନ ପଣ୍ଡା, ନୀଳଗିରି, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ନୂଆଦିଲ୍ଲୀର ରାମଲୀଳା ମୈଦାନରେ ରବିବାର ଚାଲିଥିବା କଂଗ୍ରେସର ସମ୍ବିଧାନ ସୁରକ୍ଷା ସଭାରେ ଦଳୀୟ ସମର୍ଥକମାନେ ହାତରେ ଇଭିଏମ୍ ବିରୋଧୀ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଦିଲ୍ଲୀରେ ଆପ୍-କଂଗ୍ରେସ ମେଣ୍ଟ ହେବ ନାହିଁ: କେଜ୍‌ରିୱାଲ

ନୂଆଦିଲ୍ଲୀ, ୧।୧୨

ଆସନ୍ତା ଫେବୃଆରୀରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନକୁ ନେଇ ଆମ ଆଦ୍‌ମୀ ପାର୍ଟି(ଆପ୍)ର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍‌ରିୱାଲ ରବିବାର ଏକ ବଡ଼ ଘୋଷଣା କରିଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ୍ କୌଣସି ମେଣ୍ଟ ନ କରି ଏକାକୀ ସମସ୍ତ ୭୦ ଆସନରେ ଲଢ଼ିବ ବୋଲି ସେ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି। ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଏହି ବୟାନ ଆସିବା ପରେ ଇଣ୍ଡିଆ ବ୍ଲକ୍‌କୁ ଝଟକା ଲାଗିଛି। ଏହାସହ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ୍, ଭାଜପା ଏବଂ କଂଗ୍ରେସ ମଧ୍ୟରେ ତ୍ରିକୋଣୀୟ ମୁକାବିଲା ହେବା ନେଇ ସ୍ପଷ୍ଟ ହୋଇଛି।

## ଦିଲ୍ଲୀରେ ଭୁଶୁଡ଼ିଛି ଆଇନ ଶୃଙ୍ଖଳା ସ୍ଥିତି

ତେବେ କେଜ୍‌ରିୱାଲ ଏହି ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ରାଜଧାନୀରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଦର୍ଶାଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ଗତ ୩୫ ଦିନ ମଧ୍ୟରେ ତାଙ୍କ ଉପରକୁ ୩ ଥର ଆକ୍ରମଣ ହୋଇଛି। ବାରମ୍ବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଏ ବିଷୟରେ ଜଣାଇଥିଲେ ମଧ୍ୟ ଫଳ ଶୂନ ବୋଲି କେଜ୍‌ରିୱାଲ କହିଛନ୍ତି।

# ଆଇନ ମନ୍ତ୍ରୀ ପଦମର୍ଯ୍ୟାଦା କ୍ଷୁଣ୍ଣ କରୁଛନ୍ତି: କଂଗ୍ରେସ


କଂଗ୍ରେସ ଭବନଠାରେ ରବିବାର ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତାମାନେ।

ଭୁବନେଶ୍ୱର, ୧।୧୨(ସୁନିତ୍ ମିଶ୍ର)

ଓଡ଼ିଶାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିଜର ପଦମର୍ଯ୍ୟାଦା କ୍ଷୁଣ୍ଣ କରୁଛନ୍ତି। ସେ ଆଚରଣ ଓ ଉଚ୍ଚାରଣ ସିଦ୍ଧ ନୁହନ୍ତି। ଶନିବାର ପ୍ରଦେଶ ଯୁବ କଂଗ୍ରେସ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଓ ସାଧାରଣ ସମସ୍ୟା ପ୍ରସଙ୍ଗରେ ଗଣତାନ୍ତ୍ରିକ ପଦ୍ଧତିରେ ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ବେଳେ ଭାଜପାର ନିର୍ବାଚନ ପ୍ରତିଶ୍ରୁତି ଏବଂ ତାହାକୁ ପାଳନ କରିବାରେ ସରକାରର ବିଫଳତା ବିଷୟ ଦୃଷ୍ଟି ଆକର୍ଷଣ କରିବା ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଠାରେ ଯେଉଁ ଡିଜି-ଆଇଜି ସମ୍ମିଳନୀ ଚାଲିଥିଲା, ସେ ସମ୍ପର୍କରେ ଯୁବ କଂଗ୍ରେସ କୌଣସି ମନ୍ତବ୍ୟ ଦେଇନାହିଁ। କିନ୍ତୁ ନିର୍ବାଚନ ସମୟରେ ହାତୀ ଦେବି, ଘୋଡ଼ା ଦେବି କହି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇ ଭୋଟ ହାତେଇଥିବା ଭାଜପା ଓ ପ୍ରଧାନମନ୍ତ୍ରୀ ରାଜ୍ୟରେ ସରକାର ହେବାର ୬ ମାସ ପରେ ପ୍ରଦତ୍ତ ପ୍ରତିଶ୍ରୁତି ପାଳନ କରିପାରି ନାହାନ୍ତି ବୋଲି ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି।

କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନୱାଜ କହିଛନ୍ତି, ମୋଦି-ଶାହାଙ୍କ ଗସ୍ତକୁ ଯୁବ କଂଗ୍ରେସ ବିରୋଧ କରିଥିଲା। କଂଗ୍ରେସକୁ ଆଇନ ମନ୍ତ୍ରୀ ଯେଉଁଭଳି ଢଙ୍ଗରେ ସମାଲୋଚନା କରିଛନ୍ତି, ସେଥିରୁ ତାଙ୍କର ଆଚରଣ ଓ ଉଚ୍ଚାରଣରେ କେତେ ଶାଳୀନତା ରହିଛି ତାହା ସ୍ପଷ୍ଟ ବାରି ହୋଇପଡୁଛି। ମନ୍ତ୍ରୀ ହରିଚନ୍ଦନ ଯୁବ କଂଗ୍ରେସର ଅଭିଯୋଗଗୁଡ଼ିକୁ ଏଡ଼ାଇ ଯାଇ ତାଙ୍କ ବକ୍ତବ୍ୟରେ କିଛି ଅପ୍ରସଙ୍ଗ କଥା କହିଛନ୍ତି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଓଡ଼ିଶାର ଲୋକେ ଆମ୍ବଟାକୁଆ ଖାଇ ମୃତ୍ୟୁବରଣ କରୁଥିବା ବେଳେ ମନ୍ତ୍ରୀ ବିକାଶର ଡେଙ୍ଗୁରା ପିଟୁଛନ୍ତି। କଂଗ୍ରେସ ବିକାଶକୁ ବିରୋଧ କରୁନାହିଁ, ମାତ୍ର ଭାଜପାକୃତ ବିନାଶକୁ ଦୃଢ଼ ବିରୋଧ କରୁଛି ବୋଲି ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରଣଜିତ ପାତ୍ର, ମନୋଜ ବିଶ୍ୱାଳ, ସୁଦୀପ ସାମଲ ଓ ନୀହାର ବେହେରା ଉପସ୍ଥିତ ଥିଲେ।

# ଭାଜପାର ମୁଖ୍ୟମନ୍ତ୍ରୀ ନିଷ୍ପତ୍ତିକୁ ସମର୍ଥନ କରିବି: ଶିନ୍ଦେ

ମୁମ୍ବାଇ, ୧।୧୨(ପି.ଟି.)

ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀ ସମ୍ପର୍କରେ ଭାଜପା ନିଷ୍ପତ୍ତି ନେବ ଏବଂ ସେ ଏହାକୁ ପୂର୍ଣ୍ଣ ସମର୍ଥନ କରିବେ ବୋଲି ବିଦାୟୀ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ରବିବାର ପ୍ରତିଶ୍ରୁତି ଦେଇଛନ୍ତି। ସରକାର ଗଠନ ନେଇ ମହାଯୁତି ମେଣ୍ଟରେ କୌଣସି ମତପାର୍ଥକ୍ୟ ନ ଥିବା ସେ ସ୍ପଷ୍ଟ କରିଦେଇଛନ୍ତି। ଶିନ୍ଦେଙ୍କ ପୁଅ ଶ୍ରୀକାନ୍ତ ଶିନ୍ଦେ ଉପମୁଖ୍ୟମନ୍ତ୍ରୀ ହେବା ସହ ଶିବସେନା ଗୃହ ବିଭାଗ ରଖିବା ନେଇ ହେଉଥିବା କଳ୍ପନାଜଳ୍ପନା ସମ୍ପର୍କରେ କାମଚଳା ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର


ଏକନାଥ ଶିନ୍ଦେ

ଗଠନ ସମ୍ପର୍କରେ ମହାଯୁତିର ସହଯୋଗୀ ଦଳ ଭାଜପା, ଏନ୍‌ସିପି ଏବଂ ଶିବସେନା

## ମହାଯୁତିରେ ମତଭେଦ ନାହିଁ

ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେବେ।

୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପା ୧୩୨ ଆସନ ଜିତିଥିବାବେଳେ ଶିନ୍ଦେଙ୍କ ଶିବସେନା ଏବଂ ଅଜିତ ପାୱାରଙ୍କ ଏନ୍‌ସିପିକୁ ଯଥାକ୍ରମେ ୫୭ ଏବଂ ୪୧ ଆସନ ମିଳିଛି। ମହାଯୁତି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ସତ୍ତ୍ୱେ ସପ୍ତାହେରୁ ଊର୍ଦ୍ଧ୍ୱ ହେଲାଣି ନୂଆ ସରକାର ଗଢ଼ାଯାଇ ପାରିନାହିଁ। ଶିବସେନା ଏବଂ ଏନ୍‌ସିପି ସେମାନଙ୍କ ବିଧାୟକ ଦଳ ନେତା ବାଛିଥିବାବେଳେ ଭାଜପା ଏପର୍ଯ୍ୟନ୍ତ ନେତା ତଥା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବାଛିନାହିଁ। ତେବେ ଆସନ୍ତା ୫ ତାରିଖରେ ମୁମ୍ବାଇର ଆଜାଦ ମଇଦାନରେ ନୂଆ ସରକାର ଶପଥଗ୍ରହଣ କରିବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହିବେ ବୋଲି ରାଜ୍ୟ ଭାଜପା ପକ୍ଷରୁ ଶନିବାର ଘୋଷଣା କରାଯାଇଥିଲା। ପୂର୍ବରୁ ଦୁଇଥର ମୁଖ୍ୟମନ୍ତ୍ରୀ ଏବଂ ଶିନ୍ଦେଙ୍କ ସରକାରରେ ଉପମୁଖ୍ୟମନ୍ତ୍ରୀ ହୋଇଥିବା ଭାଜପା ନେତା ଦେବେନ୍ଦ୍ର ଫଡ୍‌ନବିସ୍ ମୁଖ୍ୟମନ୍ତ୍ରୀ ପଦବୀ ଦୌଡ଼ରେ ଆଗରେ ରହିଛନ୍ତି। ୩ କିମ୍ବା ୪ ତାରିଖରେ ଭାଜପା ବିଧାୟକ ଦଳ ବୈଠକ ବସିବ ବୋଲି ଏହାର ଜଣେ ବରିଷ୍ଠ ନେତା କହିଛନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ ସରକାର ଗଠନ ନେଇ ଆଲୋଚନା କରିବା ପରେ ଶିନ୍ଦେ ହଠାତ୍ ତାଙ୍କ ଗାଁକୁ ଚାଲିଯିବାରୁ ସେ ସରକାର ଗଠନ ନିଷ୍ପତ୍ତି ନେଇ ଖୁସି ନ ଥିବା ଚର୍ଚ୍ଚା ହୋଇଥିଲା। ତେବେ ତାଙ୍କୁ ଜ୍ୱର ହୋଇଥିଲା ବୋଲି ମୁମ୍ବାଇ ଫେରିବା ପୂର୍ବରୁ ଶିନ୍ଦେ ରବିବାର ଗଣମାଧ୍ୟମକୁ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଟରେ ସରୁ କଣା
ମୋତେ ରୁଚୁନାହିଁ ନବାତ ପଣା
ଦୂରୁଯାଏ ତୁଣ୍ଡ ଶୁଣା।**

କିଏ ଆସୁଛନ୍ତି ଜାଣିବାକୁ କବାଟରେ ସରୁ ବା ଛୋଟିଆ କଣାଥାଏ। ବାହାରୁ କିଏ ଆସିବାର ଦେଖିଲେ ଦେହ ଖରାପ, ଖାଲି ପଣା ପିଇ ରହୁଥିବା ନେଇ ମିଛ ଅଭିନୟ। ହୁସିଆର ତଥା ଛଳନାମୟ ବ୍ୟକ୍ତିଙ୍କ ଏପରି ସିଆଣିଆ ମତିଗତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଳିଆ କୁକୁର କାନ
ଆଗେ କରିଥିଲ ଜୀବନ ଧନ
ଏବେ କଲ ହୀନିମାନ।**

ଯେତେବେଳେ ବୟସ ଥିଲା, ସ୍ୱାମୀ ବହୁତ ଭଲ ପାଉଥିଲା। ପାଖରୁ ମୋଟେ ଛାଡୁ ନ ଥିଲା, ଏବେ ଆଉ ପଚାରୁନି। ଫଳସ୍ୱରୂପ ସ୍ୱାମୀର ସ୍ନେହ ଶ୍ରଦ୍ଧା ହ୍ରାସ ପାଇବା ଦେଖି ସ୍ତ୍ରୀ ବିଚାରି ମନ ଊଣା କରିବସିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଦିଶାହୀନ କଂଗ୍ରେସ ଅଯଥା ପ୍ରଳାପ କରୁଛି: ଭାଜପା ଯୁବମୋର୍ଚ୍ଚା

ଭୁବନେଶ୍ୱର, ୧।୧୨(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଗାତର ୩ ଦିନ ଧରି ରାଜ୍ୟର ରାଜଧାନୀରେ ଉପସ୍ଥିତ ରହି ବିଭିନ୍ନ ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ସେ ତାଙ୍କ ଗସ୍ତ ଶେଷ କରି ରାଜ୍ୟରୁ ବାହୁଡ଼ିଛନ୍ତି। ସେ ଓଡ଼ିଶାରେ ୩ ଦିନ ପାଇଁ ରହିବା ଆମ ସମସ୍ତଙ୍କ ପାଇଁ ଏକ ଗୌରବର ବିଷୟ। ସ୍ୱାଧୀନତା ପରେ ରାଜ୍ୟରେ ପ୍ରଥମ ଥର ପାଇଁ ଡିଜିପି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କଠାରୁ ଆରମ୍ଭକରି ସମସ୍ତ ଡିଜି, ଆଇଜି ଓ ଉଚ୍ଚପଦସ୍ଥ ସୁରକ୍ଷା ଅଧିକାରୀମାନେ ଏଥିରେ ଯୋଗଦେଇ ଆଇନଶୃଙ୍ଖଳା ବିଷୟରେ ଆଲୋଚନା କରିଛନ୍ତି। ଏଥିସହ ସେମାନେ ଓଡ଼ିଶାର ପରମ୍ପରା ଓ ସଂସ୍କୃତିକୁ ପାଖରୁ ଦେଖିଛନ୍ତି। ମୁଖମନ୍ତ୍ରୀ ମୋହନ ଚରଣ ମାଝୀ ଏତେ ବଡ଼ ସମ୍ମିଳନୀକୁ ସଫଳ ଭାବେ ପରିଚାଳନା କରିବା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ବିଷୟ ହୋଇଥିବାବେଳେ ଦିଶାହୀନ କଂଗ୍ରେସ ଅଯଥା ପ୍ରଳାପ କରୁଛି। ଦେଶର ଯେବେ ବି ବିକାଶ ପ୍ରସଙ୍ଗ ଉଠିଛି ସେତେବେଳେ କଂଗ୍ରେସ ଦେଶକୁ ଅପମାନିତ କରିଛି ବୋଲି ଭାଜପା ରାଜ୍ୟ ଯୁବମୋର୍ଚ୍ଚା


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଓ ଅନ୍ୟମାନେ।

ସଭାପତି ଅଭିଳାଷ ପଣ୍ଡା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଳାଷ କହିଛନ୍ତି, ୫୦ ବର୍ଷ ପରେ ମଧ୍ୟ ନିଜକୁ ଯୁବନେତା ବୋଲି କହୁଥିବା କଂଗ୍ରେସର ଜଣେ ଶୀର୍ଷ ନେତା ସାରା ବିଶ୍ୱରେ ବୁଲିବୁଲି ଦେଶର ସଂସ୍କୃତି ଓ ଗରିମାକୁ ତଳେ ପକାଉଛନ୍ତି। ଦେଶର ମର୍ଯ୍ୟାଦା କ୍ଷୁଣ୍ଣ କରିବା ପାଇଁ ସର୍ବଦା ଉଦ୍ୟମ ଜାରି ରଖିଛନ୍ତି। ତାଙ୍କ ପଦାଙ୍କ ଅନୁସରଣ କରି ଯୁବ କଂଗ୍ରେସ ମଧ୍ୟ ସେଭଳି କାର୍ଯ୍ୟ କରୁଛି। ରାଜ୍ୟର ଏହି ଐତିହାସିକ କ୍ଷଣର ମର୍ଯ୍ୟାଦା କ୍ଷୁଣ୍ଣ କରିବା ପାଇଁ କଂଗ୍ରେସ ଦଳର କେତେଜଣ ଉଦ୍‌ଭ୍ରାନ୍ତ ଯୁବକ ଖବରଦାତା ସମ୍ମିଳନୀ ଡାକି ବିଭ୍ରାନ୍ତିକର ମନ୍ତବ୍ୟ ଦେଉଛନ୍ତି। ଅତୀତରେ କଂଗ୍ରେସର ଏହି ଯୁବକମାନେ ରାଜ୍ୟରେ ଅନେକ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଛନ୍ତି। ଅନେକଙ୍କ ବିରୋଧରେ ସଙ୍ଗିନ ଆପରାଧିକ ମାମଲା ରହିଥିବାବେଳେ ଆଇନଶୃଙ୍ଖଳା ଭଙ୍ଗ କରିଥିବା ଅଭିଯୋଗମାନ ରହିଛି। ସବୁବେଳେ ଅଶାନ୍ତି, ବିଶୃଙ୍ଖଳା ସୃଷ୍ଟି କରି ଆଇନଶୃଙ୍ଖଳାକୁ ହାତକୁ ନେଉଥିବା କଂଗ୍ରେସ ଯୁବ ସଙ୍ଗଠନର ଆଇନଶୃଙ୍ଖଳା ପରିସ୍ଥିତି ବିଷୟରେ କହିବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ ବୋଲି ସେ କହିଛନ୍ତି।

**ଚର୍ଚ୍ଚାରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ**

# ବିଡିଓଙ୍କୁ ରିପୋର୍ଟ ମାଗିଲା ଡିପିଏମ୍‌ୟୁ ଅଫିସ

ଭବାନୀପାଟଣା, ୧।୧୨
(ଉତ୍ତମ କୁମାର ଦାଶ)

ରାଜ୍ୟ ସଭା ଏମ୍‌ପି ତଥା କଟକ-ବାରବାଟୀର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକର ୨ଟି ପଞ୍ଚାୟତକୁ ୧ କୋଟି ଟଙ୍କା ଆର୍ଥିକ ଅନୁଦାନ ଦେଉଥିବା ଘଟଣା ଏବେ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଜୁନାଗଡ଼ ବ୍ଲକର ସନ୍ନ୍ୟାସୀ କୁଣ୍ଡାମାଲ ଓ ମାଲିଗୁଡା ପଞ୍ଚାୟତର ୧୦ଟି ପ୍ରକଳ୍ପ ପାଇଁ ଏହି ଆର୍ଥିକ ଅନୁଦାନ ଦେବାକୁ ସେ ଏକ ପତ୍ର ମାଧ୍ୟମରେ କଳାହାଣ୍ଡି ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଅଫିସ (ଡିପିଏମ୍‌ୟୁ)କୁ ଫିଜିବିଲିଟି (କାର୍ଯ୍ୟକାରିତା)

## ଜୁନାଗଡ଼ ବ୍ଲକର ୨ ପଞ୍ଚାୟତକୁ ୧ କୋଟି ଆର୍ଥିକ ଅନୁଦାନ

ରିପୋର୍ଟ ମାଗିଛନ୍ତି। ଡିପିଏମ୍‌ୟୁ ଏହି ପତ୍ରକୁ ଜୁନାଗଡ଼ ବିଡିଓଙ୍କୁ ପ୍ରେରଣ କରି ଆସନ୍ତା ୭ଦିନ ମଧ୍ୟରେ ଏହିସବୁ ପ୍ରକଳ୍ପର କାର୍ଯ୍ୟକାରିତା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିବା ପତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ସମସ୍ତ ୧୦ ପ୍ରକଳ୍ପ କଂକ୍ରିଟ ରାସ୍ତା (ସିସି ରୋଡ଼) ଥିବାବେଳେ ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

**OFFICE OF THE PRINCIPAL CUM SECRETARY
PANCHAYAT SAMITI DEGREE COLLEGE, TUREKELA**
AFFILIATED TO RAJENDRA UNIVERSITY
AT/PO - TUREKELA, DIST - BALANGIR (ODISHA) PIN - 767060
Email Id - psdegreecollege2018@gmail.com, Contact - 7873995924
ADVERTISEMENT FOR WALK-IN-INTERVIEW
Applications are invited from the eligible candidate for the following post to be engaged on Contractual basis at **Panchayat Samiti Degree College, Turekela, Dist - Balangir**. Interested candidates having requisite qualification should report at the Office of the undersigned with their CV with original and Xerox copies of all Educational Certificate and Mark sheet from H.S.C onwards and two passport size photograph duly self attested by them and attain interview at **10:00 A.M.** on **Dt - 15.12.2024 (Sunday)** in the College Premises.
**Recruitment Post and Qualification :**
1. Lecturer in Odia (2nd Post) - M.A in Odia with Aggregate 55% Mark.
2. Lecturer in Political Science (2nd Post) - M.A in Political Science with Aggregate 55% Mark.
3. Head Clerk P.G with COA (Course of Automation of Internet)
**N.B**
- No TA/DA will be paid for attending the said interview.
- The engagement will be purely temporary and may be terminated at any time without assigning any reason thereof.
- The Governing Body reserves the right of Appointment.
- Candidate must have attained the age of 21 and must not be above to 42.
**Sd./- Principal-Cum-Secretary**

GOVERNMENT OF ODISHA No.B-697
**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**
Mail ID : sepwdsbp@rediffmail.com
e-Procurement
BID IDENTIFICATION NO. CCENC (R AND B) / 17 / 2024-25
No. 4124 Dtd.28.11.2024

| | | | |
|---|---|---|---|
| 1 | The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system in **ONLINE MODE** for the construction of **Building Work** as detailed in the DTCN from the eligible class of contractors. | | |
| 2 | No. of works | : | **06 (SIX NOS) (Building Works)** |
| 3 | Tender Cost | : | **Rs. 10,000/-** |
| 4 | Class of contractor | : | **"B" Class and "A" Class** |
| 5 | Date & Time of available in website & receipt of Bids From **07.12.2024** to **17.00 Hours of 21.12.2024** | | |
| 6 | Date of opening of Technical Bid **23.12.2024 at 11.00 Hours** | | |
| 7 | The Bidders have to participate in ONLINE bidding only. Further details can be seen from the website www.tendersodisha.gov.in. | | |
| 8 | Any corrigendum / Addendum will be displayed in the website www.tendersodisha.gov.in. | | |

OIPR-34035/11/0019/2425
Sd./- Chief Construction Engineer
Northern (R&B) Circle, Sambalpur

GOVERNMENT OF ODISHA No.O-755
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, ANGUL
E-mail : sencrwangul@yahoo.co.in, Ph. : 06764-236404
No. 2906// Dt. 29.11.2024//
**e-Procurement Notice for Maintenance work in Odisha**
1. Name of the work : Maintenance works 2. Total No. of work : 07 Nos. 3. Estimated cost : Rs.93.17 Lakh to Rs. 154.55 Lakhs 4. Class of Contractor : 'B' & 'A' Class 5. Period of completion : 04 (Four) Calendar Months
6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Maintenance Online - AGL-16/2024-25 | 06.12.24 at 10.00 A.M. | 20.12.24 up to 5.00 P.M. | 19.12.24 up to 1.00 P.M. | 21.12.24 at 11.00 A.M. | Will be intimated later on |

For detailed Notice inviting Tenders, Please visit to the website www.tendersorissa.gov.in
OIPR-25180/11/0019/2425
Sd./- Chief Engineer,
Rural Works Circle, Angul

## ସଂକ୍ଷେପରେ

### ମାରଣାସ୍ତ୍ର ଦେଖାଇ ସୁନା ଅଳଙ୍କାର ଲୁଟ

ହରଭଙ୍ଗା,୧।୧୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଚାରିଛକ – କୁଶଙ୍ଗ ପୂର୍ତ୍ତ ରାସ୍ତାରେ ମାରଣାସ୍ତ୍ର ଦେଖାଇ ସୁନା ଅଳଙ୍କାର ଲୁଟ ହୋଇଛି। ହରଭଙ୍ଗା ଥାନା ଶଙ୍କୁରୀ ଗ୍ରାମର ଭରତ କଟା, ସ୍ତ୍ରୀ ଗୀତାଞ୍ଜଳି ଓ ତାଙ୍କର ଛୋଟ ଝିଅ ଶନିବାର ଶ୍ୱଶୁର ଘର ମେଣ୍ଡିମାଳ ଗ୍ରାମରୁ ବାଇକ ଯୋଗେ ଅପରାହ୍ନରେ ଘରକୁ ଫେରୁଥିଲେ। ଚାରିଛକ –କୁଶଙ୍ଗ ପୂର୍ତ୍ତ ରାସ୍ତାର ଖଇରଭୁଇଁ ପୋଲ ନିକଟରେ ୩ଜଣ ଯୁବକ ପଛରୁ ବାଇକକୁ ପିଛା କରି ଅଟକାଇଥିଲେ। ଗୀତାଞ୍ଜଳିଙ୍କ ବେକରେ ମାରଣାସ୍ତ୍ର ରଖି ବେକରୁ ସୁନାହାର, ମଙ୍ଗଳସୂତ୍ର, କାନଫୁଲ ନେଇ ବାଇକ୍ ଯୋଗେ ପୁଣି ଚାରିଛକ ଆଡକୁ ପଳାଇଥିଲେ। ଏନେଇ ହରଭଙ୍ଗା ଥାନାରେ ଅଭିଯୋଗ ହୋଇଛି। ଥାନା ଅଧିକାରୀ ନଳିନିକାନ୍ତ ଦାସଙ୍କୁ ପଚାରିବାରୁ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା କହିଛନ୍ତି।

### ବିନିକା ଉଚ୍ଚ ବିଦ୍ୟାଳୟରେ କୁଇଜ ପ୍ରତିଯୋଗିତା

ବିନିକା,୧।୧୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟଠାରେ ରବିବାର ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ସମ୍ବନ୍ଧୀୟ କୁଇଜ ପ୍ରତିଯୋଗିତା ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମହାକୁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ ବିଦ୍ୟାଳୟର ୧୬୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ସୂର୍ଯ୍ୟନାରାୟଣ ସାହୁ, ବିଘ୍ନେଶ୍ୱର ପଣ୍ଡା, ବିକାଶ କୁମାର ମହାପାତ୍ର, ଶିକ୍ଷୟିତ୍ରୀ ସ୍ମିତାରାଣୀ ଭୁଏ ଓ ଆକେଂଶା ସୁବୁଦ୍ଧି ପରୀକ୍ଷା ପରିଚାଳନା ଓ ମୂଲ୍ୟାୟନ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିଗ୍ରହଣ କରି ଓଏଭି ବିନିକା ସ୍କୁଲର କ୍ରିଶ୍ନେନ୍ଦୁ ତଣ୍ଡକାର ପ୍ରଥମ, ବିନିକା ସରକାରୀ ଉଚ୍ଚ ବିଦ୍ୟାଳୟର ଆଦିତ୍ୟ କୁମାର ବରେଇ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରାଧାରମଣ ଉଚ୍ଚ ବିଦ୍ୟାଳୟ ଅନ୍ତର୍ଡାର ପ୍ରୀତି ସୁନା ଜିଲାସ୍ତରକୁ ମନୋନୀତ ହୋଇଛନ୍ତି।

### ରକ୍ତଦାନ ଶିବିର, ୫୨ ୟୁନିଟ୍ ସଂଗ୍ରହ

ବଘିଆପଡା, ୧।୧୨ (ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ବଘିଆପଡା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରାଥମିକ କେନ୍ଦ୍ରଠାରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି, ଆଇସିଟିସି, ଡିଏସ୍ଆରସିର ମିଳିତି ଉଦ୍ୟମରେ ହୋଇଥିବା ଏହି ଶିବିରରେ ୫୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ଡାକ୍ତର ଶିବ କଲ୍ୟାଣ ସୁମନ ପ୍ରଧାନ ଯୋଗଦେଇଥିଲେ।

# ନୂଆ ଆକ୍ରାନ୍ତ ସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱ

ସୋନପୁର,୧।୧୨(ମୃତ୍ୟୁଞ୍ଜୟ ଶତପଥୀ)

## ସୁବର୍ଣ୍ଣପୁରରେ ବିଶ୍ୱ ଏଡ୍ସ ଦିବସ ପାଳିତ

ଓଡ଼ିଶାର ଅନ୍ୟ ଜିଲା ତୁଳନାରେ ସୁବର୍ଣ୍ଣପୁର ଜିଲାରେ କମ୍ ସଂଖ୍ୟକ ଏଡ୍ସ ରୋଗୀ ଅଛନ୍ତି। ଜିଲାରେ ୧୫୦ରୋଗୀ ଥିବା ବେଳେ ଆଉ ବିଶେଷ ରୋଗୀ ଚିହ୍ନଟ ହେଉନାହାନ୍ତି। ସଚେତନତା ଅଭିଯାନ ଜାରି ରହିଲେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇବ। ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ତାଲିମ ସଭାଗୃହଠାରେ ରବିବାର ଆୟୋଜିତ ଜିଲାସ୍ତରୀୟ ବିଶ୍ୱ ଏଡ୍ସ ଦିବସ ପାଳନ ଅବସରରେ ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି।

ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ ସଚେତନତା ସଭାରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏଚ୍ଆଇଭି ଏଡ୍ସକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ଆଣିବା ଏହି ଦିବସର ମୂଳଲକ୍ଷ୍ୟ। ସଠିକ୍ ମାର୍ଗ ଆପଣାନ୍ତୁ : ମୋ ସ୍ୱାସ୍ଥ୍ୟ, ମୋ ଅଧିକାର ଚଳିତ ବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ ବୋଲି ପ୍ରଧାନ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର



ଦିବସ ପାଳନ ଅବସରରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ପ୍ରଦୀପ କୁମାର ଗୁରୁ କହିଥିଲେ, ଏହି ରୋଗରେ ପୀଡିତଙ୍କୁ ମାଗଣା ଚିକିତ୍ସା ସହାୟତା ସହ ପରାମର୍ଶ ଦେବା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନା, ଉପଖଣ୍ଡ ଓ ସମସ୍ତ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ସୁରକ୍ଷା କ୍ଲିନିକ୍ ସହ ସମନ୍ୱିତ ପରାମର୍ଶ ଓ ରକ୍ତ ପରୀକ୍ଷା କେନ୍ଦ୍ର ଖୋଲାଯାଇଛି। ୧୫୦ ଜଣ ସାଧାରଣ ବ୍ୟକ୍ତି ଓ ୧୯ ଗର୍ଭବତୀକୁ ନିୟମିତ ଚିକିତ୍ସା ସବା ସହ ଔଷଧ ପ୍ରଦାନ କରାଯାଉଛି। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟନାରାୟଣ ପାଢୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଏଚ୍ଆଇଭି ଭୂତାଣୁର ସଂକ୍ରମଣ ଯୋଗୁ ହେଉଥିବା ଏଡ୍ସ ରୋଗର ଭୟାନକ ପରିଣତି ସମ୍ପର୍କରେ ଆଲୋଚନା କରିଥିଲେ। ସୋନପୁର କଲେଜର ଅଧ୍ୟାପକ ତଥା ଯୁବ ରେଡକ୍ରସର ଜିଲା ସଂଯୋଜକ ଉମାକାନ୍ତ ନାଗ, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡାକ୍ତର ଦୁର୍ଗାଦତ୍ତ ଦାଶ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭିବିଡି) ଡାକ୍ତର ଗୋପାଳ ଚନ୍ଦ୍ର ମଲ୍ଲିକ ଓ ଭାରପ୍ରାପ୍ତ ଡିଆଇପିଆରଓ ଅର୍ଜୁନ ଚରଣ ମାଝି ଯୋଗଦେଇ ଜନସାଧାରଣ ନିଜକୁ ଓ ଅନ୍ୟମାନଙ୍କୁ ଏଚ୍ଆଇଭି ସଂକ୍ରମଣ, ନିରାକରଣ, ପରୀକ୍ଷଣ, ଚିକିତ୍ସା, ସଂକ୍ରମିତ ଲୋକେ ସମ୍ମୁଖୀନ ହେଉଥିବା ସାମାଜିକ ଭେଦଭାବ ବାବଦରେ ସଚେତନ କରିବା ପାଇଁ ଏହି ଦିବସ ପାଳନ ଏକ ସୁଯୋଗ ବୋଲି କହିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ସକାଳେ ଦିବସ ପାଳନ ଅବସରରେ ଏକ ସଚେତନତା ରାଲି ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା। ଏଥିରେ ଆଶାକର୍ମୀ, ନର୍ସିଂସ୍କୁଲ ଛାତ୍ରୀ, କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ଆୟୋଜନରେ ସୁଧାଂଶୁ ନାୟକ, ସନ୍ତୋଷ କୁମାର ସାହୁ, ଜ୍ଞାନରଞ୍ଜନ ସାହୁ, ମିନାକ୍ଷୀ ସ୍ୱାଇଁ, ଜ୍ଞାନଜିତ୍ ଶତପଥୀ, ସମୀର ସାହୁ, ସନ୍ତୋଷ ପଧାନ, ବିନୟ ସାହୁ, ସଞ୍ଜୟ ପଣ୍ଡା ଓ ନାରାୟଣ ରଥ ପ୍ରମୁଖ ସହଯୋଗ କରିଥିଲେ।

# ବିଶ୍ୱ ଏଡ୍ସ ଦିବସରେ ସଚେତନତା ପଦଯାତ୍ରା



ବିଶ୍ୱ ଏଡ୍ସ ଦିବସ ପାଳନ ଅବସରରେ ସଚେତନତା ପଦଯାତ୍ରା।

ବାଉଁଶୁଣୀ,୧।୧୨(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ମା' ମାହେଶ୍ୱରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଏବର୍ଷର ଏଡ୍ସ ଦିବସର ଆହ୍ୱାନ ହେଲା ଉଚିତ ମାର୍ଗ ଅନୁସରଣ କର, ମୋ ସ୍ୱାସ୍ଥ୍ୟ, ମୋ ଅଧିକାର। ଏହି ଆହ୍ୱାନକୁ ସାକାର କରିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଏକ ପଦଯାତ୍ରା କରାଯାଇଥିଲା। ଏଥିରେ ଏନ୍ଏସ୍ଏସ୍ କୋ-ୟୁନିଟ, ଯୁବ ରେଡକ୍ରସ ଓ ବିଦ୍ୟାଳୟର ଅନ୍ୟ ସମସ୍ତ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ପଦଯାତ୍ରା ବିଦ୍ୟାଳୟରୁ ବାହାରି ବାଉଁଶୁଣୀ ବଜାର ପରିକ୍ରମା କରିବା ସହ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏନ୍ଏସ୍ଏସ୍‌ର ପ୍ରୋଗ୍ରାମ ଅଫିସର ଡ.ଉମାକାନ୍ତ ବିଶ୍ୱାଳ, ଯୁବ ରେଡ୍‌କ୍ରସର କାଉନସିଲର ରମେଶ ଚନ୍ଦ୍ର ମେହେର କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ।

# ନାଗରିକଙ୍କ ମୌଳିକ ଅଧିକାର ଅକ୍ଷୁଣ୍ଣ ରହୁ



ଜିଲାପାଳ ଅନ୍ୟା ଦାସ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ସୋନପୁର,୧।୧୨(ମୃତ୍ୟୁଞ୍ଜୟ ଶତପଥୀ)

## ଅଧିବକ୍ତା ପରିଷଦ ପକ୍ଷରୁ ସମ୍ବିଧାନ ଦିବସ ପାଳିତ

ଅଖିଳ ଭାରତୀୟ ଅଧିଭକ୍ତା ପରିଷଦ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ୭୫ ତମ ସମ୍ବିଧାନ ଦିବସ ରବିବାର ପାଳିତ ହୋଇଯାଇଛି। ସୁବର୍ଣ୍ଣପୁର କୃଷି ବିଜ୍ଞାନ କେନ୍ଦ୍ର ସଭା ଗୃହରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରିଷଦର ଜିଲା ସଭାପତି ପ୍ରଫୁଲ୍ଲ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲାପାଳ ଅନ୍ୟା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଆମ ଦେଶ ହେଉଛି ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ଆମ ଦେଶର ସମ୍ବିଧାନ ବିଶ୍ୱର ସର୍ବବୃହତ ଲିଖିତ ସମ୍ବିଧାନ। ଏହା ହେଉଛି ବିଶ୍ୱର ସର୍ବଶ୍ରେଷ୍ଠ। ତେଣୁ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ନାଗରିକଙ୍କ ମୌଳିକ ଅଧିକାର ଅକ୍ଷୁର୍ଣ୍ଣ ରହିବା ଉଚିତ। ଏ କ୍ଷେତ୍ରରେ ଆଇନଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲାପାଳ ମତପ୍ରକାଶ କରିଥିଲେ।

ମୁଖ୍ୟବକ୍ତାଭାବେ ଅଧିଭକ୍ତା ପରିଷଦର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଫୁଲବାଣୀର ବରିଷ୍ଠ ଆଇନଜୀବୀ ଭି ଭି ରାମଦାଶ ଯୋଗଦାନ କରି ସମ୍ବିଧାନ ଭାରତର ଗଣତନ୍ତ୍ର ପାଇଁ ସର୍ବୋଚ୍ଚ ଶାସନ ଦଲିଲ ଭାବରେ କାର୍ଯ୍ୟକରେ। ଏଥିରେ ଦେଶର ନାଗରିକଙ୍କ ପାଇଁ ରହିଥିବା ବିଧି ବ୍ୟବସ୍ଥା ଉପରେ ସେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ଯୋଗଦେଇ ସମ୍ବିଧାନ ଦିବସ ପାଳନର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଅଧିବକ୍ତା ପରିଷଦର ଜିଲା ସମ୍ପାଦକ ବଳଦେବ ପ୍ରଧାନ ସଭାକୁ ପରିଚାଳନା କରିବା ସହ ସମ୍ବିଧାନ ସମ୍ପର୍କରେ ଅଧିକରୁ ଅଧିକ ଆଲୋଚନା ପର୍ଯ୍ୟାଲୋଚନା ସମ୍ପର୍କରେ ନିଜର ମତ ରଖିଥିଲେ। ଆଇନଜୀବୀ ରଶ୍ମିରଞ୍ଜନ ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶ୍ରୀକାନ୍ତ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। ଆଇନଜୀବୀ ଭଗବତୀ ପ୍ରସାଦ ମିଶ୍ର, ଦଶରଥ ମିଶ୍ର, ହେମନ୍ତ ସା, ବିପିନ ବିହାରୀ ବିଦ୍ୟାଧର, ଗଦାଧର ନେଗୀ, ପ୍ରତିପ୍ରଜ୍ଞା ପୁରୋହିତ, ଶମ୍ଭୁପ୍ରସାଦ ବିଶି, ବିବେକାନନ୍ଦ ମିଶ୍ର, ଅଜିତ ହୋତା, ପର୍ଶୁରାମ ମିଶ୍ର, ତପନ ଜୁଆଡି, ହିମାଂଶୁ ଭୋଇ, ମଧୁମିତା ପରମଗୁରୁ ଓ ସବିତା ପଣ୍ଡାଙ୍କ ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ଉପସ୍ଥିତ ଥିଲେ।

### ଅଟଳବିହାରୀ ପଣ୍ଡାଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

ବିନିକା,୧।୧୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଟାଉନ ହଲରେ ବିଶିଷ୍ଟ କଳାକାର ସ୍ୱର୍ଗତ ଅଟଳ ବିହାରୀ ପଣ୍ଡାଙ୍କ ଜନ୍ମବାର୍ଷିକୀରେ ସ୍ୱେଚ୍ଛାକୃତ ରକ୍ତଦାନ ଓ ଚକ୍ଷୁ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହେଇଯାଇଛି। ଆର ବିଶ୍ୱ ଏଡ଼ସ ଦିବସ ଉଧେ ସଙ୍ଗଠନ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ବିନିକା ବାର ଆସୋସିଏଶନ ସଭାପତି ସୁଧାଂଶୁ ଶେଖର ଦାଶ, ୟୁଥ ଆଇକୋନ ପ୍ରଶାନ୍ତ ବାବୁ, ଜନତା ଗ୍ୟାରେଜ ଫାଉଣ୍ଡର ଭୀମସେନ ସାହୁ ଉଦ୍‌ଘାଟନ କରିଥିଲେ। ଅରବିନ୍ଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ୩୨ୟୁନିଟ ରକ୍ତ ସଂଗ୍ରହ ହେଇଥିବାବେଳେ ୫୦ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ଅଧିକ ଚିକିତ୍ସା ଓ ଅସ୍ତ୍ରୋପଚାର ପାଇଁ ୧୦ଜଣଙ୍କୁ ମୁଖ୍ୟ ହସ୍ପିଟାଲ ପଣ୍ଡାପାଲି ପଠାଯାଇଛି। ଶିବିର ପରିଚାଳନାରେ ପଶ୍ଚିମ ଓଡିଶା ଯୁବମଞ୍ଚ ସଭାପତି ଅଜିତ କୁମାର ପତି, ସୁମନ୍ତ ଶତପଥୀ, ଯତୀନ୍ଦ୍ର ନାୟକ, ଶିବଶଙ୍କର ପଣ୍ଡା, ସନ୍ତୋଷ ମେହେର, ନିରାକାର ମେହେର, ଅଭିଲାଷ ମିଶ୍ର, ଦେବାଶିଷ ଶିକ୍ଷାବିତ୍ ହିମାଂଶୁଭୂଷଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ରକ୍ତ ସଂଗ୍ରହରେ ଭିମସାର ରକ୍ତ ଭଣ୍ଡାର ଅଧିକାରୀ ଦେବାଶିଷ ମିଶ୍ର, କାଉନସେଲର ମଣ୍ଟୁ ପଧାନ, ଡା ଶାଶ୍ୱତ ଶୁଭମ ନାୟକ, ମହାନଦୀ ନେତ୍ର ଚିକିତ୍ସାଳୟରୁ ଚକ୍ଷୁ ଶିବିର ପାଇଁ ଡା ମନୋଜ କୁମାର ସାହୁ, ଡିଷ୍ଟ୍ରିକ କୋଅର୍ଡିନେଟର ଧର୍ମରାଜ ନାଏକ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।

# ସମ୍ବଲପୁରୀ ନାଚଗୀତରେ ଦୁଲୁକିଲା ମଞ୍ଚ


ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ହରଭଙ୍ଗା,୧।୧୨(ନରେନ୍ଦ୍ର କୁମାର ସାହୁ)

## ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ତୃତୀୟ ସନ୍ଧ୍ୟା

## ପପୁ ପମ୍‌ପମ୍‌ଙ୍କ ହାସ୍ୟ କଥାରେ ଦର୍ଶକ ବିଭୋର

ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକର ପୁରୁଣାକଟକ ସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ନାମରେ ନାମିତ ହୋଇଥିବା ଚତୁର୍ଥ ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ରବିବାର ଥିଲା ତୃତୀୟ ସନ୍ଧ୍ୟା। କାର୍ଯ୍ୟକ୍ରମରେ ସ୍ୱାଗତ ସଙ୍ଗୀତ ପୁରୁଣାକଟକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ତୃତୀୟ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ଅଗ୍ରୱାଲ ଅଧକ୍ଷତା କରିଥିଲେ। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ପୂର୍ବତନ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରି ସିଂ, ସମାଜସେବୀ ରାଘବ ମଲିକ, ବରିଷ୍ଠ ଆଇନଜୀବୀ ନବ କୁମାର ମିଶ୍ର, କନ୍ଧମାଳ ଏମ୍‌ପି ପ୍ରତିନିଧି ଯୁଗଳ ସାମଲ, ପୁରୁଣାକଟକ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ ଯୋଗଦେଇ ମଞ୍ଚାସୀନ ଥିଲେ। ମଞ୍ଚକୁ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ରମେଶ ଚନ୍ଦ୍ର ତାରେଣିଆ ପରିଚାଳନା କରିଥିଲେ। ମହୋତ୍ସବର ସାଂସ୍କୃତିକ ସନ୍ଧ୍ୟାରେ ହାସ୍ୟ ଅଭିନେତା ପପୁ ପମ୍‌ପମ୍‌ଙ୍କ ହାସ୍ୟକଥା ଲୋକଙ୍କୁ ରାତି ପର୍ଯ୍ୟନ୍ତ ବିଭୋର କରିଥିଲା। ସମ୍ବଲପୁରୀ ନାଚଗୀତରେ ପୁରା ମଞ୍ଚ ଦୁଲୁକିପଡିଥିଲା। ଏହା ସହ ଦୁଲଦୁଲି କଳାପରିଷଦ ବଲାଙ୍ଗୀର ପକ୍ଷରୁ ଘୁଡୁକା ନୃତ୍ୟ, ବୌଦ୍ଧ ରୁଦ୍ର ଭୈରବୀ କ୍ଲବ ପକ୍ଷରୁ ବିହୁ ନୃତ୍ୟ, ପୁନମ ଏଣ୍ଡ ଗ୍ରୁପ ପକ୍ଷରୁ ସମ୍ବଲପୁରୀ, ରାମଗଡ ଉଚ୍ଚ ବିଦ୍ୟାଳୟ, କସ୍ତୁରବା ବାଳିକା ବିଦ୍ୟାଳୟ, ସରକାରୀ ବାଳିକା ବିଦ୍ୟାଳୟ ବଡବନ୍ଧ, ତିଳେଶ୍ୱର ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ସୁକାନ୍ତ କୁମାର ପଟ୍ଟନାୟକ, ଉପସଭାପତି ସରୋଜ ପ୍ରଧାନ, ସହସମ୍ପାଦକ ସୁବାସ ପ୍ରଧାନ, କୃଷ୍ଣ ସେଠୀ, ସାଙ୍ଗଠନିକ ସମ୍ପାଦକ ପ୍ରାଣବନ୍ଧୁ ପ୍ରଧାନ, ସତୀଶ ବେହେରା, କୈଳାସ ଅଗ୍ରୱାଲା, ମନୋଜ ପାଢୀ, ବିଜୟ କହଁର, ଅକ୍ରୁର ସେଠୀ, ଅମୂଲ୍ୟ ମିଶ୍ର, ବିକାଶ ମିଶ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି ମହୋତ୍ସବ ଆସନ୍ତା ୪ ତାରିଖରେ ଉଦ୍‌ଯାପିତ ହେବ। ମହୋତ୍ସବକୁ ସରସସୁନ୍ଦର ଆକର୍ଷଣୀୟ କରିବାକୁ ମୀନାବଜାର, ରାମଦୋଳି, ବାଣିଜ୍ୟ ମେଳା, ବିଭିନ୍ନ ସୁସ୍ୱାଦ୍ୟ ଖାଦ୍ୟ ଷ୍ଟଲ, ଘରକରଣା ସାମଗ୍ରୀର କିଣିବା ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକ ମଜା ନେଇଥିଲେ।

# 'ସଚେତନ ରହିଲେ ଏଡ୍ସକୁ ଦୂରେଇ ହେବ'

ବୌଦ୍ଧ,୧।୧୨(ଅଜିତ କୁମାର ବାରିକ)

## ବୌଦ୍ଧରେ ବିଶ୍ୱ ଏଡ୍ସ ଦିବସ ପାଳିତ

ରବିବାର ବୌଦ୍ଧରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏହାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଜୟକୃଷ୍ଣ ମିଶ୍ର ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଶୋଭାଯାତ୍ରା ସହର ପରିକ୍ରମା କରିଥିବା ବେଳେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ପୋଲିସ କର୍ମଚାରୀ ସାମିଲ ଥିଲେ। ସ୍ଥାନୀୟ ଏଏନ୍ଏମ୍ ତାଲିମ କେନ୍ଦ୍ରଠାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଧ୍ୟକ୍ଷତାରେ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ରେଡକ୍ରସ ସମ୍ପାଦକ ଅଧ୍ୟାପକ ପ୍ରବୀର ଦାସ, ଏଏନ୍ଏମ୍ ତାଲିମ କେନ୍ଦ୍ରର ଅଧ୍ୟକ୍ଷା ପ୍ରଜ୍ଞା ପରିମିତା ରଥ, ଡା. ରଞ୍ଜିତ ମିଶ୍ର, ବନୋଜ କୁମାର ପ୍ରଧାନ, ପ୍ରମୋଦ ମହାରଣା, ଗୀତାଞ୍ଜଳି ସାହୁ, ରଘୁନାଥ ସାହୁ ଯୋଗଦେଇ ସଚେତନ ରହିଲେ ଏଡ୍ସକୁ ଦୂରେଇ ହେବ ବୋଲି କହିଥିଲେ। ଏହି ଦିବସର ବାର୍ତ୍ତା ଅଧିକାରର ଠିକ ପଥ ଅନୁକରଣ କରିବା ଅତିଥିମାନେ ବୁଝାଇଥିଲେ। ତତ୍‌ସହିତ ଏହି ରୋଗରେ ପୀଡିତ ଥିବା ରୋଗୀଙ୍କ ଯେପରି ଅଧିକାର କ୍ଷୁର୍ଣ୍ଣ ନ ହେବ ଓ ତାଙ୍କୁ ସମାଜରେ ଉପଯୁକ୍ତ ସମ୍ମାନ ଓ ଅଧିକାର ମିଳିପାରିବ ସେଥିପ୍ରତି ଧ୍ୟାନ ଦେବା ସହିତ ସମାଜର ବିଭିନ୍ନ ଭ୍ରାନ୍ତ ଧାରଣା ଦୂର କରିବା ପାଇଁ ଶପଥ ନେଇଥିଲେ।



ଏଡ୍ସ ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଅମରପାଲି କ୍ରିକେଟ: ବହଳପଦର ଚାମ୍ପିୟନ

ଅମରପାଲି,୧।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ଭଗବାନ ସହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ କ୍ଲବ ଓ ଜେମସ୍ ଷ୍ଟାର କ୍ଲବର ମିଳିତ ଆନୁକୁଲ୍ୟରେ ଚାଲିଥିବା ୩୧ତମ ଅମରପାଲି କ୍ରିକେଟ କପ୍‌ର ଫାଇନାଲରେ ଡାହାଣିପାଲିକୁ ହରାଇ ବହଳପଦର ଚାମ୍ପିୟନ ହୋଇଛି। ପ୍ରଥମ ସେମି ଫାଇନାଲ ଗରଗଡବାହାଲ ଓ ଡାହାଣିପାଲି ମଧ୍ୟରେ ହୋଇଥିଲା। ଡାହାଣିପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୫ ଉଇକେଟ ହରାଇ ୧୦୧ ରନ କରିଥିଲା। ଜବାବରେ ଗରଗଡବାହାଲ ଦଳ ୧୦ ଓଭରଦ୍‌ରେ ୬ ଉଇକେଟ ହରାଇ ୭୪ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ସେମିଦ୍‌ଫାଇନାଲ ବହଳପଦର ଓ ଉଲୁଣ୍ଡା ମଧ୍ୟରେ ହୋଇଥିଲା। ଉଲୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୯୯ ରନ କରିଥିଲା। ଜବାବରେ ବହଳପଦର ଦଳ ୯.୨ ଓଭରରେ ୪ ଉଇକେଟ ହରାଇ ୧୦୦ ରନ କରି ବିଜୟୀ ହୋଇ ଫାଇନାଲଦ୍‌ରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ ବହଳପଦର ଓ ଡ଼ାହାଣିପାଲି ମଧ୍ୟରେ ହୋଇଥିଲା। ଡ଼ାହାଣିପାଲି ପ୍ରଥମେ ବ୍ୟାଟିଂ କରି ୯.୫ ଓଭରରେ ସମସ୍ତ ଉଇକେଟ



ଚାମ୍ପିୟନ ବହଳପଦର ଦଳକୁ ଟ୍ରଫି ଦେଇ ପୁରସ୍କୃତ କରାଯାଉଛି।

- ଅନିଲ ପ୍ରଧାନ ମ୍ୟାନ୍ ଅଫ୍ ସିରିଜ
- ଅମନ ଭୋଇ ମ୍ୟାନ୍ ଅଫ୍ ଫାଇନାଲ

ହରାଇ ୭୪ ରନ କରିଥିଲା। ଜବାବରେ ବହଳପଦର ଦଳ ଆବଶ୍ୟକ ୭୫ରନକୁ ୮ ଓଭରରେ ୫ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ପରିଷଦ ସଭ୍ୟ ଲବ କୁମାର ସହୁ, ସ୍ଥାନୀୟ ସରପଞ୍ଚ ନିରୂପମା ସେଠୀ, ସମିତି ସଭ୍ୟା ସୁଗନ୍ଧା ଘିବିଲା, ଟୁର୍ନାମେଣ୍ଟ ପରିଚାଳନା କମିଟି ସଭାପତି ବିମ୍ବାଧର ସାହୁ, ସମ୍ପାଦକ କହ୍ନେଇ ଚରଣ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବହଳପଦରର ଅନୀଲ ଭୁକ୍ତାଙ୍କୁ ଶ୍ରେଷ୍ଠ ବୋଲର, ଉଲୁଣ୍ଡାର ଚନ୍ଦନ ମେହେରଙ୍କୁ ଶ୍ରେଷ୍ଠ ବ୍ୟାଟସ ମ୍ୟାନ, ବହଳପଦରର ଅମନ ଭୋଇଙ୍କୁ ମ୍ୟାନ ଅଫ ଦି ଫାଇନାଲ, ଡାହାଣିପାଲିର ଅନିଲ ପଧାନଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ବହଳପଦର ଦଳକୁ ୧୮ ହଜାର ଟଙ୍କା ସହିତ କବିନ ସ୍ମାରକୀ ଟ୍ରଫି ଏବଂ ରନର ଅପ ଡାହାଣିପାଲି ଦଳକୁ ୧୨ ହଜାର ଟଙ୍କା ସହିତ ତ୍ରିଲୋଚନ ସ୍ମାରକୀ ଟ୍ରଫି ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ମ୍ୟାଚ ଗୁଡ଼ିକରେ ସୁରେଶ ବିଶି, ଶ୍ରୀବନ୍ତ ନାଏକ ଓ ରଘୁବୀର ମିଶ୍ର ଅମ୍ପେୟାର, ଗୋପବନ୍ଧୁ ଧଳ, ମାଧବ ନାଏକ ସ୍କୋରର, ଶୁଭେନ୍ଦୁ ଶେଖର ସାହୁ, ଅଂଶୁମାନ ପ୍ରଧାନ ଅନ ଲାଇନ ସ୍କୋରର ଏବଂ ମାନସ ନନ୍ଦ, ପ୍ରଦୀପ ଜଗଦଲା, ସୁଶିଲ ପ୍ରଧାନ ଓ ଆଶିଷ ଦେଓ ଧାରା ବିବରଣୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ସିଙ୍ଗାରି ଘାଟିରେ ଓଲଟିଲା ହାଇୱା

ଥୁଆମୂଳ ରାମପୁର,୧।୧୨ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ କଲମପୁର-ଥୁଆମୂଳ ରାମପୁରକୁ ସଂଯୋଗ କରୁଥିବା ରାସ୍ତାର ସିଙ୍ଗାରୀ ଘାଟିରେ ରବିବାର ଏକ ହାଇୱା ଭାରସାମ୍ୟ ହରାଇ ଓଲଟିପଡିଛି। ହେଲେ ସୌଭାଗ୍ୟବଶତଃ ଗାଡ଼ିରେ ଥିବା ଚାଳକ ଓ ହେଲ୍‌ପର ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ ସିଙ୍ଗାରି ଘାଟିରାସ୍ତା ମରାମତି ଚାଲିଥିବାବେଳେ ଅପରାହ୍ନରେ ଜଣେ ଠିକାଦାରଙ୍କ ୧୨ ଚକିଆ ହାଇୱା (ଓଡି୦୮ଆର୍-୯୨୬୪) ଚିପ୍ସ, ଡଷ୍ଟଗୁଣ୍ଡ ଆଣି ଖାଲି କରୁଥିଲା। ଏହି ସମୟରେ କୌଣସି କାରଣରୁ ହଠାତ୍ ହାଇୱା ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ହେଲେ ଉପସ୍ଥିତ ବୁଦ୍ଧି ଯୋଗୁ ଚାଳକ ଓ ହେଲପରଙ୍କ ଡେଇଁପଡି ରକ୍ଷା ପାଇଥିଲେ। ଅନ୍ୟପକ୍ଷରେ ରାସ୍ତାଉପରେ ଚିପ୍ସ, ଡଷ୍ଟଗୁଣ୍ଡ ପଡିରହିବାରୁ ଯାନବାହନ ଚଳାଚଳ ଦୀର୍ଘ ୨ ଘଣ୍ଟା ପର୍ଯ୍ୟନ୍ତ ଠପ ହୋଇଯାଇଥିଲା। ପୋଲିସ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିଥିଲା। ଘାଟିରାସ୍ତା ଶୋଚନୀୟ ହୋଇଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି। ତୁରନ୍ତ ଏହାକୁ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଫଟୋ: ଘାଟିରେ ଓଲଟିଥିବା ହାଇୱା।

### ଉଚ୍ଚ ମାଧମିକ ସ୍କୁଲର ବାର୍ଷିକ କ୍ରୀଡ଼ା

ପଲମ, ୧।୧୨ (ଭିକାରି ଗଡଡ଼)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମୁସ୍କୁଟି ଗ୍ରାମର ମିଳିତ ପଞ୍ଚାୟତ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ୫୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୪୪ ଜଣ ପ୍ରତିଯୋଗୀ ଭାଗନେଇଥିଲେ। ପ୍ରଥମ ଦିନରେ ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ଭର ସେନାପତି ମୁଖ୍ୟଅତିଥି ଓ ଶିକ୍ଷକ ଗିରିଧାରୀ ନାଗ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଦ୍ୱିତୀୟ ଦିନ ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ନାଏକ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସମୀର ରଞ୍ଜନ ନାଏକ ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

### ଚାଷୀଙ୍କ ସନ୍ଦେହଜନକ ମୃତ୍ୟୁ

ଲାଞ୍ଜିଗଡ଼,୧।୧୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ନର୍ଲା ଥାନା ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁର ଗାଁର ଜଣେ ଚାଷୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଭଗତରାମ ଗଉଡ଼(୪୪)। ସୂଚନାନୁସାରେ ଶୁକ୍ରବାର ଭଗତ ନିଜ ଚାଷ ଜମିକୁ ଧାନ କାଟିବାକୁ ଯାଇଥିଲେ। ତେବେ ଅପରାହ୍ନରେ ସେ ହଠାତ୍ ଜମିରେ ପଡିଯିବା ଦେଖି ଧାନ କାଟୁଥିବା ଅନ୍ୟ ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କ ବଡ଼ଭାଇ ପର୍ଶୁରାମ ଗଉଡ଼ ନର୍ଲା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ହସ୍ପିଟାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି କୁହାଯାଉଛି। ତିନିବର୍ଷ ତଳେ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଥିବାବେଳେ ଦୁଇ ସନ୍ତାନ ଏବେ ଅସହାୟ ହୋଇପଡିଛନ୍ତି।

### ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଲାଞ୍ଜିଗଡ଼,୧।୧୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ସଭାଗୃହ ପରିସରରେ ମମତା ହେଲ୍‌ଥ ଇନ୍‌ଷ୍ଟିଚ୍ୟୁଟ ଫର ମଦର ଆଣ୍ଡ ଚାଇଲ୍‌ଡ ଅର୍ଗାନାଇଜେଶନର ପ୍ରକଳ୍ପ ଜାଗୃତି ପକ୍ଷରୁ ପରିବେଶ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜିକା ବର୍ଷାରାଣୀ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗଦେଇଥିଲେ। ଏଥିରେ ସରପଞ୍ଚ, ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ୱାର୍ଡ ସଭ୍ୟାସଭ୍ୟଙ୍କୁ ପରିବେଶ ସୁରକ୍ଷା ଉପରେ ସଚେତନ କରାଯାଇଥିଲା। ଏହାସହ ନିଜ କାର୍ଯ୍ୟକ୍ଷେତ୍ରରେ ଏହାକୁ କାର୍ଯ୍ୟକାରୀ କରିବାକୁ ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷାଜନିତ ଭିଡିଓ ଜାରି କରାଯାଇଥିଲା। ଘରୋଇ ପ୍ରଦୂଷଣ କମ କରିବା, ଶୁଖିଲା ଓ ଓଦା ଅଳିଆ ଅଲଗା କରି ରଖିବା, ପ୍ଲାଷ୍ଟିକ ଜିନିଷ କମ୍ ବ୍ୟବହାର ଆଦି ଉପରେ ସଚେତନ କରାଯାଇଥିଲା।

# କଳାହାଣ୍ଡିରେ ଝିପିଝିପି ବର୍ଷା, ଧାନ ନଷ୍ଟ ଆଶଙ୍କା

## ବାତ୍ୟା 'ଫେଙ୍ଗାଲ'ର ପ୍ରଭାବ

ଭବାନୀପାଟଣା,୧।୧୨(ଉତ୍ତମ କୁମାର ଦାଶ)


ଝିପିଝିପି ବର୍ଷା ଯୋଗୁ କ୍ଷେତରେ ଧାନ ଶୋଇପଡିଛି।

ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବାତ୍ୟା 'ଫେଙ୍ଗାଲ'ର ରୂପ ନେଇ ଶନିବାର ରାତିରେ ଲ୍ୟାଣ୍ଡଫଲ କରିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ କୋହଲା ପାଗ ସାଙ୍ଗକୁ ଅନେକ ସ୍ଥାନରେ ଝିପିଝିପି ବର୍ଷା ଲାଗିରହିଛି। ତେବେ ଏଥିରୁ କଳାହାଣ୍ଡି ଜିଲା ବାଦ ପଡ଼ିନାହିଁ। ଜିଲାର ଭବାନୀପାଟଣା ସମେତ ଜୁନାଗଡ଼, ଧର୍ମଗଡ଼, କୋକସରା, ଗୋଲାମୁଣ୍ଡା ଆଦି ବ୍ଲକ ଅଞ୍ଚଳରେ ଗତ ୨ଦିନ ହେଲା କୋହଲା ପାଗ ରହିଥିବାବେଳେ କିଛି ସ୍ଥାନରେ ଝିପି ଝିପି ବର୍ଷା ଜାରି ରହିଛି। ବର୍ତ୍ତମାନ ଜିଲାରେ ଖରିଫ ଧାନ ଅମଳ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରାୟ ୨୦ ପ୍ରତିଶତ ଚାଷୀ ଧାନ ଅମଳ କରି ଖଳାରେ ରଖିଥିବାବେଳେ ଅନେକ ଚାଷୀଙ୍କ ଧାନ ଏବେ ମଧ କ୍ଷେତରେ ପଡିରହିଛି। ଏପରି ସ୍ଥଳେ ଝିପିଝିପି ବର୍ଷା ଯୋଗୁ ପାଚିଲା ଧାନ ଗଛ ଏବେ ଶୋଇ ପଡିଥିବା ଦେଖିବାକୁ ମିଳିଛି। ଏଭଳି ପାଗ ଆଉ କିଛିଦିନ ରହିଲେ ଜାରିରହିଲେ ଧାନ କ୍ଷେତରେ ଗଜା ହୋଇ ନଷ୍ଟ ହେବା ଆଶଙ୍କା ରହିଛି। ଏହାକୁ ନେଇ ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି। ସେହିପରି ଜିଲାରେ ଗତ ୨୯ ତାରିଖଠାରୁ ମଣ୍ଡି ଖୋଲିଥିବାବେଳେ ମିଲର୍ସ ଏଗ୍ରିମେଣ୍ଟ କରି ନ ଥିବାରୁ ଏ ପର୍ଯ୍ୟନ୍ତ ଧାନ ଉଠାଣ ହୋଇ ନ ଥିବା ଜଣାପଡିଛି। ଯାହାଫଳରେ ଜିଲାର ଘୋଟିଆ ମଣ୍ଡିକୁ ଛାଡି ଅନ୍ୟ କୋଣସି ମଣ୍ଡି ଉଦ୍‌ଘାଟନ ହୋଇନାହିଁ। ଅନ୍ୟପକ୍ଷରେ ରବିବାର ମିଲର୍ସମାନେ ଏଗ୍ରିମେଣ୍ଟ କରିଥିବାରୁ ସୋମବାରଠାରୁ ଜିଲାର ମଣ୍ଡିଗୁଡିକ ଚାଲିବ ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁ ପ୍ରକାଶ କରିଛନ୍ତି।

# ମଣ୍ଡି ଆରମ୍ଭରୁ ଚାଷୀ ହତାଶ

ଗୋଲାମୁଣ୍ଡା, ୧।୧୨ (ବଟକୃଷ୍ଣ ପଣ୍ଡା)

## ଉଠିଲାନି ଧାନ, ଫେରାଇନେଲେ ଚାଷୀ

କଳାହାଣ୍ଡି ଜିଲାରେ ଗତ ୨୯ ତାରିଖରୁ ଧାନକ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଜୁନାଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧୀନ ଗୋଲାମୁଣ୍ଡା ବ୍ଲକ ଘୋଟିଆ ମଣ୍ଡିରୁ ଶୁଭାରମ୍ଭ ହୋଇଛି। ପ୍ରଥମେ ଦିନରେ ୪୫ଜଣ ଚାଷୀଙ୍କ ଟୋକନ ରହିଥିବା ବେଳେ କେବଳ ଜଣେ ଚାଷୀ ଧାନ ନେଇ ମଣ୍ଡିକୁ ଆସିଥିଲେ। ସରକାରଙ୍କ ନୂତନ ନିୟମ ଅନୁସାରେ ଏଫଏକ୍ୟୁ ଧାନକୁ ନେଇ ଏବେ ଚାଷୀ ହତାଶ ହୋଇଥିବା ମଣ୍ଡି ଆରମ୍ଭରୁ ଦେଖାଗଲାଣି। ସୂଚନାମତେ, ମଣ୍ଡି ଉଦ୍‌ଘାଟନ ଦିନରେ ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ଗ୍ରା.ପ. ଅଧୀନ ବୈଜଲପୁର ଗ୍ରାମର ଡିଙ୍ଗର ହରପାଳ ନାମକ ଚାଷୀ ୫୦ କୁଇଣ୍ଟାଲ ଧାନ ନେଇ ମଣ୍ଡିକୁ ଆସିଥିଲେ। ହେଲେ ମାନ ଠିକ ନ ଥିବା ଦର୍ଶାଇ ଚାଷୀଙ୍କ ଧାନ କ୍ରୟ କରାଯାଇ ନ ଥିଲା। ଅନ୍ୟପଟେ ସରକାରଙ୍କ ନୂତନ ଧାନ ରେଟ ପାଇବା ଆଶାରେ ଆସିଥିବା ଚାଷୀ ଏବେ ହତାଶ ହୋଇପଡିଛନ୍ତି। ଚାଷୀଙ୍କ କହିବାନୁସାରେ ଧାନ ଅମଳ ପରେ ଦୁଇ ଥର ସଫା ଓ ଶୁଖାଇ ମଣ୍ଡିକୁ ଆଣିଥିଲେ। ହେଲେ ମଣ୍ଡି ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ମାନ ଠିକ ନ ଥିବା କହିଥିଲେ। କ୍ରୟ ହୋଇପାରୁ ନ ଥିବାରୁ ମଣ୍ଡିରୁ ଚାଷୀ ଧାନ ଫେରାଇ ନେଇଥିବା ଜଣାପଡିଛି। ଏ ନେଇ ଘୋଟିଆ ମଣ୍ଡି ଦାୟିତ୍ୱରେ ଥିବା କ୍ରୟ ଅଧିକାରୀ ନିକାଶ କୁମାର ଖମାରିଙ୍କୁ ପଚାରିବାରୁ ଧାନ ମାନରଠିକ ନ ଥିବା ହେତୁ ଚାଷୀଙ୍କ ଧାନ କ୍ରୟ ହୋଇପାରିନାହିଁ, ପୁଣି ଥରେ ଧାନକୁ ସଫା ଓ ଶୁଖାଇ ଆଣିଲେ ଜଣାପଡିବ ବୋଲି କହିଥିଲେ।

# ସିବିଏସ୍‌ଇ ବିଦ୍ୟାଳୟସ୍ତରୀୟ ଖୋ ଖୋ ଟୁର୍ନାମେଣ୍ଟ


ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିଗଣ।

ଭବାନୀପାଟଣା,୧।୧୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟରେ ଏକଦିବସୀୟ ପଶ୍ଚିମ ଓଡ଼ିଶା ସିବିଏସ୍‌ଇ ବିଦ୍ୟାଳୟସ୍ତରୀୟ ଖୋ ଖୋ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲା କ୍ରୀଡ଼ା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା ମୁଖ୍ୟଅତିଥି ଓ ଭବାନୀପାଟଣା ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ବିକାଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଆରତି ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ମୋଟ ୨୦ ବିଦ୍ୟାଳୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବୟସ ବର୍ଗର ବିଦ୍ୟାର୍ଥୀଙ୍କ ମଧ୍ୟରେ ଖେଳ ହୋଇଥିଲା। ଉଭୟ ବର୍ଗର ବାଳକ ଓ ବାଳିକା ବିଭାଗରେ ଭବାନୀପାଟଣା ବିକାଶ ଆବାସିକ ବିଦ୍ୟାଳୟ ଚାମ୍ପିୟନ ହୋଇଥିବା ବେଳେ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ସେଣ୍ଟ ଜାଭିୟର ହାଇସ୍କୁଲ, କଣ୍ଟାବାଞ୍ଜି, ବାଳିକା ବିଭାଗରେ ଡିଏଭି ସ୍କୁଲ ଟିଟିଲାଗଡ ଓ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ସିଦ୍ଧାର୍ଥ ପବ୍ଲିକ ସ୍କୁଲ, ବରଗଡ ରନର୍ସଅପ ହୋଇଥିଲେ। କ୍ରୀଡ଼ା ଶିକ୍ଷକ ମନୋଜ ବିଶାଳ, ଦିନେଶ ପ୍ରଧାନ, ନିର୍ମଳ ପ୍ରଧାନ, ନିର୍ମଳ ଦଣ୍ଡସେନା, ନବୀନ ବରାଡ଼, ମହେଶ ତ୍ରିପାଠୀ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।

# ଜାନୁଆରୀ ୬ରୁ ସର୍ବଭାରତୀୟ କ୍ରିକେଟ

ନୂଆପଡ଼ା,୧।୧୨ (ମକାରୁ ବେମାଲ)

ୟୁଥ୍ ମାସ କ୍ଲବ ନୂଆପଡ଼ା ଦ୍ୱାରା ଆୟୋଜିତ ୩୩ତମ ସର୍ବଭାରତୀୟ ୱାଇଏମ୍‌ସି କପ କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ଜାନୁଆରୀ ୬ରୁ ଆରମ୍ଭ ହୋଇ ୧୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ତଥା ଟୁର୍ନାମେଣ୍ଟ ଆବାହକ ସରୋଜ କୁମାର ସାହୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନାକ୍ରମେ ଟୁର୍ନାମେଣ୍ଟ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚାମ୍ପିୟନ ଦଳକୁ ନଗଦ ୮୫ ହଜାର ସହ ଟ୍ରଫି, ରନର୍ସ ଅପ ଦଳକୁ ନଗଦ ୪୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବାକୁ କମିଟି ନିଷ୍ପତ୍ତି ନେଇଛି। ଖବରଦାତା ସମ୍ମିଳନୀରେ ଜିଲା କ୍ରିକେଟ ଆସୋସିଏଶନ ସଭାପତି ପ୍ରକାଶ ସାହୁ, ୟୁଥ୍ ମାସ କ୍ଲବ ସଭାପତି ସମରେନ୍ଦ୍ର ଦାସ, ସମ୍ପାଦକ ତପନ ବରାଡ଼, ଉପସଭାପତି ରଞ୍ଜିତ ସୁନା, ସଞ୍ଜୟ ପଟ୍ଟନାୟକ, କିଶୋର ଚନ୍ଦ୍ର ମହଲା ପ୍ରମୁଖ ଉପସ୍ଥିତ ଥିଲେ।

# ମତ୍ସ୍ୟ, ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ

ନୂଆପଡ଼ା,୧।୧୨ (ମକାରୁ ବେମାଲ)

ସ୍ଥାନୀୟ ପୋଲିସ ପଡିଆଠାରେ ଚାଲିଥିବା ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଭିଡିଓ ବାର୍ତ୍ତାରେ ଉପସ୍ଥିତ ଚାଷୀ ଓ ପ୍ରାଣୀ ପାଳକଙ୍କୁ ସମ୍ବୋଧିତ କରିଥିଲେ। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ଭୀମସେନ ଶବର, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଖଡିଆଲ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ନୂଆପଡ଼ା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦାମ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥିମାନେ ଜୀବନ୍ତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ପ୍ରଦର୍ଶନୀ ବୁଲିବା ସହ ମତ୍ସ୍ୟ, ପଶୁ ପାଳନ ମାଧ୍ୟମରେ ମହିଳାମାନେ ସଶକ୍ତିକରଣ ହୋଇ ସ୍ୱାବଲମ୍ବୀ ହେବାବାକୁ ଆହ୍ୱାନ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ନାୟକ ଓ ଜିଲା ମତ୍ସ୍ୟ ଅଧିକାରୀ ବିଜନ ସାହୁ ସରକାରୀ ଯୋଜନା ଓ ଗୋ ସୁଗମ ପୋର୍ଟାଲ ବିଷୟରେ ସୂଚନା ଦେଇଥିଲେ। ଜିଲାର ୪ ଜଣ ଅଗ୍ରଣୀ ଚାଷୀଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଏହାପରେ ବୈଜ୍ଞାନିକ ଚାଷୀ ଆଲୋଚନା ଚକ୍ରରେ ଡ. ବସନ୍ତ କୁମାର ଧଳ, ଲିମନ ଚନ୍ଦ୍ର କର ପ୍ରମୁଖ ଉପସ୍ଥିତ ରହି ୫ ଶହରୁ ଉର୍ଦ୍ଧ ଚାଷୀଙ୍କୁ ବୈଜ୍ଞାନିକ ପଦ୍ଧତିରେ ପ୍ରାଣୀ ପାଳନ ପାଇଁ ମାର୍ଗଦର୍ଶନ ଦେଇଥିଲେ। ବରିଷ୍ଠ ସହାୟକ ବିଭୁଦତ୍ତ ମିଶ୍ର ସଭା ପରିଚାଳନା କରିଥିବାବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତୀୟ ବିଦ୍ୟା ନିକେତନରେ ବାର୍ଷିକ କ୍ରୀଡ଼ା


ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଜୁନାଗଡ଼,୧।୧୨ (ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ସହର ଭାରତୀୟ ବିଦ୍ୟା ନିକେତନଠାରେ ଦ୍ୱାଦଶ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗନ୍ତାୟତପଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ କୁମାର ଖାନସମା ମୁଖ୍ୟ ଅତିଥି ଓ ରମେଶ ରାଉତ, ପୁଷ୍ପାଞ୍ଜଳି ଦଣ୍ଡସେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସନତ କୁମାର ଯୋଷୀଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଥିବା ବେଳେ ପରିଚାଳନାରେ ଗୁରୁଜୀ ଶୁଭେନ୍ଦୁ ତ୍ରିପାଠୀ, ପ୍ରଦୀପ ଧ.ମାଝି, ପଞ୍ଚାନନ ହଂସ ପ୍ରମୁଖ ସହଯୋଗ କରିଥିଲେ। ଶିଶୁବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଯୁବପିଢ଼ି ନିଜକୁ ସୁରକ୍ଷିତ ରଖିବାକୁ ଆହ୍ୱାନ



ବିଶ୍ୱ ଏଡ୍‌ସ ଦିବସରେ ଅତିଥିଗଣ।

ଭବାନୀପାଟଣା,୧।୧୨(ଉତ୍ତମ କୁମାର ଦାଶ)

## ଜିଲାସ୍ତରୀୟ ବିଶ୍ୱ ଏଡ୍‌ସ ଦିବସ

ଭବାନୀପାଟଣାସ୍ଥିତ ଟାଉନ ହଲଠାରେ ରବିବାର କଳାହାଣ୍ଡି ଜିଲାସ୍ତରୀୟ ୩୭ତମ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନିୟମ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ଟାଉନ ହଲ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ପରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ନିହାରେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାକେଶ ସାହୁ, ଜିଲା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ଭବାନୀ ଶଙ୍କର ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଏଜିଏମ୍, ବେଦାନ୍ତ ସୁଜିତ ସାହୁ, ସଚିନ ଡୁଙ୍ଗେ, ସିଏସ୍‌ଆର୍, ବେଦାନ୍ତ, ଦିଲୀପ ପ୍ରଜାପତି, ମୁଖ୍ୟ ବକ୍ତା ଭାବେ ସତ୍ୟନାରାୟଣ ମହାପାତ୍ର ଯୋଗଦେଇ ଏଡ୍‌ସ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଡ୍‌ସ ଭଳି ଏକ ଦୁରାରୋଗ୍ୟ ବ୍ୟାଧିରୁ ବିଶେଷ କରି ଯୁବପିଢ଼ି କିପରି ନିଜକୁ ସୁରକ୍ଷିତ ରଖିବା ସହ ଅନ୍ୟଙ୍କୁ ସୁରକ୍ଷିତ ରଖିବେ ସେ ଦିଗରେ ବ୍ୟାପକ ସଚେତନତାର ଆବଶ୍ୟକତା ଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଏଚ୍‌ଆଇଭି, ଏଡ୍‌ସ ପରାମର୍ଶଦାତା ରାମଚନ୍ଦ୍ର ବସନ୍ତିଆ ପରିଚାଳନା କରିଥିଲେ। ଏହି ଅବସରରେ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# କଳାହାଣ୍ଡି ଅଧିବକ୍ତା ପରିଷଦ ପକ୍ଷରୁ ସମ୍ବିଧାନ ଦିବସ

ଭବାନୀପାଟଣା,୧।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଅଧିବକ୍ତା ପରିଷଦ ପକ୍ଷରୁ ଶନିବାର ଭବାନୀପାଟଣା ଇଟିଶି ସମ୍ମିଳନୀ କକ୍ଷରେ ୭୫ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ପରିଷଦର କଳାହାଣ୍ଡି ଶାଖା ସଭାପତି ତଥା ଆଇନଜୀବୀ ସନ୍ତୋଷ କୁମାର ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବୌଦ୍ଧିକ ପ୍ରମୁଖ ଓଡ଼ିଶା ପଶ୍ଚିମ ଅରୁଣ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଆର୍‌ଏସ୍‌ଏସ୍ କଳାହାଣ୍ଡି ବିଭାଗ ସଂଘ ଚାଳକ ଜୟ ନାରାୟଣ ବାବୁ, ଆଇନଜୀବୀ ରବୀନ୍ଦ୍ର ପଣ୍ଡା, ହରିଶ ବେହେରା, ଜୟଶଙ୍କର ନାୟକ, ପ୍ରଦୀପ ବିହାର, ବିନୋଦିନୀ ମିଶ୍ର ପ୍ରମୁଖ ଯୋଗଦେଇ ସମ୍ବିଧାନ ଦିବସ ଉପରେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ରାଜନୀତିବିଜ୍ଞାନ ବିଭାଗର ଛାୟାକାନ୍ତ ସାହୁ, ପ୍ରଶାନ୍ତ ମେହେର, କରିନା ସାହୁ, ଆଶାରାଣୀ ପୁତାଙ୍କ ସମେତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶାଖାର ଜିଲା ଉପସଭାପତି ଅଶୋକ କୁମାର ପଟ୍ଟନାୟକ ସଭା ପରିଚାଳନା କରିଥିଲେ।

# ବିଶ୍ୱ ଏଡ୍‌ସ ଦିବସ ପାଳିତ

କେସିଙ୍ଗା,୧।୧୨ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଟିଆଇ ଯୋଜନା ତରଫରୁ ବିଶ୍ୱ ଏଡ୍‌ସ ଦିବସ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ କାଣ୍ଡେଲ ପିଏଚ୍‌ସିର ମେଡ଼ିକାଲ ଅଫିସର ଡାକ୍ତର ହରେକୃଷ୍ଣ ଧଳ ଓ ୟଙ୍ଗ ବ୍ଲଡ ପବ୍ଲିକ ସ୍କୁଲର ଶିକ୍ଷକ କ୍ରିତିଚନ୍ଦ୍ର ପାଣ୍ଡେ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଏହି ଅବସରରେ କେସିଙ୍ଗା ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଶିଶୁ ବିଦ୍ୟାମନ୍ଦିର ଛାତ୍ର, ୟଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲ ଛାତ୍ରଙ୍କ ଦ୍ୱାରା ସଚେତନତା ରାଲି ବ୍ଲକଠାରୁ ଥାନା ପର୍ଯ୍ୟନ୍ତ କରାଯାଇଥିଲା। ଏଥିରେ କେସିଙ୍ଗା ଟିଆଇ ଯୋଜନାର ପ୍ରୋଗ୍ରାମ ମ୍ୟାନେଜର ଶୁକଦେବ ଭୋଇ, କାଉନସିଲର କ୍ଷିରସିନ୍ଧୁ ରଣା, ମୁରଲି କ୍ରିଷ୍ଣା, କବିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ସଂଘ ବୈଠକ

ଖଡ଼ିଆଲ,୧।୧୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଲ ବରିଷ୍ଠ ନାଗରିକ ସଂଘ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରାମେଶ୍ୱର ଅଗ୍ରୱାଲ ଅଧ୍ୟକ୍ଷତା କରି ନୂତନ ଗୃହ ନିର୍ମାଣ କାର୍ଯ୍ୟ ତଦାରଖ କରି ଆୟବ୍ୟୟ ଉପରେ ସମୀକ୍ଷା କରିଥିଲେ। ସଂଘରେ ବହୁସଂଖ୍ୟାରେ ନୂତନ ସଦସ୍ୟ ସାମିଲ ହେବା ନେଇ ଆଲୋଚନା ହୋଇଥିଲା। ପରେ ସଭ୍ୟମାନେ ନୂତନ ଗୃହ ନିର୍ମାଣ ସ୍ଥାନ ପରିଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରେ ବରିଷ୍ଠ ନାଗରିକ ଗୋଷ୍ଠୀ ଗୃହ ନିର୍ମାଣ ନେଇ ୫ ଲକ୍ଷ ଟଙ୍କା ଅନୁଦାନ ପ୍ରାପ୍ତ ହୋଇଛି। ଖର୍ଚ୍ଚ ଅର୍ଥ ପୈଠ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ବୈଠକରେ ଜ୍ଞାନ ସିଂ, ଡ. ମେଜର ରାମ ଚନ୍ଦ୍ର ମିଶ୍ର, ଆଶିଷ ପଣ୍ଡା, ପ୍ରମୋଦ ଦଣ୍ଡସେନା, ସଞ୍ଜୀବ ପାଢ଼ୀ, ଜନାର୍ଦ୍ଦନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।


ବୈଠକରେ ଯୋଗଦେଇଥିବା ବରିଷ୍ଠ ନାଗରିକ।

# ଲିଙ୍ଗ ଅନୁପାତ ବୃଦ୍ଧି ପାଇଁ ସାମୂହିକ ଉଦ୍ୟମ ଲୋଡ଼ା

ନୂଆପଡ଼ା,୧।୧୨ (ମକାରୁ ବେମାଲ)


ସମୀକ୍ଷା ବୈଠକରେ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ।

## ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକ

ନୂଆପଡ଼ା ଜିଲା ସ୍ୱାସ୍ଥ୍ୟ ସମିତି ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଗୁରୁ ପ୍ରସାଦ ଜେନା, ଡିଏମ୍‌ଓ ଡା. ଲଳିତ ମୋହନ ବିଶି, ଡିପିଏମ୍ ଦିଲୀପ ଦୁବେ, ଡିଏମ୍‌ଆର୍‌ସି ରଞ୍ଜନ କୁମାର ମହାନ୍ତି ଉପସ୍ଥିତ ରହି ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଉପଲବ୍ଧି ସମ୍ବନ୍ଧରେ ସୂଚନା ଦେଇଥିଲେ। ସମୀକ୍ଷା ପରେ ରାଜ୍ୟରେ ଟିକାକରଣରେ ନୂଆପଡା ଜିଲା ପ୍ରଥମ ହୋଇଥିବା କୁହାଯାଇଥିଲା। ଏହାସହ ଚଳିତବର୍ଷ ଏପ୍ରିଲରୁ ବର୍ତ୍ତମାନ ପର୍ଯ୍ୟନ୍ତ ୨,୯୩,୪୩୦ ଜଣ ରୋଗୀ ଜିଲାର ବିଭିନ୍ନ ସରକାରୀ ଡାକ୍ତରଖାନାରେ ପଞ୍ଜୀକୃତ ହୋଇଥିବାବେଳେ ୯୫% ଲୋକଙ୍କୁ ମାଗଣା ଔଷଧ ପ୍ରଦାନ କରାଯାଇଛି। ୧,୭୯,୦୨୪ ଜଣଙ୍କ ବିଭିନ୍ନ ପରୀକ୍ଷା କରାଯାଇଛି। ୧୫,୬୦୭ ଜଣଙ୍କୁ ଟେଲି ପରାମର୍ଶ ସେବା ଯୋଗାଇ ଦିଆଯାଇଛି। ବିଭିନ୍ନ ପାରାମିଟରରେ ସମଗ୍ର ରାଜ୍ୟରେ ଜିଲାର ସ୍ଥିତି ଭଲ ଥିବାରୁ ଜିଲାପାଳ ପ୍ରଶଂସା କରିବା ସହ ଆଗକୁ ଏହି ଧାରା ବଜାୟ ରଖିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି। ନବଜାତ ଶିଶୁ ମୃତ୍ୟୁ ହାର କମାଇବାରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଖଡିଆଲ ରାଜ୍ୟରେ ପୁରସ୍କୃତ ହୋଇଥିଲା। ଏଥିରେ ଉଲ୍ଲେଖନୀୟ ଅବଦାନ ଥିବା ଖଡିଆଲ ଶିଶୁ ବିଶେଷଜ୍ଞ ଡା. ମହେନ୍ଦ୍ର କୁମାର ମାଝି ଓ ନୂଆପଡା ବ୍ଲକର ସିଏଚ୍‌ଓ କନକ ବର୍ଦ୍ଧନ ସାହୁ, ବୋଡେନ ବ୍ଲକ ଏଏନ୍‌ଏମ୍ ତପସ୍ୱିନୀ ବନ୍ଧିଛୋର ଓ ଆଶାକର୍ମୀ ପୁଷ୍ପା ପଟେଲଙ୍କୁ ଉପଢୌକନ, ମାନପତ୍ର ଦେଇ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଜିଲାରେ ଏବେ ଲିଙ୍ଗ ଅନୁପାତ ହଜାରେ ପୁରୁଷରେ ୯୪୯ ମହିଳା ଥିବାରୁ ଏହାକୁ ବୃଦ୍ଧି କରିବାକୁ ସମସ୍ତେ ଚେଷ୍ଟିତ ହେବାକୁ ଜିଲାପାଳ ଆହ୍ୱାନ କରିଥିଲେ। ଉତ୍ସର୍ଗୀକୃତ ଉଦ୍ୟମ ହେଲେ ଆମ ଜିଲା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆହୁରି ସୁନାମ ଆଣିପାରିବ ବୋଲି କହିଥିଲେ। ବୈଠକରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ କିଶୋର ଚନ୍ଦ୍ର ପଟେଲ, ସମସ୍ତ ଡାକ୍ତର, ଜାତୀୟ ସ୍ୱାସ୍ଥ୍ୟ ସମିତି ମିଶନ କର୍ମଚାରୀ, ନର୍ସିଂ ଅଧିକାରୀ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଲୋକଙ୍କୁ ଭେଟି ସମସ୍ୟା ବୁଝିଲେ ବିଧାୟକ

ବନ୍ଧମୁଣ୍ଡା, ୧।୧୨ (ସୁବ୍ରତ ଦେ)

ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ରବିବାର ବନ୍ଧମୁଣ୍ଡା ଅଞ୍ଚଳର ସମୀକ୍ଷା କରିଛନ୍ତି। ପ୍ରଥମେ ବନ୍ଧମୁଣ୍ଡାର ଡିଜେଲ କଲୋନିକୁ ଯାଇ ମୁଖୀ ବସ୍ତିର ଲୋକଙ୍କୁ ଭେଟି ଥିଲେ। କଲୋନିବାସୀ ବସ୍ତି ପାଇଁ ରାସ୍ତା ଦାବି କରିଛନ୍ତି। ବିଧାୟକ ଲୋକଙ୍କୁ ରାସ୍ତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଡିଜେଲ କଲୋନିସ୍ଥିତ ଜଗନ୍ନାଥ ମନ୍ଦିରରେ ଗୋଟିଏ ବିମଳା ମନ୍ଦିର ନିର୍ମାଣ ପାଇଁ ବିଧାୟକ ନିଜ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ଅନୁଦାନ ପାଇଁ ଘୋଷଣା କରିଛନ୍ତି। ଏଥିସହ ବିଧାୟକ ବନ୍ଧମୁଣ୍ଡାର ଅନ୍ୟ ସେକ୍ଟର ଏବଂ ବସ୍ତି ଅଞ୍ଚଳର ଲୋକଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଜାଣିବା ସହିତ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି। ଏହି ଅବସରରେ ବିଜୁ ଜନତା ଦଳର ଡି. ଅଭିକ କୁମାର, ଭାଉ ଦତ୍ତା, ତୃପ୍ତିମୟୀ ସ୍ୱାଇଁ, ବୁଜି ରାଓ, ଶେରୁ ଶର୍ମା, ଅବିନାଶ ଯାଦବ, ନୀତୀଶ ମୁଖୀ, ମୋହନ ମୁଖୀ, ଘନଶ୍ୟାମ ତନ୍ତୀ, ବି.ବି.ଆର. ଜଗା ରାଓ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ଅଦିନିଆ ବର୍ଷାରେ ଚାଷ କ୍ଷତିଗ୍ରସ୍ତ

କୁତ୍ରା, ୧।୧୨ (ଦେବାଶିଷ ସାହୁ)

ଲଘୁଚାପଜନିତ ଅଦିନିଆ ବର୍ଷା ଯୋଗୁ କୁତ୍ରା ବ୍ଲକ୍ ଅଞ୍ଚଳରେ ଧାନ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ଚଳିତବର୍ଷ କମ୍ ପରିମାଣର ବର୍ଷା ଯୋଗୁ ଚାଷ କାର୍ଯ୍ୟ ବିଳମ୍ବିତ ହେବା ସହିତ କେତେକ ସ୍ଥାନରେ ଚାଷ ହୋଇନାହିଁ। ବର୍ତ୍ତମାନ ଅଦିନିଆ ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇଛି।

# ସିପିଆଇଏମ୍ ସୁନ୍ଦରଗଡ଼ ଜିଲ୍ଲା ସମ୍ମିଳନୀ ଉଦ୍‌ଯାପିତ

ଟେନ୍‌ସା, ୧।୧୨ (ସମୀର କୁମାର ପାଢ଼ୀ)

ସିପିଆଇଏମ୍ ସୁନ୍ଦରଗଡ଼ ଜିଲ୍ଲା କମିଟିର ୧୫ଶ ସମ୍ମିଳନୀ ରବିବାର କମ୍ରେଡ ସୀତାରାମ ୟେଚୁରୀ ନଗର ଓ କମ୍ରେଡ୍ ଲମ୍ବୋଦର ନାୟକ ମଞ୍ଚ କୋଇଡାଠାରେ ଉଦ୍‌ଯାପିତ ହୋଇଯାଇଛି। ଶନିବାର ଏହି ସମ୍ମିଳନୀର ଖୋଲା ଅଧିବେଶନ କୋଇଡା ବ୍ଲକ ଛକଠାରେ ଅନୁଷ୍ଠିତ ହୋଇଥିବା ବେଳେ ସମ୍ମିଳନୀର ପ୍ରତିନିଧି ଅଧିବେଶନ କୋଇଡା ସିପିଆଇଏମ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ଜିଲ୍ଲା ସମ୍ପାଦକ ପ୍ରମୋଦ ସାମଲ ଜିଲ୍ଲା କମିଟି ପକ୍ଷରୁ ରାଜନୈତିକ ଓ ସାଙ୍ଗଠନିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ। ଗତ ୩ ବର୍ଷରେ ପାର୍ଟିର ବିଭିନ୍ନ କାର୍ଯ୍ୟକ୍ରମ, ସେଥିରେ ସଫଳତା ଓ ବିଫଳତା, ଜନଗଣଙ୍କ ଜୀବନ ଜୀବିକାର ସମସ୍ୟାକୁ ନେଇ ବିଭିନ୍ନ ଆନ୍ଦୋଳନ, ଗତ ସାଧାରଣ ନିର୍ବାଚନରେ ବଣାଇ ବିଧାନସଭାରେ ଲକ୍ଷ୍ମଣ ମୁଣ୍ଡାଙ୍କ ଚତୁର୍ଥ ଥର ପାଇଁ ବିଜୟ ପ୍ରସଙ୍ଗରେ ଜିଲାର ବିଭିନ୍ନ ଆଞ୍ଚଳିକ କମିଟିରୁ ପ୍ରାୟ ୧୫୦ ଜଣ ପାର୍ଟି ନେତୃତ୍ୱ ପ୍ରତିନିଧି ଭାବେ ଏହି ସମ୍ମିଳନୀରେ ଯୋଗଦେଇଥିଲେ। ୨୮ ଜଣ ପ୍ରତିନିଧି ଏହି ରିପୋର୍ଟ ଉପରେ ଆଲୋଚନା କଲା ପରେ ରାଜନୈତିକ ଓ ସାଙ୍ଗଠନିକ ଚିଠା ରିପୋର୍ଟ ସମ୍ମିଳନୀରେ ଗୃହୀତ ହୋଇଥିଲା। ଏହି ସମ୍ମିଳନୀରେ ପାର୍ଟିର ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଓ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି ଉଭୟ ଖୋଲା ଅଧିବେଶନ ଓ ପ୍ରତିନିଧି ଅଧିବେଶନରେ ବକ୍ତବ୍ୟ ପ୍ରଦାନ କରିଥିଲେ।



ସିପିଆଇଏମ୍ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜାହାଙ୍ଗୀର ଅଲ୍ଲୀ, ସୁଶୀଳା ମୁଣ୍ଡାଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀ ପରିଚାଳନା କରିଥିଲେ। ଏଥିରେ ଜିଲାର ସାମଗ୍ରିକ ବିକାଶ, ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ, ବେକାରି ଓ ଜିଲାରେ ନିଯୁକ୍ତି ପ୍ରସଙ୍ଗ, କୃଷି ଓ କୃଷକଙ୍କ ସମସ୍ୟା, ମହିଳା ଓ ଶିଶୁଙ୍କ ଉପରେ ବର୍ଦ୍ଧିତ ଯୌନ ନିର୍ଯାତନା ବିରୋଧରେ, ଜଙ୍ଗଲ ଜମି ଉପରେ ଆଦିବାସୀଙ୍କ ଅଧିକାର, ରାଷ୍ଟ୍ରୀୟ ସମ୍ପତ୍ତିକୁ କର୍ପୋରେଟ ସଂସ୍ଥା ଦ୍ୱାରା ଲୁଣ୍ଠନ ବିରୋଧରେ ବ୍ୟାପକ ଆନ୍ଦୋଳନ, ମୋଦି ସରକାରଙ୍କ ଏକ ଦେଶ ଏକ ନିର୍ବାଚନ ବିରୋଧରେ, ସାଂପ୍ରଦାୟିକ ରାଜନୀତି ବିରୋଧରେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ ପାଇଁ ସମ୍ମିଳନୀରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଆଗାମୀ ୩ ବର୍ଷ ପାଇଁ ପ୍ରମୋଦ ସାମଲ ପୁନଃ ଜିଲା ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିବା ବେଳେ ୧୭ ଜଣିଆ ଜିଲା କମିଟି ଗଠନ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଲକ୍ଷ୍ମଣ ମୁଣ୍ଡା, ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଜ କିଶୋର ପ୍ରଧାନ, ପ୍ରଭାତ ପଣ୍ଡା, ଆନନ୍ଦମାସି ହରୋ, ଅନିରୁଦ୍ଧ ତ୍ରିପାଠୀ, ସମୀର ନାଏକ, ଲାଲ ବାହାଦୁର ମାହାନ୍ତ, ମନୋଜ ମିର୍ଦ୍ଧା, ସୁଶୀଳା ମୁଣ୍ଡା, ବସନ୍ତ ନାୟକ, ବିପି ମହାପାତ୍ର, ହୃଦୟାନନ୍ଦ ଯାଦବ ପ୍ରମୁଖ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିବା ବେଳେ ଜିଲା କମିଟିକୁ ସ୍ଥାୟୀ ନିମନ୍ତ୍ରିତ ଭାବେ ସୁଶୀଳା ମୁଣ୍ଡା, ତାଜମୁନ ନେହାର, ଗୌରୀ ଶଙ୍କର ପାତ୍ର ଓ ବାଦଲ ବାରିକ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଆଗାମୀ ଡିସେମ୍ବର ୧୬ରୁ ୧୮ ତାରିଖ ପାର୍ଟିର ୨୩ତମ ରାଜ୍ୟ ସମ୍ମିଳନୀ କଟକଠାରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏହାକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ଶେଷରେ ସିପିଆଇଏମ୍ କୋଇଡା ଆଞ୍ଚଳିକ କମିଟି ସମ୍ପାଦକ ତଥା ଅଭ୍ୟର୍ଥନା କମିଟି ସମ୍ପାଦକ ପ୍ରଭାତ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ପୋଖରୀରୁ ମିଳିଲା ଆଶା କର୍ମୀଙ୍କ ମୃତଦେହ

**ହତ୍ୟା ସନ୍ଦେହ**

ସୁନ୍ଦରଗଡ, ୧।୧୨ (ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ଜିଲା ଭଷ୍ମା ଥାନା ଅନ୍ତର୍ଗତ କୁଡାବଗା ଗ୍ରାମର ନିଖୋଜ ଆଶାକର୍ମୀଙ୍କ ମୃତଦେହ ରବିବାର ସକାଳେ ପତ୍ରାପଡା ପୋଖରୀରୁ ପୋଲିସ ଜବତ କରିଛି। ମୃତା ଆଶା କର୍ମୀ ହେଲେ ସୁବାସିନୀ ନାଏକ(୪୫)। ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଡାକ୍ତରଖାନାର ମର୍ଗ ହାଉସରେ ରଖିଛି। ତାଙ୍କ ଶରୀରରେ କ୍ଷତ ଚିହ୍ନ ଥିବାରୁ ହତ୍ୟା କରି କେହି ପୋଖରୀରେ ଫିଙ୍ଗି ଦେଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ସୂଚନା ଅନୁଯାୟୀ, ସୁବାସିନୀ ଶନିବାର ମଧ୍ୟାହ୍ନ ୧୨ଟାରେ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ତାଙ୍କୁ ପାଇ ନ ଥିଲେ। ପୋଖରୀଠାରୁ ମାତ୍ର ୫୦୦ ମିଟର ଦୂରତାରେ ସୁବାସିନୀଙ୍କ ଫୋନ ଭାଙ୍ଗିକି ପଡିଥିବା ଏବଂ ପୋଖରୀ ଘାଟରେ ତାଙ୍କର ପୋଷାକ ଥିବା ଦେଢ଼ସୁର ଦେବାନନ୍ଦ ନାଏକ ଦେଖିବାକୁ ପାଇଥିଲେ। ଏନେଇ ସେ ଭଷ୍ମା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ପୋଖରୀ ଭିତରୁ ଉଦ୍ଧାର କରିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସୁବାସିନୀ ସ୍ୱାମୀଙ୍କ ଗତ ୧୫ ବର୍ଷ ହେବ ମୃତ୍ୟୁ ଘଟିଛି। ଏକ ମାତ୍ର ପୁଅ ବିଇଡି ପରୀକ୍ଷା ଦେବା ପାଇଁ କର୍ଣ୍ଣାଟକ ଯାଇଛନ୍ତି। ପୁଅ ଆସିଲା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ।

## ଶିବିରରେ ୩୧ ୟୁନିଟ୍ ରକ୍ତ ସଂଗ୍ରହ

ବଡ଼ଗାଁ, ୧।୧୨ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଜରଙ୍ଗଲୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ବଡ଼ଗାଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସରେଙ୍ଗ ମୁଖ୍ୟ ଅତିଥିଭାବ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ଡିପିଏମ୍ ଶଙ୍କର ଆଚାର୍ଯ୍ୟ, ବଡ଼ଗାଁ ଡାକ୍ତରଖାନାର ସ୍ୱାସ୍ଥ୍ୟ ଅଧିକାରୀ ଡା. ସାରଦା ପ୍ରସନ୍ନ ଜେନା, ବିପିଏମ୍ ଅରୁଣ ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସୁନ୍ଦରଗଡ଼ ଜିଲା ରକ୍ତ ଭଣ୍ଡାରର ଡା. ଶରତ ନାଏକ, ରତ୍ନପ୍ରଭା ନାୟକ ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜରଙ୍ଗଲୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. କଲ୍ୟାଣୀ ଦଣ୍ଡସେନା ଶିବିରକୁ ପରିଚାଳନା କରିଥିଲେ। ବଡ଼ଗାଁ ଆଇଟିଆଇ ସ୍କାଉଟ୍ସ ଗାଇଡ ରାଜ୍ୟ ତାଲିମ କେନ୍ଦ୍ରର ସ୍କାଉଟ ମାଷ୍ଟର ସୌରଭ ପଣ୍ଡା ଓ ସ୍କାଉଟ୍ସ ଗାଇଡ୍ ଛାତ୍ରୀଛାତ୍ରମାନେ ଶିବିର ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।


ଶିବିରରେ ସେବା ଦେଉଥିବା ସ୍କାଉଟ ଗାଇଡ ଛାତ୍ରୀଛାତ୍ର।

## ମହିଳାଙ୍କ ଉପରେ ଚଢ଼ିଗଲା ଟ୍ରେଲର

**ଟାୟାର ଜାଳି ୪ଘଣ୍ଟା ବିଜୁ ଏକ୍ସପ୍ରେସ୍ ଅବରୋଧ କଲେ ଉତ୍ତ୍ୟକ୍ତ ଲୋକେ**

ସୁନ୍ଦରଗଡ, ୧।୧୨ (ଜୟ ନାରାୟଣ ମେଣ୍ଟୁଲି)

ରାଉରକେଲା-ସମ୍ବଲପୁର ବିଜୁ ଏକ୍ସପ୍ରେସ ୱେର ସୁନ୍ଦରଗଡ଼ ଜିଲା ବିଜାପଡା ଛକରେ ରବିବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଅଟୋରୁ ଓହ୍ଲାଉଥିବା ଜଣେ ମହିଳାଙ୍କ ଉପରେ ଏକ ଟ୍ରେଲର ଚଢିଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ପଣସପଡାର ହେଲେନ ବୁଡ(୪୦)। ସେ ତାଙ୍କ ସ୍ୱାମୀଙ୍କ ସହିତ ଲୁହୁରାଡିପା ନୂଆ ବସଷ୍ଟାଣ୍ଡରୁ ଘରକୁ ଫେରୁଥିବା ବେଳେ ଝାରସୁଗୁଡା ପଟୁ ଆସୁଥିବା ଟ୍ରେଲରଟି ତାଙ୍କ ଉପରେ ଚଢିଯାଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ଟାଉନଥାନା ପୋଲିସ ଓ ସଦର ତହସିଲଦାର ଦୁର୍ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟି ଅନେକ ଜୀବନହାନୀ ଘଟୁଥିବାରୁ ହମ୍ପସ ନିର୍ମାଣ ଓ ମୃତକଙ୍କ ପରିବାର ବର୍ଗଙ୍କୁ କ୍ଷତି ପୂରଣ ଦାବି କରିଥିଲେ। ଆଲୋଚନା ପରେ ପ୍ରଶାସନର ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ମୃତଦେହ ଜବତ କରିଛି। ସୋମବାର ବ୍ୟବଚ୍ଛେଦ କରାଯିବ।


ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

## ଏଡ୍‌ସ ସଚେତନତା ଶୋଭାଯାତ୍ରା, ସଭା



ଏଡ୍‌ସ ସଚେତନତା ଅବସରରେ ନୃତ୍ୟ ପରିବେଷଣ କରାଯାଉଛି।

ସୁନ୍ଦରଗଡ, ୧।୧୨ (ଜୟ ନାରାୟଣ ମେଣ୍ଟୁଲି)

ରୋଟାରି କ୍ଲବ ସୁନ୍ଦରଗଡ଼ ଟାଉନ ଆନୁକୂଲ୍ୟରେ ଓ ଭେଡ଼ାବାହାଲ ସ୍ଥିତ ସୁନ୍ଦରଗଡ ନିର୍ସିଂ କଲେଜର କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ସହଯୋଗରେ ବିଶ୍ୱ ଏଡସ ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମିଶନ ଛକଠାରୁ ଷ୍ଟେଟ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ସୁନ୍ଦରଗଡ ନିର୍ସିଂ କଲେଜର ୩୦୦ ଛାତ୍ରୀଛାତ୍ର ଓ କର୍ମଚାରୀ ଯୋଗଦେଇ ସ୍ଲୋଗାନ ଦ୍ୱାରା ଏଡସର କାରଣ ଓ ନିରାକରଣ ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଷ୍ଟେଟ ବ୍ୟାଙ୍କ ଛକଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ରୋଟାରୀ କ୍ଲବ ସଭାପତି ରୋଟାରିଆନ ଦିଲ୍ଲୀପ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ତଥା ରୋଟାରିଆନ ଦିଲ୍ଲୀପ କୁମାର ଷଡଙ୍ଗୀ ଏଡସ ମହାମାରୀର ଭୟାବହତା ଓ ଏଡସ ନିରାକରଣରେ ସମାଜର ଦାୟିତ୍ୱ ବିଷୟରେ ଭାଷଣ ପ୍ରଦାନ କରିଥିଲେ। ଏହାପରେ ନର୍ସିଂ କଲେଜର ଅଧ୍ୟକ୍ଷା ତଥା ରୋଟାରିଆନ ସୁନିମା ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏଡସ ସମ୍ପର୍କିତ ଏକ ପଥପ୍ରାନ୍ତ ନାଟକ ଓ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସମ୍ପାଦକ ରୋଟାରିଆନ ଶୋଭନ ଦାଶ, ରୋଟାରିଆନ ଦିନବନ୍ଧୁ ଭିତ୍ରିଆ, ବାଳଗୋପାଳ ମିଶ୍ର, ପ୍ରଦୀପ କୁମାର ଦାଶ, ସଞ୍ଜୟ ଅଗ୍ରବାଲ, ସମୀର କୁମାର କର, ଚଇତାଳି ଦତ୍ତ, ପ୍ରୀୟରଞ୍ଜନ ଯୋଶୀ, ବିଶ୍ୱରଞ୍ଜନ ପୁରୋହିତ, ସୁରେଶ ପୃଷ୍ଟି, ଶୁଭ୍ରେନ୍ଦୁ ମହାପାତ୍ର, ଜୟନ୍ତ ନାଏକ ଓ ରୋଟାରି ସାଥୀ ସ୍ମିତାରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କ୍ଲବର ବରିଷ୍ଠ ସଦସ୍ୟ ତଥା ଆଗାମୀବର୍ଷ ପାଇଁ ମନୋନୀତ ସଭାପତି ରୋଟାରିଆନ ଡ. ଚିରବ୍ରତ ଦତ୍ତ ଧନ୍ୟବାଦ ପ୍ରସ୍ତାବ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଏବିଇଓଙ୍କୁ ସମ୍ବର୍ଦ୍ଧନା

କୁଆଁରମୁଣ୍ଡା, ୧।୧୨ (ମହେନ୍ଦ୍ର କୁମାର ସାହୁ)

ନଭେମ୍ବର ୩୦ ତାରିଖରେ ଅବସର ନେଇଥିବା କୁଆଁରମୁଣ୍ଡା ବ୍ଲକ ଏବିଇଓ ଦରୋଥିଆ ଟପ୍ପୋଙ୍କୁ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶନିବାର ସନ୍ଧ୍ୟାରେ କୁଆଁରମୁଣ୍ଡା ବ୍ଲକ ଶିକ୍ଷକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ସଞ୍ଜୟ କୁମାର ସାମଲଙ୍କ ନେତୃତ୍ୱରେ ଶିକ୍ଷକ ଶିବ ପ୍ରସାଦ ମହାପାତ୍ର, ପୀତବାସ ପରିଡ଼ା, ଶିକ୍ଷା ବିଭାଗ କନିଷ୍ଠ ଯନ୍ତ୍ରୀ ଅଜିତ ଗିରି, ସାମାଜିକ କର୍ମୀ ପ୍ରଭାକର ମହାନ୍ତି, ସିଆରସିସି ମନୋରଞ୍ଜନ ନାଏକ, ଯାଗେଶ୍ୱର ରାଏ, ମୀତା କାଲୋ, ରାଏବୋଗା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଭୀଷଣ ତନ୍ତୀ ପ୍ରମୁଖ ଅବସର ଗ୍ରହଣ କରିଥିବା ଦରୋଥିଆ ଟପ୍ପୋଙ୍କ ବାସଭବନରେ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।


କୁଆଁରମୁଣ୍ଡା ବ୍ଲକର ଅବସରପ୍ରାପ୍ତ ଏବିଇଓ ଦରୋଥିଆ ଟପ୍ପୋଙ୍କୁ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

## ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ

କୁତ୍ରା, ୧।୧୨ (ଦେବାଶିଷ ସାହୁ)

କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ଓ ଜିଲା ଇକୋ କ୍ଲବ ସଂଯୋଜକ ତଥା ମାଷ୍ଟରଟ୍ରେନର ଡ.ବିଭୀଷଣ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୮୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କୁ ଶକ୍ତି ସଂରକ୍ଷଣର ବିଭିନ୍ନ ଦିଗ ଉପରେ ସଚେତନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ କୁତ୍ରାର କ୍ରୀଷ୍ଣା ମାଝୀ ପ୍ରଥମ ହୋଇଥିବା ବେଳେ ତରକେରା ଉଚ୍ଚ ବିଦ୍ୟାଳୟର ଆସତ୍ରୀକ ମିଞ୍ଜ ଦ୍ୱିତୀୟ ଓ ବିରିଙ୍ଗାଟୋଲି ଉଚ୍ଚ ବିଦ୍ୟାଳୟର ଶିବା ବାରୁ ତୃତୀୟ ସ୍ଥାନ ହାସଲ କରିଥିଲେ। ପରୀକ୍ଷା ପରିଚାଳକ ଭାବେ ଅବିନାଶ କର, ସୁଦାମ ମହାନନ୍ଦ, ସେରୋଫିନା ଏକ୍କା, ନମିତା କୁଲୁ, ସୁନିତା ପଟେଲ ପ୍ରମୁଖ ରହିଥିବା ବେଳେ ଦୀପିକା କେର୍କେଟା ଓ ଡ. ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଆଗାମୀ ଜିଲା ସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ।



ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ଛାତ୍ରମାନେ।

**ବିଶ୍ରାରେ ସିନର୍ଜି ଲୋକ ସାଂସ୍କୃତିକ ନୃତ୍ୟ ମହୋତ୍ସବ**

## ଆରତୀ ନୃତ୍ୟ ଦଳ ଚାମ୍ପିୟନ

ରାଉରକେଲା, ୧।୧୨ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ସିଏସ୍‌ଆର ବିଭାଗ ପକ୍ଷରୁ ବିଶ୍ରା ବ୍ଲକ ଅନ୍ତର୍ଗତ ତୁଳସୀକାନୀ ଗ୍ରାମରେ ଜୋନ୍‌ସ୍ତରୀୟ ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଗ୍ରାମର ୩୦ଟି ନୃତ୍ୟଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଆର୍‌ଏସ୍‌ପି ଗୁଣବତ୍ତା ବିଭାଗର ସିଜିଏମ୍ ଆତିଶ ଚନ୍ଦ୍ର ସରକାର ମୁଖ୍ୟଅତିଥି, ମାନବ ସମ୍ବଳ ଅଣକାର୍ଯ୍ୟ ସିଏଫ୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ଡ. ପି. କେ. ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା, ଏଜିଏମ୍ ଟି. ବି. ଟପ୍ପୋ ଓ ଏ. ଏନ୍. ପତି ଏବଂ ସିଏସ୍‌ଆର ବିଭାଗର ଅନ୍ୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ। ରୁଦ୍ଧିମନ୍ତ ଆଦିବାସୀ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ତଥା ଐତିହ୍ୟର ପ୍ରୋତ୍ସାହନ ପାଇଁ ସିଏସ୍‌ଆର ବିଭାଗର ପ୍ରୟାସକୁ ମୁଖ୍ୟଅତିଥି ପ୍ରଶଂସା କରିଥିଲେ। ଏଥିସହିତ ନୃତ୍ୟ ଉତ୍ସବ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ନୃତ୍ୟ ଦଳମାନଙ୍କୁ ପୁରସ୍କୃତ କରିଥିଲେ। ଉଡୁସୁ ଗ୍ରାମର ଆରତୀ ନୃତ୍ୟ ଦଳ ପ୍ରଥମ ପୁରସ୍କାର ବାବଦ ୧୦ହଜାର ଟଙ୍କା ଓ ଟ୍ରଫି ଲାଭ କରିଥିବା ବେଳେ ଉଡୁସୁ ଗ୍ରାମର ସଞ୍ଚିତା ନୃତ୍ୟ ଦଳ ଦ୍ୱିତୀୟ ପୁରସ୍କାର ଭାବେ ୮ହଜାର ଟଙ୍କା ଓ ଟ୍ରଫି ଲାଭ କରିଥିଲା। ସାରୁବାହାଲ ଗ୍ରାମର ଲକ୍ଷ୍ମୀ ନୃତ୍ୟ ଦଳ ତୃତୀୟ ଦଳ ଭାବେ ୬ହଜାର ଟଙ୍କା ଓ ଟ୍ରଫି ଲାଭ କରିଥିଲା। ଅବଶିଷ୍ଟ ଦଳଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ୨୫ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ସୁଶ୍ରୀ ମୁନମୁନ ମିତ୍ରା ସ୍ୱାଗତ ଭାଷଣ ଏବଂ ଟି. ବି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ଫିଲ୍ଡ ଆସିଷ୍ଟାଣ୍ଟ ବି .ଏକା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ନୃତ୍ୟ ପ୍ରତିଯୋଗିତାର ଚାମ୍ପିୟନ ଦଳର କଳାକାରଗଣ।

**ଠରଲି ଗ୍ରାମରେ ୩୦ ଟିକିଆ ହାତୀପଲ**

ସମ୍ବଲପୁର,(ଭବାନୀ ଶଙ୍କର ଭୋଇ): ସମ୍ବଲପୁର ବ୍ଲକ ଯୁଯୋମୁରା ବ୍ଲକ ଝାଙ୍କରପାଲି ପଞ୍ଚାୟତର ଠରଲି ଗ୍ରାମରେ ଶନିବାର ରାତିରେ ୩୦ଟିକିଆ ହାତୀପଲ ଉପଦ୍ରବ କରିଥିବା ଅଭିଯୋଗ ହୋଇଛି। ସୂଚନା ପାଇ ବନବିଭାଗର ଏକ ଟିମ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ହାତୀମାନଙ୍କୁ ଘଉଡାଇଥିଲେ। ଏଥିପୂର୍ବରୁ ହାତୀପଲ ଗ୍ରାମର ଶ୍ୟାମ ଭୋଇଙ୍କ ଏକ ଏକର ଧାନ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ବନ ବିଭାଗ ହାତୀପଲର ଗତିବିଧି ଉପରେ ନଜର ରଖିଛି।

# ହୀରାକୁଦରେ ଇକୋ-ରିଟ୍ରିଟ୍‌ର ଶୁଭାରମ୍ଭ

ସମ୍ବଲପୁର,୧।୧୨(ପ୍ରମୋଦ ବହିଦାର)


ଅତିଥିମାନେ ଜମାଦାରପାଲିରେ ଇକୋ-ରିଟ୍ରିଟ୍ ଉଦ୍ୟାନକୁ ଫିତାକାଟି ଶୁଭାରମ୍ଭ କରୁଛନ୍ତି।

- ହ୍ରାସ ପାଇଲା କଟେଜ୍ ଦର
- ପର୍ଯ୍ୟଟକଙ୍କୁ ମିଳିବ ଷ୍ଟାର ହୋଟେଲ ସୁବିଧା
- ସମସ୍ତ କଟେଜ୍ ପ୍ରିମିୟମ ଶ୍ରେଣୀର

ହୀରାକୁଦରେ ରବିବାରଠାରୁ ଇକୋ-ରିଟ୍ରିଟ୍‌ର ଶୁଭାରମ୍ଭ ହୋଇଛି। ଆକର୍ଷଣୀୟ ଭୌଗୋଳିକ ଅବସ୍ଥିତି, ଉପଯୋଗୀ ପରିବେଶ ସହିତ ଗମନାଗମନ ସୁବିଧା ହୀରାକୁଦ ଇକୋ-ରିଟ୍ରିଟ୍ ସମଗ୍ର ଦେଶରେ ସର୍ବୋତ୍କୃଷ୍ଟ ପର୍ଯ୍ୟଟନସ୍ଥଳି। ଏହା ଦେଶ ବିଦେଶର ପର୍ଯ୍ୟଟକଙ୍କୁ ବିଶେଷ ଭାବେ ଆକର୍ଷଣ କରିବ। ନିକଟରେ ଥିବା ବିମନ ବନ୍ଦର, ସମ୍ବଲପୁରକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ତଥା ରେଳ ଯୋଗାଯୋଗ ପର୍ଯ୍ୟଟକମାନଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି କହିଛନ୍ତି ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର। ସମ୍ବଲପୁର ହୀରାକୁଦ ଜଳଭଣ୍ଡାରର ନିକଟସ୍ଥ ଜମାଦାରପାଲିଠାରେ ରବିବାର ଚଳିତବର୍ଷ ଶୀତଦିନିଆ ପର୍ଯ୍ୟଟନର ଆକର୍ଷଣୀୟ ପର୍ବ ଇକୋ-ରିଟ୍ରିଟ୍‌ର ଶୁଭାରମ୍ଭ ଅବସରରେ ଜିଲାପାଳ ବୋନ୍ଦର ଏହା କହିଛନ୍ତି।

ରବିବାର ପୂର୍ବାହ୍ନରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଇକୋ-ରିଟ୍ରିଟର ଶୁଭାରମ୍ଭ ହୋଇଛି। ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନି ନାୟକଙ୍କ ସହିତ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲାପାଳ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ସମ୍ବଲପୁର ବନଖଣ୍ଡ ଅଧିକାରୀ କାଲୁଙ୍ଗେ ଗୋରଖ ୱାମାନ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିଶ ଭୋସଲେ ଶୁଭମ ସଞ୍ଜୟ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଜିଲା ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ରବିନ୍ଦ୍ର କୁମାର ଦଳେଇ, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ, ସରପଞ୍ଚ କୀଲାସମା ଗୌରୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିଙ୍କ ଗହଣରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଫିତାକାଟି ଇକୋ-ରିଟ୍ରିଟ୍‌ର ଶୁଭାରମ୍ଭ କରିଥିଲେ। ରବିବାରଠାରୁ ଶୁଭାରମ୍ଭ ହୋଇଥିବା ଶୀତକାଳୀନ ଇକୋ-ରିଟ୍ରିଟ୍ ଆସନ୍ତା ଫେବୃଆରୀ ୨୮ ପର୍ଯ୍ୟନ୍ତ ଚାଲିବ। ଏଥିରେ ପର୍ଯ୍ୟଟକଙ୍କ ପାଇଁ ଷ୍ଟାର ହୋଟେଲର ରହଣି ସୁବିଧା, ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ, ଅପରାହ୍ନ ଚା ଓ ସ୍ନାକ୍ ସହିତ ରାତ୍ରି ଭୋଜନରେ ଉଭୟ ପାରମ୍ପରିକ ଓ କଣ୍ଟିନେଣ୍ଟାଲ ଖାଦ୍ୟ, ପାନୀୟ ପରିବେଷଣ କରାଯିବ। ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ପାରମ୍ପରିକ ନାଚ, ଗୀତ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା, ଜଳକ୍ରୀଡ଼ା, ହୀରାକୁଦ ଜଳଭଣ୍ଡାରରେ ନୌକା ବିହାରର ସୁଯୋଗ ପାଇବେ ପର୍ଯ୍ୟଟକ। ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ଭାବେ ମା' ସମଲେଇଙ୍କ ପୀଠ, ଡେବ୍ରିଗଡ଼ ଅଭୟାରଣ୍ୟ, ହୁମା ବକ୍ରମନ୍ଦିର, ଘଣ୍ଟେଶ୍ୱରୀ ମନ୍ଦିର ପରିଦର୍ଶନର ସୁଯୋଗ ସହିତ ସମ୍ବଲପୁରୀ ହସ୍ତତନ୍ତ ବସ୍ତ୍ର କ୍ରୟ କରିବାର ମଧ୍ୟ ସୁବିଧା ପାଇବେ।

ଚଳିତବର୍ଷ ପର୍ଯ୍ୟଟକଙ୍କ ପାଇଁ ଇକୋ-ରିଟ୍ରିଟରେ ସମସ୍ତ ୨୫ଟି ଯାକ ବିଳାସପୂର୍ଣ୍ଣ ପ୍ରିମିୟମ କଟେଜ ରହିଛି। ଏଥିରେ ୨ ଜଣ ବୟସ୍କ ପର୍ଯ୍ୟଟକ ଓ ତାଙ୍କ ୮ବର୍ଷରୁ କମ୍ ବୟସ୍କ ସନ୍ତାନଙ୍କ ପାଇଁ ଗୋଟିଏ ଦିନ (୨୪ ଘଣ୍ଟା) ରହଣୀ ସକାଶେ କଟେଜ୍‌ର ୫ ହଜାର ଟଙ୍କା ଯୁକ୍ତ ଜିଏସ୍‌ଟି ରଖାଯାଇଛି। ତେବେ ସପ୍ତାହନ୍ତ ଶେଷ ଦୁଇଦିନ ଶନିବାର ଓ ରବିବାର ଗୋଟିଏ ଦିନର ରହଣୀ ପାଇଁ କଟେଜର ମୂଲ୍ୟ ୬ ହଜାର ଟଙ୍କା ଯୁକ୍ତ ଜିଏସ୍‌ଟି ରଖାଯାଇଛି। ଏଥିରେ ବିନା ଅତିରିକ୍ତ ଶୁଳ୍କରେ ରହଣୀ ବେଳେ ପର୍ଯ୍ୟଟକଙ୍କୁ ଚାରିଓଳି ଖାଦ୍ୟ, ଷ୍ଟାର ହୋଟେଲର ସୁବିଧା ସହିତ ହୀରାକୁଦ ଜଳଭଣ୍ଡାର, ସମଲେଶ୍ୱରୀଙ୍କ ପୀଠ, ବକ୍ର ମନ୍ଦିର ହୁମା, ଘଣ୍ଟେଶ୍ୱରୀ ମନ୍ଦିର ପରିଦର୍ଶନର ସୁବିଧା ଯୋଗାଇ ଦିଆଯିବ।

## ସମବାୟ ସମିତି ସଭ୍ୟାସଭ୍ୟଙ୍କ ପ୍ରଶିକ୍ଷଣ ଶିବିର


ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ସେବା ସମିତି ସଭ୍ୟାସଭ୍ୟ ଓ ଅଧିକାରୀ।

ଜମନକିରା,୧।୧୨(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଫାଶିମାଲ ସମବାୟ ସମିତି ସଭ୍ୟା ସଭ୍ୟଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଶିମାଲ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ଶିବିରରେ ଜମନକିରା ସମବାୟ ସମିତି ପ୍ରବନ୍ଧକ ସିନୁରାଜ ସାହୁ ମୁଖ୍ୟଅତିଥି, ଏଆର୍‌ସିଏସ ସୌମିତ୍ର ବେହେରା ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଶାଖା ପ୍ରବନ୍ଧକ ସାହୁ ତାଙ୍କ ବାକ୍ତବ୍ୟରେ ଚାଷୀଙ୍କୁ ଅଧିକାର ଏବଂ କର୍ତ୍ତବ୍ୟ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଚାଷୀମାନେ କେବଳ ସମବାୟ ସମିତିରୁ ଋଣ ନେଇ ଚାଷ କାର୍ଯ୍ୟ କରିବାରେ ସୀମିତ ରହନ୍ତୁ ନାହିଁ। ସରକାରଙ୍କ ତରଫରୁ ଦିଆଯାଉଥିବା ଗୋପାଳନ, ଛେଳି ପାଳନ, କୁକୁଡ଼ା ପାଳନ ଉପରେ ଦିଆ ଯାଉଥିବା ଋଣ ନେଇ କୃତକାର୍ଯ୍ୟ ହେବାପାଇଁ ଚେଷ୍ଟା କରିବା ଉଚିତ ବୋଲି ସାହୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ଫାଶୀମାଲ ଲ୍ୟାମ୍ପସ ସଭାପତି ସୁଦର୍ଶନ କିଶାନ, ଏମଡି ହରେକୃଷ୍ଣ ରାଉତ, କିଶୋର ମହାପାତ୍ର, ସଞ୍ଜୀବ ପୃଷ୍ଟେଠ, ଲମ୍ବୋଦର ଭୋଇ, ସନ୍ତୋଷ ପ୍ରଧାନ, ସୁବ୍ରତ ନାୟକ, ଆଶିଷ ପଟେଲ, ସୁରେଶ ପ୍ରଧାନଙ୍କ ସମେତ ଫାଶୀମାଲ ଲ୍ୟାମ୍ପସ ଅନ୍ତର୍ଗତ ବହୁ ଚାଷୀ ଯୋଗଦେଇଥିଲେ।

## ସହଜ ଜନସେବା କେନ୍ଦ୍ରରୁ ଚୋରି

ନାକଟିଦେଉଳ,୧।୧୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ସମ୍ମୁଖରେ ଥିବା ସହଜ ଜନସେବା କେନ୍ଦ୍ରରୁ ଚୋରି ହୋଇଛି। ଜନସେବା କେନ୍ଦ୍ର ଛାତ ଫଟାଇ ଦୁର୍ବୃତ୍ତମାନେ ଭିତରେ ଥିବା ୧୭ହଜାର ଟଙ୍କା ଓ ଗୋଟିଏ ଟାବଲେଟ ଚୋରି କରି ନେଇଛନ୍ତି। ଏଥିସହିତ ଦୋକାନରେ ଥିବା ଗୋଟିଏ ଲାପ୍‌ଟପ ଏବଂ କମ୍ପ୍ୟୁଟର ଭଙ୍ଗାରୁଜା ହୋଇଛି। ରବିବାର ସକାଳେ ଏହା ଜାଣି ଦୋକାନ ମାଲିକ ବାବୁଲା ସାହୁ ନାକଟିଦେଉଳ ଥାନରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛି। ନାକଟିଦେଉଳ ବସ୍‌ଷ୍ଟାଣ୍ଡରେ ଥିବା ଦୋକାନୀ ମାନେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବିଭିନ୍ନ ଛକରେ ପୋଲିସ ଡ୍ୟୁଟି ଏବଂ ରାତ୍ରିକାଳୀନ ପାଟ୍ରୋଲିଂ ହେଉ ନ ଥିବାରୁ ନାକଟିଦେଉଳ ଥାନା ଅଞ୍ଚଳରେ ଚୋରି ବୃଦ୍ଧି ପାଉଥିବା ସେମାନେ ଅଭିଯୋଗ କରିଛନ୍ତି।

## କୁଲତା ମହୋତ୍ସବ ପାଇଁ ପ୍ରସ୍ତୁତି


ରାମଚଣ୍ଡୀ ସେବା ସଦନଠାରେ ଆୟୋଜିତ ବୈଠକରେ ଉପସ୍ଥିତ ସଦସ୍ୟମାନେ।

ସମ୍ବଲପୁର,୧।୧୨(ଭବାନୀ ଶଙ୍କର ଭୋଇ)

କୁଲତା ସମାଜ ସମ୍ବଲପୁର ପକ୍ଷରୁ ରବିବାର ଦାନୀପାଲି ରାମଚଣ୍ଡୀ ସେବା ସଦନଠାରେ କୁଲତା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କୁଲତା ସମାଜ ସଭାପତି କୃପାସିନ୍ଧୁ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୁଲତା ମହୋତ୍ସବର ୨୦୨୫ ଜାନୁଆରୀ ୧୧ ଏବଂ ୧୨ ତାରିଖ ଦୁଇଦିନ ଧରି ଆୟୋଜନ କରାଯିବା ନେଇ ସ୍ଥିର କରାଯାଇଥିଲା। ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ କରି କୁଲତା ସମାଜର ଉପଲବ୍ଧି ଉପରେ ଲେଖା ପ୍ରକାଶ କରିବା ଉପରେ ଆଲୋଚନା କରାଯାଇଥିଲା। କୁଲତା ସମାଜ ପକ୍ଷରୁ ବିଗତ ୨୬ ବର୍ଷ ହେବ ବାର୍ଷିକ ବନ୍ଧୁମିଳନ ଆୟୋଜିତ ହୋଇ ଆସୁଛି। ତେବେ ଚଳିତବର୍ଷ ଏହାକୁ ଏକ ମହୋତ୍ସବର ରୂପ ଦେଇ ଆହୁରି ଆକର୍ଷଣୀୟ କରିବା ପାଇଁ ସ୍ଥିର କରାଯାଇଥିଲା। ଚଳିତ ବର୍ଷ ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ଏବଂ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ସମାଜର ଛାତ୍ରୀଛାତ୍ରଙ୍କୁ ମହୋତ୍ସବରେ ସମ୍ମାନୀତ କରାଯିବ। କୁଲତା ସମାଜ ସାଧାରଣ ସମ୍ପାଦକ ରଞ୍ଜନ ପାତ୍ର ଆଗାମୀ ଦିନରେ କାର୍ଯ୍ୟକାରୀ କରାଯିବାକୁ ଥିବା ବିଭିନ୍ନ ଯୋଜନା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ପ୍ରଦୀପ କୁମାର ସାହୁ, ଦେବତ୍ତମ ପ୍ରଧାନ, ଦେବଦତ୍ତ ସାହୁ, ହାରାଧର ପ୍ରଧାନ, ଅଭିରାମ ଖମାରୀ, ମୂରଲୀ ପ୍ରଧାନ, ଦୀନବନ୍ଧୁ ସାହୁ, ଆନନ୍ଦ ପ୍ରଧାନ, ଦେବବ୍ରତ ବାରିକ, ସମାରୁ ବାରିକ, ଅକ୍ଷୟ ପ୍ରଧାନ ଯୋଗ ଦେଇଥିଲେ। ଦେବୀ ପ୍ରସାଦ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୁଟ୍ ଘଟଣାରେ ଧରାପଡିଲେ ଅଭିଯୁକ୍ତଙ୍କ ସହ ୪ ନାବାଳକ

ସମ୍ବଲପୁର,୧।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଏମ୍ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରଙ୍କ ମୋବାଇଲ୍ ଓ ଟଙ୍କା ଲୁଟ୍ ଘଟଣାରେ ପୋଲିସ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଠେଲକୋପଡ଼ାର ସିଜେ ଡୁଙ୍ଗରିଆ(୩୧)। ତାଙ୍କ ସହ ଏହି ଘଟଣାରେ ୪ ନାବାଳକଙ୍କୁ ଧରିଛି ଟାଉନ ଥାନା ପୋଲିସ। ସେମାନଙ୍କ ନିକଟରୁ ୩ଟି ମୋବାଇଲ ଫୋନ, ୨ଟି ସ୍ମାର୍ଟ ଘଣ୍ଟା, ଗୋଟିଏ ନେକ୍ ବଣ୍ଡ ଓ ଛୁରି ଜବତ ହୋଇଛି। ଗତ ୨୯ ତାରିଖ ସନ୍ଧ୍ୟାରେ ଜିଏମ୍‌ୟୁର ଛାତ୍ର ସୁଧାଂଶୁ ମହାନ୍ତି ବନ୍ଧୁ କରଣମୟ ସାହୁଙ୍କ ସହିତ ଫାଟକ ଷ୍ଟେଶନ ପଟେ ଯାଉଥିବା ବେଳେ କେତେକ ଦୁର୍ବୃତ୍ତ ଛୁରି ଦେଖାଇ ତାଙ୍କୁ ଭୟଭୀତ କରି ମୋବାଇଲ ଓ ଟଙ୍କା ଲୁଟି ନେଇଥିଲେ। ସୁଧାଂଶୁଙ୍କ ଅଭିଯୋଗ କ୍ରମେ ଟାଉନ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ ଆଲୋଚନାଚକ୍ର

ନାକଟିଦେଉଳ,୧।୧୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ମା'ର ଶରୀର ଓ ହୃଦୟ ଏକ ଭିନ୍ନ ଉପାଦାନରେ ଗଢା ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ଼. ପୁଷ୍ପାଞ୍ଜଳି ରବନାଙ୍କ ସଭାପତିତ୍ୱ ଓ ଅଧ୍ୟାପିକା ଜୟନ୍ତୀ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ରାଜେଶ ନାୟକ, ମୋନାଲିସା ମୁଣ୍ଡା, ଗୀତାଞ୍ଜଳି ମିର୍ଦ୍ଧା ଓ ଜିତେନ ସାହୁ ମା'ର ଭୂମିକା, ମା'ର ପୃଥିବୀ, ମା' ମନ ଓ ହୃଦୟ ସମ୍ପର୍କରେ ତାତ୍ତ୍ୱିକ ପ୍ରବନ୍ଧ ଉପସ୍ଥାପନା କରିଥିଲେ। ପ୍ରଣତି ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ଯଶ୍ମିନ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିବାନୀ ସିଂହ ସଭା ପରିଚାଳନା କରିଥିଲେ।

## ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ସମ୍ବଲପୁର,୧।୧୨(ବି.ଶଙ୍କର)

ପ୍ରଜ୍ଞାନ ମିଶନ ସମ୍ବଲପୁର ଶାଖା ପକ୍ଷରୁ ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ରବିବାର ଧନୁପାଲି ଶିଶୁ ବିଦ୍ୟା ମନ୍ଦିର ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ବିଭୁ ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରତିଯୋଗିତା ହୋଇଥିଲା। ପ୍ରଜ୍ଞାନ ମିଶନ ସମ୍ବଲପୁର ଜିଲା ସଂଯୋଜକ ଡ. ଦୁଃଶାସନ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଚାରକଭାବେ ଜିଏମ୍‌ୟୁ ପ୍ରଫେସର ରାଜକିରଣ ମିଶ୍ର ଯୋଗଦେଇଥିଲେ। କ ବିଭାଗରେ ଆୟାଂଶ ମୋହନ ଦାଶ, ଅନିନ୍ଦ୍ୟ ସୁନ୍ଦର ମହାନ୍ତି, ସାଇ ସନ୍ତୋଷ ଦାଶ, ଖ ବିଭାଗରେ ସାଇ କ୍ରୀଷ୍ଟା ଦାସ, ଅନ୍ୱେଶା ପୁରୋହିତ, ଯମୁନା କର୍ମୀ, ଗ ବିଭାଗରେ ଅନୀଲ ମେହେର, ଅଭିପ୍ସା ଦାଶ, ସ୍ୱସ୍ତିକ ପ୍ରଧାନ, ଘ ବିଭାଗରେ ପ୍ରିୟା ମେହେର, ବିନତି ସାହୁ, ଅମିନା ବାରିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚଳିତ ମାସ ୨୬ ତାରିଖ ପୁରୀ ଜିଲା ବାଲିଘାଇ ହରିହରାନନ୍ଦ ଗୁରୁକୁଳମଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ହେବ। ଜିଲା ସ୍ତରୀୟ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ ବୋଲି ସଂଯୋଜକ ଡ. ବିଶ୍ୱାଳ ସୂଚିତ କରିଛନ୍ତି।

## ଶୃଙ୍ଖଳିତ ଜୀବନ ଏକମାତ୍ର ବିକଳ୍ପ

କୁଚିଣ୍ଡା,୧।୧୨(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା କଲେଜରେ ରବିବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା କୁଚିଣ୍ଡା ସହର ପରିକ୍ରମା କରିଥିଲା। କଲେଜ ଅଧ୍ୟକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ର ଛାତ୍ରୀଛାତ୍ରଙ୍କୁ ଏଡସ ଭଳି ଦୂରାରୋଗ୍ୟରୁ ଦୂରେଇ ରହିବାକୁ ଆହ୍ୱାନ କରିଥିଲେ। ଯୁବ ରେଡକ୍ରସ ଅଧିକାରୀ ଦିବ୍ୟ ନାଗ ରେଡ ରିବନ କ୍ଲବ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ଅଧ୍ୟାପକ ଭିକାରୀ ଓରାମ ଶୃଙ୍ଖଳିତ ଜୀବନ ହିଁ ଏକମାତ୍ର ବିକଳ୍ପ ବୋଲି ମତ ରଖିଥିଲେ। ଅଧ୍ୟାପିକା ମଞ୍ଜୁଶ୍ରୀ ଦାସ ରୋଗୀକୁ ନୁହେଁ ରୋଗରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ସହରର ବିଭିନ୍ନ ସ୍ଥାନରେ ଲୋକଙ୍କୁ ରେଡ ରିବନ ଦେବା ସହିତ ରୋଗର ଭୟାବହତା ବିଷୟରେ ବୁଝାଇଥିଲେ। ଏହି ଉପଲକ୍ଷେ ଉପଲକ୍ଷେ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା।


କଲେଜ ଅଧ୍ୟକ୍ଷାଙ୍କ ସହ ଛାତ୍ରୀଛାତ୍ରମାନେ।

## ୫୩ ନୂତନ ଏଡ୍‌ସ ରୋଗୀ ଚିହ୍ନଟ

ସମ୍ବଲପୁର,୧।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ସକାଳେ ଏଏନ୍‌ଏମ୍ ଛାତ୍ରୀଙ୍କୁ ନେଇ ଏକ ସଚେତନତା ରାଲି ଜିଲା ମୁଖ୍ୟ ଚିକିତ୍ସାଳରୁ ବାହାରି ନଗର ପରିକ୍ରମା କରିଥିଲା। ଅତିରିକ୍ତ ଜିଲା ମୁଖ୍ୟ ଶିକ୍ଷା ଅଧିକାରୀ(ଟିବି) ଡା. ସଞ୍ଜିବ କୁମାର ତରିଆ ସବୁଜ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ପରେ ଜିଲା ମୁଖ୍ୟ ଚକିତ୍ସାଳୟ ପରିସରରେ ଆୟୋଜିତ ସଭାରେ ମୁଖ୍ୟବକ୍ତାଭାବେ ଯୋଗଦେଇ ଅତିରିକ୍ତ ଜିଲା ମୁଖ୍ୟ ଶିକ୍ଷା ଅଧିକାରୀ(ଟିବି) ଡା. ତରିଆ ଏଡ୍‌ସର ଭୟାବହତା ଉପରେ ବକ୍ତବ୍ୟ ରଖି ଏହାର ନିରାକରଣ ଓ ସତର୍କତା ନେଇ ସଚେତନତା ବାର୍ତ୍ତା ଦେଇଥିଲେ। ଏଥିରେ ସମ୍ବଲପୁରର ବିଭିନ୍ନ ସ୍ୱାସ୍ଥ୍ୟ ବିଭାଗ ସହିତ ଜଡ଼ିତ ବିଭିନ୍ନ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଯୋଗ ଦେଇଥିଲେ। ଚଳିତବର୍ଷ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ୫୩ ଜଣ ନୂତନ ଏଚ୍‌ଆଇଭି ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ସମ୍ବଲପୁର ଜିଲାରେ ଏଚ୍‌ଆଇଭି ସଚେତନତା ଓ ଆକ୍ରାନ୍ତଙ୍କୁ ସହଯୋଗ ଓ ଏନେଇ ଆବଶ୍ୟକ ସତର୍କତା ପରାମର୍ଶ ସକାଶେ ୩ଟି ବେସରକାରୀ ସଂସ୍ଥାକୁ ନିୟୋଜିତ କରାଯାଇଛି। ମାତ୍ର ପ୍ରତିବର୍ଷ ନୂତନ ରୋଗୀ ଚିହ୍ନଟ ହେଉଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସମ୍ବଲପୁର ଜିଲା ମୁଖ୍ୟାଳୟରେ ଗତ ଅକ୍ଟୋବର ଶେଷ ସୁଦ୍ଧା ୧୦୨୧ ଏଚ୍‌ଆଇଭି ରୋଗୀଙ୍କୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ଚଳିତ ବର୍ଷ ୫୩ ଜଣ ନୂତନ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୦ ଜଣ ପୁରୁଷ, ୮ ଜଣ ମହିଳା ଓ ୫ ଜଣ କିନ୍ନର ଅନ୍ତର୍ଭୁକ୍ତ। ଏମାନଙ୍କ ମଧ୍ୟରୁ ଚଳିତ ବର୍ଷ ଜଣକର ମୃତ୍ୟୁ ଘଟିଛି।

**ସମ୍ବଲପୁର ଜିଲାର ବିଭିନ୍ନ ସ୍ଥାନରେ ଏଡ୍‌ସ ଦିବସ ପାଳିତ**

# ସଚେତନତାରେ ନିରାକରଣ

ନାକଟିଦେଉଳ,୧।୧୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ରବିବାର ବିଶ୍ୱ ଏଡ୍‌ସ ଦିବସ ସହ ଏକ ରକ୍ତ ଦାନ ଶିବିର ଆୟେଜିତ ହୋଇଯାଇଛି। ୟୁଥ ରେଡକ୍ରସ ୟୁନିଟ, ରେଡ ରିବନ କ୍ଲବ, ଜାତୀୟ ସେବା ଯୋଜନା ଶାଖା ଓ ଓଡ଼ିଶା ଡ୍ରାଇଭର ମହାସଂଘ ନାକଟିଦେଉଳ ବ୍ଲକ ଶାଖା ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ନାକଟିଦେଉଳ ଡିଗ୍ରୀ କଲେଜ ଅଧ୍ୟକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ରେଢାଖୋଲ ଉପଖଣ୍ଡ ଡାକ୍ତରଖାନା ବ୍ଲଡବ୍ୟାଙ୍କ ଅଫିସର ଡାକ୍ତର ଅଭିଷେକ ଦାଶ ଏଡ୍‌ସ ରୋଗର କାରଣ ନିରାକରଣ ଓ ରକ୍ତବର୍ଗ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳ, ରେଢାଖୋଲ ବ୍ଲଡ ବ୍ୟାଙ୍କ ଟେକ୍ନିସିଆନ ଇନ୍ଦ୍ରମଣି ବେହେରା ଓ ବ୍ଲକ ଡ୍ରାଇଭର ମହାସଂଘ ସଭାପତି ରଞ୍ଜିତ କୁମାର ସାହୁ ଯୋଗଦେଇ ରକ୍ତଦାନର ଆବଶ୍ୟକତା ଓ ସଚେତନତା ହିଁ ଏଡ଼ସ ରୋଗର ଏକମାତ୍ର ନିରାକରଣ ବୋଲି କହିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ଼. ପୁଷ୍ପାଞ୍ଜଳି ରବନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଯୁଥ ରେଡକ୍ରସ ଅଧିକାରୀ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପ୍ରାୟ ୩୦୦ ଜଣଙ୍କର ରକ୍ତବର୍ଗ ପରୀକ୍ଷା କରାଯାଇଥିବା ବେଳେ ୩୧ ଜଣ ରକ୍ତ ଦାନ କରିଥିଲେ । ଓଡ଼ିଶା ଡ୍ରାଇଭର ସଂଘ ନାକଟିଦେଉଳ ଶାଖା କର୍ମକର୍ତ୍ତା ତଥା ସମସ୍ତ ସଭ୍ୟ ଓ ଏନଏସଏସ ସ୍ୱେଚ୍ଛାସେବୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ସମସ୍ତ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ସମ୍ବଲପୁର: ରବିବାର ଏନ୍‌ଏସ୍‌ସିବି ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଶ୍ୱ ଏଡସ ଦିବସ ଶୋଭାଯାତ୍ରା।



ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଉଛି।

### ସାମୂହିକ ଶପଥ ପାଠ, ସଚେତନତା ଶୋଭାଯାତ୍ରା

ସମ୍ବଲପୁର,(ବି.ଶଙ୍କର): ନେତାଜୀ ସୁବାଷ ଚନ୍ଦ୍ର ବୋଷ(ଏନ୍‌ଏସ୍‌ସିବି) ମହାବିଦ୍ୟାଳୟରେ ବିଶ୍ୱ ଏଡସ ଦିବସ ରବିବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପ୍ରଦୀପ କୁମାର ହରିପାଲଙ୍କ ଉପସ୍ଥିତିରେ ଏନ୍‌ଏସ୍‌ଏସ ସ୍ୱେଚ୍ଛାସେବୀ, ସମସ୍ତ ଅଧ୍ୟାପିକାଅଧ୍ୟାପକ ଏଡସ ରୋଗର ସଚେତନତା ନିମନ୍ତେ ସାମୂହିକ ଶପଥ ପାଠ କରିଥିଲେ । ଏହାପରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଶୋଭାଯାତ୍ରାରେ ବାହାରି ନିକଟସ୍ଥ ପୋଷ୍ୟ ଗ୍ରାମ ପିଲାକନ୍ଦେଇପଡ଼ା ପର୍ଯ୍ୟନ୍ତ ଯାଇ ପଡ଼ା ବାସିନ୍ଦାଙ୍କୁ ସଚେତନ କରାଇଥିଲେ। ଏଥିସହ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ଏନ୍‌ଏସ୍‌ଏସ୍ ସହକାରୀ ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପିକା ରୋଜାଲି ସେଠ୍ ଏଡସ ରୋଗର କାରଣ, ସଂକ୍ରମଣର ମାଧ୍ୟମ, ନିଦାନ ତଥା ଉପଚାର ସମ୍ବନ୍ଧରେ ଲୋକଙ୍କୁ ବୁଝାଇଥିଲେ। ଏଡସ ରୋଗୀଙ୍କୁ କିପରି ପରିବାର ଏବଂ ସମାଜରେ ସହଯୋଗର ହାତ ବଢାଇବେ କହିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଏନଏସଏସ ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ସୁରେଶ ଏକ୍କା ପରିଚାଳନା କରିଥିଲେ।

### ବିଜିଡି କଲେଜରେ ରକ୍ତଦାନ ଶିବିର, ଏଡ୍‌ସ ଦିବସ

କୁଚିଣ୍ଡା(ବିରଞ୍ଚି ଦର୍ଜୀ): ବାମରା ବ୍ଲକ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ(ବିଜିଡି)ଠାରେ ରେଡ ରିବନ କ୍ଲବ ଓ ଯୁବ ରେଡକ୍ରସର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ସହ ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦୟାସାଗର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଜୀବ ବିଜ୍ଞାନ ବିଭାଗ ମୁଖ୍ୟ ବିନୋଦ ବିହାରୀ ପୃଷ୍ଟେଠ ଏଡସ ରୋଗର କାରଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। ଯୁବ ରେଡକ୍ରସ କାଉନସେଲର ହରେଶ କୁମାର ସାହୁ ଏଡସ ଦୂରୀକରଣରେ ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବର ଭୂମିକା ଉପରେ କହିଥିଲେ। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହାକୁ କଲେଜ ଅଧ୍ୟକ୍ଷ ପ୍ରଧାନ ଉଦ୍‌ଘାଟନ କରିଥିଲେ। କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟର ବ୍ଲଡ଼ ବ୍ୟାଙ୍କ ଟେକନିସିଆନ ପ୍ରମୋଦ ପଟେଲ ଓ ସହଯୋଗୀ ମାନଙ୍କ ସହାୟତାରେ ୩୨ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିର ପରିଚାଳନାରେ ଅଧ୍ୟାପିକା ଯଶୋଦା ମାଝି, ଅଧ୍ୟାପକ ବିନୋଦ ବିହାରୀ ପୃଷ୍ଟେଠ, ମିଲନ ନାଏକ, ସୁନୀଲ ପଟେଲ ଓ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ଗୌରୀ କାଲୋ, ତୃପ୍ତିମୟୀ ବିଶ୍ୱାଳ ସହଯୋଗ କରିଥିଲେ।

### ଏଡ୍‌ସ ଦିବସରେ ବିଭିନ୍ନ ପ୍ରତିଯୋଗିତା

ସମ୍ବଲପୁର(ଭବାନୀ ଶଙ୍କର ଭୋଇ): ହୀରାକୁଦ ମହାବିଦ୍ୟାଳୟରେ ଏଡସ୍ ଦିବସ ଅଧ୍ୟକ୍ଷା ସୁମିତ୍ରା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ୟୁଥ ରେଡକ୍ରସ ଏବଂ ରେଡ ରିବନ କ୍ଲବ ସଂଯୋଜକ ଡ. ସଞ୍ଜୟ କୁମାର ଜେନା ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ, ପ୍ରବନ୍ଧ, ଚିତ୍ରାଙ୍କନ, ପେଣ୍ଟିଂ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆନ୍ତଗୁଣାତ୍ମକ ଅନୁଧ୍ୟାନ ସେଲ ସଂଯୋଜକ ଡ. ଅକ୍ଷୟ କୁମାର ସୁତାର, ରାଷ୍ଟ୍ରୀୟ ସେବା ଯୋଜନା ସଂଯୋଜକ ଡ. ସିଦ୍ଧାନ୍ତ ମହାନ୍ତି, ସୌଦାମିନୀ ପ୍ରଧାନ, ଡ.ସ୍ମିତିଶୀଖା ଗୁରୁ, ବିଜେନ୍ଦ୍ର ମାଝୀ, ଏସ.କେ ଫାଇଜାଲ ଛାତ୍ରୀଛାତ୍ରଙ୍କୁ ଏଡସ୍ ନିରାକରଣ ସମ୍ପର୍କରେ ଅବଗତ କରିଥିଲେ।

# ‘ସମ୍ବିଧାନ ଉପରେ ହେଉଥିବା ଆକ୍ରମଣକୁ ପ୍ରତିହତ କରିବାକୁ ହେବ’



ସମ୍ବିଧାନ ମହୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ବଲାଙ୍ଗୀରରେ ସମ୍ବିଧାନ ମହୋତ୍ସବ

ବଲାଙ୍ଗୀର,୧।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ‘ମୂଳନିବାସୀ ବହୁଜନ ମିଳିତ ମହାସଂଘ’ ପକ୍ଷରୁ ରବିବାର ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରେ ଭାରତୀୟ ସମ୍ବିଧାନର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟସ୍ତରୀୟ ସମ୍ବିଧାନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ମହାସଂଘ ସଭାପତି ସତ୍ୟନାରାୟଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନାଗପୁରସ୍ଥିତ ବିଶ୍ୱେଶ୍ୱରାୟ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜିର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଚନ୍ଦୁ ମଇକ୍ସେ, ନୂଆପଡ଼ାର ସୁଲେଖକ ଓ ଆମ୍ବେଦକ୍ରାଇଟ୍ କର୍ମୀ ଡ. କପିଳେନ୍ଦ୍ର ଦାସ, ରାୟଗଡର ପ୍ରାକ୍ତନ ଅତିରିକ୍ତ କମିଶନର ଡ. ଚକ୍ରପାଣି ଶବର, ଚାଷୀନେତା ତଥା ସାମାଜିକ କର୍ମୀ ଲିଙ୍ଗରାଜ, ଓବିସି ମଞ୍ଚ ସଭାପତି ପରଦେଶୀ ବିଶ୍ୱାଳ, ଆଦିବାସୀ ନେତ୍ରୀ ମନୋରମା ମାଝି, ଚୁନିଲାଲ ମିର୍ଦ୍ଧା, ରାମଚନ୍ଦ୍ର ମାଝି, ସଂଯୋଜକ ଡ. ଅର୍ଜୁନ ମୁଗ୍ରୀ, ଦିନେଶ ନାଗ, ରୂପାଲି ମହାନନ୍ଦ, ହିମାଂଶୁ ବିଭାର, ପ୍ରକାଶ ମାଝି, ଉମ୍ବରୁଧର ଲୋହଜଳ, ରମଣୀ ଧୁରିଆ, ଲକ୍ଷ୍ମୀଚନ୍ଦ୍ର ପାଲ, ପ୍ରଦୀପ କୁମାର ମହାନନ୍ଦ, ନେପାଳ ଚନ୍ଦ୍ର ବାଗ, ପୁରୁଷୋତ୍ତମ କୁମ୍ଭାର, ବିକ୍ରମର ଛତର, ପ୍ରୀତି ପ୍ରଧାନ ଓ ଅନ୍ୟମାନେ ମଞ୍ଚାସୀନ ହୋଇଥିଲେ। ସ୍ୱତନ୍ତ୍ର ଅତିଥି ତଥା ମୁଖ୍ୟ ଆଲୋଚକ ପ୍ରଫେସର ଡ. ମକ୍ସେ ତାଙ୍କ ବକ୍ତବ୍ୟରେ ହଜାର ହଜାର ବର୍ଷର ରାଜତନ୍ତ୍ର ଏବଂ ୨୦୦ ବର୍ଷର ଉପନିବେଶ ଶାସନ ପରେ ବହୁ ସଂଘର୍ଷର ଫଳରେ ଯେଉଁ ସମ୍ବିଧାନିକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତିଷ୍ଠା ହୋଇଛି ତାକୁ ବୁଝିବାକୁ ହେବ। ସମ୍ବିଧାନର ଅସଲ ମର୍ମ ଓ ଅସଲ କାର୍ଯ୍ୟକାରିତା ପାଇଁ ଗାଁଗାଁରେ ଲୋକଙ୍କ ମଧ୍ୟରେ ସମ୍ବିଧାନ ଚେତନା ଜାଗ୍ରତ କରିବାକୁ ହେବ। ସମ୍ବିଧାନ ଉପରେ ଏବଂ ବାବାସାହେବ ଆମ୍ବେଦକରଙ୍କ ଉପରେ ହୋଇଆସୁଥିବା ଆକ୍ରମଣକୁ ପ୍ରତିହତ କରିବାକୁ ହେଲେ ସୂକ୍ଷ୍ମ କୌଶଳ ସବୁକୁ ବୁଝିବାକୁ ହେବ ବୋଲି ସେ ଚେତାଇ ଦେଇଥିଲେ। ଚାଷୀନେତା ଲିଙ୍ଗରାଜ ତାଙ୍କ ବକ୍ତବ୍ୟରେ ସାମ୍ବିଧାନିକ ଗଣତାନ୍ତ୍ରିକ ବିଧିବ୍ୟବସ୍ଥାର ସୁରକ୍ଷା ଦିଗରେ ଚେତନା ଜାଗତ କରିବା ପାଇଁ ବଡଧରଣର ଏବଂ ନିରନ୍ତର ଉଦ୍ୟମ ହେବା ଜରୁରି ବୋଲି କହିଥିଲେ। ସମ୍ବିଧାନ ଓ ବାବାସାହେବଙ୍କୁ ସମ୍ମାନ ଏବଂ ସମ୍ବିଧାନର ଅସଲ କାର୍ଯ୍ୟକାରିତାକୁ ବିଫଳ କରିଦେବାର ଉଦ୍ୟମକୁ ସଚେତନବର୍ଗ ବୁଝି ଲୋକଙ୍କୁ ବୁଝାଇବା ଉପରେ ଜୋର ଦେଇଥିଲେ। ସଭାପତୀୟ ଅଭିଭାଷଣରେ ସତ୍ୟ ନାରାୟଣ ଭୋଇ ଆଦିବାସୀ ଓ ଦଳିତ ଆଜି ଯେଉଁ ଶିକ୍ଷା ଓ ସମ୍ମାନ ପାଉଛନ୍ତି ତାକୁ ପାଇବାକୁ କେତେ ପରିଶ୍ରମ ଓ ବଳିଦାନ ଦିଆଯାଇଛି ମନେ ରଖିବାକୁ ହେବ ବୋଲି କହିଥିଲେ। ସଭାକୁ ତରଣୀସେନ୍ ଦୀପ ସଂଯୋଜନା କରିଥିଲେ। ସଭାରେ ଓଡିଶାର ଅର୍ଦ୍ଧାଧିକ ଜିଲାର ପ୍ରତିନିଧି ଯୋଗଦାନ କରିଥିଲେ। ସଭା ପୂର୍ବରୁ ଏକ ସମ୍ବିଧାନ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସଭାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା।

# ବିଶ୍ୱ ଏଡ୍ସ ଦିବସ ପାଳିତ



ବିଶ୍ୱ ଏଡ୍ସ ଦିବସ ପାଳନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅତିଥି।

ଲୋଇସିଂହା,୧।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟରେ ଯୁବ ରେଡକ୍ରସ ପକ୍ଷରୁ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ୟୁକ୍ତ୨ର କାଉନସିଲର ହିମାଂଶୁ ମହାକୁରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ଗୋବିନ୍ଦଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଯଶୋବନ୍ତ ପାଢୀ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଇସିଟିସି କାଉନସେଲର ଖଗେଶ୍ୱର ଗଡତ୍ୟା ଏଡ୍ସ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ୟୁକ୍ତ ୩ର କାଉନସିଲର କ୍ଷୀରୋଦ୍ର କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅ

ଟିଟିଲାଗଡ଼,୧।୧୨(ସନ୍ତୋଷ ପଟ୍ଟନାୟକ)

ମାରୱାଡି ଯୁବା ମଞ୍ଚ ସେଣ୍ଟ୍ରାଲ ଶାଖା, ଟିଟିଲାଗଡ଼ ଏବଂ ଏମ୍ଏମ୍ଆଇ ନାରାୟଣ ହସ୍ପିଟାଲ ରାୟପୁର ପକ୍ଷରୁ ସ୍ଥାନୀୟ ଡିଏନ୍. ରିସର୍ଟଠାରେ ନାଗରିକଙ୍କ ସ୍ୱାସ୍ଥ୍ୟ ରକ୍ଷା ନେଇ ଏକ ପରିଚର୍ଯ୍ୟା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡା. ସୁମନ୍ତ ଶେଖର ପାଢ଼ୀ ଯୋଗଦେଇ ଦୈନନ୍ଦିନ ଜୀବନର ଅସନ୍ତୁଳିତ ପରିଚର୍ଯ୍ୟା, ବ୍ରହ୍ମ ମୁହୂର୍ତ୍ତରେ ଶଯ୍ୟା ତ୍ୟାଗ ଅଭ୍ୟାସ ବନ୍ଦ ହେବା, ବ୍ୟାୟାମ, ଯୋଗ ଧ୍ୟାନର ଅଭାବ, ଫାଷ୍ଟଫୁଡ ଖାଦ୍ୟ ହୃଦରୋଗର କାରଣ। ଏଥିପାଇଁ ଭାରତରେ ହୃଦରୋଗ ବ୍ୟାପକ ଭାବରେ ବୃଦ୍ଧି ପାଇଛି। କମ ବୟସ୍କର ଯୁବକ ହୃଦଘାତରେ ପ୍ରାଣ ହରାଉଛନ୍ତି। ଏନେଇ ଦିନଚର୍ଯ୍ୟା ଠିକ ନ କଲେ କାହାରି ଜୀବନ ସୁରକ୍ଷିତ ନାହିଁ ବୋଲି ସତର୍କବାଣୀ ଶୁଣାଇଥିଲେ। ଅସ୍ଥି ବିଶେଷଜ୍ଞ ଡାକ୍ତର ପଙ୍କଜ ପଟେଲ ବିଭିନ୍ନ ପ୍ରକାର ଅସ୍ଥି ଜନିତ ରୋଗ ଏବଂ ଏହାର ଚିକିତ୍ସା ଜନିତ ଉପାଦେୟ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ଭାବରେ ଯୋଗଦେଇ ସୁସ୍ଥତା ପାଇଁ ଶରୀର ପ୍ରତି ସଭିଏଁ ଧ୍ୟାନ ଦେବାକୁ ପରାମର୍ଶ ସହ ତାଙ୍କ ସରକାର ଜନତାଙ୍କ ସ୍ୱାସ୍ଥ୍ୟ ସେବା ପ୍ରତି ପ୍ରତିବଦ୍ଧ ଥିବା କହିଥିଲେ। ଯୁବାମଞ୍ଚ ସଭାପତି ଅମିତ ଶର୍ମା, ସମ୍ପାଦକ ଉମେଶ କନୋଡ଼ିଆ, ଏମ୍ଏମ୍ଆଇ ଡାକ୍ତରଖାନାର ଡିଏମ୍ପିଆର ଖୋମେଶ୍ୱର ଲହରେ ପ୍ରମୁଖ ମଞ୍ଚାସୀନ ଥିଲେ। ବିଗତ ଦିନରେ ଯୁବା ମଞ୍ଚ ପକ୍ଷରୁ ମାଗଣା କର୍କଟ ରୋଗ ଚିହ୍ନଟ ଶିବିର, କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଭଳି ଏହି ଶିବିରରେ ନାଗରିକଙ୍କ ସ୍ୱାସ୍ଥ୍ୟ ସେବା ନେଇ ଏହି ମହତ୍ତ୍ୱପୂର୍ଣ୍ଣ ପରିଚର୍ଯ୍ୟା କାର୍ଯ୍ୟକ୍ରମ ପ୍ରଶଂସନୀୟ ହୋଇଛି। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ପୌରନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର, ଥାନା ଆଇଆଇସି ବିଶ୍ୱଜିତ ମନବୋଧ, ବରିଷ୍ଠ ଭାଜପା ନେତ୍ରୀ ରଞ୍ଜୁ ରାଏମନ, ରାଜ୍ୟ ସରପଞ୍ଚ ସଂଘ ସଭାପତି ବିରବର ସାହୁ, ହରିନାରାୟଣ ମିଶ୍ର, ବ୍ୟବସାୟୀ ସଂଘ ସଭାପତି ଶମ୍ଭୁପ୍ରସାଦ ଗୋଏଲ ପ୍ରମୁଖ ସାମିଲ ହୋଇଥିଲେ। ଯୁବା ମଞ୍ଚ କର୍ମକର୍ତ୍ତା ବିବେକ ବିରମିୱାଲ, ବିଶେଷ ଶର୍ମା, ପ୍ରୀତମ ଜୈନ, ଗଜାନନ୍ଦ ଜୈନ, ଆରୁଷ ଶର୍ମା, ଶ୍ରୀରାମ ଅଗ୍ରୱାଲ, ପଙ୍କଜ ବିରମିୱାଲ, ସୌରଭ ଅଗ୍ରୱାଲ, ଦୀପେଶ ଜୈନ, ମୋହିତ ଖେତାନ, ସାହିଲ ଗୋୟଲ, ମହେଶ ଅଗ୍ରୱାଲ, ଅରୁଣ ଗୁପ୍ତା, ଗୋପାଳ କୃଷ୍ଣ ଜୈନ, ଈଶ୍ୱର ଅଗ୍ରୱାଲ, ଲକ୍ଷ୍ୟ ଜୈନ, ଶ୍ରେୟଶ ଜୈନ, ନେମିଚନ୍ଦ ଶର୍ମା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରିଥିଲେ।

# ବର୍ଷାରେ ଭିଜିଲା ଧାନ, ଚିନ୍ତାରେ ଚାଷୀ



ଦେଓଗାଁ,୧।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ୨୬ ପଞ୍ଚାୟତର ଅଧିକାଂଶ ଗାଁରେ ଅଦିନିଆ ବର୍ଷାରେ ଧାନ ଫସଲ ଭିଜି ନଷ୍ଟ ହୋଇଥିବା ନଜରକୁ ଆସିଛି। ଏନେଇ ଏବେ ଚାଷୀ ଚିନ୍ତାରେ ରହିଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଅନେକ ଚାଷୀଙ୍କ କ୍ଷେତରେ ଧାନ ଅମଳକ୍ଷମ ଅବସ୍ଥାରେ ରହିଥିବାବେଳେ ପ୍ରାୟତଃ ଚାଷୀମାନେ ପାଚିଲା ଧାନକୁ କାଟି ଖଳାମାନଙ୍କରେ ରଖିଥିଲେ। ଅନେକ ଚାଷୀ ଜମିମାନଙ୍କରେ ଧାନଫସଲକୁ କାଟି ପକାଇ ରଖିଥିଲେ। ତେବେ ଶନିବାର ରାତିଠାରୁ ଅଦ୍ୟାବଧି ହଠାତ ଝିପିଝିପି ବର୍ଷା ଲାଗିରହିବା ଦ୍ୱାରା ଅନେକ ଚାଷୀଙ୍କ କଟା ହୋଇଥିବା ଧାନ ପାଣିରେ ଭିଜିଯାଇଛି। ସେଗୁଡ଼ିକ ନଷ୍ଟ ହେବା ଆଶଙ୍କା କରାଯାଉଛି। ଆଉ କେତେକ ଚାଷୀଙ୍କ କଟାହୋଇଥିବା ଧାନ ଖଳାମାନଙ୍କରେ ଗଚ୍ଛିତ ରଖାଯାଇଥିବାବେଳେ ତାକୁ ଜରିପାଲ ଘୋଡାଇ ସୁରକ୍ଷିତ ରଖିବାର ପ୍ରୟାସ ଚଳାଇଥିବା ନଜରକୁ ଆସିଛି। ହେଲେ ଉକ୍ତ ଧାନ ମଧ୍ୟ ପାଣି ସଂସ୍ପର୍ଶରେ ଆସି ବେରଙ୍ଗି ହେବା ନିଶ୍ଚିତ ବୋଲି କଛାରପାଲି ଗାଁର କେତେଜଣ ଚାଷୀ କହିଛନ୍ତି। ଗୋଟିଏ ପଟେ ଆଜକୁ ୧୦/୧୨ଦିନ ହେଲା ଦେଷଣ୍ଡ ପଞ୍ଚାୟତରୁ ଆରମ୍ଭ କରି ବଡବନ୍ଧ, ସିକୁଆଁ, ଗାଇବାହାଲ, ଉଡାର, ଉପରଝର, ମକୁନ୍ଦପୁର, କୁଲୁତାପଡା ଓ ହାତିସରା ଆଦି ପଞ୍ଚାୟତମାନଙ୍କରେ ୧୩ଟିକିଆ ହାତୀପଲ ଧାନ ଫସଲକୁ ନଷ୍ଟ କରିଚାଲିଥିବା ବେଳେ ହଠାତ ଅଦିନିଆ ବର୍ଷା ଚାଷୀଙ୍କ ନିଦ ହଜାଇ ଦେଇଛି। ଏ ଦିଗରେ ବିଭାଗୀୟ ଅଧିକାରୀ ତଥା ସରକାର ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଚାଷୀ ମହଲରେ ଦାବି ହୋଇଛି।

# ସମାଜର ଉନ୍ନତି ଦିଗରେ କାମ କରିବା ନିଷ୍ପତ୍ତି


ନିଯୁକ୍ତି ପାଇଥିବା ଯାଦବ ସମାଜର କର୍ମକର୍ତ୍ତା।

## ମୁରିବାହାଲ ବ୍ଲକସ୍ତରୀୟ ଯାଦବ ସମାଜର ନୂତନ କର୍ମକର୍ତ୍ତା ଗଠନ

ମୁରିବାହାଲ,୧।୧୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଯାଦବ ସମାଜର ନୂତନ କର୍ମକର୍ତ୍ତା ରବିବାର ସ୍ଥାନୀୟ ଯାଦବ ଭବନଠାରେ ଗଠନ କରାଯାଇଛି। ନୂତନ ନିର୍ବାଚିତ ହୋଇଥିବା ସଭାପତି ଆଗାମୀ ଦିନରେ ସମାଜର ଉନ୍ନତି ଦିଗରେ କାମ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ଅବଗତ କରିଥିଲେ । ମୁରିବାହାଲ ବ୍ଲକର ୨୨ଟି ଗ୍ରାମ ପଞ୍ଚାୟତର ୧୨୬ ଖଣ୍ଡ ଗ୍ରାମ ଯାଦବ ସମାଜର ସଦସ୍ୟମାନଙ୍କୁ ନେଇ ବୈଠକ ଆରମ୍ଭ ହୋଇଥିଲା। ଟିଟିଲାଗଡ଼ ଉପଖଣ୍ଡସ୍ତରୀୟ ସଭାପତି ଘେନୁରାମ ଆଡଯୁଆଡ଼ ମୁଖ୍ୟଅତିଥି ଭାବରେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାମାଜିକ, ବ୍ୟବସ୍ଥା, ଶିକ୍ଷା, ସଙ୍ଗଠିତ ହେବା ସହ ସମସ୍ତ ଦିଗରେ ଉନ୍ନତି କରିବା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ରୂପେ ଶ୍ରୀପତି ବାଗତି, ଟୁନା ଭାଟି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହା ପରେ ସର୍ବସମ୍ମତି କ୍ରମେ ଆଗାମୀ ୫ ବର୍ଷ ପାଇଁ ସଭାପତି ଭାବେ ଗଙ୍ଗାଧର ହେର୍ଣ୍ଣା, ଉପସଭାପତି ଭାବରେ ସେମନ୍ତ ବାଗ, ତେଜୁରାମ ବାଗ, ପୁରୁଷୋତ୍ତମ ବାଗଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ସାଧାରଣ ସମ୍ପାଦକ ତରୁଣ ପୋଡ଼, ସମ୍ପାଦକ ରୁଦ୍ର ମନହୀରା, ପ୍ରଦୀପ ବଛା, ପିତାମ୍ବର ବାଗ, କୋଷାଧ୍ୟକ୍ଷ ଭାବରେ ଶ୍ରୀପତି ଷଣ୍ଡ, ଆଇନ ପରାମର୍ଶଦାତା ଜିତେନ ହାତୀ, ଉପଦେଷ୍ଟା ଭାବରେ ଚକ୍ରଧର ହେର୍ଣ୍ଣା, ଭାଗରଥି ଆଡ଼ଯୁଏଡ଼, ତୀର୍ଥ ହାତୀ, ବାସୁଦେବ ନାଗଙ୍କୁ ନିଯୁକ୍ତି ଦିଆଯାଇଛି।

# କୁତୁର୍ଲା, ଜରାସିଂହା କଲେଜରେ ବିଶ୍ୱ ଏଡ୍ସ ଦିବସ ପାଳିତ

ଦେଓଗାଁ,୧।୧୨
(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ଧ୍ରୁବ ଆନନ୍ଦ କଲେଜରେ ରବିବାର ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଯୁବ ରେଡକ୍ରସ ଓ ରେଡ୍ରିବନ କ୍ଲବର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱେଚ୍ଛାସେବୀମାନେ ବିଭିନ୍ନ ପ୍ଲାକାର୍ଡ ଧରି ଏକ ସଚେତନତା ଶୋଭାଯାତ୍ରାରେ ବାହାରି କୁତୁର୍ଲା ସମେତ ମୁରସିଂ ଓ ଆମ୍ବପାଲି ଆଦି ଗାଁ ପରିକ୍ରମା କରିଥିଲେ। ପରେ ଅଧ୍ୟକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରେଡକ୍ରସ କାଉନସେଲର ହେମନ୍ତ କୁମାର ସାହୁ ସଂଯୋଜନା କରିଥିଲେ। କର୍ମଚାରୀ ଶାନ୍ତନୁ କୁମାର ପଣ୍ଡା, ପରମେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଜରାସିଂହା କଲେଜରେ ପ୍ରାଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ କଲେଜର ଅଧ୍ୟକ୍ଷ ତଥା ୟୁଥରେଡକ୍ରସର ଚେୟାରମ୍ୟାନ ବସନ୍ତ କୁମାର ମନହୀରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୟୁଥ ରେଡକ୍ରସ କାଉନସେଲର ଦୁର୍ବାଦଳ ଘିବେଲା ଯୋଗଦେଇ ଏଡ୍ସ ରୋଗର କାରଣ ଓ ନିରାକରଣ ବିଷୟରେ ଆଲୋକପାତ କରିଥିଲେ। ଛାତ୍ରୀ ନିବେଦିତା ମିଶ୍ର ଓ ମୁନମୁନ ଷଡଙ୍ଗୀ ନିଜ ବକ୍ତବ୍ୟ ରଖିଥିଲେ। ପ୍ରାଧ୍ୟାପକ ଧୋବାଇ ଚରଣ ପଟେଲ, ମୁକେଶ କୁମାର ପଟ୍ଟନାୟକ, ଅଧ୍ୟାପିକା ଚିନ୍ମୟୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରାଧ୍ୟାପକ ଗୋବିନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ବଲାଙ୍ଗୀର ଲୋକ ଉତ୍ସବ ପାଳନ ପାଇଁ ବାଟ ଫିଟିଲା

ବଲାଙ୍ଗୀର,୧।୧୨
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଲୋକଉତ୍ସବ ପାଳନ ହେବା ନେଇ ଲାଗି ରହିଥିବା ଅନିଶ୍ଚିତତା ଦୂର ହୋଇଥିବା ଜଣାପଡିଛି। ଆଗକୁ ଲୋକଉତ୍ସବ ପାଳନ କରାଯିବ ବୋଲି ଜଣାପଡିଛି। ଏନେଇ ଦେବାଳୟ ସୁରକ୍ଷା କମିଟିର ଆବାହକ ଜୟକୃଷ୍ଣ ମିଶ୍ର, ଅଧ୍ୟାପକ ସୁରେଶ ଷଡଙ୍ଗୀ ଓ ସମ୍ପାଦକ ପ୍ରଶାନ୍ତ ମହାକୁରଙ୍କ ତିନିଜଣିଆ ପ୍ରତିନିଧି ଦଳ ଶନିବାର ଜିଲାପାଳଙ୍କୁ ଦେଖାକରି ଆଲୋଚନା କରିଛନ୍ତି। ଏହି ଆଲୋଚନାବେଳେ ଲୋକଉତ୍ସବ ପାଳନ ନେଇ ବାଟ ଫିଟିଥିବା ଜଣାପଡିଥିଲା। ଏହା ସହିତ ଅନ୍ୟାନ୍ୟ ବିଷୟରେ ମଧ୍ୟ ଜିଲାପାଳ ଆଲୋଚନା କରିଥିଲେ। ଜିଲାପାଳ ଗୌରବ ଶିଭାଜୀ ଇସଲୱାରଙ୍କୁ ଭେଟି ଏହି ପ୍ରତିନିଧି ଆଲୋଚନା କରିବା ବେଳେ ଆଗକୁ ଲୋକ ଉତ୍ସବ ପାଳନ ହେବା ସୂଚନା ଦେଇଥିବା ପ୍ରତିନିଧି ଦଳ ଜଣାଇଛନ୍ତି। ଗତବର୍ଷ ଜିଲାରେ ଲୋକଉତ୍ସବ ପାଳନ ହୋଇ ନ ଥିଲା। ଫଳରେ ଏହାକୁ ନେଇ କଳାକାର ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। କିଛି ଦିନ ପୂର୍ବରୁ ସ୍ଥାନୀୟ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଏହାକୁ ନେଇ କଳାକାର ଓ ବୁଦ୍ଧିଜୀବୀମାନେ ଏକ ନିଆରା ପ୍ରତିବାଦ ଜଣାଇଥିଲେ। ଶନିବାର ଜିଲାପାଳଙ୍କୁ ଦେଖା କରିବା ପରେ ଲୋକଉତ୍ସବକୁ ନେଇ ଲାଗିରହିଥିବା ଅନିଶ୍ଚିତତା ଦୂର କରିବା ସହ ଜିଲାରେ କଳା ସଂସ୍କୃତିକୁ ପ୍ରାଧାନ୍ୟ ଦିଆଯିବ ବୋଲି କୁହାଯାଇଛି।

# ଜିଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ

ପାଟଣାଗଡ଼,୧।୧୨(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ଭଇଁଷା ଜ୍ୟୋତି ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରଠାରେ ଏନ୍ଏସ୍ଏସ୍ ୟୁନିଟ ତରଫରୁ ଜିଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉଦ୍ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଜ୍ୟୋତି ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ ହୋତା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଠଣସୁନ୍ଦର ମେହେର ଓ ପ୍ରୋଗ୍ରାମ ଅଫିସର ସନ୍ତୋଷ କୁମାର ରାଉତ ମଞ୍ଚାସୀନ ଥିଲେ। ପ୍ରୋଗ୍ରାମ ଅଫିସର ରାଉତଙ୍କ ପରିଚାଳନାରେ ସଭା ଅନୁଷ୍ଠିତ ହୋଇଥିଲା। ପରେ ୩ଦିନ ଧରି ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କୃତୀ ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଶିବିରରେ ଶ୍ରେଷ୍ଠ ଶିବିରାର୍ଥୀ ଭାବେ ଜ୍ୟୋତି ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ରାଜକୁମାର ନାଏକଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଅଧ୍ୟକ୍ଷ ଧନ୍ୟବାଦ ଅର୍ପଣ କରିଥିଲେ।


## ODISHA PUBLIC SERVICE COMMISSION, CUTTACK

**NOTICE**

**No. 6818/P.S.C., Dt. 30.11.2024**

(1R-06-2023/24) (DR-V)

**No.D-197** : It is for information of all concerned that, document verification of candidates having **PPSAN** mentioned below for the post of **“Director”** in Indira Gandhi Institute of Technology (IGIT), Sarang, pursuant to advertisement No.02 of 2024-25 shall be held on **13.12.2024** as per the following programme in the office of the Commission at 19, Dr. P. K. Parija Road, Cuttack - 753001

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 13.12.2024 | 10.30 A.M. | P240247386, P240316209. P240316482, P240317930, P240318195, P230234395 & P230234312 = **07 Candidates** |
| | 2.30 P.M. | P230234172, P240237538, P230234347, P240318601 & P240317509 = **05 Candidates** |

The candidates are required to submit the following documents at the time of verification :

1. The hard copies of **online application forms** indicating their **PPSAN at the top right hand corner**.
2. Four passport size **photographs**.
3. Duly filled in & attested **“Attestation Form”** and duly filled in **“Bio-data Form”**. (downloaded from the website of the Commission).
4. H.S.C. or equivalent certificate in support of declaration of age issued by the concerned Board/Council.
5. Bachelor’s degree (BE/B.Tech.) certificate issued by the recognized university in the relevant branch.
6. M.E./M.Tech. degree certificate issued by the recognized university in the relevant branch.
7. Ph.D. degree certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board/Council/University/Institution.
9. Documents in support of having at least two sucessful Ph.D. guided as Supervisor/Co-Supervisor.
10. Minimum 08 research publications in SCI journals/UGC/AICTE approved list of journals.
11. Experience Certificate in support of having minimum 15 years of experience in teaching/research/industry.
12. Experience Certificate with at least 3 years of service at the post equivalent to that of Professor.
13. Any proof of identity.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**NOTE** : It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**OIPR-12002/11/0098/2425** **Sd./- Secretary**



## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE

E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore

No. O-742

**“e” Procurement Notice for Road Work**

Identification No. Online Tender - Road NCB No. 13 for 2024-25

Letter No. 3526 Date: 28.11.24

1. Name of the Work : Periodical Maintenance of PMGSY Road
2. Total No. of Work : 09 Nos. of Work.
3. Estimated Cost : From Rs.69.27 Lakhs to Rs.307.87 lakhs (Approximately)
4. Eligible Class of Contractor : ‘B’ & ‘A’ (of Odisha PWD) or relevant class of other licensing authorities (as per annexure)
5. Period of Completion : From 03 Calendar Months for the Work
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 13 | 05.12.2024 at 11.00 A.M. | 20.12.2024 upto 5.00 P.M. | 19.12.2024 upto 5.00 P.M. | 21.12.2024 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.

OIPR-25105/11/0017/2425 Sd./- Additional Chief Engineer, R.W. Circle, Balasore



## PANCHAYAT SAMITI OFFICE, TANGARPALI, DIST.: SUNDARGARH

**TENDER CALL NOTICE - 02/2024-25**

No. 3356 Date:27.11.2024

No. i-319: Tender is hereby invited vide Tender Call Notice No. 02 of 2024-25 from eligible contractors for the following work. The details documents will be downloaded from district website **www.sundargarh.odisha.gov.in** w.e.f. 28.11.2024 to 11.12.2024.

| Sl. No. | Name of the Work | No. of AWC/ Addl. Class Room | Amount put to Tender in Rs. (Excluding GST) @ per AWC | Cost of Tender Paper (Non-refundable) in Rs.@per AWC | Bid Security/ EMD (1%) @ per AWC | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Const. of Model AWC at different GP under Tangarpali Block | 11 | 20,97,000/- | 6,000/- | 20,970/- | Six Months | ‘C’ & ‘B’ Class |
| 2 | Construction of Addl. Clas room at Govt. UPS Kurla & Patkilore | 2 | 12,50,000 | 6,000/- | 12,500/- | Six Months | ‘D’ & ‘C’ Class |
| 3 | Construction of Addl. Class Room at T.P.S. High School, Bandhapali | 1 | 12,37,000 | 6000/- | 12,370/- | Six Months | ‘D’ & ‘C’ Class |

1. Date and time for download tender paper: From Dt.28.11.2024 to 11.12.2024
2. Last date of Receipt of Tender Paper: Dt.11.12.2024 (5.00 P.M.)
3. Date of Opening of Tender Paper: Dt.12.12.2024 (11.00 A.M.)

OIPR-19342/11/0002/2425 Sd./- Block Development Officer, Tangarpali



## ZILLA SWASTHYA SAMITI (ZSS), KANDHAMAL

OFFICE OF THE CDM&PHO-CUM-DISTRICT MISSION DIRECTOR, NHM, KANDHAMAL

Advt. No. 14204/NHM/HR-In-House/2024/04 Date: 28.11.2024

**ADVERTISEMENT**

No. E-531: Applications are invited for the following posts through in-house selection from contractual employees of NHM working in the same post under OSH&FWS in other districts & willing to working Kandhamal district. Interested candidates may attend with a **No Objection Certificate (NOC)-cum-continuation certificate in original issued from** competent authority for last uninterrupted service in the same post under the society. The application format & other terms & conditions are available in the website **https://kandhamal.odisha.gov.in**. Vacancies published in the advertisement are provisional and subject to change during the time of appointment. Incomplete application in any form is liable for rejection. No personal query will be entertained. The undersigned reserves the right to reject any or all application and modify or cancel the advertisement without assigning any reason thereof.

| Sl. No. | Name of the Post | Vacancy | Remarks |
|---|---|---|---|
| 1 | MO AYUSH Co-located Unit-BHMS | **06 Post:** (SC - M-01, ST - M-03, ST - F-01, UR - M-01) | **Date: 17.12.2024 Venue: Office of the DPMU, NHM, DHH, Phulbani, Kandhamal (Registration Time: 10 A.M. to 12 Noon)** |
| 2 | MO AYUSH Co-located Unit-BAMS | **05 Post:** (ST - M-01, ST - F-02, SEBC - M-01, UR - M-01) | |
| 3 | MO AYUSH RBSK-BHMS | **08 Post:** (ST - M-03, ST - F-02, UR - F-03) | |
| 4 | MO AYUSH RBSK-BAMS | **04 Post:** (SC - M-01, ST - M-02, ST - F-01) | |
| 5 | Accountant - DPMU | **01 Post** | |
| 6 | Pharmacist - MHU | **09 Post:** (SC - 02, ST - 03, UR - 04) | |
| 7 | Pharmacist - RBSK | **15 Post:** (SC - 03, ST - 03, UR - 09) | |
| 8 | ANM - RBSK | **06 Post:** (UR - 06) | |

Sd./- Dr. Santosh Kumar Padhi
CDM&PHO-cum-District Mission Director,
NHM, Kandhamal

OIPR-10015/11/0013/2425

**ସଂକ୍ଷେପରେ**

## ଚୋରା ବନ୍ଧୁକ ବେପାର ମାମଲା: ବିହାରରୁ ୨ ଅଭିଯୁକ୍ତ ଗିରଫ

ବରଗଡ଼,୧।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଚୋରା ବନ୍ଧୁକ ବେପାରରେ ସ୍ଥାନୀୟ ଟାଉନ ଥାନା ପୋଲିସ ବିହାରରୁ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିହାର ରାଜ୍ୟ ସମସ୍ତିପୁର ଜିଲା ମୋଫୋସିଲ ଜିଲା ମୋରଡ଼ିବା ଗ୍ରାମର ଏମ୍ଡ଼ି ଆକ୍ରମ(୨୨) ଏବଂ ଦରିଆପୁର ଗ୍ରାମର କୁନାଲ କୁମାର ସାହାଣୀ ଓରଫ୍ କୁନାଲ କୁମାର(୨୧)। ପୋଲିସ ସେମାନଙ୍କ ପାଖରୁ ୩ ଗୁଳି ଏବଂ ୨ମୋବାଇଲ ଜବତ କରିଛି। ପ୍ରକାଶଥାଉକି, ଗତ ନଭେମ୍ବର ୨୫ତାରିଖରେ ଚୋରା ବନ୍ଧୁକ ବେପାର ମାମଲାରେ ପୋଲିସ ୫ଜଣଙ୍କୁ ଗିରଫ କରିଥିଲା। ତେବେ ଚୋରା ବନ୍ଧୁକ ବେପାରର ଚେର ବିହାରକୁ ଲମ୍ବିଥିବା ନେଇ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ଏହାପରେ ବରଗଡ଼ ପୋଲିସର ଏକ ଟିମ୍ ବିହାର ଯାଇ ଅନ୍ୟ ୨ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଗନ୍ଧମାର୍ଦ୍ଦନ ପ୍ରତି ମୋର କର୍ତ୍ତବ୍ୟ ଶୀର୍ଷକ ଆଲୋଚନାଚକ୍ର

ଝାରବନ୍ଧ,୧।୧୨(ଦେବେନ୍ଦ୍ର ସାହୁ)

ଝାରବନ୍ଧ ସାମ୍ବାଦିକ ଭବନରେ ସ୍ଥାନୀୟ ସାମ୍ବାଦିକ ସଂଘ ତରଫରୁ 'ଗନ୍ଧମାର୍ଦ୍ଦନ ପ୍ରତି ମୋର କର୍ତ୍ତବ୍ୟ' ଉପରେ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ରମେଶ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜହନ କୁମ୍ଭାର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଝାରବନ୍ଧ ଅଞ୍ଚଳର ଶିକ୍ଷାବିତ୍, ସଚେତନ ନାଗରିକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କେବଳ ବକ୍ସାଇଟ ଖନନକୁ ବିରୋଧ ନୁହେଁ ଗନ୍ଧମାର୍ଦ୍ଦନରେ ଥିବା ହଜାର ହଜାର ଔଷଧୀୟ ବୃକ୍ଷର ସୁରକ୍ଷାକୁ ପ୍ରାଥମିକ ଦିଆଯିବ ବୋଲି ସେମାନେ ପ୍ରକାଶ କରିଥିଲେ। ଆଲୋଚନାରେ ଶ୍ୟାମସୁନ୍ଦର ବେହେରା, ସାନନ୍ଦ କୁମାର ସାହୁ, ଅଇଁଠା ପ୍ରଧାନ, ଜଗଦୀଶ ସାହୁ, ନନ୍ଦଲାଲ ମହାପାତ୍ର, ମାନଭଞ୍ଜନ ବେହେରା, ସରୋଜ କୁମାର ସାହୁ, ବର୍ଷାରାଣୀ ପ୍ରଧାନ, ଗୋବିନ୍ଦ ପଟେଲ, ବିନୋଦ ବିହାରୀ ବାଗ, ଡା. ମାନସ ରଞ୍ଜନ ପ୍ରଧାନ, ଦୁର୍ଗା ପ୍ରସାଦ ଅଗ୍ରୱାଲ, ଲୋକନାଥ ରାଉତ ପ୍ରମୁଖ ମତାମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନକୁଳ ସାହୁ, ମନୋହର ଦାସ ମଞ୍ଚାସୀନ ଥିବାବେଳେ ଦେବେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦୀପ ପ୍ରଧାନ, କୌଶିକ ସାହୁ, ଶିବ ପ୍ରସାଦ ପଟେଲ, ଆକାଶ ବାରିକ ସହଯୋଗ କରିଥିଲେ।

# ଚାଷୀଙ୍କୁ କାଳ ଅଦିନିଆ ବର୍ଷା

ପଦ୍ମପୁର,୧।୧୨(ପ୍ରଦୀପ୍ତ ଦାଶ)


ଦହିଗାଁ ଗ୍ରାମପଞ୍ଚାୟତରେ ଚାଷୀ ଧାନ ଘୋଡାଇ ରଖୁଛନ୍ତି।

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଅଦିନିଆ ବର୍ଷା ଚାଷୀମାନଙ୍କ ମନୋବଳକୁ ଭାଙ୍ଗି ଦେଇଛି। ଅଧିକାଂଶ ଚାଷୀ ଧାନ ଅମଳ କରିସାରିଥିବା ବେଳେ କେତେକ ଚାଷୀଙ୍କ ଧାନ କଟା ସରିନାହିଁ। ବର୍ଷା ଯୋଗୁ କ୍ଷେତରେ ଥିବା ଧାନ ଅମଳ ପରେ ରଙ୍ଗ ବଦଳି ଯାଇ ବିକ୍ରିଯୋଗ୍ୟ ହେବ ନାହିଁ। କେତେକ ଚାଷୀ ସଂଗୃହୀତ ଧାନ ଏଫ୍ଏକ୍ୟୁ ମାନ କରିବା ପାଇଁ ରାସ୍ତା, ଖଳା ଓ ଘର ବାହାର ଖୋଲା ଜାଗାରେ ଶୁଖାଇଥିଲେ। ଅଦିନିଆ ବର୍ଷା ଯୋଗୁ ସେହି ଧାନ ଭିଜିଯାଇଛି। ଶୁଖିଲା ଧାନ ଭିଜିଲା ପରେ ଧାନର ଶୁଷ୍କତା ଆଉ ରହିବ ନାହିଁ। ମଣ୍ଡି ଠିକ୍ ସମୟରେ ଖୋଲା ହୋଇଥିଲେ ଅନେକ ଚାଷୀ ଧାନ ବିକ୍ରି କରି ଉପଯୁକ୍ତ ମୂଲ୍ୟ ପାଇ ପାରିଥାନ୍ତେ। ମଣ୍ଡି ବ୍ୟବସ୍ଥାରେ ଅନିୟମିତତା ହେଲେ ଚାଷୀ କମ୍ ଦାମ୍‌ରେ ଦଲାଲଙ୍କ ପାଖରେ ଧାନ ବିକ୍ରି କରିବେ। ଏଫ୍ଏକ୍ୟୁ ଆଳରେ ବଜାର କମିଟି ଧାନ କିଣୁନାହାନ୍ତି। ବିଳମ୍ବରେ ମଣ୍ଡି ଖୋଲିବା, ଅଦିନିଆ ବର୍ଷା ଓ ମିଲର୍ସଙ୍କ ନିର୍ଦ୍ଦିଷ୍ଟ ନୀତି ଯୋଗୁ ଚାଷୀ ୨/୩କେଜି କଟନୀଛଟନୀରେ ଧାନ ବିକ୍ରି କରିବାକୁ ବାଧ୍ୟ ହେବେ ବୋଲି ଆଲୋଚନା ହେଉଛି।

### ଆଶଙ୍କାରେ ଧାନବିକ୍ରି, ଅଖା ବସ୍ତା ପ୍ରହସନ

ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧୀନ ମଣ୍ଡିଗୁଡ଼ିକ ଗତ ନଭେମ୍ବର ୨୧ ତାରିଖରୁ ଖୋଲିଥିଲେ ମଧ୍ୟ ଚାଷୀଙ୍କ ସମସ୍ୟା ସମାଧାନ ହୋଇପାରୁନାହିଁ। ଚାଷୀଙ୍କ ପାଇଁ ଅଖା ବସ୍ତା ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଗୋଟିଏ ବସ୍ତା ଅଖାକୁ ୨୧ ଟଙ୍କାରେ କିଣିବାକୁ ପଡୁଛି। ସେହିପରି ଟୋକନ ସମସ୍ୟା, ଜଟିଳ ପ୍ରକ୍ରିୟା ଆଦି କାରଣରୁ ଅଙ୍ଗାବାଦ୍ଧ ଗୋଟିଏ ପ୍ୟାକେଟ ଧାନ ସରେଇକେଲା ମଣ୍ଡିକୁ ବିକ୍ରି ପାଇଁ ଆସିନାହିଁ। ଅନ୍ୟପଟେ ଅଦିନିଆ ବର୍ଷା ଯୋଗୁ ଖଳାରେ ପଡ଼ିଥିବା ଧାନ ଭିଜୁଛି। ଅଗାଡି ଥିଲେ ମଣ୍ଡିରେ କଟନୀଛଟନୀ ଭୟରେ ଚାଷୀ ପଞ୍ଚାରେ ଧାନ ପାଛୋଡ଼ି ସଫା କରୁଛନ୍ତି। ଅଖାବସ୍ତା ମାଗଣାରେ ପ୍ରଦାନ, କଟନୀ ଛଟନୀ ବନ୍ଦ କରି ମଣ୍ଡିରେ ମିଲର୍ସଙ୍କ ମନମାନି ବନ୍ଦ, ଦଲାଲ ମୁକ୍ତ କରି ସରଳ ଓ ସହଜରେ ଧାନ ବିକ୍ରି ବ୍ୟବସ୍ଥା କରିବାକୁ ସରେଇକେଲା ମଣ୍ଡି ଅନ୍ତର୍ଗତ ଚାଷୀ ଅଶୋକ ପ୍ରଧାନ, କୁଳମଣି ବାରିକ, ସୁନୀଲ ପ୍ରଧାନ, ପ୍ରତାପ ସାହୁ, ବିକାଶ ସାହୁ, ପ୍ରଦୀପ ସାହୁ ପ୍ରମୁଖ ଦାବି କରିଛନ୍ତି।

# ପଦ୍ମପୁର ଅଞ୍ଚଳରେ ହାତୀପଲ


ଝାଞ୍ଜ ପାହାଡ ନିକଟ ଅଞ୍ଚଳରେ ହାତୀପଲ।

ପଦ୍ମପୁର,୧।୧୨ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ଝାଞ୍ଜ ପାହାଡ ନିକଟବର୍ତ୍ତୀ ଅଞ୍ଚଳରେ ୨୮ ଟିକିଆ ହାତୀପଲ ବୁଲୁଛନ୍ତି। ତେବେ ହାତୀଙ୍କୁ ନେଇ ଆତଙ୍କିତ ନ ହେବା ପାଇଁ ପଦ୍ମପୁର ରେଞ୍ଜର ସୁଦାମ ଜଗଦଲା ଲୋକଙ୍କୁ କହିଛନ୍ତି। ବନ ବିଭାଗ କର୍ମଚାରୀମାନେ ଜମଲା, ଘନାମାଳ, ପଲଶାପାଲି ଅଞ୍ଚଳ ଯାଇ ଲୋକମାନଙ୍କୁ ସଚେତନ କରୁଛନ୍ତି । ହାତୀଙ୍କ ଗତିବିଧି ଉପରେ ବନ ବିଭାଗ ଟିମ୍ ତୀକ୍ଷ୍ଣ ନଜର ରଖିଛି। ତେବେ ଘେଁସ ବନାଞ୍ଚଳରେ ହାତୀପଲ ଉପଦ୍ରବ କରିଥିବା ସୂଚନା ମିଳିଛି।

# ଜୀବନ ପଛେ ଯିବ, କମ୍ପାନୀକୁ ଖଣି ଖନନ କରିବାକୁ ଦିଆଯିବନି



ସଂଗ୍ରାମୀମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

ପାଇକମାଲ,୧।୧୨(ବଢ଼ ଶତପଥୀ)

### ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ସଂକଳ୍ପ ଦିବସ

ବରଗଡ ଜିଲା ପାଇକମାଲ ବ୍ଲକ ଗନ୍ଧମାର୍ଦ୍ଦନ ପାଦଦେଶରେ ଥିବା ନୃସିଂହନାଥ ମନ୍ଦିର ସ୍ଥିତ ସିଂହଦ୍ୱାରରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ନେତୃତ୍ୱରେ ରବିବାର ଗନ୍ଧମାର୍ଦ୍ଦନ ସୁରକ୍ଷା ସଂକଳ୍ପ ଦିବସ ପାଳିତ ହୋଇଟାଇଛି। ଏହି ଅବସରରେ ଭାଗବତ ତତ୍ତ୍ୱ ଆଶ୍ରମରୁ ସଂଗ୍ରାମୀମାନେ ଶୋଭାଯାତ୍ରାରେ ବାହାରି ନୃସିଂହନାଥସ୍ଥିତ ଗାନ୍ଧୀ ସମାଧି ପୀଠରେ ପହଞ୍ଚିଥିଲେ। ସେଠାରେ ନାରୀନେତ୍ରୀ ସଂଗ୍ରାମୀ ଜମ୍ଭୋବତୀ ବିଜରା ପୂଜାର୍ଚ୍ଚନା ଓ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ସିଂହଦ୍ୱାରଠାରେ ଆବାହକ ଦୁର୍ଯ୍ୟୋଧନ ପୁଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ପୂର୍ବତନ ଆବାହକ ସଂଗ୍ରାମୀ ଧୀରେନ ମହାନ୍ତି ପରିଚାଳନା କରିଥିଲେ। ବର୍ତ୍ତମାନ ରାଜ୍ୟରେ ଗନ୍ଧମାର୍ଦ୍ଦନ ପର୍ବତକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଜୀବନ ପଛେ ଯିବ କୌଣସି କମ୍ପାନୀ ହାତରେ ଗନ୍ଧମାର୍ଦ୍ଦନ ପାହାଡକୁ ଖଣିଖନନ ପାଇଁ ଟେକିଦିଆଯିବନାହିଁ ବୋଲି ମତପ୍ରକାଶ ପାଇଥିଲା। ସଂକଳ୍ପ ଦିବସକୁ ବରଗଡ଼ ଗନ୍ଧମାର୍ଦ୍ଦନ ସୁରକ୍ଷା ଅଭିଯାନର କାର୍ଯ୍ୟକର୍ତ୍ତା, କୋଶଳ ବାହିନୀର କର୍ମକର୍ତ୍ତା ସମର୍ଥନ ଜଣାଇଥିଲେ। ବରିଷ୍ଠ ସଦସ୍ୟ ରଘୁବୀର ସିଂ ବରିହା, ରାହାସ ବିହାରି ସାହୁ ଓ ଦିଲ୍ଲୀପ ବେହେରା, ଦୀନବନ୍ଧୁ ସାହୁ, ସନ୍ତୋଷ ପାଢ଼ୀ, ବିନୋଦ ବାଗ, ଗମ୍ଭୀର ବାଗ, ଝସକେତନ ସାହୁ, ଲକ୍ଷ୍ମୀ ଭୋଇ, ପ୍ରତିମା ବଗାର, ଓମ୍‌କାନ୍ତି ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଜାନୁଆରୀ ୧୮ରୁ ସିରଜିନା ନାଟ୍ୟ ମହୋତ୍ସବ

ପଦ୍ମପୁର,୧।୧୨(ପ୍ରଦୀପ୍ତ ଦାଶ)

ସିରଜିନା ସାହିତ୍ୟ ଆରୁ ସାଂସ୍କୃତିକ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ରବିବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସମ୍ପାଦକ ରାଜେନ୍ଦ୍ର କୁମାର ମହାନ୍ତି ବିବରଣୀ ପାଠ କରିଥିଲେ। ଏଥିସହ ଆସନ୍ତା ଜାନୁଆରୀ ୧୮,୧୯ ଓ ୨୦ ତାରିଖ ତିନିଦିନ ଧରି ନାଟ୍ୟ ମହୋତ୍ସବ କରାଯିବ। ଏହି ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବରେ ମୋଟ ୯ଟି ନାଟକ ମଞ୍ଚସ୍ଥ ହେବ ବୋଲି ମହାନ୍ତି ସୂଚନା ପ୍ରଦାନ କରିଥିଲେ। ଡିସେମ୍ବର ୩୧ ତାରିଖରେ ସିରଜିନା ମଧ୍ୟ ରାତ୍ର କବିତା ପାଠୋତ୍ସବ କରାଯିବାକୁ ସ୍ଥିର କରାଗଲା। କୋଷାଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ନାଥ, ଶେଷଦେବ ମେହେର, କିଶୋର ପାତ୍ର, କୁଞ୍ଜବିହାରୀ ସରାଫ, ପ୍ରସନ୍ନ ରଣା, ବିଦ୍ୟାଧର ଦାଶ, ସୁବାସ ସାହୁ, ପୌଲସ୍ତ୍ୟ ସାହା, ସନ୍ତୋଷ ସିଂହ ଠାକୁର, ନସିବ ଗୁର୍ଲା, ଦିନେଶ ଦାଶ ଓ ବବୁଲୁ କୁମ୍ଭାର ଯୋଗଦାନ କରିଥିଲେ। ଉପସଭାପତି ଆଦିତ୍ୟ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ସଚେତନତା ଏଡ୍‌ସରୁ ବର୍ତ୍ତିବାର ଏକମାତ୍ର ଉପାୟ

ବରପାଲି,୧।୧୨(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ ବିଜୟପଲ୍ଲୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଓ ରେଡ୍ ରିବନ୍ କ୍ଲବ ପକ୍ଷରୁ ରବିବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଡ. ବଦ୍ରିନାରାୟଣ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରେଶମ ପ୍ରାଥମିକ ଚିକିତ୍ସାଳୟର ଡାକ୍ତର ଗଜେନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଡ୍‌ସ ରୋଗର ଲକ୍ଷଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ କାଉନସେଲର ଅଧ୍ୟାପକ କାମପାଳ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଲୋକମାନଙ୍କୁ ଏଡ୍‌ସ ଉପରେ ସଚେତନ କରିଥିଲା। ସେହିପରି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଏଡ୍‌ସ ଦିବସ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା ମୁଖ୍ୟ ଅତିଥି, ଅଧ୍ୟାପକ ସୁଧାଂଶୁ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଯୁବ ରେଡକ୍ରସ କାଉନସେଲର ଯତୀନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା ସହକର୍ମୀ ନେପାଳ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସ୍ୱେଚ୍ଛାସେବୀମାନେ ଲୋକଙ୍କୁ ସଚେତନ ପୁସ୍ତିକା ବଣ୍ଟନ କରିଥିଲେ। ସେହିପରି ସ୍ୱାମୀ ବିବେକାନନ୍ଦ ସ୍ୱାସ୍ଥ୍ୟ ବିଜ୍ଞାନ ଅନୁଷ୍ଠାନ ଓ ସ୍ୱାମୀ ବିବେକାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ ହାୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ ଏହାକୁ ଉଦଘାଟନ କରିଥିଲେ। ଏଥିରେ ଯୁବ ରେଡକ୍ରସ୍ ସଂଯୋଜକ ଅଧ୍ୟାପକ ସୁନାଧର ଖଟୁଆ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଓ ସ୍ୱାମୀ ବିବେକାନନ୍ଦ ସ୍ୱାସ୍ଥ୍ୟ ବିଜ୍ଞାନ ଅନୁଷ୍ଠାନର ଅଧ୍ୟକ୍ଷା ଦେବସ୍ମିତା ସାହୁ ଯୋଗ ଦେଇଥିଲେ। ଏଡ୍‌ସ ସମ୍ପର୍କିତ କୁଇଜ୍ ଓ ଡ୍ରଇଂ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।



ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି।

# ବିନ୍ଧ୍ୟବାସିନୀ କଲେଜରେ ବିଶ୍ୱ ଏଡ୍‌ସ ସଚେତନତା ଦିବସ

ପାଇକମାଲ,୧।୧୨(ବଢ଼ ଶତପଥୀ)

ବରଗଡ ଜିଲା ପାଇକମାଲ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ଓ ରେଡ୍ ରିବନ୍ କ୍ଲବ ସଂଯୋଜନାରେ ବିଶ୍ୱ ଏଡ୍‌ସ ସଚେତନତା ଦିବସ ରବିବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସଭାରେ ପାଇକମାଲ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ. ଅଙ୍କିତ ରାଜସାଗର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଡ୍‌ସର କାରଣ, ନିରାକରଣ ତଥା ରୋଗର ଭୟାବହତା ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଲୋହିତ କୁମାର ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏଡ୍‌ସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ଦେୱାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁବ ରେଡ୍‌କ୍ରସ ସଂଯୋଜିକା ପୁଷ୍ପମଞ୍ଜରୀ ପ୍ରଧାନ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ, ପ୍ରଭାତ କୁମାର ବିଶ୍ୱାଳ, ଦେବରାଜ ସାହୁ, ଅଙ୍କିତ ଦାସ, ଅଭିନାଶ ମହାପାତ୍ର, ମୀନା କୁମାରୀ ସାହୁ ଓ କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟାପିକା ଝରଣା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍ତରାଞ୍ଚଳ ଆରଡିସିଙ୍କ ବରଗଡ଼ ଗସ୍ତ


ଆର୍‌ଡ଼ିସି ଏବଂ ଜିଲାପାଳ ମଣ୍ଡି ପରିଦର୍ଶନ କରୁଛନ୍ତି।

ବରଗଡ଼,୧।୧୨(ପ୍ରେମାନନ୍ଦ ଖମାରୀ)

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡ଼ିସି) ସଚିନ ରାମଚନ୍ଦ୍ର ଯାଦବ ରବିବାର ଦିନିକିଆ ବରଗଡ଼ ଗସ୍ତରେ ଆସିଥିଲେ। ସେ ତାଙ୍କ ଏହି ଗସ୍ତରେ ବରଗଡ଼ ଗୋରୁ ମାର୍କେଟ୍ ଏବଂ ବେହେରା ମାର୍କେଟ୍ ୟାର୍ଡ ପରିଦର୍ଶନ ସହିତ ଖରିଫ ଧାନ କିଣାବିକା ପ୍ରକ୍ରିୟା ତଥା ମଣ୍ଡିରେ ଚାଷୀଙ୍କ ପାଇଁ ଉପଲବ୍ଧ ସୁବିଧା ତଦାରଖ କରିଥିଲେ। ସେ ଧାନକ୍ରୟ ସମୟରେ ବ୍ୟବହୃତ ହେଉଥିବା ସମସ୍ତ ଯନ୍ତ୍ରପାତି ପରିଚାଳନା ପ୍ରକ୍ରିୟା ପଚାରି ବୁଝିଥିଲେ। ଏହା ସହିତ ମଣ୍ଡିରେ ନିୟୋଜିତ କର୍ମଚାରୀ ଏବଂ ଉପସ୍ଥିତ ଚାଷୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରି ଜିଲା ନିରୀକ୍ଷଣ କକ୍ଷ ପରିଚାଳନା ଉପରେ ପଚାରି ବୁଝିଥିଲେ। ଆରଡ଼ିସି ଯାଦବ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାର ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଭୋଟର ତାଲିକାର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ-୨୦୨୫ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ବୈଠକର ଆଭିମୁଖ୍ୟ ଅବଗତ କରିବା ପରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-କାର୍ଯ୍ୟକ୍ରମ-୨୦୨୫ ଉପରେ ଅବଗତ କରିଥିଲେ। ଉତ୍ତରାଞ୍ଚଳ ଆରଡ଼ିସି ଯାଦବ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସେ ନେଇ ରାଜନୈତିକ ଦଳ ପ୍ରତିନିଧିଙ୍କ ମତାମତ ଲୋଡ଼ିଥିଲେ। ଆରଡ଼ିସିଙ୍କ ପରିଦର୍ଶନ ସମୟରେ ଜିଲାପାଳ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ମଧୁଛନ୍ଦା ସାହୁ, ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଏବଂ ଅନ୍ୟ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।


**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 6818/P.S.C., Dt. 30.11.2024**

(1R-06-2023/24) (DR-V)

**No.D-197** : It is for information of all concerned that, document verification of candidates having **PPSAN** mentioned below for the post of **"Director"** in Indira Gandhi Institute of Technology (IGIT), Sarang, pursuant to advertisement No.02 of 2024-25 shall be held on **13.12.2024** as per the following programme in the office of the Commission at 19, Dr. P. K. Parija Road, Cuttack - 753001

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 13.12.2024 | 10.30 A.M. | P240247386, P240316209. P240316482, P240317930, P240318195, P230234395 & P230234312 = **07 Candidates** |
| | 2.30 P.M. | P230234172, P240237538, P230234347, P240318601 & P240317509 = **05 Candidates** |

The candidates are required to submit the following documents at the time of verification :

1. The hard copies of **online application forms** indicating their **PPSAN at the top right hand corner**.
2. Four passport size **photographs**.
3. Duly filled in & attested **"Attestation Form"** and duly filled in **"Bio-data Form"**. (downloaded from the website of the Commission).
4. H.S.C. or equivalent certificate in support of declaration of age issued by the concerned Board/Council.
5. Bachelor's degree (BE/B.Tech.) certificate issued by the recognized university in the relevant branch.
6. M.E./M.Tech. degree certificate issued by the recognized university in the relevant branch.
7. Ph.D. degree certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board/Council/University/Institution.
9. Documents in support of having at least two sucessful Ph.D. guided as Supervisor/Co-Supervisor.
10. Minimum 08 research publications in SCI journals/UGC/AICTE approved list of journals.
11. Experience Certificate in support of having minimum 15 years of experience in teaching/ research/industry.
12. Experience Certificate with at least 3 years of service at the post equivalent to that of Professor.
13. Any proof of identity.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**NOTE** : It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**OIPR-12002/11/0098/2425** **Sd./- Secretary**



**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**

E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore

No. O-742

**"e" Procurement Notice for Road Work**

Identification No. Online Tender - Road NCB No. 13 for 2024-25

Letter No. 3526 Date: 28.11.24

1. Name of the Work : Periodical Maintenance of PMGSY Road
2. Total No. of Work : 09 Nos. of Work.
3. Estimated Cost : From Rs.69.27 Lakhs to Rs.307.87 lakhs (Approximately)
4. Eligible Class of Contractor : 'B' & 'A' (of Odisha PWD) or relevant class of other licensing authorities (as per annexure)
5. Period of Completion : From 03 Calendar Months for the Work
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 13 | 05.12.2024 at 11.00 A.M. | 20.12.2024 upto 5.00 P.M. | 19.12.2024 upto 5.00 P.M. | 21.12.2024 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.

**OIPR-25105/11/0017/2425** **Sd./- Additional Chief Engineer, R.W. Circle, Balasore**



**PANCHAYAT SAMITI OFFICE, TANGARPALI, DIST.: SUNDARGARH**

**TENDER CALL NOTICE - 02/2024-25**

**No. 3356** **Date:27.11.2024**

No. i-319: Tender is hereby invited vide Tender Call Notice No. 02 of 2024-25 from eligible contractors for the following work. The details documents will be downloaded from district website **www.sundargarh.odisha.gov.in** w.e.f. 28.11.2024 to 11.12.2024.

| Sl. No. | Name of the Work | No. of AWC/ Addl. Class Room | Amount put to Tender in Rs. (Excluding GST) @ per AWC | Cost of Tender Paper (Non-refundable) in Rs.@per AWC | Bid Security/ EMD (1%) @ per AWC | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Const. of Model AWC at different GP under Tangarpali Block | 11 | 20,97,000/- | 6,000/- | 20,970/- | Six Months | 'C' & 'B' Class |
| 2 | Construction of Addl. Clas room at Govt. UPS Kurla & Patkilore | 2 | 12,50,000 | 6,000/- | 12,500/- | Six Months | 'D' & 'C' Class |
| 3 | Construction of Addl. Class Room at T.P.S. High School, Bandhapali | 1 | 12,37,000 | 6000/- | 12,370/- | Six Months | 'D' & 'C' Class |

1. Date and time for download tender paper: From Dt.28.11.2024 to 11.12.2024
2. Last date of Receipt of Tender Paper: Dt.11.12.2024 (5.00 P.M.)
3. Date of Opening of Tender Paper: Dt.12.12.2024 (11.00 A.M.)

**OIPR-19342/11/0002/2425** **Sd./- Block Development Officer, Tangarpali**



**ZILLA SWASTHYA SAMITI (ZSS), KANDHAMAL**

**OFFICE OF THE CDM&PHO-CUM-DISTRICT MISSION DIRECTOR, NHM, KANDHAMAL**

**Advt. No. 14204/NHM/HR-In-House/2024/04** **Date: 28.11.2024**

**ADVERTISEMENT**

No. E-531: Applications are invited for the following posts through in-house selection from contractual employees of NHM working in the same post under OSH&FWS in other districts & willing to working Kandhamal district. Interested candidates may attend with a **No Objection Certificate (NOC)-cum-continuation certificate in original issued from** competent authority for last uninterrupted service in the same post under the society. The application format & other terms & conditions are available in the website **https://kandhamal.odisha.gov.in**. Vacancies published in the advertisement are provisional and subject to change during the time of appointment. Incomplete application in any form is liable for rejection. No personal query will be entertained. The undersigned reserves the right to reject any or all application and modify or cancel the advertisement without assigning any reason thereof.

| Sl. No. | Name of the Post | Vacancy | Remarks |
|---|---|---|---|
| 1 | MO AYUSH Co-located Unit-BHMS | **06 Post:** (SC - M-01, ST - M-03, ST - F-01, UR - M-01) | **Date: 17.12.2024 Venue: Office of the DPMU, NHM, DHH, Phulbani, Kandhamal (Registration Time: 10 A.M. to 12 Noon)** |
| 2 | MO AYUSH Co-located Unit-BAMS | **05 Post:** (ST - M-01, ST - F-02, SEBC - M-01, UR - M-01) | |
| 3 | MO AYUSH RBSK-BHMS | **08 Post:** (ST - M-03, ST - F-02, UR - F-03) | |
| 4 | MO AYUSH RBSK-BAMS | **04 Post:** (SC - M-01, ST - M-02, ST - F-01) | |
| 5 | Accountant - DPMU | **01 Post** | |
| 6 | Pharmacist - MHU | **09 Post:** (SC - 02, ST - 03, UR - 04) | |
| 7 | Pharmacist - RBSK | **15 Post:** (SC - 03, ST - 03, UR - 09) | |
| 8 | ANM - RBSK | **06 Post:** (UR - 06) | |

**Sd./- Dr. Santosh Kumar Padhi**
**CDM&PHO-cum-District Mission Director,**
**NHM, Kandhamal**

**OIPR-10015/11/0013/2425**

**ସଂକ୍ଷେପରେ**

## ଯୋଗ ପ୍ରଶିକ୍ଷଣ କେନ୍ଦ୍ରର ବାର୍ଷିକୋତ୍ସବ

ରାଉରକେଲା,୧।୧୨(ଦିନେଶ ମିଶ୍ର)

ବାସନ୍ତୀ ପାଠାଗାରର ଯୋଗ ପ୍ରଶିକ୍ଷଣ କେନ୍ଦ୍ରର ୧୮ତମ ବାର୍ଷିକୋତ୍ସବ ଯୋଗ ଗୁରୁ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ଆବାହକତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଡ. ଶକ୍ତିପ୍ରସାଦ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶରୀର ପାଇଁ ଯୋଗର ଆବଶ୍ୟକତା ଉପରେ କହିଥିଲେ। ଯୋଗଗୁରୁ ପିତବାସ ପ୍ରଧାନ ଓ କବି କୁଞ୍ଜବିହାରୀ ରାଉତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଏକ ଯଜ୍ଞ ଆୟୋଜନ ହୋଇଥିଲା। ଏଥିରେ ଶ୍ରୀକାନ୍ତ ଷଡଙ୍ଗୀ ପୂଜକ ଦାୟିତ୍ୱ ତୁଲାଇଥିଲେ। ପରେ ଗୀତାଞ୍ଜଳି ମହାରଣା, ପ୍ରିୟା ପାତ୍ର, ସୁଭାସିନୀ ସାହୁ, ସସ୍ମିତା ଭଞ୍ଜଦେଓ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ସୁମିତା ସ୍ୱାଇଁ, ନିରୂପମା ଚାନ୍ଦ, ରବିନ୍ଦ୍ର ଠାକୁର, ସଂଯୁକ୍ତା ଦାଶ, ସ୍ୱର୍ଣ୍ଣଲତା ଘଡେଇ ପ୍ରମୁଖ ସହଯୋଗ କରିଥିଲେ।

# ଭୂତ ଉଠାଉଛନ୍ତି ଭତ୍ତା ଟଙ୍କା

- ମୃତ ଓ ସ୍ଥାନାନ୍ତର ହିତାଧିକାରୀଙ୍କ ନାଁ ତାଲିକାରୁ କଟୁନି
- ଯୋଗ୍ୟ ହିତାଧିକାରୀ ଯୋଜନାରୁ ବଞ୍ଚିତ
- ସାମାଜିକ ସୁରକ୍ଷା ବିଭାଗ ସାଜିଛି ନିଦାବିଷ୍ଣୁ

ରାଉରକେଲା,୧।୧୨(ବିପ୍ଳବ ରଞ୍ଜନ ଦାଶ)


ଉଦିତନଗର ଭତ୍ତା ପ୍ରଦାନ କେନ୍ଦ୍ର।

ଜାତୀୟ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ମାଧ୍ୟମରେ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ, ଅନଗ୍ରସର ଓ ଅବହେଳିତ ବ୍ୟକ୍ତି ବିଶେଷଙ୍କୁ ସରକାର ପ୍ରତି ମାସରେ ଭତ୍ତା ପ୍ରଦାନ କରୁଛନ୍ତି। ତେବେ ଉକ୍ତ ହିତାଧିକାରୀ ମୃତ କିମ୍ବା ଅନ୍ୟତ୍ର ସ୍ଥାନାନ୍ତର ହେଉଥିଲେ ମଧ୍ୟ ସେମାନଙ୍କ ନାଁ ତାଲିକାରୁ କଟୁନାହିଁ। ଅନ୍ୟପକ୍ଷେ ମୃତ ହିତାଧିକାରୀଙ୍କ ଭତ୍ତା ଟଙ୍କା ପ୍ରତି ମାସରେ ଉଠାଯାଉଥିବା ସୂଚନା ଅଧିକାର ଆଇନ ବଳରେ ଜାଣିବାକୁ ମିଳିଛି।

ସୂଚନା ଅଧିକାର ଆଇନ ବଳରେ ରାଉରକେଲା ଜନ ଅଧିକାର ମଞ୍ଚ ସଂଯୋଜକ ମନୋଜ ଶତପଥୀଙ୍କୁ ମିଳିଥିବା ତଥ୍ୟ ଅନୁସାରେ, ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ ସମେତ ବିଶ୍ରା, କୁଆଁରମୁଣ୍ଡା, ଲାଠିକଟା, ନୂଆଗାଁ, ବିରମିତ୍ରପୁର(ଏମ୍) ଅଞ୍ଚଳରେ ଜାତୀୟ ସାମାଜିକ ନିରାପତ୍ତା ଯୋଜନାରେ ୫୬ହଜାର ୯୯୨ଜଣ ହିତାଧିକାରୀଙ୍କୁ ସାମିଲ କରାଯାଇଛି। କୁଆଁରମୁଣ୍ଡା ବ୍ଲକର ୧୫ଜଣ ଭତ୍ତା ହିତାଧିକାରୀ ମୃତ୍ୟୁବରଣ କରିସାରିଥିବା ବେଳେ ସ୍ଥାନୀୟ ସିଏଚ୍‌ସିମାନଙ୍କରେ ମୃତ୍ୟୁ ସମ୍ବନ୍ଧୀୟ ପଞ୍ଜୀକରଣ ହୋଇସାରିଛି। ମାତ୍ର ମୃତ ବ୍ୟକ୍ତିଙ୍କ ନାଁରେ ଭତ୍ତା ଟଙ୍କା ଉଠାଣ ହେଉଛି। ଅନ୍ୟପକ୍ଷେ ଏହି ଅଞ୍ଚଳର ଆଉ କିଛି ହିତାଧିକାରୀ ମୃତ୍ୟୁବରଣ କରିସାରିଥିବା ବେଳେ ସେମାନଙ୍କ ସ୍ଥାନରେ ଅନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଉନାହିଁ। ଫଳରେ ବହୁ ଯୋଗ୍ୟ ହିତାଧିକାରୀ ଯୋଜନାରୁ ବାଦ୍ ପଡୁଛନ୍ତି। ସେହିପରି ଅନେକ ହିତାଧିକାରୀ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ବେଳେ ସେମାନେ ଆବେଦନ କଲେ ମଧ୍ୟ ସୁଫଳ ପାଇପାରୁନାହାନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ନେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

ଏ ସମ୍ପର୍କରେ ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀଙ୍କ ପଚାରିବାରୁ ସେ କହିଲେ, ଏହା ଉପରେ ରାଉରକେଲା ସାମାଜିକ ସୁରକ୍ଷା ବିଭାଗକୁ ଜିଲା ସାମାଜିକ ସୁରକ୍ଷା ବିଭାଗ ସହ ଯୋଗାଯୋଗ କରି ବାଦ୍ ହିତାଧିକାରୀମାନଙ୍କୁ ତୁରନ୍ତ ଯୋଜନାରେ ସାମିଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମୃତ ହିତାଧିକାରୀଙ୍କ ସ୍ଥାନ ପୂରଣ କରିବା ସହ ନୂଆ ଆବେଦନର ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି। ଭୂତ ଭତ୍ତାଧାରୀଙ୍କ ବିଷୟରେ ତଦନ୍ତ ହେବ। ତଦନ୍ତ ପରେ ପ୍ରମାଣ ଆଧାରରେ ଏଥିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଲକର୍ଣ୍ଣୀ କହିଥିଲେ।

## ଆଜି ଇସ୍ପାତ ନାଟ୍ୟ ମହୋତ୍ସବ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଦସ୍ୟଗଣ।

ରାଉରକେଲା,୧।୧୨(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ସହରର ୨୫ଟି ନାଟ୍ୟାନୁଷ୍ଠାନକୁ ନେଇ ଗଠିତ 'ଏକତ୍ର ରାଉରକେଲା' ପକ୍ଷରୁ ସିଭିକ ସେଣ୍ଟରରେ ଡିସେମ୍ବର ୨ରୁ ୧୨ ତାରିଖ ଯାଏ ଇସ୍ପାତ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ରବିବାର ପୂର୍ବାହ୍ନରେ ଗାଙ୍ଗପୁର ମଜଦୁର ମଞ୍ଚ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏକତ୍ର ରାଉରକେଲାର ସଭାପତି କବି ରାଜୀବ ପାଣିଙ୍କ ସଭାପତିତ୍ୱରେ ଉପଦେଷ୍ଟା ଡ. କୃପାସିନ୍ଧୁ ନାୟକ, ଶରତ ଦାସ, ପୂର୍ବତନ ବିଧାୟକ ଜର୍ଜ ତିର୍କୀ, କୈଳାସ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଆଲୋକ ବୋଷ, ସୁଦେଶ ନାୟକ, ସୁମନ ଦତ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାପତି ପାଣି ସୂଚନା ଦେଇ କହିଥିଲେ, ମୋଟ ୧୧ ସନ୍ଧ୍ୟାରେ ୧୬ଟି ନାଟକ ପରିବେଷଣ କରାଯିବ। ଉଦ୍‌ଘାଟନୀ ସନ୍ଧ୍ୟାରେ ସ୍ପନ୍ଦନ ଆୟୋଜିତ ଫ୍ୟୁପା ନାଟକ ମଞ୍ଚସ୍ଥ ହେବାକୁ ଥିବାବେଳେ ଅନ୍ୟ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାଟକ ପରିବେଷଣ କରାଯିବ। ପ୍ରତ୍ୟେକ ସନ୍ଧ୍ୟା ସାଢ଼େ ୬ଟାରେ ନାଟକ ପରିବେଷଣ କରାଯିବ ବୋଲି ପାଣି କହିଥିଲେ। ସୁରେନ୍ଦ୍ର ପାଢ଼ୀ, ବବିତା ମହାଲିକ, ଅକ୍ଷୟ ଧଳ, ଯୁବଯାନୀ ବେଜ୍, ଅକ୍ଷୟ ସାମଲ, ସୌମ୍ୟରଞ୍ଜନ ଲେଙ୍କାଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଉପସଭାପତି ରମେଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କରାଟେ ଚାମ୍ପିୟନଶିପ୍: ରାଉରକେଲା ଖେଳାଳିଙ୍କ ପଦକ ହାସଲ

ରାଉରକେଲା,୧।୧୨(ଦିନେଶ ମିଶ୍ର)


ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ରାଉରକେଲାର କରାଟେକା।

ଦକ୍ଷିଣ ଆଫ୍ରିକାର ଡର୍ବାନଠାରେ ୧୧ତମ କମନୱେଲ୍‌ଥ କରାଟେ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଏହି ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳରେ ଓଡିଶାରୁ ୨୫ ଜଣ କରାଟେକା ଅଂଶଗ୍ରହଣ କରିଥିଲେ। ଏହି ଦଳରେ ରାଉରକେଲାରୁ ସୂର୍ଯ୍ୟପ୍ରକାଶ ଘଡେଇ, ପୁଲକ ପାଢୀ ଓ ଆର୍ଯ୍ୟବ୍ରତ ବିଶ୍ୱାଳ ମନୋନିତ ହୋଇଥିଲେ। ଜୁନିୟର ପୁରୁଷ ବର୍ଗରେ ଏହି ୩ ଖେଳାଳି ରୌପ୍ୟ ପଦକ ହାସଲ କରିଛନ୍ତି। ପୁଲକ ବାସନ୍ତୀ କଲୋନୀ ସ୍ଥିତ ଡିଏଭି ସ୍କୁଲର ଛାତ୍ର ହୋଇଥିବାବେଳେ ଆର୍ଯ୍ୟବ୍ରତ ଦୀପିକା ଇଂରାଜୀ ସ୍କୁଲ ଓ ସୂର୍ଯ୍ୟପ୍ରକାଶ ବନ୍ଧମୁଣ୍ଡା ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ପାଠ ପଢୁଛନ୍ତି। ଏହି ୩ କରାଟେକା ରାଉରକେଲା ଉତ୍କଳ କରାଟେ ସ୍କୁଲରେ କୋଚ୍ ରାଜୀବ ସିଂଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ପାଇଁ ରାଜ୍ୟ କରାଟେ ଆସୋସିଏଶନ ସଭାପତି ତଥା ବିଧାୟକ ସାରଦା ପ୍ରସାଦ ନାୟକ, ବାସନ୍ତୀ ସାଂସ୍କୃତିକ ପରିଷଦ, ସହରସେବା ସମିତିର କର୍ମକର୍ତ୍ତା, ବିଭିନ୍ନ କ୍ରୀଡା ଓ ସାମାଜିକ ସଙ୍ଗଠନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହି ବିଜୟୀ ଦଳ ଆସନ୍ତା ୫ ତାରିଖରେ ରାଉରକେଲାରେ ପହଞ୍ଚିବେ।

## ୬ରେ ଆର୍‌ଏସ୍‌ଏସ୍ ମେଣ୍ଟର ଆନ୍ଦୋଳନ

ରାଉରକେଲା ,୧।୧୨(ସଙ୍ଗୀତା ଜେନା)



ଆରଏସ୍‌ଏସ୍ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଦସ୍ୟଗଣ।

### ତାଳଡିହି ମାଇନ୍ସ ହସ୍ତାନ୍ତରକୁ ବିରୋଧ

ସୁନ୍ଦରଗଡ଼ ଜିଲାର ଏକ ପ୍ରମୁଖ ଲୌହପଥର ମାଇନ୍ସ ତାଳଡିହିକୁ ସେଲ୍ ପରିଚାଳିତ ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) ଆଦାନୀ ଗ୍ରୁପ୍ ହାତରେ ଟେକି ଦେଇଛି। ଉକ୍ତ ମାଇନ୍ସର ଉତ୍ପାଦନ କ୍ଷମତା ୨ ମିଲିୟନ ଟନ୍‌ରୁ ୭ ମିଲିୟନ ଟନ୍‌କୁ ବୃଦ୍ଧି କରିବା ସହ ୨୫ ବର୍ଷ ପାଇଁ ଦୀର୍ଘମିଆଦୀ ଚୁକ୍ତିନାମା କରାଯାଇଛି। ଏଥିରୁ ଉତ୍ପାଦିତ ମାଲ ପରିବହନ ପାଇଁ କନଭେୟର ବେଲ୍ଟର ସାହାଯ୍ୟ ନିଆଯିବ। ବରସୁଆଁରୁ ଏହା ସିଧାସଳଖ ଅଣାଯିବ ବୋଲି ଜଣାପଡିଛି। ଏଥିରୁ ରାଉରକେଲା ଇସ୍ପାତ କାରଖାନାକୁ ଘରୋଇକରଣ ପାଇଁ ବିଧିବଦ୍ଧ ଯୋଜନା କରାଯାଉଛି ବୋଲି ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ଓ ଏହାର ମେଣ୍ଟ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍‌ଏମ୍) ଅଭିଯୋଗ କରିଛି। ରବିବାର ପୂର୍ବାହ୍ନରେ ସେକ୍ଟର-୧୮ ସ୍ଥିତ ଆରଏସ୍‌ଏସ୍ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା କହିଲେ, ଆରଏସ୍‌ଏସ୍ ଓ ମେଣ୍ଟ କାରଖାନାର ଶ୍ରମିକ ନିର୍ବାଚନରେ ବିଜୟ ଲାଭ କରିବା ପରେ ଶ୍ରମିକଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ ଆରମ୍ଭ କରିଦେଇଛି। ହେଲେ ଇତିମଧ୍ୟରେ ଏକ ଖଣିକୁ ଘରୋଇ କମ୍ପାନୀ ହାତରେ ଟେକି ଦିଆଯାଇଥିବା ଜଣାପଡିଛି। ସରକାରୀ ପ୍ରୋତ୍ସାହନରେ ସମଗ୍ର ଦେଶରେ ଆଦାନୀ ଜଳ, ଜମି, ଜଙ୍ଗଲ, ଖଣି ଅକ୍ତିଆର କରି ନିଜର ସାମ୍ରାଜ୍ୟ ବିସ୍ତାର କରୁଛି। ଏହାର ଆଖି ଏବେ ରାଉରକେଲା ଇସ୍ପାତ କାରଖାନା ଉପରେ ରହିଛି। ମାଇନ୍ସ ଡେଭଲପର୍ସ ଏବଂ ଅପରେଶନ ମଡେଲ ଜରିଆରେ ଖଣିର ଚୁକ୍ତିନାମା କରାଯାଇଛି। ହେଲେ ଏହାକୁ ଆରଏସ୍‌ଏସ୍ ଓ ମେଣ୍ଟ କଦାପି ବରଦାସ୍ତ କରିବ ନାହିଁ। ଆସନ୍ତା ୬ ତାରିଖରେ ଉକ୍ତ ମାଇନ୍ସ ନିକଟରେ ଶ୍ରମିକ ସମାବେଶ କରାଯିବ ବୋଲି ବେହେରା କହିଥିଲେ।

ସେହିପରି ଜିଏମ୍‌ଏମ୍ ସଭାପତି ଜର୍ଜ ତିର୍କୀ କହିଲେ, କଞ୍ଚାମାଲ ଉତ୍ତୋଳନ କରି ଆଦାନୀ କାରଖାନାକୁ ବିକ୍ରି କରିବ। ଏହାଦ୍ୱାରା କାରଖାନାକୁ ହାତେଇବା ବାଟ ସଫା ହୋଇଯିବ। ସେହିପରି ଗନ୍ଧମାର୍ଦ୍ଦନ, ନିୟମଗିରି ଓ ଅନେକ ପ୍ରାକୃତିକ ସମ୍ପଦକୁ ଘରୋଇକରଣ କରାଯାଉଥିବାକୁ ପ୍ରବଳ ବିରୋଧ କରାଯାଉଛି। ଏହି ଘରୋଇକରଣକୁ ମଧ୍ୟ ବିରୋଧ କରାଯିବ ନାହିଁ ବୋଲି ତିର୍କୀ କହିଥିଲେ। ଆର୍‌ଏସ୍‌ଏସ୍‌ର ଅକ୍ଷୟ ଜେନା, ଆର୍. କେ. ପଣ୍ଡା, ସୁରେଶ ପାଣିଗ୍ରାହୀ, ବୀରକିଶୋର ଶେଖରଦେଓ, ବିକାଶ ବେହୁରିଆ, ମନୋଜ କିଶାନ, ପଦ୍ମାଳୟ ଧର, ରମାକାନ୍ତ ପରିଡ଼ା, ଅଶୋକ ରାଉତ, ଜିଏମ୍‌ଏମ୍‌ର ଗୋପାଳ ଦାସ, ସୁଲେମାନ କାଉଡିଆ, ସନ୍ତୋଷ କୁଜୁର, ମାଙ୍ଗେ ଏକ୍କା, ଆନନ୍ଦ ଟପ୍ପୋ, ଆନ୍ଦ୍ରେଶ ଖାଖା ପ୍ରମୁଖ କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଭବାନୀ ମହାପାତ୍ର ଶ୍ରେଷ୍ଠ ଓଡ଼ିଆଣୀ ବିଜେତା

ରାଉରକେଲା,୧।୧୨(ଦିନେଶ ମିଶ୍ର)

ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟରରେ ଗରିମା ପରିବାର ପକ୍ଷରୁ ଆୟୋଜିତ ସିଜିନ-୨ର ଶ୍ରେଷ୍ଠ ଓଡିଆଣୀ ଅଡିଶନ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଶ୍ରେଷ୍ଠ ଓଡିଆଣୀ ଭାବେ ଭବାନୀ ମହାପାତ୍ର ବିଜୟିନୀ ହୋଇଛନ୍ତି। ମୋନାଲିସା ସାହୁ ଓ ମୌସୁମୀ ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଭିନେତ୍ରୀ ପୁଷ୍ପା ପଣ୍ଡା ମୁଖ୍ୟ ଅତିଥି, ଦୀପିକା ମହିଳା ସଂହତିର ଉପସଭାପତି ପ୍ରଭାତୀ ମିଶ୍ର, ନମ୍ରତା ବର୍ମା, ଲାୟନ ବୈଶାଳୀ ଖେଡିଆ, ସୁନୀଲ କୟାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ବିଜୟିନୀ ଭବାନୀଙ୍କୁ ମୁକୁଟ ଓ ଚେକ୍ ପ୍ରଦାନ କରିଥିଲେ। ପ୍ରଥମ ରନର୍ସ ଅପ୍ ଭାବେ ପ୍ରବୀଣା ଜେନା ଓ ଦ୍ୱିତୀୟ ରନର୍ସ ଅପ୍ ଭାବେ ସୌଦାମିନୀ ପାଢୀ ବିଜୟୀ ହୋଇଥିଲେ। ଏହି ଅବସରରେ ଡାକ୍ତର ପୂଜା ପତି, ଜୁଲି ମିଶ୍ର, ସୂର୍ଯ୍ୟକାନ୍ତି ମତଗଜସିଂଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ପୃଷ୍ଠପୋଷକ ଶଙ୍କର ଜେନା, ଡ. ଗୀତାଞ୍ଜଳି ପତ୍ରୀ, ଡ. ସମ୍ପାଦିକା ମହାନ୍ତି, ଲଳିତା ମୁଦାଲି, ଦିଲୀପ ମହାପାତ୍ର, ସନ୍ତୋଷ ଅଗ୍ରୱାଲ, ରଶ୍ମିତ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ମମତା ନାୟକ, ଲୁସି ଦାସ, ସିଲି ମହାନ୍ତି, ପ୍ରଣତୀ ଜେନା, ରେବତୀ ବାରିକ, ଶାନ୍ତିଲତା ବାରିକ, ମୋନାଲିସା ଗୌଡ ପ୍ରମୁଖ ସହଯୋଗ କରିଥିଲେ।

## ବେଦବ୍ୟାସ ସଂସ୍କୃତ କଲେଜରେ ବିଶ୍ୱ ଏଡ୍‌ସ ଦିବସ

ରାଉରକେଲା,୧।୧୨ (ବିପ୍ଳବ ରଞ୍ଜନ ଦାଶ)

ବେଦବ୍ୟାସ ଗୁରୁକୁଳ ସଂସ୍କୃତ କଲେଜ ପକ୍ଷରୁ ରବିବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡା. ଅମୂଲ୍ୟ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦାନ କରି ସଂଯମ ରକ୍ଷା ସହ ସତର୍କତା ଅବଲମ୍ବନ କଲେ ଏଡ୍‌ସକୁ ରୋକା ଯାଇପାରିବ ବୋଲି କହିଥିଲେ। ଡ. ପଣ୍ଡା ଦିବସ ପାଳନର ଉଦ୍ଦେଶ୍ୟରେ ମୋ ସ୍ୱାସ୍ଥ୍ୟ ମୋ ଅଧିକାର ଶୀର୍ଷକରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏଥିସହ ଆଧ୍ୟାତ୍ମିକ ସଚେତନତା ଓ ସାମାଜିକ ଦୂରତା ଅବଲମ୍ବନ କଲେ ଏଡ୍‌ସକୁ ରୋକାଯାଇପାରିବ ବୋଲି ସେ କହିଥିଲେ। କଲେଜର ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଦାସ ଏଡ୍‌ସ ଉପରେ ପିଲାମାନଙ୍କୁ ସଚେତନ କରାଇଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ବେଦ ପାଠ କରିଥିଲେ। ସନ୍ତୋଷ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଇସ୍ପାତ ବିଦ୍ୟା ମନ୍ଦିରରେ ବିଜ୍ଞାନ, କଳା, ହସ୍ତଶିଳ୍ପ ପ୍ରଦର୍ଶନୀ


ଅତିଥିମାନେ ପ୍ରକଳ୍ପମାନ ପରିଦର୍ଶନ କରୁଛନ୍ତି।

ରାଉରକେଲା,୧।୧୨ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଇସ୍ପାତ ବିଦ୍ୟା ମନ୍ଦିରରେ ବାର୍ଷିକ ବିଜ୍ଞାନ, କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ୍ ଇନଚାର୍ଜ ପି. କେ. ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସହରସେବା ଶିକ୍ଷା ବିଭାଗର ଜିଏମ୍ ଅସୀମ ସାବତ ସମ୍ମାନୀତ ଅତିଥି ଏବଂ ନୀଳଶୈଳ କଲେଜର ରସାୟନ ବିଜ୍ଞାନ ବିଭାଗର ରିଡର ପି. କେ. ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥଲେ। ଆଇଭିଏମ୍‌ର ଅଧ୍ୟକ୍ଷ ଡ. ଏସ୍. ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅତିଥିମାନେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ୪୦ଟି ବିଜ୍ଞାନ ପ୍ରକଳ୍ପ ଏବଂ ୨୦ଟି କଳା ଓ ହସ୍ତଶିଳ୍ପ ପ୍ରଦର୍ଶନ କରିଥିଲେ। ପିଜିଟି ଶିକ୍ଷୟିତ୍ରୀ ସୁଶ୍ରୀ ସ୍ୱାତୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 6818/P.S.C., Dt. 30.11.2024**

(1R-06-2023/24) (DR-V)

**No.D-197** : It is for information of all concerned that, document verification of candidates having **PPSAN** mentioned below for the post of **"Director"** in Indira Gandhi Institute of Technology (IGIT), Sarang, pursuant to advertisement No.02 of 2024-25 shall be held on **13.12.2024** as per the following programme in the office of the Commission at 19, Dr. P. K. Parija Road, Cuttack - 753001

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 13.12.2024 | 10.30 A.M. | P240247386, P240316209. P240316482, P240317930, P240318195, P230234395 & P230234312 = **07 Candidates** |
| | 2.30 P.M. | P230234172, P240237538, P230234347, P240318601 & P240317509 = **05 Candidates** |

The candidates are required to submit the following documents at the time of verification :

1. The hard copies of **online application forms** indicating their **PPSAN at the top right hand corner**.
2. Four passport size **photographs**.
3. Duly filled in & attested **"Attestation Form"** and duly filled in **"Bio-data Form"**. (downloaded from the website of the Commission).
4. H.S.C. or equivalent certificate in support of declaration of age issued by the concerned Board/Council.
5. Bachelor's degree (BE/B.Tech.) certificate issued by the recognized university in the relevant branch.
6. M.E./M.Tech. degree certificate issued by the recognized university in the relevant branch.
7. Ph.D. degree certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board/Council/University/Institution.
9. Documents in support of having at least two sucessful Ph.D. guided as Supervisor/Co-Supervisor.
10. Minimum 08 research publications in SCI journals/UGC/AICTE approved list of journals.
11. Experience Certificate in support of having minimum 15 years of experience in teaching/research/industry.
12. Experience Certificate with at least 3 years of service at the post equivalent to that of Professor.
13. Any proof of identity.

The candidates are advised to report in the office of the Commission half an hour before the commencement of verification on the scheduled date & time as mentioned above.

**NOTE** : It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0098/2425 **Sd./- Secretary**



**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**

E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore

No. O-742

**"e" Procurement Notice for Road Work**

Identification No. Online Tender - Road NCB No. 13 for 2024-25

Letter No. 3526 Date: 28.11.24

1. Name of the Work : Periodical Maintenance of PMGSY Road
2. Total No. of Work : 09 Nos. of Work.
3. Estimated Cost : From Rs.69.27 Lakhs to Rs.307.87 lakhs (Approximately)
4. Eligible Class of Contractor : 'B' & 'A' (of Odisha PWD) or relevant class of other licensing authorities (as per annexure)
5. Period of Completion : From 03 Calendar Months for the Work
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 13 | 05.12.2024 at 11.00 A.M. | 20.12.2024 upto 5.00 P.M. | 19.12.2024 upto 5.00 P.M. | 21.12.2024 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.

OIPR-25105/11/0017/2425 Sd./- Additional Chief Engineer, R.W. Circle, Balasore



**PANCHAYAT SAMITI OFFICE, TANGARPALI, DIST.: SUNDARGARH**

**TENDER CALL NOTICE - 02/2024-25**

No. 3356 Date:27.11.2024

No. i-319: Tender is hereby invited vide Tender Call Notice No. 02 of 2024-25 from eligible contractors for the following work. The details documents will be downloaded from district website **www.sundargarh.odisha.gov.in** w.e.f. 28.11.2024 to 11.12.2024.

| Sl. No. | Name of the Work | No. of AWC/ Addl. Class Room | Amount put to Tender in Rs. (Excluding GST) @ per AWC | Cost of Tender Paper (Non-refundable) in Rs.@per AWC | Bid Security/ EMD (1%) @ per AWC | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Const. of Model AWC at different GP under Tangarpali Block | 11 | 20,97,000/- | 6,000/- | 20,970/- | Six Months | 'C' & 'B' Class |
| 2 | Construction of Addl. Clas room at Govt. UPS Kurla & Patkilore | 2 | 12,50,000 | 6,000/- | 12,500/- | Six Months | 'D' & 'C' Class |
| 3 | Construction of Addl. Class Room at T.P.S. High School, Bandhapali | 1 | 12,37,000 | 6000/- | 12,370/- | Six Months | 'D' & 'C' Class |

1. Date and time for download tender paper: From Dt.28.11.2024 to 11.12.2024
2. Last date of Receipt of Tender Paper: Dt.11.12.2024 (5.00 P.M.)
3. Date of Opening of Tender Paper: Dt.12.12.2024 (11.00 A.M.)

OIPR-19342/11/0002/2425 Sd./- Block Development Officer, Tangarpali



**ZILLA SWASTHYA SAMITI (ZSS), KANDHAMAL**

**OFFICE OF THE CDM&PHO-CUM-DISTRICT MISSION DIRECTOR, NHM, KANDHAMAL**

Advt. No. 14204/NHM/HR-In-House/2024/04 Date: 28.11.2024

**ADVERTISEMENT**

No. E-531: Applications are invited for the following posts through in-house selection from contractual employees of NHM working in the same post under OSH&FWS in other districts & willing to working Kandhamal district. Interested candidates may attend with a **No Objection Certificate (NOC)-cum-continuation certificate in original issued from** competent authority for last uninterrupted service in the same post under the society. The application format & other terms & conditions are available in the website **https://kandhamal.odisha.gov.in**. Vacancies published in the advertisement are provisional and subject to change during the time of appointment. Incomplete application in any form is liable for rejection. No personal query will be entertained. The undersigned reserves the right to reject any or all application and modify or cancel the advertisement without assigning any reason thereof.

| Sl. No. | Name of the Post | Vacancy | Remarks |
|---|---|---|---|
| 1 | MO AYUSH Co-located Unit-BHMS | **06 Post:** (SC - M-01, ST - M-03, ST - F-01, UR - M-01) | **Date: 17.12.2024 Venue: Office of the DPMU, NHM, DHH, Phulbani, Kandhamal (Registration Time: 10 A.M. to 12 Noon)** |
| 2 | MO AYUSH Co-located Unit-BAMS | **05 Post:** (ST - M-01, ST - F-02, SEBC - M-01, UR - M-01) | |
| 3 | MO AYUSH RBSK-BHMS | **08 Post:** (ST - M-03, ST - F-02, UR - F-03) | |
| 4 | MO AYUSH RBSK-BAMS | **04 Post:** (SC - M-01, ST - M-02, ST - F-01) | |
| 5 | Accountant - DPMU | **01 Post** | |
| 6 | Pharmacist - MHU | **09 Post:** (SC - 02, ST - 03, UR - 04) | |
| 7 | Pharmacist - RBSK | **15 Post:** (SC - 03, ST - 03, UR - 09) | |
| 8 | ANM - RBSK | **06 Post:** (UR - 06) | |

Sd./- Dr. Santosh Kumar Padhi
CDM&PHO-cum-District Mission Director,
NHM, Kandhamal

OIPR-10015/11/0013/2425

# ଅଦିନିଆ ବର୍ଷାରେ ଭିଜିଲା ଧାନ, ଚାଷୀ ଚିନ୍ତାରେ



କୋଲାବିରା,୧।୧୨(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ି ଜିଲା କୋଲାବିରା ସମେତ ଆଖପାଖ ଅଞ୍ଚଳରେ ଲଘୁଚାପ ପ୍ରଭାବରେ ଶନିବାର ଓ ରବିବାର ଦିନସାରା ଅଦିନିଆ ବର୍ଷା ହୋଇଛି। ଠିଆ ହୋଇଥିବା ଖରିଫ ଫସଲ ଓ ଉଦ୍ୟାନ କୃଷି କ୍ଷତିଗ୍ରସ୍ତ ହୋଇଛି। ଏହା ଚାଷୀଙ୍କ ପାଇଁ ବେଢି ଉପରେ କୋରଡା ସଦୃଶ ହୋଇଛି। ବର୍ଷା ଯୋଗୁ ବ୍ୟାପକ ଫସଲ କ୍ଷୟକ୍ଷତି ହୋଇଛି। ବିଲରେ ପାଚିଲା ଧାନ ଶୋଇପଡିଥିବା ବେଳେ ବିରି, ମୁଗ ଆଦି ଫସଲ ନଷ୍ଟ ହୋଇଯାଇଛି। ଚାଷୀ ମୁଣ୍ଡରେ ଚଡକ ପଡିଛି। ଚାଷକାର୍ଯ୍ୟ ଆରମ୍ଭ ବେଳେ କମ୍ ବୃଷ୍ଟିରୁ ତଳିରୁଆ କାର୍ଯ୍ୟରେ ବାଧା, ପରେ ସ୍ୱଳ୍ପ ବୃଷ୍ଟି ଯୋଗୁ ଚାଷରେ ପାଣିର ଅଭାବ ତା ଉପରେ ପୁଣି ରୋଗ ପୋକର ପ୍ରାଦୁର୍ଭାବ ଯୋଗୁ ଚାଷୀ ଗୋଟିଏ ପ୍ରକାରେ ଆର୍ଥିକ ସଙ୍କଟର ସମ୍ମୁଖିନ ହୋଇଥିବା ବେଳେ ବର୍ତ୍ତମାନ ନିଜର କଷ୍ଟୋପାର୍ଜିତ ଫସଲ ଅମଳ ସମୟରେ ଅଦିନିଆ ବର୍ଷା ଚାଷୀଙ୍କ ଅଣ୍ଟା ଭାଙ୍ଗିଦେବାକୁ ବସିଲାଣି। ବର୍ଷା ଯୋଗୁ ଠିଆ ଧାନ ଶୋଇଗଲାଣି, ବିଲରେ ପେଟା ପଡିଥିବା ଧାନରେ ଗଜା ହେବା ନିଶ୍ଚିତ। ଫଳରେ ଧାନ ଉତ୍କୃଷ୍ଟମାନ ହୋଇପାରିବ ନାହିଁ। ଧାନର ରଙ୍ଗ ଠିକ୍ ରହିବ ନାହିଁ, ଧାନରେ ଆଦ୍ରତା ବା ଜଳିୟଅଂଶ ରହିବା ଯୋଗୁ ଧାନ ବିକ୍ରି ସମୟରେ ଚାଷୀ ଉଚିତ୍ ମୂଲ୍ୟ ପାଇ ନ ପାରି କ୍ଷତିର ସମ୍ମୁଖୀନ ହେବା ସ୍ୱାଭାବିକ। ୨ଦିନ ଅଦିନିଆ ବର୍ଷା ଯୋଗୁ ଅଞ୍ଚଳରେ ଧାନ ଫସଲ ସହିତ ବ୍ୟାପକ ପନିପରିବା ଫସଲ ସାଙ୍ଗକୁ ତୈଳବୀଜ ଫସଲ ମଧ୍ୟ ନଷ୍ଟ ହୋଇଛି। ଏଭଳି ସ୍ଥିତିରେ ଚାଷୀ କ'ଣ କରିବ ତାହା ଠିକ୍ କରିପାରୁନାହିଁ। ବ୍ୟାଙ୍କ, ସୋସାଇଟି ବ୍ୟତିତ ଚାଷୀ ମହାଜନଙ୍କଠାରେ ନିଜର ଜିନିଷ ବନ୍ଧା ପକାଇ ଧାର କରଜ କରି ମୁଣ୍ଡଖାଳ ତୁଣ୍ଡରେ ମାରି ଚାଷ ଆରମ୍ଭ କରିଥିବା ଚାଷୀ ପୂର୍ବରୁ ବର୍ଷାଭାବର ସମ୍ମୁଖିନ ହୋଇଥିବା ବେଳେ ବର୍ତ୍ତମାନ ଅମଳ ବେଳେ ଅଦିନିଆ ବର୍ଷା ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏଥିପ୍ରତି କୃଷି ବିଭାଗ ଦୃଷ୍ଟିଦେଇ ଚାଷୀ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

## ସେମାନେ ଯାହା କୁହନ୍ତି...



"୨ଦିନ ଧରି ଅଦିନିଆ ବର୍ଷା ଚାଷୀଙ୍କ ଦୁର୍ଯୋଗ ସାଜିଛି। ଆବଶ୍ୟକ କରୁଥିବା ସମୟରେ ବର୍ଷା ନ ହୋଇ ଧାନ ଅମଳ ସମୟରେ ଅଦିନିଆ ବର୍ଷା ହେବା ଚାଷ କ୍ଷତିଗ୍ରସ୍ତ ହେବା ନିଶ୍ଚିତ। ବର୍ତ୍ତମାନ ଜିଲାରେ ମରୁଡି ପରିସ୍ଥିତି ଚାଷୀଙ୍କ ଆର୍ଥିକ ମାନଦଣ୍ଡକୁ ଦୋହଲାଇ ଦେଇଥିବା ବେଳେ ଶୁକ୍ରବାର ଭୋରରୁ ଦୁଇଦିନ ଧରି ହେଉଥିବା ଅଦିନିଆ ବର୍ଷା ଚାଷୀଙ୍କ ପାଇଁ ବେଢି ଉପରେ କୋରଡା ସଦୃଶ ହୋଇଛି। ବର୍ଷା ଯୋଗୁ ଖାସ୍‌କରି ଚାଷୀଙ୍କ ବ୍ୟାପକ ଧାନ କ୍ଷୟକ୍ଷତି ଘଟାଇଛି। ଚାଷୀ ଅମଳ ପାଇଁ ଧାନ କାଟି ବିଲରେ ପକାଇଥିବା ବେଳେ କିଛିଧାନ କାଟି ନିଜ ଖଳାରେ ରଖିଥିଲେ। ଏପରି ସ୍ଥିତିରେ ଅଦିନିଆ ବର୍ଷା ସବୁ କିଛି ଓଲଟପାଲଟ କରିଛି। ବର୍ଷା ଯୋଗୁ ବିଷମ ସଙ୍କଟରେ ପଡିଯାଇଛନ୍ତି ଚାଷୀମାନେ। ତେଣୁ କାହାକୁ ନିଜ ଦୁଃଖ ଜଣାଇବ, ଚାଷୀ ବୁଝିପାରୁନାହିଁ।

**ବୀର ଅମରେନ୍ଦ୍ର ପ୍ରତାପ ସିଂହ(ଜମିଦାର ଜୟପୁର ଇଷ୍ଟେଟ, କୃଷକ ନେତା, କୋଲାବିରା ବ୍ଲକ)**



"ଅଞ୍ଚଳରେ ମାତ୍ର ୨୫ ପ୍ରତିଶତ ଧାନ କଟାଯାଇଥିବା ବେଳେ ଚାଷୀଙ୍କୁ ଦାଉ ସାଧିଲା ଭଳି ଅଦିନିଆ ବର୍ଷା । ବର୍ଷା ଯୋଗୁ ଅନେକ ଧାନ ବିଲରେ ଧାନପେଟା ପାଣିରେ ଭିଜୁଛି। ସେହିପରି ବର୍ଷା ଯୋଗୁ ଅଞ୍ଚଳରେ ବ୍ୟାପକ ପନିପରିବା ଫସଲ ସାଙ୍ଗକୁ ତୈଳବୀଜ ଫସଲ ମଧ୍ୟ ନଷ୍ଟ ହୋଇଛି। ଚାଷୀ ଆରମ୍ଭରୁ ବର୍ଷାଭବର ସମ୍ମୁଖିନ ହୋଇଥିବା ବେଳେ ବର୍ତ୍ତମାନ ଅମଳ ପାଇଁ ଯାହାକିଛି ବିଲରେ ଥିଲା ଅଦିନିଆ ବର୍ଷା ଚାଷୀର ସବୁ ଅଶାକୁ ଧୋଇ ଦେଇଛି। ବର୍ଷାରେ ଭିଜିବା ଫଳରେ ଧାନର ରଙ୍ଗ ଠିକ୍ ରହିବ ନାହିଁ, ଧାନରେ ଆଦ୍ରତା ବା ଜଳିୟଅଂଶ ରହିବା ଫଳରେ ଧାନ ବିକ୍ରି ସମୟରେ ଚାଷୀ ଉଚିତ୍ ମୂଲ୍ୟ ନ ପାଇ କ୍ଷତିର ସମ୍ମୁଖୀନ ହେବା ସ୍ୱାଭାବିକ। ଏଭଳି ସଙ୍କଟ ସମୟରେ ସରକାର ଓ ପ୍ରଶାସନ ଶ୍ରତିଗ୍ରସ୍ତ ଚାଷୀଙ୍କୁ ସହାୟତାର ହାତ ବଢାଇବା ଜରୁରୀ ହୋଇପଡିଛି।

**ଭିଷ୍ମଦେବ ପଟେଲ, ଚାଷୀନେତା, କୃଷି ବିଶେଷଜ୍ଞ, କୋଲାବିରା ବ୍ଲକ**

# ପୁରୁଣା ବସ୍‌ଷ୍ଟାଣ୍ଡରୁ ଝଣ୍ଡାଛକ ପର୍ଯ୍ୟନ୍ତ ହେବ ୨ ଥାକିଆ ରାସ୍ତା



ବୈଠକରେ ଆଲୋଚନା କରାଯାଉଛି।

### ଝାରସୁଗୁଡ଼ାରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ

ଝାରସୁଗୁଡ଼ା,୧।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଗସ୍ତ କରିଛନ୍ତି ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ। ଜିଲା କାର୍ଯ୍ୟାଳୟ ପରିଦର୍ଶନ ସହ ରେଳ ଜମି ଉପରେ ପୌରପାଳିକା ଅଧୀନରେ ଥିବା ଏବଂ ପ୍ରସ୍ତାବିତ ବିକଳ୍ପ ରାସ୍ତାର ଆବଶ୍ୟକତା ଏବଂ ଉପଯୋଗିତା ବିଷୟରେ ସମୀକ୍ଷା କରିଛନ୍ତି ରାଜସ୍ୱ ଆୟୁକ୍ତ ଯାଦବ। ଝାରସୁଗୁଡ଼ା ସହରର ଯାତାୟାତ ବ୍ୟବସ୍ଥା ପାଇଁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ପରାମର୍ଶ ଦେଇଛନ୍ତି। ପୁରୁଣା ବସଷ୍ଟାଣ୍ଡରୁ ଝଣ୍ଡା ଛକ ପର୍ଯ୍ୟନ୍ତ ନିର୍ମାଣ ହେବ ଦୁଇ ଥାକିଆ ରାସ୍ତା। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିକଳ୍ପ ସଡକ ପ୍ରସ୍ତାବ ସମ୍ପର୍କରେ ଆଲୋଚନା ହୋଇଛି। ଆଲୋଚନା ଅନୁଯାୟୀ ରେଲୱେ ମାଷ୍ଟର ପ୍ଲାନରେ ସଂକଳିତ ବାଣିଜ୍ୟିକ ବ୍ଲକଗୁଡ଼ିକ ଅନୁସାରେ ଦୋକାନଗୁଡ଼ିକୁ ସ୍ଥାନିତ କରିବା ପାଇଁ ବ୍ୟବହାର କରାଯିବ ଏବଂ ଅନ୍ୟତ୍ର ଛାଡ଼ି ଦିଆଯାଇଥିବା ଦୋକାନଗୁଡ଼ିକ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଆସନ୍ତା ବର୍ଷ ପାଇଁ ଏକ ବ୍ୟାପକ ବିକାଶ ଯୋଜନା (ସିଡିପି) ପ୍ରସ୍ତୁତ କରିବାକୁ ପରାମର୍ଶ ଦିଆଯାଇଥିଲା। ଆଲୋଚନା ଅନୁଯାୟୀ ରେଲୱେ ମାଷ୍ଟର ପ୍ଲାନରେ ସଂକଳିତ ବାଣିଜ୍ୟିକ ବ୍ଲକଗୁଡ଼ିକ ଅନୁସାରେ ଏହି ଦୋକାନଗୁଡ଼ିକୁ ସ୍ଥାନିତ କରିବା ପାଇଁ ବ୍ୟବହାର କରାଯିବ ଏବଂ ଅନ୍ୟତ୍ର ଛାଡ଼ି ଦିଆଯାଇଥିବା ଦୋକାନଗୁଡ଼ିକ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ବର୍ଷମାନଙ୍କ ପାଇଁ ଏକ ବ୍ୟାପକବିକାଶ ଯୋଜନା ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ବୈଠକରେ ଜିଲାପାଳ ଅବୋଲି ସୁନୀଲ ନରୱଣେ, ଏସ୍‌ପି ସ୍ମିତ ପି ପରମାର, ତହସିଲଦାରଙ୍କ ରେଳ ବିଭାଗର ଆଞ୍ଚଳିକ ଅଧିକାରୀ, ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ସଂସ୍ପର୍ଶରେ ଚାଲିଗଲା ଜୀବନ

କୋଲାବିରା,୧।୧୨(ଚିନ୍ମୟ କୁମାର ବହିଦାର)

ବହୁ କଷ୍ଟରେ ଉପାର୍ଜିତ ଧାନକୁ ବିକ୍ରି କରି ଭଲ ଦୁଇ ପଇସା ପାଇବା ଆଶାରେ ବର୍ଷାକୁ ଖାତିର ନ କରି ଖଳାରେ ଗଦେଇ ରଖିଥିବା ଧାନ ବିଦ୍ୟୁତ୍ ପଙ୍ଖାରେ ସଫା କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜୀବନ ଚାଲିଯାଇଛି। ଏଭଳି ଘଟଣା ଝାରସୁଗୁଡ଼ି ଜିଲା କୋଲାବିରା ଥାନା ଅନ୍ତର୍ଗତ କୁଲିତା ସମାସିଂହା ଗ୍ରାମରେ ଘଟିଛି। ମୃତକ ହେଲେ କୁଲିତା ସମାସିଂହା ଗ୍ରାମର ପଙ୍କଜ ପ୍ରଧାନ (୨୮)। ଉକ୍ତ ଗ୍ରାମର ପଙ୍କଜ ଧାନ ବିକ୍ରି କରିବାକୁ ବର୍ଷା ସତ୍ତ୍ୱେ ଘର ବାଡ଼ିପଟେ ବିଦ୍ୟୁତ୍ ପଙ୍ଖା ଲଗାଇ ଧାନ ସଫା କରୁଥିଲେ। କିଛି ସମୟ ପରେ ହଠାତ୍ ପଙ୍ଖା ବନ୍ଦ ହୋଇଯିବାରୁ କଣ ଅସୁବିଧା ହୋଇଥିବା ଭାବି ବିଦ୍ୟୁତ୍ ତାର ଗୁଡାଇବାର ଉପକ୍ରମ କରିଥିଲେ। ହେଲେ ତାର ଅସଂଯୋଗ କରିବାକୁ ଭୁଲିଯାଇଥିଲେ। ତାର ଗୁଡାଇବା ସମୟରେ ମଝିରେ ତାର କଉଁଠି କଟିଯାଇଥିବାରୁ ହାତରେ ତାର ଗୁଡେଇ ହୋଇଥିବା ଅବସ୍ଥାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ତୁରନ୍ତ ତାଙ୍କୁ କୋଲାବିରା ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୋଲାବିରା ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ସୁନ୍ଦରଗଡ଼ ଦୋସ୍ତି ବ୍ରଦର୍ସଙ୍କୁ ହରାଇ କୁଚିଣ୍ଡା ବିଏଫ୍‌ସି ଚାମ୍ପିୟନ

ଦେବଗଡ଼,୧।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡସ୍ଥିତ ପ୍ରଧାନପାଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଗତ ୨୫ ତାରିଖଠାରୁ ଆରମ୍ଭ ହୋଇଥିବା ଷଷ୍ଠ ସର୍ବଭାରତୀୟ 'ପ୍ରଧାନପାଟ କପ୍' ଫୁଟ୍‌ବଲ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସୁନ୍ଦରଗଡ଼ର ଦୋସ୍ତି ବ୍ରଦର୍ସ ଫୁଟ୍‌ବଲ ଦଳକୁ ୧-୦ ଗୋଲରେ ପରାସ୍ତ କରି କୁଚିଣ୍ଡାର ବିଏଫ୍‌ସି ଚାମ୍ପିୟନ ହୋଇଛି। ମ୍ୟାଚକୁ ରେଫରୀ ଭାବେ ସୁଧାଂଶୁ ସେଠ, ରାଜକୁମାର ମଣ୍ଡଳ, ସାଗର ନାୟକ ଓ ଅଶ୍ୱିନୀ ବରିହା ପରିଚାଳନା କରିଥିବା ବେଳେ ହେମନ୍ତ କୁମାର ମହାପାତ୍ର ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଭଷ୍ୟକାର ଭାବେ ବେଣୁଧର ଗଡନାୟକ ଓ ଫକୀର ମୋହନ ଦଳବେହେରା ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ପ୍ରଧାନପାଟ କ୍ଲବ ସଭାପତି ବିକାଶ କୁମାର ପ୍ରଧାନଙ୍କ ସଭାପତିତ୍ୱ ଓ ଜିଲା କ୍ରୀଡା ସଂସଦର ସମ୍ପାଦକ ଧିରେନ୍ଦ୍ର ନାୟକଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର ଯୋଗଦେଇ ଚାମ୍ପିୟନ କୁଚିଣ୍ଡାର ବିଏଫ୍‌ସିକୁ ଟ୍ରଫିସହ ନଗଦ ୪୦ ହଜାର ଟଙ୍କା ଓ ରନର୍ ଅପ୍ ସୁନ୍ଦରଗଡର ଦୋସ୍ତି ବ୍ରଦର୍ସ ଫୁଟ୍‌ବଲ ଦଳକୁ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ପାଇଁ କୁଚିଣ୍ଡା ବିଏଫ୍‌ସିର ଖେଳାଳି କରନ କୁଜୁରଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ଏବଂ ମ୍ୟାନ ଅଫ୍ ଟୁର୍ନାମେଣ୍ଟ ଭାବେ କୁଚିଣ୍ଡା ବିଏଫ୍‌ସିର ଖେଳାଳି ଚିନି କିଷାନ ଓ ଶ୍ରେଷ୍ଠ ଗୋଲକିପର ଭାବେ ଫଗୁ ବାସ୍କେଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ଭୋଇ ଓ ଜିଲା କ୍ରୀଡା ସଂସଦର କୋଷାଧ୍ୟକ୍ଷ ପ୍ରଭାତ କୁମାର ପ୍ରଧାନ ମଞ୍ଚାସୀନ ଥିଲେ। ଆୟୋଜକ ପ୍ରଧାନପାଟ କ୍ଲବ ସମ୍ପାଦକ ସଞ୍ଜୀବ କୁମାର ନାଏକ, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ବେହେରା, ପ୍ରତିଯୋଗିତା ଆୟୋଜନରେ ମଛିନ୍ଦ୍ର ନାୟକ, ସଞ୍ଜୀବ ନାଏକ, ଶରତ ମେହେର, ଦୀପକ ବେହେରା, ରୂପକ ମାଝି, ଶୁକଦେବ ଭଞ୍ଜ, ଅନନ୍ତ ମେହେର, ଅଲେଖ ନାୟକ ଓ ପ୍ରଦୀପ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




ଟ୍ରଫି ସହ ଚାମ୍ପିୟନ ଟିମ୍‌ର ଖେଳାଳି ଏବଂ ଉପସ୍ଥିତ ଅତିଥି।

### ଷଷ୍ଠ ସର୍ବଭାରତୀୟ 'ପ୍ରଧାନପାଟ କପ୍' ଫୁଟ୍‌ବଲ ଟୁର୍ନାମେଣ୍ଟ

# ଲିଙ୍ଗଗତ ସମାନତା ପ୍ରଶିକ୍ଷଣ ଶିବିର




**ଦେବଗଡ଼,୧।୧୨(ଶଶାଙ୍କ ଶେଖର ଝାଙ୍କର):** ଲିଙ୍ଗଗତ ସମାନତା ପ୍ରଶିକ୍ଷଣ ଶିବିର ବର୍ଣ୍ଣାଳୀ ଓସେପା ଓ ସମଗ୍ର ଶିକ୍ଷା ଦେବଗଡ଼ ମିଳିତ ଆନୁକୂଲ୍ୟରେ ଗୋଷ୍ଠୀ ଶିକ୍ଷା ବିଭାଗ ତିଲେଇବଣି ପକ୍ଷରୁ ଲିଙ୍ଗଗତ ସମ୍ବେଦନଶୀଳତା ଓ ପାଠ୍ୟକ୍ରମରେ ସଂଯୋଗୀକରଣ ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ବର୍ଣ୍ଣାଳୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦେବଗଡ଼ ଓ ତିଲେଇବଣି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ୩ଦିନ ଧରି ଅନୁଷ୍ଠିତ ଶିବିରରେ ସାମାଜିକ ଲିଙ୍ଗ ଭିତ୍ତିକ ଧାରଣା ଓ ଚଳଣିଗୁଡ଼ିକୁ ବୁଝିବା, ସାମାଜିକ ଲିଙ୍ଗ ସହିତ ଶିକ୍ଷା ତଥା ଅନ୍ୟାନ୍ୟ ସାମାଜିକ ଧାରଣା, ସାମାଜିକ ଲିଙ୍ଗଗତ ପରିଚୟ ପ୍ରଭାବିତ କରୁଥିବା ବିଭିନ୍ନ ସାମାଜିକ ଚଳଣି ଓ ଅନୁଷ୍ଠାନ ଗୁଡ଼ିକର ଭୂମିକା, ବାଲ୍ୟବିବାହ ଓ ଯୌତୁକ ଭଳି ସାମାଜିକ ପ୍ରଥାଗୁଡ଼ିକ ନିରାକରଣ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ସାଧନକର୍ମୀ ଭାବେ କାଦମ୍ବିନୀ ମିଶ୍ର, ଝସକେତନ ନାହାକ, କ୍ଷୀରୋଦ୍ରୀ ବେହେରା, ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଦେବାଶିଷ କର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ପର୍ଯ୍ୟାୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆ, ବ୍ରେକ ଥ୍ରୋ ରାଜ୍ୟ ସଂଯୋଜିକା ସୁଜାତା ମହାପାତ୍ର, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମହିମା ହେମ୍ବ୍ରମ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମନ୍ତ, ସୁଶାନ୍ତ କୁମାର ସାହୁ ଉପସ୍ଥିତ ରହିଥିଲେ। ଶିବିରରେ ତିଲେଇବଣି ବ୍ଲକ ଅଧୀନ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟାପନା କରୁଥିବା ୭୩ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଶିବିର ସିଆର୍‌ସିସି ଭେନସ କୁମାର ପ୍ରଧାନ, ପ୍ରାଣବନ୍ଧୁ ଘଡେଇ, ଅଶୋକ କୁମାର ସାହୁ, ଚୂଡ଼ାମଣି ସାହୁ, ମହାବୀର ନାୟକ, ବ୍ରହ୍ମାନନ୍ଦ ଛତ୍ରିଆ ପ୍ରମୁଖ ପରିଚାଳନା କରିଥିଲେ।


## ODISHA PUBLIC SERVICE COMMISSION, CUTTACK

### NOTICE

**No. 6818/P.S.C., Dt. 30.11.2024**
(1R-06-2023/24) (DR-V)

**No.D-197** : It is for information of all concerned that, document verification of candidates having **PPSAN** mentioned below for the post of **"Director"** in Indira Gandhi Institute of Technology (IGIT), Sarang, pursuant to advertisement No.02 of 2024-25 shall be held on **13.12.2024** as per the following programme in the office of the Commission at 19, Dr. P. K. Parija Road, Cuttack - 753001

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 13.12.2024 | 10.30 A.M. | P240247386, P240316209. P240316482, P240317930, P240318195, P230234395 & P230234312 = **07 Candidates** |
| | 2.30 P.M. | P230234172, P240237538, P230234347, P240318601 & P240317509 = **05 Candidates** |

The candidates are required to submit the following documents at the time of verification :
1. The hard copies of **online application forms** indicating their **PPSAN at the top right hand corner**.
2. Four passport size **photographs**.
3. Duly filled in & attested **"Attestation Form"** and duly filled in **"Bio-data Form"**. (downloaded from the website of the Commission).
4. H.S.C. or equivalent certificate in support of declaration of age issued by the concerned Board/Council.
5. Bachelor's degree (BE/B.Tech.) certificate issued by the recognized university in the relevant branch.
6. M.E./M.Tech. degree certificate issued by the recognized university in the relevant branch.
7. Ph.D. degree certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board/Council/University/Institution.
9. Documents in support of having at least two sucessful Ph.D. guided as Supervisor/Co-Supervisor.
10. Minimum 08 research publications in SCI journals/UGC/AICTE approved list of journals.
11. Experience Certificate in support of having minimum 15 years of experience in teaching/research/industry.
12. Experience Certificate with at least 3 years of service at the post equivalent to that of Professor.
13. Any proof of identity.

The candidates are advised to report in the office of the Commission half an hour before the commencement of verification on the scheduled date & time as mentioned above.

**NOTE** : It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**OIPR-12002/11/0098/2425** **Sd./- Secretary**

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE

E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore

No. O-742

### "e" Procurement Notice for Road Work

Identification No. Online Tender - Road NCB No. 13 for 2024-25

Letter No. 3526 Date: 28.11.24

1. Name of the Work : Periodical Maintenance of PMGSY Road
2. Total No. of Work : 09 Nos. of Work.
3. Estimated Cost : From Rs.69.27 Lakhs to Rs.307.87 lakhs (Approximately)
4. Eligible Class of Contractor : 'B' & 'A' (of Odisha PWD) or relevant class of other licensing authorities (as per annexure)
5. Period of Completion : From 03 Calendar Months for the Work
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 13 | 05.12.2024 at 11.00 A.M. | 20.12.2024 upto 5.00 P.M. | 19.12.2024 upto 5.00 P.M. | 21.12.2024 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.

**OIPR-25105/11/0017/2425** **Sd./- Additional Chief Engineer, R.W. Circle, Balasore**

## PANCHAYAT SAMITI OFFICE, TANGARPALI, DIST.: SUNDARGARH

### TENDER CALL NOTICE - 02/2024-25

**No. 3356** **Date:27.11.2024**

No. i-319: Tender is hereby invited vide Tender Call Notice No. 02 of 2024-25 from eligible contractors for the following work. The details documents will be downloaded from district website **www.sundargarh.odisha.gov.in** w.e.f. 28.11.2024 to 11.12.2024.

| Sl. No. | Name of the Work | No. of AWC/ Addl. Class Room | Amount put to Tender in Rs. (Excluding GST) @ per AWC | Cost of Tender Paper (Non-refundable) in Rs.@per AWC | Bid Security/ EMD (1%) @ per AWC | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Const. of Model AWC at different GP under Tangarpali Block | 11 | 20,97,000/- | 6,000/- | 20,970/- | Six Months | 'C' & 'B' Class |
| 2 | Construction of Addl. Clas room at Govt. UPS Kurla & Patkilore | 2 | 12,50,000 | 6,000/- | 12,500/- | Six Months | 'D' & 'C' Class |
| 3 | Construction of Addl. Class Room at T.P.S. High School, Bandhapali | 1 | 12,37,000 | 6000/- | 12,370/- | Six Months | 'D' & 'C' Class |

1. Date and time for download tender paper: From Dt.28.11.2024 to 11.12.2024
2. Last date of Receipt of Tender Paper: Dt.11.12.2024 (5.00 P.M.)
3. Date of Opening of Tender Paper: Dt.12.12.2024 (11.00 A.M.)

**OIPR-19342/11/0002/2425** **Sd./- Block Development Officer, Tangarpali**

## ZILLA SWASTHYA SAMITI (ZSS), KANDHAMAL

OFFICE OF THE CDM&PHO-CUM-DISTRICT MISSION DIRECTOR, NHM, KANDHAMAL

**Advt. No. 14204/NHM/HR-In-House/2024/04** **Date: 28.11.2024**

### ADVERTISEMENT

No. E-531: Applications are invited for the following posts through in-house selection from contractual employees of NHM working in the same post under OSH&FWS in other districts & willing to working Kandhamal district. Interested candidates may attend with a **No Objection Certificate (NOC)-cum-continuation certificate in original issued from** competent authority for last uninterrupted service in the same post under the society. The application format & other terms & conditions are available in the website **https://kandhamal.odisha.gov.in**. Vacancies published in the advertisement are provisional and subject to change during the time of appointment. Incomplete application in any form is liable for rejection. No personal query will be entertained. The undersigned reserves the right to reject any or all application and modify or cancel the advertisement without assigning any reason thereof.

| Sl. No. | Name of the Post | Vacancy | Remarks |
|---|---|---|---|
| 1 | MO AYUSH Co-located Unit-BHMS | **06 Post:** (SC - M-01, ST - M-03, ST - F-01, UR - M-01) | **Date: 17.12.2024 Venue: Office of the DPMU, NHM, DHH, Phulbani, Kandhamal (Registration Time: 10 A.M. to 12 Noon)** |
| 2 | MO AYUSH Co-located Unit-BAMS | **05 Post:** (ST - M-01, ST - F-02, SEBC - M-01, UR - M-01) | |
| 3 | MO AYUSH RBSK-BHMS | **08 Post:** (ST - M-03, ST - F-02, UR - F-03) | |
| 4 | MO AYUSH RBSK-BAMS | **04 Post:** (SC - M-01, ST - M-02, ST - F-01) | |
| 5 | Accountant - DPMU | **01 Post** | |
| 6 | Pharmacist - MHU | **09 Post:** (SC - 02, ST - 03, UR - 04) | |
| 7 | Pharmacist - RBSK | **15 Post:** (SC - 03, ST - 03, UR - 09) | |
| 8 | ANM - RBSK | **06 Post:** (UR - 06) | |

**Sd./- Dr. Santosh Kumar Padhi**
**CDM&PHO-cum-District Mission Director,**
**NHM, Kandhamal**

**OIPR-10015/11/0013/2425**

# ଅଜମେର ସର୍ଭେ ବୈଚାରିକ ଆକ୍ରମଣ

## ବନ୍ଦ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବ ଅମଲାତନ୍ତ୍ରୀ



ନୂଆଦିଲ୍ଲୀ/ଅଜମେର,୧।୧୨

ଅଜମେର ଶରିଫ୍ ଦରଘାର ସର୍ଭେ ପାଇଁ ସ୍ଥାନୀୟ ଅଦାଲତ ନିର୍ଦ୍ଦେଶ ଦେବା ପରେ ପୂର୍ବତନ ଅମଲା ଏବଂ କୂଟନୀତିଜ୍ଞମାନଙ୍କର ଗୋଟିଏ ଗୋଷ୍ଠୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି। ଦରଘାର ସର୍ଭେ କରାଯିବା ବେଆଇନ ଏବଂ ହାନିକାରକ କାର୍ଯ୍ୟ। ଭାରତୀୟ ସଭ୍ୟତାର ଐତିହ୍ୟ ଉପରେ ଏହା ବୈଚାରିକ ଆକ୍ରମଣ ଏବଂ ସମାବେଶୀ ରାଷ୍ଟ୍ର ଚିନ୍ତାଧାରାକୁ ବିକୃତ କରୁଥିବା ଦର୍ଶାଇ ତୁରନ୍ତ ସର୍ଭେ ବନ୍ଦ କରାଇବାକୁ ସେମାନେ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି। ଦ୍ୱାଦଶ ଶତାବ୍ଦୀର ସନ୍ଥ ଖ୍ୱାଜା ମୋଇନୁଦ୍ଦିନ ଚିସ୍ତିଙ୍କ ବାର୍ଷିକ ଉର୍ସ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଚାଦର ପଠାଇଥାନ୍ତି। ତେଣୁ ସେ ଏକାକୀ ଏହି ବେଆଇନ ଏବଂ ହାନିକାରକ କାର୍ଯ୍ୟକୁ ବନ୍ଦ କରିପାରିବେ ବୋଲି ଅବସରପ୍ରାପ୍ତ ଅମଲାମାନେ ଚିଠିରେ ଲେଖିଛନ୍ତି। ଶୁକ୍ରବାର ପତ୍ର ଲେଖିଥିବା ପୂର୍ବତନ ପ୍ରଶାସନିକ ଅଧିକାରୀ ଓ କୂଟନୀତିଜ୍ଞଙ୍କ ମଧ୍ୟରେ ଦିଲ୍ଲୀର ପୂର୍ବତନ ଉପରାଜ୍ୟପାଳ ନଜୀବ ଜଙ୍ଗ, ବ୍ରିଟେନ୍‌ରେ ଭାରତର ପୂର୍ବତନ ଉଚ୍ଚାୟୁକ୍ତ ଶିବ ମୁଖାର୍ଜୀ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଏସ୍.ୱାଇ. କୁରେଶୀ, ପୂର୍ବତନ ସେନା ଉପମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଜମିରୁଦ୍ଦିନ୍ ଶାହ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଡେପୁଟି ଗଭର୍ନର ରବି ଭିରା ଗୁପ୍ତା ରହିଛନ୍ତି। ସେମାନେ କହିଛନ୍ତି, ମସ୍‌ଜିଦ ଓ ଦରଘା ସ୍ଥାନରେ ପୂର୍ବରୁ ମନ୍ଦିର ଥିବା ଏକ ଅଜଣା ବାହ୍ୟ ଗୋଷ୍ଠୀ କହିଆସୁଛନ୍ତି। ଏହା ପ୍ରମାଣିତ କରିବା ପାଇଁ ନିଜକୁ ହିନ୍ଦୁ ସ୍ୱାର୍ଥର ପ୍ରତିନିଧି ବୋଲାଉଥିବା ଏହି ଗୋଷ୍ଠୀ ମସ୍‌ଜିଦ ଓ ଦରଘାଗୁଡ଼ିକର ପ୍ରତ୍ନତାତ୍ତ୍ୱିକ ସର୍ଭେ ଦାବି କରୁଛନ୍ତି। ଉପାସନାସ୍ଥଳ ଆଇନରେ ସ୍ପଷ୍ଟ ବ୍ୟବସ୍ଥା ରହିଥିବା ସତ୍ତ୍ୱେ ଅଦାଲତଗୁଡ଼ିକ ଅବାଞ୍ଛିତ ତତ୍ପରତାର ସହ ଏଭଳି ଦାବିକୁ ଗ୍ରହଣ କରି ତଦନ୍ତ ନିର୍ଦ୍ଦେଶ ଦେଉଥିବାରୁ ପୂର୍ବତନ ଅମଲା ଏବଂ କୂଟନୀତିଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ସମ୍ଭଲରେ ନ୍ୟାୟିକ କମିଶନ

ସମ୍ଭଲ,୧।୧୨(ପି.ଟି.)

ଉତ୍ତରପ୍ରଦେଶର ସମ୍ଭଲରେ ଶାହି ଜାମା ମସ୍‌ଜିଦର ସର୍ଭେ ବେଳେ ନଭେମ୍ବର ୨୪ରେ ଘଟିଥିବା ହିଂସାକାଣ୍ଡର ତଦନ୍ତ ପାଇଁ ନ୍ୟାୟିକ କମିଶନ୍‌ର ସଦସ୍ୟମାନେ ରବିବାର ସେଠାରେ ପହଞ୍ଚିଛନ୍ତି। ୩ ଜଣିଆ କମିଶନରେ ଆଲ୍ଲାହାବାଦ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଦେବେନ୍ଦ୍ର କୁମାର ଆରୋରା, ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଅରବିନ୍ଦ କୁମାର ଜୈନ ଏବଂ ପୂର୍ବତନ ଆଇଏଏସ୍ ଅଫିସର ଅମିତ୍ ମୋହନ ପ୍ରସାଦ ସଦସ୍ୟ ରହିଛନ୍ତି। ସେମାନଙ୍କ ସହ ମୋରାଦାବାଦ ଡିଭିଜନାଲ କମିଶନର, ଡିଆଇଜି, ସମ୍ଭଲ ଜିଲାପାଳ ଏବଂ ଏସ୍‌ପି ଉପସ୍ଥିତ ଥିଲେ। କମିଶନ ରବିବାର ହିଂସାକାଣ୍ଡ ଘଟିଥିବା ସ୍ଥାନ ପରିଦର୍ଶନ କରିଛନ୍ତି। ସେମାନେ ପୁଣିଥରେ ଆସିବେ ବୋଲି ଡିଭିଜନାଲ କମିଶନର ଗଣମାଧ୍ୟମକୁ କହିଛନ୍ତି। ଡିସେମ୍ବର ୧୦ ଯାଏ ସମ୍ଭଲରେ କଟକଣା ଜାରି ହୋଇଥିବାବେଳେ ତଥ୍ୟପ୍ରମାଣ ସଂଗ୍ରହ କରାଯିବା ସହ ବର୍ତ୍ତମାନ ସୁଦ୍ଧା ହିଂସାରେ ସମ୍ପୃକ୍ତ ୪୦୦ ଲୋକଙ୍କୁ ଚିହ୍ନଟ କରାଗଲାଣି।

ଗତ ୨୪ ତାରିଖରେ ମସ୍‌ଜିଦ ସର୍ଭେ ବେଳେ ହିଂସାତ୍ମକ ସଂଘର୍ଷ ଘଟି ୪ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଥିଲେ। ମସ୍‌ଜିଦ ବିବାଦ ନେଇ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ସମ୍ଭଲ କୋର୍ଟରେ ଜବାବ ଦାଖଲ କରାଯାଇଛି। ଉକ୍ତ ମସ୍‌ଜିଦ ଏକ ସୁରକ୍ଷିତ ଐତିହ୍ୟ ହୋଇଥିବାରୁ ଏହାର ନିୟନ୍ତ୍ରଣ ଏବଂ ପରିଚାଳନା ଦାୟିତ୍ୱ ହାତକୁ ନେବା ପାଇଁ ଏଏସ୍‌ଆଇ କହିଛି।



ସମ୍ଭଲରେ ନ୍ୟାୟିକ କମିଶନ୍‌ର ୩ ସଦସ୍ୟ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ସଂକ୍ଷେପରେ

### ଢାକାରେ ଭାରତୀୟ ଏଜେଣ୍ଟ କହି ମହିଳା ଖବରଦାତାଙ୍କୁ ଆକ୍ରମଣ

ଢାକା, ୧।୧୨

ବାଂଲାଦେଶର ରାଜଧାନୀ ଢାକାରେ ଏକ ଟିଭି ନ୍ୟୁଜ୍ ଚ୍ୟାନେଲର ମହିଳା ଖବରଦାତା ମୁନ୍ନି ସାହା ଆକ୍ରମଣର ଶିକାର ହୋଇଛନ୍ତି। କେତେଜଣ କଠୋରପନ୍ଥି ଜଣେ ମହିଳା ଖବରଦାତାଙ୍କୁ ଘେରିଯାଇ ତାଙ୍କୁ ବନ୍ଧକ କରି ରଖିଥିଲେ। ଏହି ସମୟରେ କଠୋରପନ୍ଥୀମାନେ ତାଙ୍କୁ ଭାରତୀୟ ଏଜେଣ୍ଟ କହି ତାଙ୍କ ସହ ଧକ୍କାମୁକ୍କି କରିବା ସହ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଶନିବାର ଢାକାର ତେଜଗାଁ ଥାନା ଅନ୍ତର୍ଗତ କବାରନ ବଜାର ଅଞ୍ଚଳରେ ଏକ ସ୍ଥାନୀୟ ଟିଭି ଚ୍ୟାନେଲର ଅଫିସରୁ ଘରକୁ ଫେରୁଥିବାବେଳେ ତାଙ୍କ କାରକୁ କଠୋରପନ୍ଥୀମାନେ ଅଟକାଇଦେଇଥିଲେ। ତାଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ସମର୍ଥକ ଏବଂ ଭାରତୀୟ ଏଜେଣ୍ଟ କହି ଗାଳିଗୁଲଜ କରିଥିଲେ। କିଛି ଘଣ୍ଟା ପରେ ଢାକା ମେଟ୍ରୋପଲିଟାନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୁନ୍ନିଙ୍କୁ ଉଦ୍ଧାର କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

### କାଶ୍ ପଟେଲ ହେବେ ଏଫ୍‌ବିଆଇ ଡାଇରେକ୍ଟର

ୱାଶିଂଟନ, ୧।୧୨

ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଭାରତୀୟ ବଂଶୋଦ୍ଭବ କଶ୍ୟପ କାଶ୍ ପଟେଲଙ୍କୁ ତାଙ୍କ ନୂତନ ପ୍ରଶାସନରେ ଫେଡେରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେଶନ(ଏଫ୍‌ବିଆଇ)ର ଡାଇରେକ୍ଟର ଭାବେ ଚୟନ କରିଛନ୍ତି। ଗୁଜରାଟର ମୂଳ ବାସିନ୍ଦା କାଶ୍‌ଙ୍କୁ ଟ୍ରମ୍ପଙ୍କ ଖୁବ୍ ନିକଟତର ଭାବେ ବିବେଚନା କରାଯାଇଥାଏ।



କାଶ୍ ପୂର୍ବରୁ ଆମେରିକାର ଜାତୀୟ ସୁରକ୍ଷା ପରିଷଦର ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ଏନେଇ ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍‌ରେ ଘୋଷଣା କରିଛନ୍ତି। ସେ ଲେଖିଛନ୍ତି, କାଶ୍ ହେଉଛନ୍ତି ଜଣେ ଉଜ୍ଜ୍ୱଳ ଆଇନଜୀବୀ, ଇନ୍‌ଭେଷ୍ଟିଗେଟର ତଥା ସାମାଜିକ କାର୍ଯ୍ୟକର୍ତ୍ତା, ଯିଏ ଦେଶରେ ବିଭିନ୍ନ ଦୁର୍ନୀତିକୁ ଉନ୍ମୋଚନ କରି ଆମେରିକାବାସୀଙ୍କୁ ସୁରକ୍ଷା ଯୋଗାଇ ଆସିଛନ୍ତି।

### ପପୁ ଯାଦବଙ୍କୁ ବିଷ୍ଣୋଇ ଗ୍ୟାଙ୍ଗ୍‌ର ହତ୍ୟା ଧମକ

ପାଟନା,୧।୧୨

ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ହିଟ୍ ଲିଷ୍ଟରେ ଥିବା ପୂର୍ଣ୍ଣିଆର ସ୍ୱାଧୀନ ଲୋକ ସଭା ସଦସ୍ୟ ରାଜେଶ ରଞ୍ଜନ ଓରଫ ପପୁ ଯାଦବଙ୍କୁ ଶନିବାର ପୁଣିଥରେ ହତ୍ୟା ଧମକ ମିଳିଛି। ୨୪ ଘଣ୍ଟା ମଧ୍ୟରେ ତାଙ୍କୁ ହତ୍ୟା କରାଯିବ ବୋଲି ପପୁଙ୍କ ବ୍ୟକ୍ତିଗତ ହ୍ୱାଟ୍ସଆପ୍ ନମ୍ବରକୁ ମେସେଜ୍ ଆସିଛି। ମାସେରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଏହା ହେଉଛି ୧୮ତମ ଧମକ। ପୂର୍ଣ୍ଣିଆ ପୋଲିସ ଏହାର ତଦନ୍ତ ଚଳାଇଛି। ବାର୍ତ୍ତା ପଠାଇଥିବା ବ୍ୟକ୍ତି ଲେଖିଛନ୍ତି, ଆମର ପ୍ରସ୍ତୁତି ଶେଷ ହୋଇଛି। ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟମାନେ ଏମ୍‌ପିଙ୍କ ନିକଟରେ ପହଞ୍ଚି ସାରିଛନ୍ତି। ସୁରକ୍ଷା କର୍ମୀ ମଧ୍ୟ ତାଙ୍କୁ ବଞ୍ଚାଇପାରିବେ ନାହିଁ।

## ଆନ୍ଧ୍ରରେ ଭଙ୍ଗହେଲା ୱାକ୍‌ଫ ବୋର୍ଡ

ବିଜୟୱାଡ଼ା,୧।୧୨

ରାଜ୍ୟ ୱାକ୍‌ଫ ବୋର୍ଡ ଗଠନ ପାଇଁ ପୂର୍ବ ସରକାର ସମୟରେ ଦିଆଯାଇଥିବା ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନେବା ପାଇଁ ଆନ୍ଧ୍ରପ୍ରଦେଶ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବୋର୍ଡ ଅଧ୍ୟକ୍ଷ ନିର୍ବାଚନ ଉପରେ ସ୍ଥଗିତାଦେଶ ଯୋଗୁ ଦୀର୍ଘଦିନ ହେବ ଏହା ଅଚଳ ହୋଇ ରହିଛି। ତେଣୁ ୱାକ୍‌ଫ ବୋର୍ଡ ଭାଙ୍ଗିଦେବା ପାଇଁ ଶନିବାର ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଉକ୍ତ ପ୍ରସଙ୍ଗ ସରକାରଙ୍କ ଦୃଷ୍ଟିକୁ ଆଣିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବର ୨୧ରେ ଶେକ୍ ଖାଜାଙ୍କୁ ମୁତାୱାଲ, ବିଧାୟକ ହାଫିଜ ଖାନ୍ ଏବଂ ବିଧାନ ପରିଷଦ ସଦସ୍ୟ ରୁହୁଲ୍ଲାଙ୍କୁ ସଦସ୍ୟ ନିର୍ବାଚନ କରାଯାଇଥିବାବେଳେ ଅନ୍ୟ ୮ ଜଣଙ୍କୁ ୱାକ୍‌ଫ ବୋର୍ଡ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ଖାଜାଙ୍କ ନିର୍ବାଚନ ଏବଂ ୱାକ୍‌ଫ ବୋର୍ଡ ଗଠନ ପାଇଁ ଜିଓ ୪୭ର ବୈଧତାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଫଳରେ ହାଇକୋର୍ଟ ବୋର୍ଡ ଅଧ୍ୟକ୍ଷ ନିର୍ବାଚନ ଉପରେ ସ୍ଥଗିତାଦେଶ ଲଗାଇଥିଲେ।

## ଇଭିଏମ୍ ହ୍ୟାକର ସୟେଦ ଶୁଜାଙ୍କ ନାଁରେ ମାମଲା

ନୂଆଦିଲ୍ଲୀ,୧।୧୨

ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଗୁଡ଼ିକର ଫ୍ରିକ୍ୱେନ୍ସିକୁ ଅଲଗା କରି ସେଗୁଡ଼ିକୁ ହ୍ୟାକ୍ କରାଯାଇଥାଇପାରେ ବୋଲି ଦାବି କରିଥିବା ସୟେଦ ଶୁଜାଙ୍କ ବିରୋଧରେ ନିର୍ବାଚନ କମିଶନଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଛି। ମୁମ୍ବାଇ ସାଇବର ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଏବଂ ଆଇଟି ଆଇନ ଅନୁଯାୟୀ ଶନିବାର ମାମଲା ରୁଜୁ କରିଛି। ଶୁଜାଙ୍କ ଅଭିଯୋଗ ମିଥ୍ୟା, ନିରାଧାର ଏବଂ ଏହାର କୌଣସି ପ୍ରମାଣ ନାହିଁ ବୋଲି ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଫିସର ଅଭିଯୋଗ ଦାଏର କରିଥିଲେ। ସୂଚନାଯୋଗ୍ୟ, ମହାରାଷ୍ଟ୍ର ନିର୍ବାଚନରେ ବ୍ୟବହୃତ ଇଭିଏମ୍‌ଗୁଡ଼ିକୁ ଟ୍ୟାମ୍ପର କରାଯାଇଥାଇପାରେ ବୋଲି ଶୁଜା ଏକ ଭାଇରାଲ ଭିଡିଓରେ ଦାବି କରିଥିଲେ। ୨୦୧୯ରେ ମଧ୍ୟ ସେ ଅନୁରୂପ ଅଭିଯୋଗ ଆଣିବା ପରେ ତାଙ୍କ ବିରୋଧରେ ଦିଲ୍ଲୀରେ ଏତଲା ଦାଏର ହୋଇଥିଲା।



ପଣ୍ଡିଚେରୀରେ ପାଣିଘେରରେ ରହିଥିବା ଲୋକମାନଙ୍କୁ ସେନା ଯବାନମାନେ ଉଦ୍ଧାର କରୁଛନ୍ତି।

## ଫେଙ୍ଗାଲ ବାତ୍ୟା ପ୍ରଭାବରେ ପଣ୍ଡିଚେରୀରେ ଅଭୂତପୂର୍ବ ବର୍ଷା

ପଣ୍ଡିଚେରୀ,୧।୧୨

ବାତ୍ୟା ଫେଙ୍ଗାଲ ଶନିବାର ରାତିରେ ପଣ୍ଡିଚେରୀରେ ସ୍ଥଳଭାଗ ଛୁଇଁବା ପରେ ଦୀର୍ଘସମୟ ସେଠାରେ କେନ୍ଦ୍ରୀଭୂତ ରହିବାରୁ ଅଭୂତପୂର୍ବ ବର୍ଷା ସାଙ୍ଗକୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ୩ ଦଶନ୍ଧି ମଧ୍ୟରେ ପଣ୍ଡିଚେରୀରେ ଏଭଳି ବର୍ଷା ହୋଇ ନ ଥିଲା ବୋଲି ବରିଷ୍ଠ ନାଗରିକମାନେ କହିଛନ୍ତି। ଚାରିଆଡ଼ ଜଳାର୍ଣ୍ଣବ ହୋଇଥିବାବେଳେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସେନା ଯବାନଙ୍କୁ ନିୟୋଜିତ କରାଯାଇଛି। ସେହିପରି ତାମିଲନାଡୁର ଭିଲ୍ଲୁପୁରମ୍‌ରେ ମଧ୍ୟ ଅତି ପ୍ରବଳ ବର୍ଷା ହୋଇଛି। ପଣ୍ଡିଚେରୀରେ ଗତ ୨୪ ଘଣ୍ଟା ମଧ୍ୟରେ ୪୬ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି। ବର୍ଷାଜଳ ଅନେକଙ୍କ ଘରେ ପଶିଥିବାବେଳେ ରାସ୍ତାରେ ପାର୍କିଂ କରିଥିବା ଗାଡ଼ିଗୁଡ଼ିକ ଅଧା ବୁଡ଼ିଯାଇଛି। ବାତ୍ୟା ପ୍ରଭାବରେ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ିପଡ଼ିଛି। ଅନେକ ଅଞ୍ଚଳରେ ଫସଲ ପାଣିରେ ବୁଡ଼ିରହିଥିବାରୁ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ରାସ୍ତାଗୁଡ଼ିକରେ ପାଣି ଚାଲୁଥିବାରୁ ଗାଡ଼ି ଚଳାଚଳ ବନ୍ଦ ରହିଛି।

## ୩ ପିଲା ଜନ୍ମ ନ କଲେ ଲୁପ୍ତ ହୋଇଯିବ ସମାଜ: ଭାଗବତ

ନାଗପୁର,୧।୧୨

ଯଦି ଏକ ସମାଜରେ ଜନସଂଖ୍ୟା ହାର ୨.୧%ରୁ ତଳକୁ ରହେ, ତେବେ ସେହି ସମାଜ ସ୍ୱତଃ ଲୁପ୍ତ ହୋଇଯିବ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ପରିବାରର ଗୁରୁତ୍ୱ ବୁଝାଇବାକୁ ଯାଇ ରବିବାର ଏହି ମନ୍ତବ୍ୟ ଦେଇଛନ୍ତି। ମହାରାଷ୍ଟ୍ରର ନାଗପୁରରେ 'କାଥାଲେ ସମ୍ମେଳନ୍'କୁ ସମ୍ବୋଧିତ କରି ସରସଂଘଚାଳକ ଭାଗବତ କହିଛନ୍ତି, ସମାଜରେ ପରିବାରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜନସଂଖ୍ୟା ବିଜ୍ଞାନ ଅନୁସାରେ ମୋଟ ପ୍ରଜନନ ହାର



ମୋହନ ଭାଗବତ

୨.୧ ତଳକୁ ଖସିଲେ ସମାଜ ଲୋପ ପାଇଯିବା ଆଶଙ୍କା ରହିଛି। କ୍ରମକ୍ଷୟିଷ୍ଣୁ ଜନସଂଖ୍ୟା ଗମ୍ଭୀର ବିଷୟ। ଭାରତରେ ମହିଳାମାନଙ୍କ ମୋଟ ପ୍ରଜନନ ହାର ୨କୁ ଖସିଥିବାବେଳେ ଗର୍ଭନିରୋଧକ ପ୍ରଚଳନ ହାର ୬୭%କୁ ବଢ଼ିଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେରୁ ଜଣାପଡ଼ିଛି।

### ୨ ସନ୍ତାନ ନୀତି ରଦ୍ଦ କରିବ ତେଲଙ୍ଗାନା

ନୂଆଦିଲ୍ଲୀ,୧।୧୨

ଆନ୍ଧ୍ରପ୍ରଦେଶ ସରକାର ୨ ସନ୍ତାନ ନୀତିକୁ ରଦ୍ଦ କରିବା ପରେ ଏବେ ଜନସଂଖ୍ୟା ନିୟନ୍ତ୍ରଣକୁ ନେଇ ବିତର୍କ ଲାଗିରହିଥିବାବେଳେ ତେଲଙ୍ଗାନା ମଧ୍ୟ ଅନୁରୂପ ପଦକ୍ଷେପ ନେବାକୁ ଯାଉଛି। ଏଥିପାଇଁ ତେଲଙ୍ଗାନା ଏହାର ପଞ୍ଚାୟତିରାଜ ଆଇନ, ୨୦୧୮ରେ ସଂଶୋଧନ କରିବ। ଏନେଇ ଖୁବ୍‌ଶୀଘ୍ର ଫାଇଲ୍ ରାଜ୍ୟ କ୍ୟାବିନେଟରେ ଦାଖଲ ହେବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ୨ ସନ୍ତାନ ନୀତି ଯୋଗୁ ରାଜ୍ୟରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ବଢୁଛି। ପରିବାର ନିୟୋଜନ ଯୋଜନାରେ ପରିବର୍ତ୍ତନ କରିବା ସମୟ ଆସିଛି ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ୨୦୪୭ ସୁଦ୍ଧା ତେଲଙ୍ଗାନାରେ ଅଧିକ ଯୁବବର୍ଗ କିମ୍ବା ପିଲା ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ଆନ୍ଧ୍ରପ୍ରଦେଶ ସରକାର ୨ ସନ୍ତାନ ନୀତି ରଦ୍ଦ କରିଥିଲେ।

## ବୋଫର୍ସ ତଥ୍ୟ ପାଇଁ ଆମେରିକାକୁ ନ୍ୟାୟିକ ଅନୁରୋଧ ପଠାଇବ ସିବିଆଇ

ନୂଆଦିଲ୍ଲୀ,୧।୧୨(ପି.ଟି.)

ଅଶୀ ଦଶକରେ ସ୍ୱିଡେନ୍‌ରୁ ବୋଫର୍ସ ତୋପ କ୍ରୟ ଚୁକ୍ତିନାମା ନିମନ୍ତେ ୬୪ କୋଟି ଟଙ୍କା ଲାଞ୍ଚ କାରବାର ହୋଇଥିଲା। ଏହି ଦୁର୍ନୀତି ସମ୍ପର୍କରେ ଭାରତୀୟ ତଦନ୍ତକାରୀ ସଂସ୍ଥାକୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଶେୟାର କରିବାକୁ ଆଗ୍ରହୀ ଥିବା ଘରୋଇ ତଦନ୍ତକାରୀ ମିଚେଲ ହେର୍ଶମାନ୍‌ଙ୍କଠାରୁ ସୂଚନା ପାଇବା ନିମନ୍ତେ ସିବିଆଇ ଖୁବ୍‌ଶୀଘ୍ର ଆମେରିକାକୁ ନ୍ୟାୟିକ ଅନୁରୋଧ ପଠାଇବ ବୋଲି ଜଣେ ଅଧିକାରୀ କହିଛନ୍ତି। ଏନେଇ ସିବିଆଇ ସ୍ୱତନ୍ତ୍ର ଅଦାଲତଙ୍କୁ ଜଣାଇଛି। ଅକ୍ଟୋବରରେ ଲେଟର୍ସ ରୋଗେଟୋରି (ଏଲ୍‌ଆର୍) ପଠାଇବା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏଥିପାଇଁ ଆଉ ୯୦ ଦିନ ଲାଗିବା ଆଶା କରାଯାଉଛି। ଏଲ୍‌ଆର୍ ହେଉଛି ତଦନ୍ତରେ ସହାୟତା ପାଇବା ପାଇଁ କୌଣସି ଦେଶକୁ ଅଦାଲତ ଦ୍ୱାରା ପଠାଯାଉଥିବା ଲିଖିତ ନିବେଦନ। ବୋଫର୍ସ ମାମଲାରେ ଦିଲ୍ଲୀ ହାଇକୋର୍ଟ ୨୦୦୪ରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ଦୋଷମୁକ୍ତ କରିଥିବାବେଳେ ଅନ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ଖାରଜ କରିଦେଇଥିଲା।

## ଆମେରିକାର ସରକାରୀ ଖର୍ଚ୍ଚରେ ରହୁଛନ୍ତି ବେଆଇନ ପ୍ରବାସୀ

ୱାଶିଂଟନ, ୧।୧୨

ନ୍ୟୁୟର୍କ ସହରର ମ୍ୟାନ୍‌ହଟ୍ଟନସ୍ଥିତ ରୁଜଭେଲ୍ଟ ପାଞ୍ଚତାରକା ହୋଟେଲରେ ବେଆଇନ ପ୍ରବାସୀଙ୍କୁ ରଖିବା ପାଇଁ ନ୍ୟୁୟର୍କ ପ୍ରଶାସନ ୨୨୦ ମିଲିୟନ ୟୁଏସ୍ ଡଲାର ପ୍ରଦାନ କରିଛି। ଉକ୍ତ ହୋଟେଲ ପାକିସ୍ତାନ ସରକାରଙ୍କ ମାଲିକାନାରେ ରହିଥିବା ନେଇ ଶନିବାର ଏକ ରିପୋର୍ଟ ପ୍ରକାଶ ପାଇଛି। ପ୍ରସିଦ୍ଧ ଆମେରିକୀୟ ଲେଖକ ଜନ ଲେଫେଭ୍ରେ ଏକ୍ସ'ରେ ଏ ସମ୍ପର୍କିତ ସୂଚନା ଦେଇ ଲେଖିଛନ୍ତି, ବେଆଇନ ପ୍ରବାସୀଙ୍କୁ ରଖିବା ପାଇଁ ନ୍ୟୁୟର୍କ ସହର ପ୍ରଶାସନ ରୁଜ୍‌ଭେଲ୍ଟ ହୋଟେଲକୁ ୨୨୦ ମିଲିୟନ ଡଲାର ମୂଲ୍ୟରେ ଭଡ଼ାରେ ନେଇଛି। ପାକିସ୍ତାନୀ ଇଣ୍ଟରନ୍ୟାଶନାଲ ଏୟାରଲାଇନ୍ସ ନିକଟରେ ଏହି ହୋଟେଲର ମାଲିକାନା

### ସମାଲୋଚନା କଲେ ବିବେକ ରାମାସ୍ୱାମୀ



ରହିଛି। ତେବେ ନ୍ୟୁୟର୍କ ସହର ପ୍ରଶାସନ ପକ୍ଷରୁ ଉକ୍ତ ପଦକ୍ଷେପକୁ ଭାରତୀୟ ବଂଶୋଦ୍ଭବ ରିପବ୍ଲିକାନ ନେତା ବିବେକ ରାମାସ୍ୱାମୀ ସମାଲୋଚନା କରିଛନ୍ତି। ନ୍ୟୁୟର୍କ ପ୍ରଶାସନର ଏହି ନିଷ୍ପତ୍ତି ପାଗଳାମିକୁ ଦର୍ଶାଉଛି ବୋଲି ସେ କହିଛନ୍ତି। ସହରରେ ବେଆଇନ ପ୍ରବାସୀଙ୍କୁ ରଖିବା ପାଇଁ ନ୍ୟୁୟର୍କର ଟିକସଦାତାମାନେ ସେମାନଙ୍କ ଟିକସକୁ ପ୍ରକୃତରେ ଏକ ବିଦେଶୀ ସରକାରଙ୍କୁ ଦେଉଛନ୍ତି ବୋଲି ରାମାସ୍ୱାମୀ କହିଛନ୍ତି। ପ୍ରକାଶ ଯେ, ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ନୂତନ ପ୍ରଶାସନରେ ବିଲିୟନେୟାର ବ୍ୟବସାୟୀ ଏଲନ ମସ୍କଙ୍କ ସହ ରାମାସ୍ୱାମୀଙ୍କୁ 'ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି'ର ସଂଯୁକ୍ତ କାର୍ଯ୍ୟଭାର ପ୍ରଦାନ କରିଛନ୍ତି। ସରକାରୀ ଖର୍ଚ୍ଚରେ ଅପଚୟ ରୋକିବାର ଦାୟିତ୍ୱ ସେମାନଙ୍କୁ ଦିଆଯାଇଛି।

## ପ୍ରୋଟିନ୍ ପରିବର୍ତ୍ତନ ପାଇଁ ମେଶିନ୍ ଲର୍ନିଂ ପ୍ରେଡିକ୍ଟର

ନୂଆଦିଲ୍ଲୀ,୧।୧୨(ପି.ଟି.)

ପ୍ରୋଟିନ୍‌ର ମୂଳ ଆନୁବଂଶିକ ସଂରଚନାରେ ପରିବର୍ତ୍ତନ ପାଇଁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି), ମାଡ୍ରାସର ଗବେଷକମାନେ ଏକ ମେଶିନ ଲର୍ନିଂ ଆଧାରିତ ପ୍ରେଡିକ୍ଟର ବିକଶିତ କରିଛନ୍ତି। ବର୍ତ୍ତମାନର ପଦ୍ଧତି ଅଧିକ ସମୟସାପେକ୍ଷ ଏବଂ ବ୍ୟୟବହୁଳ ହୋଇଥିବାବେଳେ ନୂଆ ପଦ୍ଧତି ଏହା ତୁଳନାରେ ବହୁତ ଉନ୍ନତ ବୋଲି ଜଣେ ଅଧିକାରୀ କହିଛନ୍ତି। କୃତ୍ରିମ ବୁଦ୍ଧିମତ୍ତା (ଆଇଟି) ଆଧାରିତ ଉପକରଣ 'DeepPPAPredMut'ରେ ୟୁଜର ଅନୁକୂଳ ୱେବ୍ ସର୍ଭର ରହିଛି, ଯାହା ଗବେଷକମାନଙ୍କ ପାଇଁ ସୁଗମତା ବଢ଼ାଇଥାଏ। ବାୟୋଇନ୍‌ଫର୍ମେଟିକ୍ସ ନାମକ ମର୍ଯ୍ୟାଦାଜନକ ପତ୍ରିକାରେ



ଏହି ଗବେଷଣା ପ୍ରକାଶ ପାଇଛି।

ପ୍ରୋଟିନ୍ ଅଧ୍ୟୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେଲ୍ ସିଗ୍‌ନାଲିଂ, ପ୍ରତିରୋଧ ପ୍ରତିକ୍ରିୟା ଏବଂ କୋଷ ଚକ୍ରଣରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ସେଗୁଡ଼ିକ ଏଞ୍ଜାଇମ୍ ଭାବେ ରହିପାରେ ଏବଂ ଜୈବରସାୟନ ପ୍ରତିକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ମାଂସପେଶୀ ଟିସୁରେ ଥିବା ଆକ୍ଟିନ୍ ଏବଂ ମ୍ୟୋସିନ୍‌ରେ ମଧ୍ୟ ଏହାର ଗଠନମୂଳକ ଏବଂ ଯାନ୍ତ୍ରିକ କାର୍ଯ୍ୟ ରହିଛି। ତେବେ ପ୍ରୋଟିନ୍-ପ୍ରୋଟିନ୍ କମ୍ପ୍ଲେକ୍ସରେ ମ୍ୟୁଟେଶନ ବା ମୂଳ ଆନୁବଂଶିକ ସଂରଚନାରେ ପରିବର୍ତ୍ତନ ବେଳେ ସମସ୍ୟା ସୃଷ୍ଟି ହୋଇଥାଏ। ଏହା

### ଆଇଆଇଟି ମାଡ୍ରାସ ଗବେଷକଙ୍କ ସଫଳତା

କମ୍ପ୍ଲେକ୍ସର ସ୍ଥିରତାକୁ ପ୍ରଭାବିତ କରିବା ସହ ଏହାର କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରିଥାଏ, ଯେଉଁଥିପାଇଁ ରୋଗ ସୃଷ୍ଟି ହୁଏ। ପ୍ରୋଟିନ୍-ପ୍ରୋଟିନ୍ କମ୍ପ୍ଲେକ୍ସ ହେଉଛି ୨ ବା ତଦୂର୍ଦ୍ଧ୍ୱ ପ୍ରୋଟିନ୍‌ର ଏକତ୍ରୀକରଣ। ପ୍ରୋଟିନ୍‌ର ଦୁଇ ବା ତା'ଠାରୁ ଅଧିକ ଅଣୁ ମଧ୍ୟରେ ପାରସ୍ପରିକ କ୍ରିୟାର ଶକ୍ତି ହେଉଛି ବନ୍ଧନ ଶକ୍ତି, ଯାହା ପ୍ରୋଟିନ୍-ପ୍ରୋଟିନ୍ କମ୍ପ୍ଲେକ୍ସ ମ୍ୟୁଟେଶନ୍‌ର ପ୍ରଭାବ ଆକଳନ କରିବାରେ ଗୁରୁତ୍ୱପୂର୍ଣ୍ଣ ବୋଲି ଆଇଆଇଟି ମାଡ୍ରାସ ବାୟୋଟେକ୍‌ନୋଲୋଜି ବିଭାଗ ପ୍ରଫେସର ଏମ୍. ମିଚେଲ ଗ୍ରୋମିହା କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...................................

ବୟସ:...................................

ଜନ୍ମ ତାରିଖ: .............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମହିଳାଙ୍କୁ ହତ୍ୟା ଅଭିଯୋଗ

## ନିମ ଗଛରୁ ଝୁଲନ୍ତା ମୃତଦେହ ଜବତ

**ଲୋଇସିଂହା,୧।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ଥାନା ଉପରବାହାଲ ପଞ୍ଚାୟତ ଫଟାମୁଣ୍ଡା ଗ୍ରାମର ମହେନ୍ଦ୍ର ସାଙ୍କ ସ୍ତ୍ରୀ ସୀମାଙ୍କ ଝୁଲନ୍ତା ମୃତଦେହକୁ ଏକ ନିମ ଗଛରୁ ରବିବାର ପୋଲିସ ଜବତ କରିଛି। ଅପରପକ୍ଷେ ସୀମାଙ୍କ ବାପା ରଥି ସାହୁ ତାଙ୍କ ଝିଅକୁ ଯୌତୁକ ପାଇଁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ସ୍ୱାମୀ ମହେନ୍ଦ୍ର, ଶ୍ୱଶୁର ବେଣୁଧର ଏବଂ ଦିଅର ଲୋଚନଙ୍କ ସମ୍ପୃକ୍ତି ରହିଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ପଠାଇଛି।



ମୃତ ସୀମା

ଅଭିଯୋଗରୁ ପ୍ରକାଶ ଯେ, ୫ବର୍ଷ ତଳେ ଲୋଇସିଂହା ବ୍ଲକ ତଥା ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଲୁଚକିବାହାଲ ଗ୍ରାମର ରଥିଙ୍କ ଝିଅ ସୀମାକୁ ଫଟାମୁଣ୍ଡା ଗାଁର ମହେନ୍ଦ୍ର ହିନ୍ଦୁ ରୀତିନୀତିରେ ମନ୍ଦିରରେ ବିବାହ କରିଥିଲେ। ସେମାନଙ୍କ ୩ ବର୍ଷର ଝିଅ ଅଛି। କିଛିଦିନ ତଳେ ସୀମା ଏବଂ ମହେନ୍ଦ୍ର ଲୁଚକିବାହାଲକୁ ଯାଇଥିଲେ। ହେଲେ ମହେନ୍ଦ୍ର ଶ୍ୱଶୁର ଘରକୁ ନ ଯାଇ ସେଠାରେ ସୀମାକୁ ଛାଡ଼ି ଫେରିଆସିଥିଲେ। ସୀମା ଶ୍ୱଶୁର ଘରେ ଶାନ୍ତିରେ ରହୁ ନ ଥିବା ନେଇ ବାପ ଘର ଲୋକଙ୍କୁ କହିଥିଲେ।

ଶନିବାର ରାତି ସାଢେ ୮ଟାରେ ଶ୍ୱଶୁର ଘରଲୋକେ ସୀମା ଘରେ ନ ଥିବା ନେଇ ରଥିଙ୍କୁ ଫୋନ ଯୋଗେ ଜଣାଇଥିଲେ। ରଥି ଏବଂ ତାଙ୍କ ପରିବାର ସଦସ୍ୟ ସେହି ରାତିରେ ଫଟାମୁଣ୍ଡାକୁ ଯାଇ ଜ୍ୱାଇଁ ପରିବାର ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ। ହେଲେ ସୀମାଙ୍କ ସନ୍ଧାନ ନ ମିଳିବାରୁ ସେ ଗାଁକୁ ଫେରିଥିଲେ। ରବିବାର ପୂର୍ବାହ୍ନ ୧୧ଟା ବେଳେ ସୀମାଙ୍କ ମୃତଦେହ ଏକ ଗଛରେ ଝୁଲୁଥିବା ନେଇ ବାହାର ଲୋକଙ୍କଠାରୁ ଖବର ପାଇଥିଲେ। ଘଟଣାସ୍ଥଳକୁ ଯାଇ ଦେଖିବାରୁ ଯେଉଁ ଉଚ୍ଚତାରେ ଶାଢ଼ି ବନ୍ଧାଯାଇ ବେକରେ ଲଗାଯାଇଥିଲା, ତାକୁ ନେଇ ସନ୍ଦେହ କରିଛନ୍ତି ରଥିଙ୍କ ପରିବାର ସଦସ୍ୟ। ପୂର୍ବରୁ ମଧ୍ୟ ତାଙ୍କ ଝିଅକୁ ଯୌତୁକ ପାଇଁ ଶାରୀରିକ ନିର୍ଯାତନା ଦିଆଯାଇଥିବାରୁ ପିଟି ମାରିଦେଇ ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ରଥି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି, ଏକ ଅପମୃତ୍ୟୁ ମାମଲା (ନଂ.୧୬।୨୦୨୪) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ମହେନ୍ଦ୍ର ପୂର୍ବରୁ ବିବାହିତ ଥିଲେ। ପ୍ରଥମ ସ୍ତ୍ରୀଙ୍କ ଏକ ପୁଅ ରହିଛି। ପ୍ରଥମ ସ୍ତ୍ରୀ ଛାଡ଼ି ଚାଲିଯିବାରୁ ଦ୍ୱିତୀୟ ବିବାହ କରିଥିଲେ।

# ଅନ୍‌ଲାଇନ ଗେମ୍‌ରେ ୧୨ ଲକ୍ଷ ହାରିବା ପରେ ଡକାୟତି ଯୋଜନା

## ବ୍ୟାଙ୍କରୁ ଡକାୟତି ଉଦ୍ୟମ ଘଟଣାରେ ୫ ଗିରଫ

**ବରଗଡ଼,୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବରପାଲିସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଶନିବାର ଡକାୟତି ଉଦ୍ୟମ ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରପାଲି ଥାନା ଖେମେସରା ଗ୍ରାମର ଶ୍ରୀକାନ୍ତ ସେଠ୍ (୩୦), ବରଗଡ଼ ସଦର ଥାନା ସରସରା ଗ୍ରାମର ରଜତ ଜୁଆଡ଼ି(୨୧), ରିଙ୍କୁ ଖମାରୀ(୨୫), ରେଙ୍ଗାଲପାଲି ଗ୍ରାମର ପିଣ୍ଟୁ ଗଡ଼ତିଆ(୩୭) ଏବଂ ଏକାମ୍ର ଛକର ଦୀପକ ବାରିକ(୩୪)। ମୁଖ୍ୟ ଅଭିଯୁକ୍ତ ଶ୍ରୀକାନ୍ତ ସେଠ୍ ଅନ୍‌ଲାଇନ୍ ଗେମ୍‌ରେ ୧୨ ଲକ୍ଷ ଟଙ୍କା ହାରି ଦେବାପରେ ସେ ବ୍ୟାଙ୍କରୁ ଡକାୟତି କରିବା ପାଇଁ ଯୋଜନା କରିଥିଲେ ବୋଲି ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲ କହିଛନ୍ତି। ଅଭିଯୁକ୍ତମାନଙ୍କ ପାଖରୁ ଗୋଟିଏ ଦେଶୀ ପିସ୍ତଲ ସହିତ ୨ଗୁଳି, ୨ଖେଳଣା ପିସ୍ତଲ, ୨ ଛୁରି, ଗୋଟିଏ କାର୍ (ନଂ. ଓଡି୧୫ଏସ୍/୦୧୪୬), ଗୋଟିଏ ବାଇକ୍



ଗିରଫ ଅଭିଯୁକ୍ତ।



ଜବତ ଦେଶୀ ବନ୍ଧୁକ, ଗୁଳି ଏବଂ ଅନ୍ୟ ସାମଗ୍ରୀ।

(ନଂ.ଓଡି୧୭ଡବ୍ଲ୍ୟୁ/୭୯୫୨), ଅନ୍ୟ ଏକ ବାଇକ୍ (ନଂ.ଓଡି୧୭ଏଏ/୯୦୩୯), ୭ ମୋବାଇଲ ଫୋନ, ଝିଅ ପୋଷାକ ଆଦି ଜବତ ହୋଇଛି। ଏ ନେଇ ବରପାଲି ଥାନାରେ ଏକ ମାମଲା (ନଂ.୩୭୭/୨୪) ରୁଜୁ ହୋଇଛି।

ଜିଲା ପୋଲିସ ମୁଖ୍ୟାଳୟରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଉତ୍ତରାଞ୍ଚଳ ଡିଆଇଜି ଲାଲ କହିଛନ୍ତି, ଶନିବାର ସନ୍ଧ୍ୟାରେ ଅଭିଯୁକ୍ତମାନେ ବରପାଲି ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ପଶି ଡକାୟତି ଉଦ୍ୟମ କରିଥିଲେ। ମାତ୍ର ବ୍ୟାଙ୍କ କର୍ମଚାରୀମାନେ ସାଇରନ୍ ବଜାଇବାରୁ ସେମାନେ ଖସି ପଳାଇଥିଲେ। ପୋଲିସ ସୂଚନା ପାଇ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଅନ୍‌ଲାଇନ ଗେମ୍ ଖେଳି ୧୨ଲକ୍ଷ ଟଙ୍କା ହାରିବା ପରେ ମୁଖ୍ୟ ଅଭିଯୁକ୍ତ ଶ୍ରୀକାନ୍ତ ଏଭଳି ଡକାୟତି ଉଦ୍ୟମ କରିଥିବା ବୟାନ ଦେଇଛନ୍ତି। ତାକୁ ନେଇ ଅଧିକ ତଦନ୍ତ ଚାଲିଛି। ଫଳରେ ଅନଲାଇନ୍ ଗେମ୍‌ରେ ଯେଭଳି ଯୁବପିଢ଼ି ପଥଭ୍ରଷ୍ଟ ନ ହୁଅନ୍ତି, ସେଥିପାଇଁ ଡିଆଇଜି ପରାମର୍ଶ ଦେଇଛନ୍ତି।

ସେହିପରି ଏସ୍‌ପି ପି.ଏସ୍ ମୀନା କହିଛନ୍ତି, ପ୍ରତ୍ୟେକ ବ୍ୟାଙ୍କରେ ଜଣେ ଲେଖାଏ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଡକାୟତି ଉଦ୍ୟମବେଳେ ସାଇରନ ବଜାଇବାରୁ ପୋଲିସକୁ ତତ୍କାଳ ସୂଚନା ମିଳିଥିଲା ଏବଂ ପାଟ୍ରୋଲିଂ କରୁଥିବା ପୋଲିସ ତୁରନ୍ତ ପହଞ୍ଚି ଜଣେ ଅଭିଯୁକ୍ତଙ୍କୁ ଧରିଥିଲା। ଏହାପରେ ଅନ୍ୟ ଅଭିଯୁକ୍ତମାନେ ଧରାପଡ଼ିଥିଲେ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଶ୍ରୀକାନ୍ତ ଝିଅ ବେଶରେ ଆସିଥିବାବେଳେ ତାଙ୍କ ବିରୋଧରେ ପୂର୍ବରୁ ଗୋଟିଏ ମାମଲା ରହିଛି। ସେହିପରି ଗିରଫ ଅଭିଯୁକ୍ତ ଦୀପକଙ୍କ ବିରୋଧରେ ୬, ରିଙ୍କୁଙ୍କ ବିରୋଧରେ ୫, ପିଣ୍ଟୁଙ୍କ ବିରୋଧରେ ୧୨ ଏବଂ ରଜତଙ୍କ ବିରୋଧରେ ଗୋଟିଏ ମାମଲା ରହିଛି ବୋଲି ଏସ୍‌ପି କହିଛନ୍ତି।

# ଆପାର୍ଟମେଣ୍ଟରେ ସିରିଜ୍ ଚୋରି

## ଅବସରପ୍ରାପ୍ତ ଡିଏଫ୍‌ଓଙ୍କ ଘର ସହ ୪ ଫ୍ଲାଟ୍‌ରୁ କଳାକନା ବୁଲାଇଲେ

**ପିପିଲି,(ପ୍ରଭାତ କୁମାର ମହାପାତ୍ର)/ ଭୁବନେଶ୍ୱର,୧।୧୨ (ସତ୍ୟଜିତ୍ ରାଉତ)**

ରାଜଧାନୀ ଉପକଣ୍ଠ ଉତ୍ତରା ଛକ ନିକଟ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବିଶାଳ ଗାର୍ଡେନ୍ ଆପାର୍ଟମେଣ୍ଟରେ ସିରିଜ୍ ଚୋରି ହୋଇଛି। ୪ଟି ଫ୍ଲାଟ୍‌ରେ କେହି ନ ଥିବାର ସୁଯୋଗ ନେଇ ଚୋରମାନେ ଶନିବାର ବିଳମ୍ବିତ ରାତିରେ ତାଲା ଭାଙ୍ଗି ଏହି କାଣ୍ଡ ଘଟାଇଛନ୍ତି। ଆପାର୍ଟମେଣ୍ଟର ଇ-ବ୍ଲକରେ ରହୁଥିବା ଅବସରପ୍ରାପ୍ତ ଡିଏଫ୍‌ଓ ପ୍ରଶାନ୍ତ କୁମାର କରଙ୍କ ଫ୍ଲାଟ୍ ନଂ. ୩୦୪, ଜନାର୍ଦ୍ଦନ ଦାସଙ୍କ ଫ୍ଲାଟ୍‌ନଂ.୧୦୭, ରବି ପଟ୍ଟନାୟକଙ୍କ ଫ୍ଲାଟ୍ ନଂ.୨୧୨ ଏବଂ 'ଏ' ବ୍ଲକର ଦେବେନ୍ଦ୍ର ପ୍ରସାଦ ରଥଙ୍କ ଫ୍ଲାଟ୍ ନଂ.୨୦୬ରୁ ମୋଟ୍ ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ନେଇଯାଇଛନ୍ତି। ଏନେଇ ଆପାର୍ଟମେଣ୍ଟ ସୋସାଇଟି ପକ୍ଷରୁ ରବିବାର ପିପିଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ଆପାର୍ଟମେଣ୍ଟରେ ଏଭଳି ସିରିଜ ଚୋରି ଘଟଣାରେ ବାସିନ୍ଦାମାନେ ଏକପ୍ରକାର ଭୟଭୀତ ହୋଇଯାଇଥିବା କହିଛନ୍ତି।

ଚୋରି ଘଟଣା ନେଇ ପ୍ରଥମେ କୌଶଲ୍ୟାଗଙ୍ଗ ଫାଣ୍ଡିକୁ ଖବର ଦିଆଯାଇଥିଲା। ପରେ ପିପିଲି ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଥିଲା। ତେବେ ଆପାର୍ଟମେଣ୍ଟକୁ ବାହାର ଲୋକ ରାତିଅଧ ପର୍ଯ୍ୟନ୍ତ ବିନା କଟକଣାରେ ଯିବା ଆସିବା କରୁଛନ୍ତି। ମୁଖ୍ୟ ଫାଟକରେ ଗୋଟିଏ ସିସିଟିଭି ଓ ଗୋଟିଏ ସ୍ଥାନରେ ସୁରକ୍ଷା କର୍ମୀ ରହିଥିବା ବେଳେ ଅନ୍ୟ କୌଣସି ସ୍ଥାନରେ ଏଭଳି ସୁରକ୍ଷା ବ୍ୟବସ୍ଥା ନାହିଁ ବୋଲି ବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ଏପରିକି ଆପାର୍ଟମେଣ୍ଟରେ ଫ୍ଲାଟ୍ କିଣିବା ସମୟରେ ସମସ୍ତ ସୁରକ୍ଷା ଓ ସୁବିଧା ଯୋଗାଇଦେବାକୁ ପ୍ରତିଶ୍ରୁତି ମିଳିଥିବା ବେଳେ ତାହା କ୍ରମଶଃ ବନ୍ଦ ହୋଇଯାଇଛି। ତେବେ ହାଇସିକ୍ୟୁରିଟି ବ୍ୟବସ୍ଥା ଯୋଗାଇବାକୁ ସେମାନେ ଦାବି କରିଛନ୍ତି।

ରାଜଧାନୀରେ ଡିଜିପି ଓ ଆଇଜିପି ସମ୍ମିଳନୀ ଚାଲୁଥିବାବେଳେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏଭଳି ସ୍ଥିତିରେ ସହର ଉପକଣ୍ଠରେ ଏହି ଚୋରି ଘଟଣା କମିଶନରେଟ ପୋଲିସର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ତେବେ ଅଭିଯୁକ୍ତମାନଙ୍କୁ ଧରିବାକୁ ପ୍ରୟାସ ଚାଲିଥିବା ପିପିଲି ଥାନାଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

# ଆନ୍ତଃ ଜିଲା ଡକାୟତି ଗ୍ୟାଙ୍ଗର ୭ ଗିରଫ



ଗିରଫ ହୋଇଥିବା ଡକାୟତ ଗ୍ୟାଙ୍ଗର ସଦସ୍ୟମାନେ।

**ତାଳଚେର,୧।୧୨ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ପୋଲିସ କଣ୍ଟାଳ ଜଙ୍ଗଲଠାରେ ଶନିବାର ରାତିରେ ଚଢ଼ାଉ କରି ଆନ୍ତଃ ଜିଲା ଡକାୟତି ଗ୍ୟାଙ୍ଗର ୭ ଜଣଙ୍କୁ ଗିରଫ କରିଛି। ଖବରଦାତା ସମ୍ମିଳନୀରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ କହିଛନ୍ତି, ଏହି ଡକାୟତ ଗ୍ୟାଙ୍ଗ ଶନିବାର ବିଳମ୍ବିତ ରାତିରେ ଡକାୟତି ପାଇଁ ଯୋଜନା କରୁଥିବା ନେଇ ପୋଲିସକୁ ଖବର ମିଳିଥିଲା। ଦୀର୍ଘଦିନ ହେବ ଏହି ଗ୍ୟାଙ୍ଗ ବିଭିନ୍ନ ସ୍ଥାନରୁ ଡକାୟତି, ଲୁଟ୍‌ପାଟ କରୁଥିଲେ। ବିଶେଷକରି ଟ୍ରକ୍ ଚାଳକ ଓ ନିଛାଟିଆ ସ୍ଥାନରେ ଲୋକଙ୍କୁ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଲୁଟପାଟ କରୁଥିଲେ। ଏହି ଗ୍ୟାଙ୍ଗ ନାମରେ ଅନୁଗୋଳ ଜିଲା ସହ ବିଭିନ୍ନ ଜିଲାରେ ବହୁ ଆପରାଧିକ ମାମଲା ରହିଛି। ଖବର ମିଳିବା ମାତ୍ରେ ପୋଲିସ ଚଢ଼ାଉ କରି ଗ୍ୟାଙ୍ଗର ୭ ଜଣ ସଦସ୍ୟଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଗୋଟିଏ କାର୍, ଗୋଟିଏ ପିସ୍ତଲ, ୧୨୦ଟି ମୋବାଇଲ ସହ ବିଭିନ୍ନ ପ୍ରକାରର ମାରଣାସ୍ତ୍ର ଜବତ କରାଯାଇଛି। ଖବରଦାତା ସମ୍ମିଳନୀରେ ତାଳଚେର ଥାନା ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ, କଳିୟାରୀ ଥାନା ଆଇଆଇସି ରବୀନ୍ଦ୍ର କୁମାର ଭୂଜବଳ ପ୍ରମୁଖ ଉପସ୍ଥିତ ଥିଲେ।

**Classified Everyday**
**0674-2580101, 9692975378**





**SALE**

ଭୁବନେଶ୍ୱର Sum Hospitalରୁ 2 Km. ନୂଆଗାଁ ମୌଜାରେ ଘରବାରି ପ୍ଲଟ୍ 30' ରାସ୍ତା ଥାଇ ବିକ୍ରିହେବ - 7735565157. D-76216

**Ready to move 2BHK flat for sale @ 21 Lakh near Gudiapokhari Bhubaneswar. Call-9437631769.** D-1891

Investment plot @ 2.5Lakh-3.5Lakhs, Bhubaneswar, Khurda, Angul, Dhenkanal. 9827767837. D-2071

ଭୁବନେଶ୍ୱର ବାଲିଅନ୍ତାରେ 30ft. Road, ଅଗ୍ରିମ ପାଚେରି, ଘରବାରି ପ୍ଲଟ୍ Sqft. 1600/-ରେ ବିକ୍ରିହେବ - 7008768345. D-76215

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph.- 9437754190. D-2092

ଭୁବନେଶ୍ୱର ଜଟଣୀ ଗେଟ୍ ପାଖରେ sqft.- 350/- ପ୍ଲଟ୍ 1200sqft.- 4,20,000/- ବିକ୍ରିହେବ। 9776974912. D-76214

**Newly (G+2 3500sqft.) building well-furnished red bricks construction and fully designed Mukunda Prasad Housing Board Colony-Jemadeipur near Industrial Police Station. Bypass Road, Barunei Khordha. Contact-9337371391, 8895624414, 9438318062.** D-2117

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧାଥାଇ 2BHK @ 4500000/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75583

ଭୁବନେଶ୍ୱର ସୁନ୍ଦରପଦା- ଜଟଣୀ-ପିପିଲି ମେନ୍‌ରୋଡ୍ ପାଖରେ ପ୍ଲଟ୍ କିଣି ତୁରନ୍ତ ଘର କରନ୍ତୁ। ବର୍ଗଫୁଟକୁ 2000/-, 1000/-. 9938016295. D-76217

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313.** D-2119

**Gharabari converted plots available near Hitech Square, Sundarpada, Bhubaneswar. For more details contact-9437192512, 9937846404.** D-2120





Suitable for commercial / office, Plot No.11, Saptasati Vihar, behind Saptasati Temple, Pandra Highway facing, Ground floor, Parking, 1st & 2nd floor- 1720 sqft. each, Lift available. Contact: 9825060176 / 8480897047/ 9998011384 (Whats-app only). D-2079





Newly open Jyoti SPA positively health benefits (expert therapist). 8458067955. D-76171

Newly open health benefits SPA by expert therapist. Contact-8280961126. D-76175

**AFFIDAVIT**

ମୁଁ, ଅଭୟ କୁମାର ସାହୁ, ପିତା- ସ୍ୱର୍ଗତ ଅଜୟ କୁମାର ସାହୁ, ପାନପୋଷ ବସ୍ତି ବାସିନ୍ଦା, ଥାନା- ରଘୁନାଥପାଲି, ଜିଲ୍ଲା- ସୁନ୍ଦରଗଡ଼, ଓଡ଼ିଶା ଏହି ସତ୍ୟପାଠ ନଂ. ଏ/୧, ତାରିଖ: ୨୦।୧୧।୨୦୨୪ ଜରିଆରେ ଘୋଷଣା କରୁଅଛି କି, ଏବେଠାରୁ ଓ ସମସ୍ତ ଭବିଷ୍ୟତ ଉଦ୍ଦେଶ୍ୟ ପାଇଁ ମୁଁ ଅଭୟ ସାହୁ ଭାବେ ପରିଚିତ ହେବି। ଧ-୨୧୨୪

I, Bhanwr Lal Ji Ladha, S/o Muralidhar Ladha, resident of at Ward No.-5, Bazarpada, P.O./P.S./ Dist.- Angul, Odisha, PIN- 759122 declare by this Affidavit No. 20909 dtd. 01.12.2024 that now onwards I shall be known as BHANWARLAL LADHA for all future purposes. D-75352

Your classified advertisement published in Dharitri will be listed free in Dharitri online edition: **dharitriepaper.in**

I, Sagarika Mishra, age 28 years, W/o Bidesh Kumar Mishra resident of Reclamation Colony, Malkangiri, P.O./P.S./ Dist.- Malkangiri do hereby solemnly affirm and state on oath as follows. That, I am a Savings Bank pass book account holder of State Bank of India, Malkangiri vide A/C No. 36027113906 where my name and surname is mentioned as SAGARIKA MOHINI as per the document submitted at the time of opening my pass book and on surname of my parents. That I lawfully married to Sri Bidesh Kumar Mishra and my surname after my marriage became Sagarika Mishra and my surname is mentioned in my Aadhaar Card No. xxxx xxxx 9255. That, SAGARIKA MOHINI and SAGARIKA MISHRA is one and same person i.e. myself. That, I swear this affidavit to submit the Branch Manager, State Bank of India, Malkangiri Main Branch for said correction. D-2122

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମା'ଙ୍କୁ ଠେଙ୍ଗାରେ ପିଟି ହତ୍ୟା କଲା ପୁଅ

**ସୁନ୍ଦରଗଡ଼,୧।୧୨ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ ତୁମୁଲିଆ ଗ୍ରାମରେ ଶନିବାର ରାତିରେ ମା'ଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି ପୁଅ। ଅଭିଯୁକ୍ତ ହେଲେ ବିଶ୍ୱଜିତ ଲାକଡ଼ା(୩୫)। ତଳସରା ଥାନା ପୋଲିସ ଏକ ମାମଲା (ନଂ. ୨୫୬/୨୪) ରୁଜୁ କରି ଘଟଣାର ତଦନ୍ତ କରିବା ସହ ହତ୍ୟାରେ ବ୍ୟବହୃତ ଠେଙ୍ଗାକୁ ଜବତ କରିଛି। ସୋମବାର ବିଶ୍ୱଜିତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ପୋଲିସ ସୂଚନା ଅନୁଯାୟୀ, ବିଶ୍ୱଜିତଙ୍କ ସ୍ତ୍ରୀ ଗତ କିଛି ମାସ ହେବ ତାଙ୍କୁ ଛାଡ଼ି ବାପ ଘରକୁ ଚାଲିଯାଇଛନ୍ତି। ବିଶ୍ୱଜିତଙ୍କ ମା' ସବିତା ଲାକଡା(୫୦) ଓ ବାପା ଗନେ ସାନ ପୁଅ ବବଲୁଙ୍କ ଘରେ ରୁହନ୍ତି। ଶନିବାର ରାତିରେ ବିଶ୍ୱଜିତ ଆସି ମା'ଙ୍କୁ ମଦ ପିଇବାକୁ ଟଙ୍କା ମାଗିଥିଲେ। ସେ ନ ଦେବାରୁ ବିଶ୍ୱଜିତ ପାଟିତୁଣ୍ଡ କରିଥିଲେ। ଭୟରେ ବାପା ଅନ୍ୟତ୍ର ଚାଲିଯାଇଥିଲେ। ଏହାର ସୁଯୋଗ ନେଇ ବିଶ୍ୱଜିତ ଏକ ଠେଙ୍ଗାରେ ମା'ଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲା। ଗନେ ଆସି ଦେଖିଲାବେଳକୁ ସବିତାଙ୍କ ମୃତ୍ୟୁ ହୋଇସାରିଥିଲା। ଏନେଇ ରବିବାର ସେ ଥାନାରେ ଅଭିଯୋଗ କରିଥିଲେ। ଖବର ପାଇ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ପୁଅ ବିଶ୍ୱଜିତଙ୍କୁ ଅଟକ ରଖି ପଚରାଉଚରାକରିବା ପରେ ଗିରଫ କରିଥିଲା।

# ଡାକ୍ତରଖାନାରେ ମାଲିକ, ଘରୁ ୫ଲକ୍ଷ ଚୋରାଇନେଲେ ଚାକରାଣୀ

**ଭୁବନେଶ୍ୱର,୧।୧୨ (ସୂର୍ଯ୍ୟକାନ୍ତ ବେହେରା)**

ଘର ମାଲିକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ଏଥିପାଇଁ ମାଲିକାଣୀ ଘରେ ନ ଥିଲେ। ଏହାର ସୁଯୋଗ ନେଇ ଘରୁ ୫ଲକ୍ଷ ଟଙ୍କା, ଦାମୀ ଶାଢ଼ି ସମେତ ବିଭିନ୍ନ ସାମଗ୍ରୀ ଚୋରି କରି ଚମ୍ପଟ ମାରିଛନ୍ତି ଚାକରାଣୀ। ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନକାନନ ରୋଡ୍ ଅଞ୍ଚଳରେ ଏହି ଘଟଣା ଘଟିଛି। ମାଲିକାଣୀଙ୍କ ଏତଲା ଆଧାରରେ ପୋଲିସ ଚାକରାଣୀ ଅର୍ଚ୍ଚନା ସେଠୀଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଘର ମାଲିକାଣୀଙ୍କ ଅଭିଯୋଗ ଅନୁସାରେ, ତାଙ୍କ ସ୍ୱାମୀ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଏହି ସମୟରେ ଘରର ରୋଷେଇ ସହ ଅନ୍ୟାନ୍ୟ କାମ ପାଇଁ ସେ ଜଣେ ଏଜେଣ୍ଟଙ୍କ ଜରିଆରେ ଅର୍ଚ୍ଚନାଙ୍କୁ ରଖିଥିଲେ। ଚିକିତ୍ସା ପାଇଁ ଘରେ ଟଙ୍କା ରଖିଥିଲେ। ହେଲେ ଘରେ ପ୍ରାୟ ସମୟ କେହି ରହୁ ନ ଥିବାରୁ ଚାକରାଣୀ ଉକ୍ତ ଟଙ୍କା ସହ ଅନ୍ୟାନ୍ୟ ଜିନିଷପତ୍ର ଚୋରି କରିନେଇଥିଲେ। ମାଲିକାଣୀ ଘରକୁ ଆସି ଘଟଣା ସମ୍ପର୍କରେ ଜାଣିବା ପରେ ଅର୍ଚ୍ଚନାଙ୍କୁ ଯୋଗାଯୋଗ କରିଥିଲେ। ମାତ୍ର ସେ ଫୋନ ନ ଉଠାଇବାରୁ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଚାରମାଳ ଗ୍ରୀଡରୁ ଡକାୟତି ଘଟଣା: ୪ଗିରଫ

**ରେଢାଖୋଲ,୧।୧୨(ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ଚାରମାଳରେ ନିର୍ମାଣାଧୀନ ଗ୍ରୀଡରୁ ଗତ ନଭେମ୍ବର ୨୨ ତାରିଖ ଡକାୟତି ଘଟଣାରେ ପୋଲିସ ରବିବାର ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଝାରସୁଗୁଡା ସଦର ଥାନା ତେଲିଭଟାର ଅଶୋକ ସାହୁ, ସୁନ୍ଦରଗଡ ଜିଲା ଭସ୍ମା ଥାନା ଦର୍ଲୁପାଲି-ବରୋବଘାର ମିଜାନ ସେଖ ଓ ହାସାନ ସେଖ, କୋଲକତା ଏପିସି ରୋଡର ଅମିତ ଜଏସ୍ୱାଲ। ଡକାୟତିରେ ବ୍ୟବହୃତ ମିନି ଟ୍ରକ ସହ ୫ଟନ ଆଲୁମିନିୟମ କଣ୍ଡକ୍ଟର କେବୁଲ ଓ ଅନ୍ୟାନ୍ୟ ଲୁଟ୍ ସାମଗ୍ରୀ ଜବତ ହୋଇଛି। ରବିବାର ରେଢାଖୋଲ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ଏ ନେଇ ସୂଚନା ଦେଇଛନ୍ତି।



## ମିନିଟ୍ରକ ସହ ୫ଟନ୍ ଆଲୁମିନିୟମ କେବୁଲ ଜବତ

ତାଙ୍କ ସୂଚନା ଅନୁସାରେ ଗତ ନଭେମ୍ବର ୨୨ ରାତି ପ୍ରାୟ ୧ଟା ବେଳେ ଗିରଫ ଅଭିଯୁକ୍ତମାନଙ୍କ ସହ ଅନ୍ୟ ୨୦ରୁ ୨୫ ଜଣ ଏକ ମିନିଟ୍ରକ, କାର ଓ ବୋଲେରୋ ଧରି ଚାରମାଳ ନିର୍ମାଣାଧୀନ ଗ୍ରୀଡ ଆସିଥିଲେ। ସିକ୍ୟୁରିଟି ଗାର୍ଡ ଓ କାମ କରୁଥିବା ଶ୍ରମିକମାନଙ୍କୁ ଏକ କୋଠରିରେ ବନ୍ଦ କରି ଦେଇଥିଲେ। ସେଠାରୁ ଗ୍ରୀଡ ନିର୍ମାଣ ପାଇଁ ଥିବା ବିଦ୍ୟୁତ୍ ଉପକରଣ ଉକ୍ତ ମିନିଟ୍ରକରେ ଲୋଡ କରି ପଳାଇଥିଲେ। ଏ ନେଇ କମ୍ପାନୀର ସିନିୟର ଇଂ. ତୋଷା କୁସୁମ ଚାରମାଳ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରିଥିଲା। ତଦନ୍ତ ବେଳେ ଡକାୟତିରେ ବ୍ୟବହୃତ ମିନିଟ୍ରକକୁ ପାଇବା ପରେ ଏହାର ମାଲିକ ଝାରସୁଗୁଡାର ଅଶୋକ ସାହୁଙ୍କୁ ପୋଲିସ ଉଠାଇ ଆଣି ପଚରାଉଚରା କରିଥିଲା। ତାଙ୍କ ସୂଚନା ଆଧାରରେ ପୋଲିସ ଅନ୍ୟ ଅଭିଯୁକ୍ତମାନଙ୍କ ପାଖରେ ପହଞ୍ଚିଥିଲା। ଗିରଫ ଅଶୋକ ସାହୁ ଝାରସୁଗୁଡାରେ ଏକ ସ୍କ୍ରାପ ଗୋଦାମ କରିଛନ୍ତି। ଗିରଫ ଅନ୍ୟତମ ଅଭିଯୁକ୍ତ କୋଲକାତାର ଅମିତ ଜଏସ୍ୱାଲ ବିଦ୍ୟୁତ୍ ସାମଗ୍ରୀ କିଣିଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଫେରାର ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ମେହେର କହିଛନ୍ତି।

# ରେକର୍ଡ ପରିମାଣର ଟିକସ ଆଦାୟ

■ବାର୍ଷିକ ଭିତ୍ତିରେ ୮.୫% ବୃଦ୍ଧି
■ନଭେମ୍ବରରେ ୧,୮୨,୨୬୯ କୋଟିର ଜିଏସ୍‌ଟି ସଂଗ୍ରହ



ନୂଆଦିଲ୍ଲୀ,୧।୧୨

ପ୍ରତି ମାସ ଭଳି ଚଳିତ ମାସ ମଧ୍ୟ ରେକର୍ଡ ପରିମାଣର ଟିକସ ଆଦାୟ ହୋଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ଅଷ୍ଟମ ମାସରେ ୧.୮୨ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ରବିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷର ୮ମ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ୧,୮୨,୨୬୯କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ବିଶେଷ କରି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ ହୋଇଥିବା ଟିକସ ପରିମାଣଠାରୁ ଏହା ୮.୫% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ନଭେମ୍ବର ମାସରେ ସଂଗୃହୀତ ଟିକସ ପରିମାଣ ୧,୬୭,୯୨୯ କୋଟିଠାରୁ ୨୦୨୪-୨୫ ଆର୍ଥିକ ବର୍ଷର ନଭେମ୍ବର ମାସରେ ୧,୮୨,୨୬୯ କୋଟି ଟଙ୍କାର ଟିକସ ସଂଗୃହୀତ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ସେହିଭଳି ଚଳିତ ଆର୍ଥିକ ବର୍ଷର ୮ମ ମାସ ବା ନଭେମ୍ବରରେ ମୋଟ ୧,୮୨,୨୬୯ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ବାବଦରେ ୩୪,୧୪୧ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ରାଜ୍ୟ ଟିକସ (ଏସ୍‌ଜିଏସଟି) ବାବଦକୁ ୪୩,୦୪୭ କୋଟି ଆଦାୟ ହୋଇଛି। ସେହିଭଳି ଆଇଜିଏସଟି ବାବଦକୁ ମୋଟ ୯୧,୮୨୮କୋଟି ଟଙ୍କା ଏବଂ ସେସ ବାବଦରେ ୧୩,୨୫୩ କୋଟି ଟଙ୍କା ଟିକସ ଆକାରରେ ସଂଗ୍ରହ କରାଯାଇଛି।

ସେହିପରି ଚଳିତ ଆର୍ଥିକ ବର୍ଷର ୮ମ ମାସରେ ଓଡ଼ିଶାରୁ ୪୭୦୪ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଥିଲାବେଳେ ଗତ ବର୍ଷ ଏହି ଅବଧି ମଧ୍ୟରେ ୪୨୯୫ କୋଟି ଟଙ୍କାର ଟିକସ ଆଦାୟ ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷର ନଭେମ୍ବରରେ ସଂଗ୍ରହ କରାଯାଇଥିବା ଟିକସ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷ ନଭେମ୍ବରରେ ସଂଗୃହୀତ ଟିକସ ପରିମାଣ ପ୍ରାୟ ୧୦% ଅଧିକ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

ଅପରପକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ମଧ୍ୟରେ ମୋଟ ୧୪.୫୭ ଲକ୍ଷ କୋଟି ଟଙ୍କା ଜିଏସଟି ଆକାରରେ ସଂଗ୍ରହ କରାଯାଇଛି।

## ଟାଟା ଏଆଇଏର ନୂଆ ମାଇଲଖୁଣ୍ଟ

ନୂଆଦିଲ୍ଲୀ,୧।୧୨

ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସକୁ ନିକଟରେ ଆଉ ଏକ ବଡ ସଫଳତା ମିଳିଛି। ଏପରିକି ଗ୍ରାହକମାନଙ୍କ ଦ୍ୱାରା ଏହାର ଆପ୍ ଡାଉନ୍‌ଲୋଡ୍ ୧ ନିୟୁତରୁ ଅଧିକ ହୋଇଥିବାବେଳେ କମ୍ପାନୀ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ସେହିଭଳି ଏହା ଟାଟା ଏଆଇଏର ଗ୍ରାହକମାନଙ୍କ ଡିଜିଟାଲ୍ ସମାଧାନ ଉପରେ ବିଶ୍ୱାସ ଓ ନିର୍ଭରଶୀଳତାକୁ ପ୍ରଦର୍ଶିତ କରୁଛି। ଯେଉଁଥିରେ ମୋବାଇଲ୍ ଆପ୍, ଗ୍ରାହକ ପୋର୍ଟାଲ୍ ଓ ହ୍ୱାଟ୍‌ସଆପ୍ ସାମିଲ ରହିଛି, କମ୍ପାନି ସହିତ ଜୀବନ ବୀମା ଯାତ୍ରାକୁ ସହଜ ଓ ନିରବଚ୍ଛିନ୍ନ ଭାବେ ପରିଚାଳନା କରିବାରେ ଏହା ଟାଟା ଏଆଇଏ ଗ୍ରାହକମାନଙ୍କୁ ସଶକ୍ତ କରୁଛି। ଏଆଇଏର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ତଥା ମୁଖ୍ୟ ପ୍ରଯୁକ୍ତି ବିଦ୍ୟା ଅଧିକାରୀ ସୌମ୍ୟ ଘୋଷ କହିଛନ୍ତି, ଆମର ଡିଜିଟାଲ ଅଫରକୁ କ୍ରମାଗତ ଭାବେ ଉଦ୍ଭାବନ ଏବଂ ବିସ୍ତାର କରି ଗ୍ରାହକଙ୍କ ଅଭିଜ୍ଞତା ବୃଦ୍ଧି କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛୁ।

## କମର୍ସିଆଲ ଗ୍ୟାସ ଦରରେ ବୃଦ୍ଧି

ନୂଆଦିଲ୍ଲୀ,୧।୧୨

କ୍ରମାଗତ ୫ମ ମାସ ଲାଗି କମର୍ସିଆଲ ଗ୍ୟାସ (୧୯କେ.ଜି.)ର ଦର ବୃଦ୍ଧି ଘଟିଥିବାବେଳେ ଘରୋଇ ଗ୍ୟାସ (୧୪.୨କିଗ୍ରା)ର ଦର ପୂର୍ବପରି ସ୍ଥିର ରହିଛି। ଏପରିକି ୨୦୨୪ ଡିସେମ୍ବର ପହିଲାରୁ ଭୁବନେଶ୍ୱରର କମର୍ସିଆଲ ଗ୍ୟାସ (୧୯ କେ.ଜି) ଦର ୧୬.୫୦ ଟଙ୍କା ବଢିଥିଲାବେଳେ ନୂଆଦିଲ୍ଲୀରେ ମଧ୍ୟ ସମାନ ଗ୍ୟାସ୍ ଦର ୧୬.୫୦ଟଙ୍କା ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଗ୍ୟାସ୍ ବିପଣନକାରୀକମ୍ପାନୀଗୁଡ଼ିକ ପକ୍ଷରୁ ଚଳିତ ମାସର ନୂତନ ଦରସୂଚୀ (ନୂଆ ଦର) ରବିବାରଠାରୁ ଲାଗୁ କରାଯାଇଛି। ଏପରିକି ନୂତନ ଦର ସୂଚୀ ଅନୁଯାୟୀ ଭୁବନେଶ୍ୱର ସହରରେ କମର୍ସିଆଲ ଗ୍ୟାସ (୧୯କେ.ଜି) ଦର ୧୬.୫୦ ଟଙ୍କା ବଢ଼ି ୧୯୬୬.୫୦ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ (ଅକ୍ଟୋବର) କମର୍ସିଆଲ ଗ୍ୟାସ (୧୯କେ.ଜି.) ଦର ୧୯୫୦ ଟଙ୍କା ଥିଲାବେଳେ ଘରୋଇ ଗ୍ୟାସ (୧୪.୨ କେ.ଜି) ଦର ପୂର୍ବପରି



୮୨୯ ଟଙ୍କାରେ କାରବାର ହେଉଛି।

ସେହିଭଳି ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ (୧୯କେ.ଜି.) ଦର ୧୬.୫୦ ଟଙ୍କା ବୃଦ୍ଧି ପାଇ ୧୮୧୮.୫୦ ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ (୧୪.୨କିଗ୍ରା) ଦର ୮୦୩ ଟଙ୍କାରେ ରହିଛି। ଅପରପକ୍ଷରେ କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ଦେଶର ପ୍ରମୁଖ ମହାନଗର ଅଞ୍ଚଳରେ କମର୍ସିଆଲ ଗ୍ୟାସ (୧୯କେଜି) ଦର ଯଥାକ୍ରମେ ୧୯୨୭ ଟଙ୍କା, ୧୭୭୧ ଟଙ୍କା ଏବଂ ୧୯୮୦ ଟଙ୍କାରେ କାରବାର ହେଉଥିଲାବେଳେ ଉପରୋକ୍ତ ମହାନଗରଗୁଡ଼ିକରେ ଘରୋଇ ଗ୍ୟାସ୍ ଦର ଯଥାକ୍ରମେ ୮୨୯ ଟଙ୍କା, ୮୦୨.୫୦ ଟଙ୍କା ଏବଂ ୮୧୮.୫୦ ଟଙ୍କାରେ ବିକ୍ରି ହେଉଛି।

## ପ୍ରିମିୟମ ବ୍ରାଣ୍ଡ୍ ଉପରେ ଆକର୍ଷଣୀୟ ରିହାତି

ନୂଆଦିଲ୍ଲୀ,୧।୧୨

ପ୍ରତି ମାସ ଭଳି ଚଳିତ ମାସ ମଧ୍ୟ ଆମାଜନ.ଇନର ବହୁ ପ୍ରତୀକ୍ଷିତ ହୋମ୍ ସପିଂ ସ୍ପ୍ରି ସହିତ ଚଳିତ ଶୀତଋତୁ ପାଇଁ ପ୍ରିମିୟମ ବ୍ରାଣ୍ଡ୍ ଉପରେ ଆକର୍ଷଣୀୟ ରିହାତି ଦିଆଯାଉଛି। ଯେଉଁଥିରେ ହୋମ୍, କିଚେନ୍ ଏବଂ ଆଉଟଡୋର ବର୍ଗରେ ସର୍ବନିମ୍ନ ମୂଲ୍ୟ ଉପରେ ବିଭିନ୍ନ ପ୍ରଡକ୍ଟ ଉପଲବ୍ଧ। ଏପରିକି ଗ୍ରାହକମାନେ ଫିଲିପ୍ସ, ହାଭେଲ୍ସ, ବର୍ଗନର, ଲାଇଫଲଙ୍ଗ, ହିଟ୍, ଆଗାରୋ ଭଳି ଟପ୍ ବ୍ରାଣ୍ଡ୍‌ର ବେଷ୍ଟ ସେଲରମାନଙ୍କ ଉପରେ ୨୦୨୪ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ଆକର୍ଷଣୀୟ ରିହାତି ( ଡିଲ୍) ଉପଭୋଗ କରିପାରିବେ। ଏହାବ୍ୟତୀତ ଏଚଡିଏଫସି, ୱାନକାର୍ଡ ଏବଂ ଆକ୍ସିସ ବ୍ୟାଙ୍କ ଇଏମଆଇ କାର୍ଡ ଉପରେ ୧୦% ପର୍ଯ୍ୟନ୍ତ ତୁରନ୍ତ ରିହାତି ମଧ୍ୟ ପାଇବେ। ଆମାଜନ.ଇନରେ ହୋମ୍, କିଚେନ୍ ଏବଂ ଆଉଟଡୋର୍ ପ୍ରଡକ୍ଟ ସାମିଲ ରହିଛି, ଯାହା ବିକ୍ରେତାଙ୍କଠାରୁ ବହୁତ ଭଲ ଡିଲ୍ ସହିତ ଉପଲବ୍ଧ। ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡରେ ସପିଂ କରୁଥିବା ଗ୍ରାହକଙ୍କୁ ଅନଲିମିଟେଡ ୫% (ପ୍ରାଇମ ଗ୍ରାହକ) ଏବଂ ୩% (ନନ୍-ପ୍ରାଇମ ମେମ୍ବର) କ୍ୟାଶବ୍ୟାକ୍ ସହିତ ଆକର୍ଷଣୀୟ ପୁରସ୍କାର ମଧ୍ୟ ମିଳିଥାଏ। ଏହାବ୍ୟତୀତ ଯୋଗ୍ୟ ଗ୍ରାହକମାନେ ଆମାଜନ ପେ ଲ୍ୟାଟରରେ ୬୦,୦୦୦ଟଙ୍କା ପର୍ଯ୍ୟନ୍ତ ଲାଭ ଉଠାଇପାରିବେ। ଆମାଜନ.ଇନରେ ଫିଲିପ୍ସ ଆଉଟଡୋର ୱେଦରପ୍ରୁଫ୍ ୱାଇଫାଇ ସିସିଟିଭି କ୍ୟାମେରା ୪୨୯୯ଟଙ୍କା, କୋୱେ ପ୍ରଫେସନାଲ ଏୟାର ପ୍ୟୁରିଫାୟରର ମାତ୍ର ୨୪,୯୦୦ ଟଙ୍କା, ହିଟ୍ ଫ୍ଲାଇଂ ଇନସେକ୍ଟ କିଲର ମାତ୍ର ୩୨୯ ଟଙ୍କା, ସ୍ଲିପିହେଡ୍ ଅରିଜିନାଲ୍-୩ଲେୟାରଡ୍ ବଡିଆକ୍ୟୁ ଅର୍ଥୋପେଡିକ୍ ମେମୋରୀ ଫୋମ୍ ମେଟ୍ରେସ୍ ୧୨,୭୪୯ ଟଙ୍କା, ଲାଇଫଲଙ୍ଗ ଫିଟ୍ ପ୍ରୋ (୨.୫ ଏଚପି ପିକ୍) ମାନୁଆଲ୍ ଇନକ୍ଲାଇନ୍ ମୋଟରାଇଜଡ଼ ଟ୍ରେଡମିଲ୍ ୧୬,୯୯୯ ଟଙ୍କାରେ ଉପଲବ୍ଧ ରହିଛି। ବିଏସ୍ ବି ହୋମ୍ ମାଇକ୍ରୋଫାଇବର ଅଲ୍ ସିଜିନ୍ କମ୍ଫର୍ଟରେ ମାତ୍ର ୭୯୯ ଟଙ୍କା, ୧୮୦୦ୱାଟ୍‌ର ଆଗାରୋ ସୁପ୍ରିମ୍ ହାଇ ପ୍ରେସର ୱାଶର ମାତ୍ର ୪୩୯୯ ଟଙ୍କା, ଭୁକି ଇକୋ ଫ୍ରେଣ୍ଡଲି ଟଫ ଲାଇମସ୍କେଲ୍ ହାର୍ଡ ୱାଟର ଷ୍ଟେନ ରିମୁଭର ମାତ୍ର ୫୪୯ଟଙ୍କା, ହାଭେଲ୍ସ ମୋଞ୍ଜା ୧୫ ଲିଟର ଷ୍ଟୋରେଜ୍ ୱାଲ୍ ମାଉଣ୍ଟ ୱାଟର ହିଟର ମାତ୍ର ୭୨୯୮ଟଙ୍କା, ବର୍ଗନର ଟ୍ରିପ୍ରୋ ଟ୍ରିପଲି ଷ୍ଟେନଲେସ୍ ଷ୍ଟିଲ ୩ ପିସି କୁକଓୟର ସେଟ୍ ମାତ୍ର ୨୪୯୯ ଟଙ୍କା ଆମାଜନ.ଇନରେ ଉପଲବ୍ଧ ରହିଛି। ଆମାଜନ ପ୍ରାଇମ ସଦସ୍ୟମାନେ ୪୦ଲକ୍ଷରୁ ଅଧିକ ଉତ୍ପାଦ ଉପରେ ମାଗଣା ଦିନିକିଆ ଡେଲିଭରି, ସେମାନଙ୍କ ସହ-ବ୍ରାଣ୍ଡେଡ୍ ଆଇସିଆଇସିଆଇ କ୍ରେଡିଟ୍ କାର୍ଡ ବ୍ୟବହାର କରି ସମସ୍ତ କ୍ରୟ ଉପରେ ଅସୀମିତ ୫% କ୍ୟାସବ୍ୟାକ୍, ଡିଲ୍ ଏବଂ ସପିଂ ଇଭେଂଟଗୁଡିକର ଶୀଘ୍ର ଏବଂ ସ୍ୱତନ୍ତ୍ର ଆକସେସ୍ ପାଇପାରିବେ।

## ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଭାରତର ସର୍ବଶ୍ରେଷ୍ଠ କମ୍ପାନୀ




ମୁମ୍ବାଇ,୧।୧୨ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ (ଆରଆଇଏଲ) କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ବା ସ୍ୱୀକୃତି ମିଳିଛି। ଏପରିକି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଭାରତର ସର୍ବଶ୍ରେଷ୍ଠ କମ୍ପାନୀ ଭାବେ ୱିଜିକିର ଭିଜିବିଲିଟି ଇଣ୍ଡେକ୍ସରେ ସ୍ଥାନ ପାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ରେ ୱିଜିକିର ଭିଜିବିଲିଟି ଇଣ୍ଡେକ୍ସରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଭାରତର ଏକ ନମ୍ବର କମ୍ପାନୀ ଭାବେ ସ୍ଥାନ ପାଇଛି। ଏପରିକି କମ୍ପାନୀର ରାଜସ୍ୱ, ଲାଭ, ବଜାର ମୂଲ୍ୟ ଏବଂ ସାମାଜିକ ପ୍ରଭାବ ଦୃଷ୍ଟିରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଆଗରେ ରହିଛି।

ୱିଜିକି ହେଉଛି, ଏକ ମିଡିଆ ଇଣ୍ଟେଲିଜେନ୍ସ କମ୍ପାନୀ। ଯାହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା/ଏଆଇ) ଅନୁଯାୟୀ ଗଣମାଧ୍ୟମ ଖବର ଉପରେ ନଜର ରଖିବା ସହିତ କେଉଁ କମ୍ପାନୀଗୁଡିକ ଅଧିକ ସ୍ଥାନ ପାଇଥାନ୍ତି, ସେ ତାହାକୁ ନିରୂପଣ କରିଥାଏ। ୱିଜିକିର ଭିଜିବିଲିଟି ଇଣ୍ଡେକ୍ସ ଅନୁଯାୟୀ ରିଲାଏନ୍ସ କ୍ରମାଗତ ଭାବେ ହେଡଲାଇନ (ଖବରର ଶୀର୍ଷ)ରେ ରହିଆସିଛି। ଏପରିକି ଅନେକ ବ୍ୟାଙ୍କିଙ୍ଗ୍, ଫାଇନାନ୍ସ ଏବଂ ଉପଭୋକ୍ତା ସାମଗ୍ରୀ କମ୍ପାନୀକୁ ଉକ୍ତ ପ୍ରସଙ୍ଗରେ କମ୍ପାନୀ ପଛରେ ପକାଇଦେଇଛି। ୨୦୨୪ରେ ରିଲାଏନ୍ସର ନ୍ୟୁଜ୍ ସ୍କୋର ୧୦୦ରୁ ୯୭.୪୩ ରହିଥିବା ୱିଜିକି ପ୍ରକାଶ କରିଛି। ୨୦୨୩ରେ କମ୍ପାନୀର ସ୍କୋର ୯୬.୪୬ ଥିଲାବେଳେ ୨୦୨୨ରେ ୯୨.୫୬ ଏବଂ ୨୦୨୧ରେ ୮୪.୯ ଥିଲା। ଏପରିକି ଏହି ବିଗତ ବର୍ଷଗୁଡିକ ମଧ୍ୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ କ୍ରମାଗତ ଭାବେ ଭାରତର ଏକ ନମ୍ବର କମ୍ପାନୀ ହୋଇ ରହିଛି, ଯଦି ଅନ୍ୟ କମ୍ପାନୀଗୁଡିକ ସହିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ତୁଳନା କରାଯାଏ, ତାହାହେଲେ ରିଲାଏନ୍ସ ଦେଶର ଅନେକ ବଡ଼ କମ୍ପାନୀମାନଙ୍କଠାରୁ ବହୁତ ଆଗରେ ରହିଛି। ସେହିଭଳି ରିଲାଏନ୍ସର ନ୍ୟୁଜ୍ ସ୍କୋର ୯୭.୪୩ ଥିବାବେଳେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସ୍କୋର ୮୯.୩, ଏଚଡିଏଫସି ବ୍ୟାଙ୍କର ୮୬.୨୪, ପେଟିଏମ୍‌ର ମୂଳ କମ୍ପାନୀ ୱାନ୍୯୭ କମ୍ୟୁନିକେଶନ୍ସ ୮୪.୬୩, ଆଇସିଆଇସିଆଇ ବ୍ୟାଙ୍କର ୮୪.୩୩ ଏବଂ ଜୋମାଟୋର ନ୍ୟୁଜ୍ ସ୍କୋର ୮୨.୯୪ ରହିଥିଲା। ସେହିପରି ୱିକି ନ୍ୟୁଜ୍ ସ୍କୋର ଅନୁସାରେ ଭାରତୀ ଏୟାରଟେଲ ୭ମ ସ୍ଥାନରେ ଥିଲାବେଳେ ଇନଫୋସିସ୍, ଟାଟା ମୋଟର୍ସ, ଟାଟା କନ୍ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ) ଏବଂ ଆଦାନୀ ଗ୍ରୁପ୍ ୪୦ ତମ ସ୍ଥାନରେ ରହିଛି। ୱିଜିକି ନ୍ୟୁଜ୍ ସ୍କୋର ନିର୍ଣ୍ଣୟ କରିବାବେଳେ ଖବରର ଶିରୋନାମାରେ କମ୍ପାନୀ କେତେ ସମୟ ରହିଛି, କେତେ ସ୍ଥାନରେ ପ୍ରକାଶିତ ହୋଇଛି ଏବଂ ପ୍ରକାଶିତ ବିଷୟବସ୍ତୁ କେତେ ଲୋକଙ୍କ ପାଖରେ ପହଞ୍ଚିଛି, ତାହାକୁ ବିସ୍ତୃତ ଭାବେ ଦେଖାଯାଇଥାଏ।

## ଏମ୍‌ଆଇସିଏସ୍ ପଦ୍ଧତିରେ ଜଟିଳ ହୃଦ୍‌ରୋଗର ଅସ୍ତ୍ରୋପଚାର

ନୂଆଦିଲ୍ଲୀ,୧।୧୨

ବିଏମ୍ ବିର୍ଲା ହାର୍ଟ ହସ୍ପିଟାଲ ମିନିମାଲି ଇନ୍‌ଭେସିଭ କାର୍ଡିଆକ୍ ସର୍ଜରି(ଏମ୍‌ଆଇସିଏସ୍) ସହ ହୃଦ୍‌ରୋଗ ଚିକିତ୍ସାରେ ବୈପ୍ଲବିକ ପରିବର୍ତ୍ତନ ଆଣିଛି। ଏପରିକି ଏହି ହସ୍ପିଟାଲ ଏମ୍‌ଆଇସିଏସ୍ ପଦ୍ଧତିରେ ଅନେକ ଜଟିଳ ହୃଦ୍‌ରୋଗ ଅସ୍ତ୍ରୋପଚାର ମାମଲାକୁ ସଫଳତାର ସହ ଚିକିତ୍ସା କରାଇଛି, ଯାହା ରୋଗୀମାନଙ୍କୁ ଏକ ସୁରକ୍ଷିତ, ଅଧିକ ପ୍ରଭାବଶାଳୀ ଚିକିତ୍ସା ବିକଳ୍ପ ପ୍ରଦାନ କରିଛି। ବିଶେଷକରି ବିଶେଷଜ୍ଞ ଡାକ୍ତର ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ଉତ୍କୃଷ୍ଟ ରୋଗୀ ସେବା ଏବଂ ଫଳାଫଳକୁ ହସ୍ପିଟାଲ ସୁନିଶ୍ଚିତ କରିଛି। ଉଲ୍ଲେଖଯୋଗ୍ୟ, ପୂର୍ବ ଭାରତର ଏକମାତ୍ର ଉତ୍ସର୍ଗୀକୃତ କାର୍ଡିଆକ୍ ସୁପର ସ୍ପେଶିଆଲିଟି ହସ୍ପିଟାଲ ଭାବେ କୋଲକାତାର ବିଏମ୍‌ବି ଅନ୍ତର୍ଜାତୀୟ ମାନର ହୃଦ୍‌ରୋଗ ଚିକିତ୍ସା ପାଇଁ ସ୍ୱତନ୍ତ୍ର ମାନଦଣ୍ଡ ସ୍ଥିର କରିଛି, ଯାହା ସମସ୍ତ ବୟସ ବର୍ଗରେ ଅସାଧାରଣ ଫଳାଫଳ ପ୍ରଦାନ କରୁଛି। ଏପରିକି ହୃଦ୍‌ରୋଗ ଗବେଷଣା କ୍ଷେତ୍ରରେ ଅଗ୍ରଣୀ ଥିବା ବିଏମ୍‌ବି ଏମ୍‌ଆଇସିଏସ୍ ସହ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସେହିପରି ପାରମ୍ପରିକ ଓପନ୍ ହାର୍ଟ ସର୍ଜରି (ଅସ୍ତ୍ରୋପଚାର)ର ବିପରୀତ ଅଂଶ, ଯେଉଁଥିରେ ବ୍ରେଷ୍ଟବୋନ୍ କିମ୍ବା ଷ୍ଟର୍ନମ୍ ମାଧ୍ୟମରେ ଏକ ବଡ଼ ଚିରାକରାଯାଏ। ଏମ୍‌ଆଇସିଏସ୍‌ରେ ସ୍ୱତନ୍ତ୍ର ଉପକରଣ ଏବଂ ରୋବୋଟିକ୍ ସହାୟତାର ବ୍ୟବହାରକରି ପରା ଏବଂ ଆଖପାଖରେ ଛୋଟ ଛୋଟ ଚିରା ତିଆରି କରିବା ଅନ୍ତର୍ଭୁକ୍ତ ରହିଥାଏ। ଏହି ପଦ୍ଧତି ରୋଗୀଙ୍କ ପାଇଁ ଆଘାତ ଏବଂ ପୁନରୁଦ୍ଧାର ସମୟକୁ ଯଥେଷ୍ଟ ହ୍ରାସ କରିଥାଏ। ଛୋଟ ଚିରା ସଂକ୍ରମଣ, ରକ୍ତ କ୍ଷୟ ଏବଂ ଯନ୍ତ୍ରଣାର ଆଶଙ୍କାକୁ ମଧ୍ୟ ହ୍ରାସ ସହ ଏକ ଛୋଟ ଦାଗ ଛାଡ଼ିଥାଏ। ବିଏମ୍ ବିର୍ଲା ହାର୍ଟ ହସ୍ପିଟାଲର କାର୍ଡିଓଥୋରାସିକ୍ ଆଣ୍ଡ ଭାସ୍କୁଲାର ସର୍ଜରି (ସିଟିଭିଏସ୍)ର ନିର୍ଦ୍ଦେଶକ ଡା. ରତନ କୁମାର ଦାସ ହୃଦ୍‌ରୋଗୀଙ୍କ ପାଇଁ ଏମ୍‌ଆଇସିଏସର ଉପକାରିତା ବିଷୟରେ ବର୍ଣ୍ଣନାକରି କହିଛନ୍ତି, ଏମ୍‌ଆଇସିଏସ୍ ପାରମ୍ପରିକ ଓପନ୍ ହାର୍ଟ ସର୍ଜରିର ଏକ ବିକଶିତ ଏବଂ ଅଧିକ ଉନ୍ନତ ବିକଳ୍ପ, ଯେଉଁଥିରେ କମ୍ ଆରୋଗ୍ୟ ସମୟ, ସଂକ୍ରମଣର ଆଶଙ୍କା କମ୍, ରକ୍ତ କ୍ଷୟ ହ୍ରାସ ଏବଂ ଛୋଟ ଦାଗ ରହିଥାଏ। ଏପରିକି ଏହା ପାରମ୍ପରିକ ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ଭଳି ପ୍ରଭାବଶାଳୀ ଏବଂ ବିଭିନ୍ନ ଜଟିଳ ମାମଲା ପାଇଁ ମଧ୍ୟ ବେଶ୍ ଉପଯୁକ୍ତ ହୋଇଥାଏ। ବିଏମ୍ ବିର୍ଲା ହାର୍ଟ ହସ୍ପିଟାଲର କାର୍ଡିଓଥୋରାସିକ୍ ଆଣ୍ଡ ଭାସ୍କୁଲାର ସର୍ଜରି ପରାମର୍ଶଦାତା ଡା. ଦେବବ୍ରତ ବିଶ୍ୱାସ କହିଛନ୍ତି, ଏମ୍‌ଆଇସିଏସ୍ ଚିକିତ୍ସାକୁ ନେଇ ଅନେକ ମିଥ୍ୟା ଗୁଜବ ରହିଛି। ଏପରିକି ଅନେକେ ବିଶ୍ୱାସ କରନ୍ତି ଯେ ଏହା ଅଧିକ ପ୍ରଭାବଶାଳୀ ନୁହେଁ କିମ୍ବା ଏହା କେବଳ ସାମାନ୍ୟ ହୃଦ୍ ସମସ୍ୟା ପାଇଁ ଉପଯୁକ୍ତ।

ଫୁରସତ୍




## ପ୍ରଥମ ଦିନ ୩୦୦ କୋଟି କ୍ଲବରେ ପହଞ୍ଚିବ 'ପୁଷ୍ପା ୨'

ହାଇଦ୍ରାବାଦ

ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଅଭିନୀତ ଚଳିତ ବର୍ଷର ବହୁ ପ୍ରତୀକ୍ଷିତ 'ପୁଷ୍ପା ୨: ଦି ରୁଲ୍' ଫିଲ୍ମ ଆସନ୍ତା ୫ରେ ରିଲିଜ୍ ହେବାକୁ ଯାଉଛି। ଫିଲ୍ମକୁ ନେଇ ସିନେପ୍ରେମୀ ଓ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି। ତେବେ ରିଲିଜ୍ ହେବା ସହ 'ପୁଷ୍ପା ୨ : ଦି ରୁଲ୍' ବକ୍ସ ଅଫିସରେ ଧମାଲ ମଚାଇବ ବୋଲି ଅନୁମାନ କରାଯାଉଛି। ଆସନ୍ତା ୫ରେ ରିଲିଜ୍ ହେବା ପୂର୍ବରୁ 'ପୁଷ୍ପା ୨: ଦି ରୁଲ୍' ଫିଲ୍ମର ଆଡଭାନ୍ସ ବୁକିଂ ଆରମ୍ଭ ହୋଇସାରିଛି। ତେବେ ବିଭିନ୍ନ ଫିଲ୍ମର ବକ୍ସ ଅଫିସ୍ କଲେକ୍ସନକୁ ନେଇ ବିଶ୍ଳେଷଣ କରୁଥିବା ମିଡିଆ କମ୍ପାନୀ 'ସାକ୍‌ନିଲ୍କ'ର ଏକ ଆକଳନ ସାମ୍ନାକୁ ଆସିଛି। ରିଲିଜ୍ ହେବାର ପ୍ରଥମ ଦିନରେ 'ପୁଷ୍ପା ୨: ଦି ରୁଲ୍' ଫିଲ୍ମ ବିଶ୍ୱବ୍ୟାପୀ ୩୦୩ କୋଟି ଟଙ୍କା ସଂଗ୍ରହ କରିବ ବୋଲି ଉକ୍ତ ରିପୋର୍ଟ କହିଛି। ସେହିପରି ଏହି ଚଳଚ୍ଚିତ୍ର ପ୍ରଥମ ଦିନ ଘରୋଇ ବକ୍ସ ଅଫିସ୍‌ରୁ ୨୩୩ କୋଟି ଟଙ୍କା ରୋଜଗାର କରିବ। ଉକ୍ତ ରିପୋର୍ଟ ଅନୁଯାୟୀ, ପ୍ରଥମ ଦିନ କେବଳ ବିଦେଶୀ ବକ୍ସ ଅଫିସ କଲେକ୍ସନରେ ଏହି ଚଳଚ୍ଚିତ୍ର ୭୦ କୋଟି ଟଙ୍କା ରୋଜଗାର କରିବ। ଯଦି ଏପରି ଘଟେ, ତେବେ ପ୍ରଥମ ଭାରତୀୟ ଚଳଚ୍ଚିତ୍ର ଭାବେ 'ପୁଷ୍ପା ୨: ଦି ରୁଲ୍' ରିଲିଜ୍ ହେବାର ପ୍ରଥମ ଦିନରେ ୩୦୦ କୋଟି କ୍ଲବ୍‌ରେ ପହଞ୍ଚି ଇତିହାସ ରଚିବ।

## ପ୍ରଦୂଷଣମୁକ୍ତ ପରିବେଶ ଜରୁରୀ

### ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ



**କୌଣସି** ଶିଳ୍ପ ବିପର୍ଯ୍ୟୟକୁ ରୋକିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ। ପରିବେଶ ପ୍ରଦୂଷଣ ବିଷୟରେ ସଚେତନତା ସୃଷ୍ଟି କରିବା, ଲୋକ ଏବଂ ଶିଳ୍ପକୁ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ ଗ୍ରହଣ କରିବାକୁ ଉତ୍ସାହିତ କରିବା ପାଇଁ ଏହି ଦିନ ଉତ୍ସର୍ଗୀକୃତ। ଭାରତରେ ପ୍ରତିବର୍ଷ ବାୟୁ ପ୍ରଦୂଷଣ ହେତୁ ପ୍ରାୟ ୭୦ ଲକ୍ଷ ଲୋକ ମୃତ୍ୟୁବରଣ କରୁଥିବାବେଳେ ଘର ଭିତରର ବାୟୁ ପ୍ରଦୂଷଣ ହେତୁ ୪୦ ଲକ୍ଷ ଲୋକ ପ୍ରାଣ ହରାନ୍ତି। କୁହାଯାଏ ପ୍ରତି ୧୦ ଜଣଙ୍କ ମଧ୍ୟରୁ ୯ ଜଣ ଶୁଦ୍ଧ ବାୟୁ ପାଆନ୍ତି ନାହିଁ। ବିଶେଷକରି ପ୍ରଦୂଷଣକୁ ରୋକିବା ଏବଂ ପ୍ରକୃତିର ଅପବ୍ୟବହାର କିପରି କରାଯାଉଛି ସେ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ହେଉଛି ଆଜି ଏହି ଦିବସ ପାଳନର ଉଦ୍ଦେଶ୍ୟ ଅଟେ।

## ହେଲ୍‌ମେଟ୍ ପିନ୍ଧି ନିର୍ବନ୍ଧ

ରାୟପୁର

ଛତିଶଗଡ଼ର ରାଜନନ୍ଦଗାଓଁ ଜିଲାରେ ଏକ ନିଆରା ନିର୍ବନ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିଜର ଅନନ୍ୟ ରୀତିନୀତି ହେତୁ ଏବେ ଏହି ନିର୍ବନ୍ଧ ଚର୍ଚ୍ଚାର ବିଷୟ ପାଲଟିଛି। ସ୍ଥାନୀୟ ଡୋଙ୍ଗରଗଡ ବ୍ଲକର ଜରୱାହି ନିବାସୀ ବୀରେନ୍ଦ୍ର ସାହୁ ଓ କାରିଆଟୋଲା ଗ୍ରାମ ନିବାସୀ ଜ୍ୟୋତି ସାହୁଙ୍କ ମଧ୍ୟରେ ଶନିବାର ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା। ନିର୍ବନ୍ଧର ସମସ୍ତ ରୀତିନୀତି ସରିବା ପରେ ଉଭୟ ବୀରେନ୍ଦ୍ର ଓ ଜ୍ୟୋତି ପରସ୍ପରକୁ ହେଲ୍‌ମେଟ୍ ପିନ୍ଧାଇ ସଡ଼କ ସୁରକ୍ଷାର ସଚେତନତାର ବାର୍ତ୍ତା ଦେଇଥିଲେ। ଉଭୟ କନ୍ୟା ଏବଂ ବର ପରସ୍ପରକୁ ହେଲମେଟ ପିନ୍ଧାଉଥିବା ଦେଖି ନିର୍ବନ୍ଧରେ ଯୋଗଦେଇଥିବା ଅତିଥିମାନେ ଆଶ୍ଚର୍ଯ୍ୟ



ହୋଇଯାଇଥିଲେ। ଏହି ପରିପ୍ରେକ୍ଷୀରେ ବୀରେନ୍ଦ୍ର କହିଛନ୍ତି, ୨୦୨୨ରେ ତାଙ୍କ ବାପା ପଞ୍ଚରମ ସାହୁଙ୍କର ଏକ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ହେଲ୍‌ମେଟ ପିନ୍ଧି ନ ଥିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଏବଂ ତାଙ୍କୁ ବଞ୍ଚାଯାଇପାରି ନ ଥିଲା। ସେବେଠାରୁ ସେ ଓ ତାଙ୍କ ପରିବାରର ସମସ୍ତ ସଦସ୍ୟ ହେଲ୍‌ମେଟ ପିନ୍ଧିବା ନେଇ ଲୋକଙ୍କୁ ସଚେତନ କରାଇବା ଆରମ୍ଭ କରିଥିଲେ।

## ଆଇଏଏସ୍ ଅଫିସର ହେବାକୁ ଚାହୁଁଥିଲେ ରାଶି

ମୁମ୍ବାଇ

ଅଭିନେତ୍ରୀ ରାଶି ଖାନ୍ନା ନିଜର ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ବେଶ୍ ପ୍ରଶଂସା ସାଉଣ୍ଟିଛନ୍ତି। କେବଳ ବଲିଉଡ୍‌ରେ ନୁହେଁ, ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ମଧ୍ୟ ସେ ନିଜ ଅଭିନୟର ଯାଦୁ ଦେଖାଇଛନ୍ତି। ନିକଟରେ ଅଭିନେତା ବିକ୍ରାନ୍ତ ମେସିଙ୍କ ସହ 'ଦି ସାବରମତି ରିପୋର୍ଟରେ' ତାଙ୍କୁ ଦେଖିବାକୁ ମିଳିଥିଲା। ଅଭିନୟ ବ୍ୟତୀତ ବିଭିନ୍ନ ସାମାଜିକ କାର୍ଯ୍ୟରେ ମଧ୍ୟ ସେ ବହୁବାର ନଜରକୁ ଆସିଛନ୍ତି। ନିକଟରେ ସେ ଏକ ସାକ୍ଷାତ୍‌କାର ଦେଇ ନିଜ ଜୀବନର ଅନେକ କାହାଣୀକୁ ପ୍ରଘଟ କରିଛନ୍ତି।

ଏକଦା ରାଶି ଅଭିନେତ୍ରୀ ହେବା ପାଇଁ ନୁହେଁ, ବରଂ ଜଣେ ଆଇଏଏସ୍ ଅଧିକାରୀ ହେବାକୁ ଚାହୁଁଥିଲେ ବୋଲି ଏହ ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି। ଦିଲ୍ଲୀରେ ଜନ୍ମଗ୍ରହଣ କରିଥିବା ରାଶିଙ୍କର ସ୍କୁଲ୍ ପାଠପଢ଼ା ମଧ୍ୟ ରାଷ୍ଟ୍ରୀୟ ରାଜଧାନୀରେ ହୋଇଥିଲା। ସ୍କୁଲ ଏବଂ କଲେଜରେ ପଢିବା ବେଳେ ସେ ଅଧ୍ୟୟନରେ ସର୍ବୋତ୍ତମ ଥିଲେ। ଧୀରେ ଧୀରେ ଆଇଏଏସ୍ ଅଧିକାରୀ ହେବାକୁ ସେ ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲେ। ସେଥିପାଇଁ ସେ ନିଜର ପ୍ରସ୍ତୁତି ମଧ୍ୟ ଚଳାଇଥିଲେ ବୋଲି ରାଶି କହିଛନ୍ତି। ତେବେ କଲେଜରେ ପଢ଼ିବା ସମୟରେ ତାଙ୍କୁ ମଡେଲିଂ କରିବା ପାଇଁ ଅଫର ଆସିଥିଲା। ସେ ଉକ୍ତ ଅଫରକୁ ଗ୍ରହଣ କରିଥିଲେ। ରାଶି ଧୀରେ ଧୀରେ ନିଜ ମଡେଲିଂ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ସେଥିରେ ତାଙ୍କୁ ସଫଳତା ମିଳିଥିଲା। ଏହାପରେ ଅଭିନୟ କ୍ଷେତ୍ରରେ ପାଦ ଥାପିବାକୁ ମଧ୍ୟ ରାଶିଙ୍କୁ ଅଫର୍ ଆସିଥିଲା। ୨୦୧୩ରେ ରିଲିଜ୍ ହୋଇଥିବା ସୁଜିତ ସରକାରଙ୍କ ନିର୍ଦ୍ଦେଶିତ 'ମାଡ୍ରାସ କାଫେ' ହେଉଛି ରାଶିଙ୍କ ଅଭିନୀତ ପ୍ରଥମ ଫିଲ୍ମ। ଏହି ଚଳଚ୍ଚିତ୍ରରେ ସେ ଅଭିନେତା ଜନ୍ ଆବ୍ରହାମଙ୍କ ସ୍ତ୍ରୀ ଭୂମିକାରେ ନଜରକୁ ଆସିଥିଲେ। ଏହା ପରେ ସେ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ କରିବାକୁ ସୁଯୋଗ ପାଇଥିଲେ।



# ୨୦ ଜଣିଆ ଦଳରେ ଜ୍ୟୋତି ଅଧିନାୟିକା

**ଜୁନିୟର ମହିଳା ଏସିଆ କପ୍**

ନୂଆଦିଲ୍ଲୀ,୧।୧୨(ପି.ଟି.)

ଜୁନିୟର ମହିଳା ଏସିଆ କପ୍ ହକି ଟୁର୍ନାମେଣ୍ଟ ପାଇଁ ରବିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଜ୍ୟୋତି ସିଂଙ୍କୁ ଏହି ଦଳର ଅଧିନାୟକ ଘୋଷଣା କରାଯାଇଛି। ଡିସେମ୍ବର ୭-୧୫ ମଧ୍ୟରେ ଓମାନର ମସ୍କାଟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଗତ ସଂସ୍କରଣରେ ଦକ୍ଷିଣ କୋରିଆକୁ ୨-୧ରେ ହରାଇ ପ୍ରଥମ ଥର ଚାମ୍ପିୟନ ହୋଇଥିବା ଭାରତ ଏହାର ଟାଇଟଲ ଡିଫେଣ୍ଡ କରିବାକୁ ପ୍ରୟାସ କରିବ। ଜୁନିୟର ହକି ବିଶ୍ୱକପ୍ ୨୦୨୫ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ସୁଯୋଗ ରହିଥିବା ବେଳେ ଭାରତ ଏହାର ପାଇଦା ଉଠାଇବାକୁ ଚାହିଁବ। ଏହି ଟୁର୍ନାମେଣ୍ଟରେ ସମୁଦାୟ ୧୦ ଦଳ ଅଂଶଗ୍ରହଣ କରୁଥିବା ବେଳେ ଦୁଇଟି ପୁଲ୍‌ରେ ବିଭକ୍ତ କରାଯିବ। ଭାରତୀୟ ଦଳ ପୁଲ୍ ଏ'ରେ ସ୍ଥାନ ପାଇଥିବା ବେଳେ ଚାଇନା, ମାଲେସିଆ, ଥାଇଲାଣ୍ଡ ଓ ବାଂଲାଦେଶ ଏହି ଗ୍ରୁପ୍‌ରେ ରହିଛନ୍ତି। ପୁଲ୍ ବି'ରେ ଦକ୍ଷିଣ କୋରିଆ, ଜାପାନ, ଚାଇନିଜ୍ ତାଇପେ, ହଂକଂ ଓ ଶ୍ରୀଲଙ୍କା ସ୍ଥାନ ପାଇଛନ୍ତି। ସାକ୍ଷୀ ରାଣାଙ୍କୁ ଏହି ଦଳର ଉପ ଅଧିନାୟିକା ଘୋଷଣା କରାଯାଇଛି। ନିଧି ଓ ଅଦିତି ଗୋଲକିପର ଭାବରେ ଏହି ଦଳରେ ସ୍ଥାନ ପାଇଛନ୍ତି। ସିନିୟର ଦଳ ପକ୍ଷରୁ ଖେଳି ସାରିଥିବା ଓଡ଼ିଆ ଝିଅ ସୁନେଲିତା ଟପ୍ପୋ ଓ ବୈଷ୍ଣବୀ ବିଠଲ ଫାଲକେ ଏହି ଦଳରେ ସ୍ଥାନ ପାଇଛନ୍ତି।

ଭାରତୀୟ ଦଳରେ ଯୁବ ଓ ଅଭିଜ୍ଞ ଖେଳାଳିଙ୍କ ଚମତ୍କାର ସମନ୍ୱୟ ରହିଥିବାରୁ କୋଚ୍ ତୁଷାର ଖାଣ୍ଡକର ଖୁସି ପ୍ରକାଶ କରିଛନ୍ତି। ଯୁବ ଖେଳାଳିଙ୍କ ପାଇଁ ଏହା ଦକ୍ଷତା ପ୍ରକାଶର ଏକ ଭଲ ପ୍ଲାଟଫର୍ମ। ଆକ୍ରମଣାତ୍ମକ ଓ ବୁଦ୍ଧିମତ୍ତାର ସହ ଭାରତୀୟ ଦଳ ହକି ଖେଳି ବିଜୟୀ ହେବାକୁ ଚେଷ୍ଟା କରିବ ବୋଲି ଖାଣ୍ଡକର କହିଛନ୍ତି। **ଭାରତୀୟ ଦଳ:** ଗୋଲକିପର: ନିଧି ଓ ଅଦିତି ମହେଶ୍ୱରୀ। ଡିଫେଣ୍ଡର: ମନୀଷା, ଜ୍ୟୋତି ସିଂ,ଲାଲଥାଣ୍ଟଲୁଆଙ୍ଗି, ପୂଜା ସାହୁ ଓ ମମତା ଓରାମ। ମିଡ ଫିଲ୍ଡର: ବୈଷ୍ଣବୀ ବିଠଲ ଫାଲକେ, ସୁନେଲିତା ଟପ୍ପୋ, ଇଶିକା, ରଜନୀ କେରକେଟା, ସାକ୍ଷୀ ରାଣା ଓ ଖାଇଡେମ ଶିଏଲମା ଚାନୁ। ଫରୱାର୍ଡ: ଦୀପିକା, ବ୍ୟୁଟି ଡୁଙ୍ଗଡୁଙ୍ଗ, କନିକା ସିୱାଚ୍, ମୁମତାଜ ଖାନ ଓ ଲାଲରିନ୍ ପୁଇ। ରିଜର୍ଭ: ବିନିମା ଧାନ, ହିମାଂଶୀ ଶରଦ ଗୱାଣ୍ଡେ।


ଜୁନିୟର୍ ଏସିଆ କପ୍ ପାଇଁ ମନୋନୀତ ଭାରତୀୟ ମହିଳା ଦଳ।

# ସିନ୍ଧୁ ମହିଳା, ଲକ୍ଷ୍ୟ ପୁରୁଷ ଚାମ୍ପିୟନ

**ସୟଦ ମୋଦୀ ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ**

ଲକ୍ଷ୍ନୌ, ୧।୧୨ (ପି.ଟି.)

ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ସୟଦ ମୋଦୀ ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଯଥାକ୍ରମେ ମହିଳା ଓ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ଦୁଇଥର ଅଲିମ୍ପିକ ପଦକ ବିଜେତା ସିନ୍ଧୁ ଫାଇନାଲରେ ଚାଇନାର ବିଶ୍ୱର ୧୧୯ ନମ୍ବର ମାନ୍ୟତାପ୍ରାପ୍ତ ଉ ଲୁଓ ୟୁଙ୍କୁ ୨୧-୧୪, ୨୧-୧୬ରେ ପରାସ୍ତ କରି ଦୁଇ ବର୍ଷ ପରେ ଏକ ଟାଇଟଲ ହାସଲ କରିବାରେ ସମର୍ଥ ହୋଇଛନ୍ତି। ଏଠାରେ ସେ ତୃତୀୟ ଥର ପାଇଁ ଚାମ୍ପିୟନ ହୋଇଛନ୍ତି। ପୂର୍ବରୁ ସେ ୨୦୧୭ ଓ ୨୦୨୨ରେ ଏଠାରେ ଟ୍ରଫି ଜିତିଥିଲେ। ସିନ୍ଧୁ ଗତଥର ୨୦୨୨ ଜୁଲାଇରେ ସିଙ୍ଗାପୁର ଓପନରେ ଟାଇଟଲ ବିଜୟୀ ହୋଇଥିଲେ। ବିଶ୍ୱର ଏହି ୧୮ନମ୍ବର ଖେଳାଳି ଚଳିତବର୍ଷ ମାଲେସିଆ ମାଷ୍ଟର୍ସ ସୁପର ୫୦୦ରେ ମଧ୍ୟ ଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ୨୦୨୧ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ଲକ୍ଷ୍ୟ ପ୍ରଭାବୀ ପ୍ରଦର୍ଶନ ସହ ସିଙ୍ଗାପୁରର ଜିଆ ହେଙ୍ଗ୍ ଜାସନ ତେହଙ୍କୁ ୨୧-୬, ୨୧-୭ରେ ପରାସ୍ତ କରିଛନ୍ତି। ଭାରତୀୟ ବ୍ୟାଡ୍‌ମିଣ୍ଟନ ପାଇଁ ରବିବାର ଅଧିକ ଖୁସିର ମୁହୂର୍ତ୍ତ ଥିଲା, ଯେତେବେଳେ ମହିଳା ଡବଲ୍ସ ଯୋଡ଼ି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ସେମାନଙ୍କର ପ୍ରଥମ ସୁପର ୩୦୦ ଟାଇଟଲ ଜିତିଲେ। ଫାଇନାଲରେ ସେମାନେ ଚାଇନାର ବାଓ ଲି ଜିଙ୍ଗ୍ ଓ ଲି କ୍ୱିଆନଙ୍କୁ ୨୧-୧୮, ୨୧-୧୧ରେ ହରାଇ ଦେଇଥିଲେ। ପୁରୁଷ ଡବଲ୍ସ ଫାଇନାଲରେ ପୃଥ୍ୱୀ କ୍ରିଷ୍ଣମୂର୍ତ୍ତି ରୟ ଇଓ ସାଇ ପ୍ରତୀକ କେ. ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ସେମାନଙ୍କ ଫାଇନାଲ ମ୍ୟାଚ ଚାଇନାର ହୁଆଙ୍ଗ ଡି' ଓ ଲିୟୁ ୟାଙ୍ଗ୍‌ଙ୍କଠାରୁ ୧୪-୨୧, ୨୧-୧୯, ୧୭-୨୧ରେ ହାରିଯାଇଛନ୍ତି। ଅନ୍ୟପକ୍ଷରେ ମିକ୍ସଡ ଡବଲ୍ସ ଫାଇନାଲରେ ତନିଶା କ୍ରାଷ୍ଟୋ ଓ ଧ୍ରୁବ କାପିଲା ଥାଇଲାଣ୍ଡର ତଥା ୬ଷ୍ଠ ସିଡ୍ ଯୋଡ଼ି ଦେଚାପଲ ପୈଭାରାନୁକ୍ରୋ ଓ ସୁପିସାରା ପାଏସାମ୍ପ୍ରନଙ୍କଠାରୁ ୨୧-୧୮, ୧୪-୨୧, ୮-୨୧ରେ ହାରିଯାଇଛନ୍ତି।




# ଗୁକେଶ-ଲିରେନ ୬ଷ୍ଠ ଗେମ୍ ଡ୍ର

**ବିଶ୍ୱ ଚେସ୍ ଚାମ୍ପିୟନଶିପ୍**

ସିଙ୍ଗାପୁର, ୧।୧୨ (ପି.ଟି.)

ଭାରତୀୟ ଚ୍ୟାଲେଞ୍ଜର ଡି. ଗୁକେଶ ଓ ଗତଥରର ଚାମ୍ପିୟନ ଚାଇନାର ଡିଙ୍ଗ୍ ଲିରେନଙ୍କ ମଧ୍ୟରେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ର ୬ଷ୍ଠ ଗେମ୍ ଡ୍ର ଭାବେ ଶେଷ ହୋଇଛି। ଫଳରେ ଉଭୟଙ୍କ ପଏଣ୍ଟ ସଂଖ୍ୟା ସମାନ ସ୍ତରରେ ରହିଛି। ଉଭୟ ଖେଳାଳିଙ୍କ ମଧ୍ୟରେ ଏହାଥିଲା କ୍ରମାଗତ ତୃତୀୟ ଡ୍ର। ଦୁହିଁଙ୍କ ପଏଣ୍ଟ ସଂଖ୍ୟା ସମାନ ୩ ପଏଣ୍ଟ ରହିଛି। ଚାମ୍ପିୟନଶିପ୍ ଜିତିବାକୁ ହେଲେ ଆହୁରି ୪.୫ ପଏଣ୍ଟ ଅର୍ଜନ କରିବାକୁ ପଡ଼ିବ। ଗୁକେଶ ଓ ଲିରେନ ୪୬ ମୁଭ୍ ପରେ ଗେମ୍‌କୁ ଡ୍ର ଭାବେ ଶେଷ କରିବା ଲାଗି ସହମତି ହୋଇଥିଲେ। ମ୍ୟାଚରେ ମୋଟ ଉପରେ ଏହା ହେଉଛି ଚତୁର୍ଥ ଡ୍ର। ମ୍ୟାଚ ପାଖାପାଖି ହୋଇସାରିଥିବାରୁ ଅବଶିଷ୍ଟାଂଶ ପାଇଁ ଖେଳ ପାଇଁ ଦୁଇ ଖେଳାଳି କି ରଣନୀତି ଆପଣେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ୩୨ ବର୍ଷୀୟ ଲିରେନ ଓପନିଂ ଗେମ୍ ଜିତିଥିବା ବେଳେ ୧୮ ବର୍ଷୀୟ ଗୁକେଶ ତୃତୀୟ ଗେମ୍‌ରେ ବିଜୟ ଲାଭ କରିଥିଲେ। ଦ୍ୱିତୀୟ, ଚତୁର୍ଥ ଓ ୫ମ ଗେମ୍ ଡ୍ର ଭାବେ ଶେଷ ହୋଇଥିଲା। ୧୪ ରାଉଣ୍ଡ ବିଶିଷ୍ଟ ଖେଳର ଆହୁରି ୮ଟି ଗେମ୍ ବାକି ରହିଛି। ସୋମବାର ଦ୍ୱିତୀୟ ବିଶ୍ରାମ ଦିବସ ପରେ ପୁଣି ଖେଳ ଆରମ୍ଭ ହେବ। ୮ଟି ଗେମ୍ ପରେ ଯଦି ଟାଇ ରୁହେ ତେବେ ଟାଇ ବ୍ରେକ୍ ପାଇଁ ଅତିରିକ୍ତ ଦିବସ ସଂରକ୍ଷିତ ରଖାଯାଇଛି।


ଷଷ୍ଠ ରାଉଣ୍ଡ ମ୍ୟାଚ୍ ଅବସରରେ ଡି. ଗୁକେଶ।

# ମନୀନ୍ଦ୍ର ଚାମ୍ପିୟନ, ନାରାୟଣ ରନରଅପ୍


କୃତୀ ପ୍ରତିଯୋଗୀ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୧।୧୨ (ବିଜୟ ରଣା)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ତରଫରୁ ସ୍ଥାନୀୟ କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ପରିସରରେ ପ୍ରଥମ ବାସୁଦେବ ମହାନ୍ତି ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ଗଜପତିର ମନୀନ୍ଦ୍ର କାର୍ଜି ୫ ପଏଣ୍ଟ ଅର୍ଜନ କରିବା ସହ ଚାମ୍ପିୟନ ହୋଇଥିବା ବେଳେ ୪.୫ ପଏଣ୍ଟ ସହ କୋରାପୁଟର ନାରାୟଣ ନାୟକ ରନରଅପ୍ ହୋଇଛନ୍ତି। କଟକର ରବୀନ୍ଦ୍ର କୁମାର ଓଝା ୪ ପଏଣ୍ଟ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱରର ୪ଜଣ ଖେଳାଳି ଭିନିତ ନାୟକ, ଅଭିଷେକ ନାୟକ, ଲରେନ୍ସ ପ୍ରଧାନ ଓ ହର୍ଷ ରାଜ୍ ପ୍ରତ୍ୟେକ ୪ ପଏଣ୍ଟ ସହ ଯଥାକ୍ରମେ ୪ର୍ଥରୁ ୭ମ ସ୍ଥାନ ଅଧିକାର କରିଥିଲେ। ବାଳିକା ବିଭାଗରେ ଦିୟା ଦାସ ଓ ସ୍ଥିତପ୍ରଜ୍ଞା ପଟ୍ଟନାୟକ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଥିଲେ। ସେହିପରି ୧୩ ବର୍ଷରୁ କମ୍ ବିଭାଗରେ ସତ୍ୟମ ସ୍ୱରୂପ ସାହୁ ଓ ସୂର୍ଯ୍ୟାଂଶ ଶେଖର ସାହୁ, ୧୧ ବର୍ଷରୁ କମ 'ଖ' ବିଭାଗରେ ଆରିସ ନନ୍ଦ ଗୋସ୍ୱାମୀ ଓ ଜ୍ୟୋତିରାଦିତ୍ୟ ରାଉତ, ୯ ବର୍ଷରୁ କମ୍ ବିଭାଗରେ ଇରାମଦ ରାଉତ ଓ ସମର୍ଥ ରାଜଦୀପ୍ ଏବଂ ୭ବର୍ଷରୁ କମ୍ ବିଭାଗରେ ପ୍ରାରବ୍ଧ ରାଜ୍ଞା ମିଶ୍ର ଓ ରେୟାଂଶ ରାଜ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ପ୍ରଜ୍ଞା ପରିମିତା ସାହୁ (ଭାଇସ୍ ପ୍ରିନ୍ସିପାଲ ରୟାଲ ପବ୍ଲିକ ସ୍କୁଲ), ଦେବାଶିଷ ପାଣିଗ୍ରାହୀ (ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ) ଏବଂ ସ୍ୱର୍ଗ ବାସୁଦେବ ମହାନ୍ତିଙ୍କ ଝିଅ ନିର୍ଲିପ୍ତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ରୟାଲ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ।

# ଇସିସିର ବୃହତ୍ ବିଜୟ

ଭୁବନେଶ୍ୱର,୧।୧୨(ସରୋଜ ଜେନା)

ଭୁବନେଶ୍ୱରର ଇଡ୍‌କୋ ଓ ସୋଆ ଷ୍ଟାଡିୟମରେ ଅନୁଷ୍ଠିତ ଇନୋଭାରେ କପ୍‌ରେ ରବିବାର କର୍ପୋରେଟ ଆମନ୍ତ୍ରଣୀୟ ଏକାଦଶ, ଇସିସି, ଲୟର୍ସ ଏକାଦଶ ଓ ମାଇଣ୍ଡ ଟ୍ରି ବିଜୟୀ ହୋଇଛନ୍ତି। ଉତ୍କଳ ସ୍ୱାର୍ଟାନ୍‌ସକୁ ୫୫ ରନ୍‌ରେ ପରାସ୍ତ କରି ଇସିସି ବୃହତ୍ ବିଜୟ ହାସଲ କରିଛି। ଇଡ୍‌କୋ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ କର୍ପୋରେଟ ଆମନ୍ତ୍ରଣୀୟ ଏକାଦଶ ୩୮ ରନ୍‌ରେ ଷ୍ଟାର୍ଟଅପ୍ ଏକାଦଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି କର୍ପୋରେଟ୍ ଏକାଦଶ ୨ ଉଇକେଟରେ ୨୨୦ ରନ୍ କରିଥିଲା। ଜବାବରେ ଷ୍ଟାର୍ଟଅପ୍ ଏକାଦଶ ୫ ଉଇକେଟ ହରାଇ ୧୮୨ ରନ୍ କରିଥିଲା। କୃତବିଦ୍ୟ ଦାସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଉତ୍କଳ ସ୍ୱାର୍ଟାନ୍‌ସକୁ ୫୫ ରନ୍‌ରେ ପରାସ୍ତ କରିଥିଲା ଇସିସି। ଇସିସି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ ହରାଇ ୧୯୫ ରନ୍ କରିଥିଲା। ଜବାବରେ ସ୍ୱାର୍ଟାନ ଦଳ ୯ ଉଇକେଟ ହରାଇ ୧୪୦ ରନ୍ କରିଥିଲା। ପ୍ରକାଶ ସାହୁଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

ସୋଆ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଲୟର୍ସ ଏକାଦଶ ୩ ରନ୍‌ରେ ଇଡ୍‌କୋକୁ ପରାସ୍ତ କରିଛି। ଲୟର୍ସ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୬ ଉଇକେଟ ହରାଇ ୧୧୪ ରନ୍ କରିଥିଲା। ଜବାବରେ ଇଡ୍‌କୋ ୮ ଉଇକେଟ ହରାଇ ୧୧୧ ରନ୍ କରି ପାରିଥିଲା। ଭକ୍ତି ସାମଲଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ମାଇଣ୍ଡ ଟ୍ରି ଓ ଟିସିଏସ୍ ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌କୁ ୪ ଉଇକେଟରେ ଜିତି ନେଇଥିଲା ମାଇଣ୍ଡ ଟ୍ରି। ଟିସିଏସ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟରେ ୧୧୫ ରନ୍ କରିଥିଲା। ଜବାବରେ ମାଇଣ୍ଡ ଟ୍ରି ୧୪.୧ ଓଭରରେ ୬ ଉଇକେଟରେ ୧୧୯ ରନ୍ କରିଥିଲା। ରାଜେଶ ନାୟକଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

# ଆନନ୍ଦଙ୍କ ପରେ ଅର୍ଜୁନ ଦ୍ୱିତୀୟ ଭାରତୀୟ

ନୂଆଦିଲ୍ଲୀ, ୧।୧୨ (ପି.ଟି.)

କିମ୍ବଦନ୍ତୀ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗାସି ରବିବାର କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଏବଂ ବିଶ୍ୱର ୧୬ତମ ଚେସ୍ ଖେଳାଳି ଭାବେ ଗୋଲ୍ଡ-ଷ୍ଟାଣ୍ଡାର୍ଡ ଏଲୋ ରେଟିଂ ୨୮୦୦ ଅତିକ୍ରମ କରିବାରେ ସମର୍ଥ ହୋଇଛନ୍ତି। ଏହାଛଡ଼ା ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ ତାଲିକାରେ ସେ ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ୨୧ବର୍ଷୀୟ ଭାରତୀୟ ଖେଳାଳି ଚଳିତ ବର୍ଷ ଜବରଦସ୍ତ ଫର୍ମରେ ଅଛନ୍ତି। ନିକଟରେ ଅନୁଷ୍ଠିତ ଚେସ୍ ଅଲିମ୍ପିଆଡ୍‌ରେ ଭାରତର ଐତିହାସିକ ପ୍ରଦର୍ଶନ ଅବସରରେ ସେ ବ୍ୟକ୍ତିଗତ ସ୍ୱର୍ଣ୍ଣ ବ୍ୟତୀତ ଟିମ୍ ଟାଇଟଲ ହାସଲ କରିପାରିଛନ୍ତି। ଡିସେମ୍ବର ୨୦୨୪ ଫିଡେ ରେଟିଂ ତାଲିକାରେ ତାଙ୍କ ରେଟିଂ ସଂଖ୍ୟା ୨୮୦୧ରେ ପହଞ୍ଚିଛି। ତେଲଙ୍ଗାନାର ୱାରାଙ୍ଗଲରେ ଜନ୍ମ ଗ୍ରହଣ କରିଥିବା ଏରିଗାସି ମାତ୍ର ୧୪ ବର୍ଷ, ୧୧ ମାସ ଓ ୧୩ ଦିନ ବୟସରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଥିଲେ। ୨୦୨୪ ସେପ୍ଟେମ୍ବରରେ ସେ ଭାରତର ଟପ୍ ରେଟିଂ ଖେଳାଳି ବିବେଚିତ ହୋଇଥିଲେ।

# ବର୍ଷାରେ ଧୋଇଗଲା ଓଡ଼ିଶା ମ୍ୟାଚ୍

**ସୟଦ ମୁସ୍ତାକ ଅଲୀ ଟ୍ରଫି**

ଭୁବନେଶ୍ୱର,୧।୧୨(ସରୋଜ ଜେନା)

ଆନ୍ଧ୍ରପ୍ରଦେଶରେ ଅନୁଷ୍ଠିତ ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ମ୍ୟାଚ୍ ବର୍ଷା କାରଣରୁ ଧୋଇ ଯାଇଛି। ଗ୍ରୁପ୍ ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ଏହାର ଚତୁର୍ଥ ମ୍ୟାଚ୍‌ରେ ଛତିଶଗଡ଼କୁ ଭେଟିଥିଲା। ବର୍ଷା କାରଣରୁ ମ୍ୟାଚ୍ ସମ୍ଭବ ହୋଇ ନ ଥିବା ବେଳେ ଟସ୍ ମଧ୍ୟ ପଡ଼ି ପାରି ନ ଥିଲା। ଏହା ପୂର୍ବରୁ ପ୍ରଥମ ୩ ମ୍ୟାଚ୍‌ରେ ପରାଜିତ ହୋଇଥିଲା ଓଡ଼ିଶା। ଅଦ୍ୟାବଧି ୪ ମ୍ୟାଚ୍ ଖେଳି ଦଳ ପଏଣ୍ଟ ଟେବୁଲର ଅନ୍ତିମ ସ୍ଥାନରେ ରହିଛି।

# ୧୫ ପଦକ ସହ କିଟ୍ ତୃତୀୟ

**ଇଷ୍ଟଜୋନ୍ ସନ୍ତରଣ**

ଭୁବନେଶ୍ୱର,୧।୧୨(ସରୋଜ ଜେନା)

କିସ୍ କ୍ୟାମ୍ପସ-୨ରେ ଆୟୋଜିତ ଇଷ୍ଟଜୋନ୍ ସନ୍ତରଣ ପ୍ରତିଯୋଗିତାରେ ୧୫ ପଦକ ସହ ତୃତୀୟ ସ୍ଥାନ ହାସଲ କରିଛି କିଟ୍ ବିଶ୍ୱବିଦ୍ୟାଳୟ। ୨୮ ତାରିଖରୁ ଆରମ୍ଭ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। କିଟ୍ ୮ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ସହ ସମୁଦାୟ ୧୫ ପଦକ ହାସଲ କରିଛି। ୧୧୦ ବିଶ୍ୱବିଦ୍ୟାଳୟ ପକ୍ଷରୁ ୫୦୦ରୁ ଅଧିକ ଆଥ୍‌ଲେଟ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଚଣ୍ଡୀଗଡ ବିଶ୍ୱବିଦ୍ୟାଳୟ ୩୨(୧୪ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୭ ବ୍ରୋଞ୍ଜ) ପଦକ ସହ ପ୍ରଥମ ସ୍ଥାନରେ ରହିଥିଲା। ଆଡାମାସ ବିଶ୍ୱବିଦ୍ୟାଳୟ ୨୮ ପଦକ ସହ ଦ୍ୱିତୀୟ ଓ କିଟ୍ ୧୫ ପଦକ ସହ ତୃତୀୟ ସ୍ଥାନରେ ରହିଥିଲା। ଏହି ଟୁର୍ନାମେଣ୍ଟର ଟପ୍ ୧୬ ପ୍ରତିଯୋଗୀ ଆନ୍ତଃଜୋନ୍ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିବେ।

କୁଳପତି ଦୀପକ କୁମାର ବେହେରା, ମହା ନିର୍ଦ୍ଦେଶକ ଗଗନେନ୍ଦୁ ଦାସ, ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି ଓ ରୁଦ୍ରକେଶ ଜେନା ପ୍ରମୁଖ ଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ତୃତୀୟ ସ୍ଥାନରେ ଥିବା କିଟ୍ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।


ଅତିଥିଙ୍କ ଗହଣରେ ସ୍ୱର୍ଣ୍ଣ ପଦକ ବିଜୟୀ କିଟ୍ ମହିଳା ରିଲେ ଦଳ।

# ଟେବୁଲ ଟପ୍ପରଙ୍କୁ ହରାଇଲା ଓଡ଼ିଶା ଏଫ୍‌ସି

**ଇଣ୍ଡିଆନ୍ ସୁପର ଲିଗ୍**

■ ଡିଏଗୋ ମରିସିଓଙ୍କ ଡବଲ୍ ଗୋଲ୍

ଭୁବନେଶ୍ୱର,୧।୧୨(ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ୍ ସୁପର ଲିଗ୍(ଆଇଏସ୍ଏଲ୍) ମ୍ୟାଚ୍‌ରେ ଟେବୁଲ ଟପ୍ପର ବେଙ୍ଗାଲୁରୁ ଏଫ୍‌ସିକୁ ୪-୨ ଗୋଲରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଘରୋଇ ଦଳ ପକ୍ଷରୁ ଡିଏଗୋ ମରିସିଓ (୪୫+୩, ୬୦) ମିନିଟରେ ଡବଲ୍ ଗୋଲ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜେରୀ ମାୱିମିଙ୍ଗଥାଙ୍ଗା(୧୦) ଓ ମୋର୍ଟାଡା ଫଲ(୨୭) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ୫୨ ତମ ମିନିଟରେ ସୁନୀଲ ଛେତ୍ରୀ ଓ ୮୮ ତମ ମିନିଟରେ ଏଡଗାର ମେଣ୍ଡେଜ ବେଙ୍ଗାଲୁରୁ ପକ୍ଷରୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ମ୍ୟାଚ୍‌ର ପ୍ରଥମାର୍ଦ୍ଧରୁ ଓଡ଼ିଶା ଏଫ୍‌ସି ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ୧୦ମ ମିନିଟରେ ଜେରୀ ଓଏଫ୍‌ସି ପକ୍ଷରୁ ପ୍ରଥମ ଗୋଲ୍ ଦେଇଥିଲେ। ଆଇଜାକ ଭନଲାଲରୁଆଟଫେଲାଙ୍କ ଆସିଷ୍ଟରେ ସେ ଏହି ଗୋଲ ସ୍କୋର କରିଥିଲେ। ୨୭ ତମ ମିନିଟରେ ଓଏଫ୍‌ସିକୁ ଏକ ଫ୍ରି କିକ ମିଳିଥିବା ବେଳେ ଏଥିରୁ ସ୍କୋର କରିଥିଲେ ମୋର୍ଟାଡା ଫଲ୍। ଅହମଦ୍ ଜାହୋହଙ୍କ ଫ୍ରି କିକ୍‌ରୁ ଫଲ୍ ସ୍କୋର କରିବା ସହ ଓଏଫ୍‌ସିକୁ ୨-୦ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ଜେରୀଙ୍କ ଆସିଷ୍ଟରେ ସ୍କୋର କରିଥିଲେ ଡିଏଗୋ ମରିସିଓ। ପ୍ରଥମାର୍ଦ୍ଧ ସୁଦ୍ଧା ଓଏଫ୍‌ସି ୩-୦ରେ ଆଗୁଆ ରହିଥିଲା।

ଦ୍ୱିତୀୟାର୍ଦ୍ଧରେ ପ୍ରତ୍ୟାବର୍ତ୍ତନର ପ୍ରୟାସ କରିଥିଲା ବେଙ୍ଗାଲୁରୁ। ୱିଲିୟମ୍ସଙ୍କ ଲମ୍ବା ପାଶ୍‌କୁ ହେଡର ଜରିଆରେ ଗୋଲରେ ପରିଣତ କରିଥିଲେ ସୁନୀଲ ଛେତ୍ରୀ। ୬୦ ତମ ମିନିଟରେ ଡିଏଗୋ ମରିସିଓ ଆଉ ଏକ ଚମତ୍କାର ଗୋଲ ଦେଇ ଓଏଫ୍‌ସିକୁ ୪-୧ରେ ଆଗୁଆ କରିଥିଲେ। ୮୮ ତମ ମିନିଟରେ ଏଡଗାର ମେଣ୍ଡେଜ ବେଙ୍ଗାଲୁରୁ ପକ୍ଷରୁ ଗୋଲ ଦେଇଥିଲେ ମଧ୍ୟ ଓଏଫ୍‌ସି ବିଜୟୀ ହୋଇଥିଲା।


ଓଡ଼ିଶା ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# ସୁନୀତା ଉଇଲିୟମ୍ସଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନ: ଆଶା ଓ ଆଶଙ୍କା

''ପରବର୍ତ୍ତୀ ସମୟରେ ମହାକାଶରେ ଅଟକି ରହିଥିବା ଯାତ୍ରୀମାନଙ୍କୁ ଶିଳ୍ପପତି ଏଲନ୍ ମସ୍କଙ୍କ 'ସ୍ପେସ୍ ଏକ୍ସ' କମ୍ପାନୀର ଏକ ସ୍ୱତନ୍ତ୍ର ଯାନ କ୍ରୁ ଡ୍ରାଗନ-୯ ଜରିଆରେ ପୃଥିବୀକୁ ଫେରାଇ ଆଣିବାର ଯୋଜନା କରାଯାଇଛି। ଏହି ଅଭିଯାନ ନିମନ୍ତେ ଉକ୍ତ ଯାନର ଗଠନକୁ ପୁନର୍ବିନ୍ୟାସ କରାଯାଇଛି। ଏବେ ଏଥିରେ ଚାରି ଜଣ ମହାକାଶଚାରୀଙ୍କ ପରିବର୍ତ୍ତେ କେବଳ ଦୁଇ ଜଣ ଯାତ୍ରୀ (ଜଣେ ଆମେରିକୀୟ ଓ ଅନ୍ୟ ଜଣେ ରୁଷୀୟ) ରହିଛନ୍ତି ଏବଂ ଆଉ ଦୁଇଟି ଆସନକୁ ଖାଲି ଛଡ଼ାଯାଇଛି, ଯାହା ସ୍ପେସ୍ ଷ୍ଟେଶନରେ ଅଟକି ରହିଥିବା ଦୁଇ ଯାତ୍ରୀଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନ ନିମନ୍ତେ ବ୍ୟବହାର କରାଯିବ। ଏହି ଯାନକୁ ଗତ ସେପ୍ଟେମ୍ବର ୩୦ ତାରିଖରେ ମହାକାଶ ଷ୍ଟେଶନ ଅଭିମୁଖେ ଅନ୍ତରୀକ୍ଷକୁ ପ୍ରେରଣ କରାଯାଇଛି ଏବଂ ଯାନଟି ଅନ୍ତରୀକ୍ଷ ଯାତ୍ରାକରି ସଫଳତାର ସହିତ ସ୍ପେସ୍ ଷ୍ଟେଶନ ସହିତ ମିଳିତ ହୋଇଛି।''


ନିକୁଞ୍ଜ ବିହାରୀ ସାହୁ




ବିଗତ ଦିନରେ ଆମେରିକୀୟ କମ୍ପାନୀ 'ବୋଇଙ୍ଗ'ର 'ଷ୍ଟାରଲାଇନର୍' ଅନ୍ତରୀକ୍ଷ ଯାନରେ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ ଯାତ୍ରା କରିଥିବା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହିଳା ମହାକାଶଚାରୀ ସୁନୀତା ଉଇଲିୟମ୍ସ ତଥା ଅନ୍ୟ ଜଣେ ସହ-ମହାକାଶଯାତ୍ରୀ ବୁଚ ୱିଲମୋରଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନ ନେଇ ଘୋର ଅନିଶ୍ଚିତତା ପ୍ରକାଶ ପାଇଛି। ସେମାନେ ଚଳିତ ବର୍ଷ ଜୁନ୍ ୫ ତାରିଖ ରାତି ୮ଟା ୨୨ ମିନିଟ ସମୟରେ ଆଟଲାସ V (ଭି) ରକେଟ ଜରିଆରେ ମହାକାଶକୁ ଯାତ୍ରା କରି ପୃଥିବୀକୁ ପ୍ରଦକ୍ଷିଣ କରୁଥିବା ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ ସହିତ ମିଳିତ ହୋଇଥିଲେ। ତାଙ୍କର ଯାନ ପରଦିନ ଅର୍ଥାତ ୬ ତାରିଖରେ ସ୍ପେସ୍ ଷ୍ଟେଶନଠାରେ ରାତି ୯ଟା ୪୫ ମିନିଟ ସମୟରେ ପହଞ୍ଚିବାର ଥିଲା। ମାତ୍ର ହିଲିୟମ ଲିକ୍ ଘଟି ଯାନର ସମୁଦାୟ ୨୮ ଥ୍ରଷ୍ଟରରୁ ୫ଟିରେ ତ୍ରୁଟି ପରିଲକ୍ଷିତ ହେବାରୁ ସେମାନେ କଷ୍ଟେମଷ୍ଟେ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିବାରେ ସକ୍ଷମ ହୋଇଥିଲେ ସୁଦ୍ଧା ପ୍ରାୟ ଦେଢ଼ ଘଣ୍ଟା କାଳ ବିଳମ୍ବ ଘଟିଥିଲା (ସେମାନେ ପ୍ରକୃତରେ ରାତି ୧୧ଟା ୩ ମିନିଟ ସମୟରେ ପହଞ୍ଚିଥିଲେ)। ଥ୍ରଷ୍ଟର୍ ଠିକ୍ ରୂପେ କାର୍ଯ୍ୟକ୍ଷମ ନ ହେବାରୁ ସେଗୁଡ଼ିକର ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଥିଲା; ଫଳରେ ଯାନର ତାପନିରୋଧକ ଟେଫଲୋନ ଆବରକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଉପୁଜିଥିଲା, ଯାହା ପ୍ରତ୍ୟାବର୍ତ୍ତନ ସମୟରେ ବାୟୁମଣ୍ଡଳ ମଧ୍ୟରେ ଘର୍ଷଣ ଜନିତ ପ୍ରଚଣ୍ଡ ତାପମାତ୍ରାରୁ ଯାତ୍ରୀମାନଙ୍କୁ ସୁରକ୍ଷା ଯୋଗାଇଥାଏ। ଆହୁରି ମଧ୍ୟ ଯାନକୁ ଅଗ୍ରଗାମୀ ବେଗ ପ୍ରଦାନ କରୁଥିବା ନିର୍ଗତ ଗ୍ୟାସ୍‌ର ବେଗ ହ୍ରାସ ପାଇ ଏହାର ଦିଗ-ଚାଳନା ଓ ନିୟନ୍ତ୍ରଣ କୌଶଳ ଗୁରୁତର ପ୍ରଭାବିତ ହୋଇଥିଲା। ସୁତରାଂ ନାସା ଷ୍ଟାରଲାଇନର୍‌ର ସେହି ଫେରନ୍ତା ଅନ୍ତରୀକ୍ଷ ଯାନରେ ମହାକାଶଚାରୀମାନଙ୍କୁ ଫେରାଇ ଆଣିବା ନିମନ୍ତେ କୌଣସି ରିସ୍କ ନ ନେଇ ସେମାନଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନ ଯାତ୍ରା ସାମୟିକ ପାଇଁ ସ୍ଥଗିତ ରଖିଥିଲା। ଫଳରେ ମହାକାଶଚାରୀ ଦୁହେଁ ସେହି ଦିନଠୁ ଏବେ ସୁଦ୍ଧା ସ୍ପେସ୍ ଷ୍ଟେଶନରେ ଅଟକି ରହିଛନ୍ତି ଏବଂ ଏଇ ବର୍ଷ ସେମାନଙ୍କୁ ପୃଥିବୀ ଫେରାଇ ଆଣିବାରେ ନାସା ନିକଟରେ କୌଣସି ମହାକାଶଯାନ କିମ୍ବା ଯୋଜନା ନାହିଁ।

ନାସା ନିକଟରେ ଅଡୁଆର ଖିଅ ଲମ୍ବି ଲମ୍ବି ଯାଉଛି! ଷ୍ଟାରଲାଇନର୍ ଯାନଟି ସ୍ପେସ୍ ଷ୍ଟେଶନର ଡକିଙ୍ଗ ପୋର୍ଟ ସହିତ ଅତି ବେଶିରେ ୯୦ ଦିନ ପର୍ଯ୍ୟନ୍ତ ସଂଯୁକ୍ତ ହୋଇ ରହିପାରିବ। କାରଣ ଉଦ୍ଧାରକାରୀ କ୍ରୁ ଡ୍ରାଗନ ଯାନ ପୃଥିବୀରୁ ଯାଇ ସିଧାସଳଖ ସ୍ପେସ ଷ୍ଟେଶନର ସେହି ପୋର୍ଟ ସହିତ ହିଁ ସଂଲଗ୍ନ ହେବ। ଏହି ସବୁ କାରଣ ଯୋଗୁ ମହାକାଶରେ ଅଟକି ରହିଥିବା ମହାକାଶଚାରୀଙ୍କ ପୃଥିବୀ ଫେରିବା ସମୟ ନିର୍ଘଣ୍ଟରେ ଅନିଶ୍ଚିତତା ପ୍ରକାଶ ପାଇଛି। ଏହା ମଧ୍ୟରେ ନାସା ସୁରକ୍ଷା କାରଣରୁ ଅଟକି ରହିଥିବା ମହାକାଶଚାରୀଙ୍କ ପ୍ରତ୍ୟାବର୍ତ୍ତନର ତାରିଖକୁ ତିନି ଥର ଗଡ଼ାଇ ସାରିଲାଣି।

ଏହି ପରିବର୍ତ୍ତିତ ପରିସ୍ଥିତିରେ ଷ୍ଟାରଲାଇନର୍ ଯାନର ଫେରନ୍ତା ଯାତ୍ରାକୁ ପରିବର୍ତ୍ତିତ କରାଯାଇଛି। ତାହା ଏବେ ସ୍ପେସ୍ ଷ୍ଟେଶନରୁ ବିଚ୍ଛିନ୍ନ ହୋଇ ବିନା ମହାକାଶଯାତ୍ରୀ ତଥା ବିନା ଚାଳକରେ (ଅର୍ଥାତ ଅଟୋ ପାଇଲଟିଙ୍ଗ କୌଶଳ ଜରିଆରେ) ପୃଥିବୀ ପ୍ରତ୍ୟାବର୍ତ୍ତନ କରିଛି। ପରବର୍ତ୍ତୀ ସମୟରେ ମହାକାଶରେ ଅଟକି ରହିଥିବା ଯାତ୍ରୀମାନଙ୍କୁ ଶିଳ୍ପପତି ଏଲନ୍ ମସ୍କଙ୍କ 'ସ୍ପେସ୍ ଏକ୍ସ' କମ୍ପାନୀର ଏକ ସ୍ୱତନ୍ତ୍ର ଯାନ କ୍ରୁ ଡ୍ରାଗନ-୯ ଜରିଆରେ ପୃଥିବୀକୁ ଫେରାଇ ଆଣିବାର ଯୋଜନା କରାଯାଇଛି। ଏହି ଅଭିଯାନ ନିମନ୍ତେ ଉକ୍ତ ଯାନର ଗଠନକୁ ପୁନର୍ବିନ୍ୟାସ କରାଯାଇଛି। ଏବେ ଏଥିରେ ଚାରି ଜଣ ମହାକାଶଚାରୀଙ୍କ ପରିବର୍ତ୍ତେ କେବଳ ଦୁଇ ଜଣ ଯାତ୍ରୀ (ଜଣେ ଆମେରିକୀୟ ଓ ଅନ୍ୟ ଜଣେ ରୁଷୀୟ) ରହିଛନ୍ତି ଏବଂ ଆଉ ଦୁଇଟି ଆସନକୁ ଖାଲି ଛଡ଼ାଯାଇଛି, ଯାହା ସ୍ପେସ୍ ଷ୍ଟେଶନରେ ଅଟକି ରହିଥିବା ଦୁଇ ଯାତ୍ରୀଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନ ନିମନ୍ତେ ବ୍ୟବହାର କରାଯିବ। ଏହି ଯାନକୁ ଗତ ସେପ୍ଟେମ୍ବର ୩୦ ତାରିଖରେ ମହାକାଶ ଷ୍ଟେଶନ ଅଭିମୁଖେ ଅନ୍ତରୀକ୍ଷକୁ ପ୍ରେରଣ କରାଯାଇଛି ଏବଂ ଯାନଟି ଅନ୍ତରୀକ୍ଷ ଯାତ୍ରାକରି ସଫଳତାର ସହିତ ସ୍ପେସ୍ ଷ୍ଟେଶନ ସହିତ ମିଳିତ ହୋଇଛି। ମାତ୍ର ସୁରକ୍ଷା ଦୃଷ୍ଟିକୋଣରୁ ଏହା ସଙ୍ଗେ ସଙ୍ଗେ ଅଟକି ରହିଥିବା ଯାତ୍ରୀମାନଙ୍କୁ ଧରି ପୃଥିବୀ ଫେରିପାରିବ ନାହିଁ। ଏହା ଆଗାମୀ ୨୦୨୫ ମସିହା ଫେବୃଆରୀ ବେଳକୁ ଅଟକି ରହିଥିବା ଦୁଇ ମହାକାଶଚାରୀଙ୍କୁ ସଙ୍ଗରେ ନେଇ ପୃଥିବୀ ଫେରିବ ବୋଲି ଆଶା କରାଯାଉଛି।

ନାସାର ଏହି ଯୋଜନା ସଫଳ ହେଲେ ଏହା ଅନ୍ତରୀକ୍ଷ ଯାତ୍ରା କ୍ଷେତ୍ରରେ କୌଣସି ଅଭିଯାନରେ ଏକକାଳୀନ ଦୁଇଟି ଯାନ ବ୍ୟବହାର କରିବା ଦୃଷ୍ଟିରୁ ଏକ ଇତିହାସ ରଚନା କରିବ। ସାଧାରଣତଃ ଯେଉଁ ଯାନ ମହାକାଶଚାରୀଙ୍କୁ ନେଇ ଅନ୍ତରୀକ୍ଷ ଯାଇଥାଏ ସେହି ଯାନ ହିଁ ମହାକାଶଚାରୀଙ୍କୁ ନେଇ ପୃଥିବୀ ପ୍ରତ୍ୟାବର୍ତ୍ତନ କରିଥାଏ। ମାତ୍ର ଏ କ୍ଷେତ୍ରରେ, ମହାକାଶଚାରୀଙ୍କୁ ନେଇ 'ଷ୍ଟାରଲାଇନର୍' ଯାନ ଯାଇଥିଲାବେଳେ ସେମାନଙ୍କୁ ପୃଥିବୀକୁ ଫେରାଇ ଆଣିବାରେ ଅନ୍ୟ ଏକ ମହାକାଶ ଯାନ ସ୍ପେସ୍ ଏକ୍ସ ର 'କ୍ରୁ ଡ୍ରାଗନ'ର ସହାୟତା ନିଆଯାଇଛି। ଗୋଟିଏ ଅଭିଯାନ କ୍ଷେତ୍ରରେ ଦୁଇଟି ପୃଥକ ଯାନର ବ୍ୟବହାର ଯୋଗୁ ଏହା ମହାକାଶ ଅଭିଯାନ କ୍ଷେତ୍ରରେ ଏକ ବିରଳ ରେକର୍ଡ ସୃଷ୍ଟି କରିବ। (କ୍ରମଶଃ...)

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

# ଚାରୋଟି କଥା



ସୁସ୍ଥ ରହିବାକୁ କିଏ ବା ନ ଚାହେଁ? ସ୍ୱାସ୍ଥ୍ୟ ଅବସ୍ଥାକୁ ଚାରୋଟି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମତଃ ଯେଉଁମାନେ ସମ୍ପୂର୍ଣ୍ଣ ସୁସ୍ଥ, ତାଙ୍କର କୌଣସି ଚିକିତ୍ସା ଆବଶ୍ୟକତା ନ ଥାଏ। ମାତ୍ର ସେମାନେ ମଧ୍ୟ ସୁସ୍ଥ ରହିବା ପାଇଁ ଓ ରୋଗ ନ ହେବା ପାଇଁ ସତର୍କ ରହିବା ଦରକାର। ଦ୍ୱିତୀୟତଃ ଯେଉଁମାନେ ସାଧାରଣ ଅଣ ଗୁରୁତର ରୋଗରେ ପୀଡ଼ିତ, ଯାହାର କି ଚିକିତ୍ସା ସହଜ ଓ ଆରୋଗ୍ୟ ମଧ୍ୟ ହୋଇଥାଏ। ତୃତୀୟ ପ୍ରକାର ରୋଗ ଯାହା ଏକ ବହୁଳ ପରିଲକ୍ଷିତ ହେଉଛି। ସେଗୁଡ଼ିକ ମଧ୍ୟରେ ରହିଛି ଦୀର୍ଘ ଦିନ ଧରି ଓ ପ୍ରାୟ ଜୀବନ ସାରା ଚିକିତ୍ସା ଦରକାର କରୁଥିବା ରୋଗ ସମୂହ। ଏହି ରୋଗ ପାଇଁ ପ୍ରଥମରୁ ଯାଞ୍ଚ କରିବା ଆବଶ୍ୟକ ଓ ରୋଗ ନିର୍ଣ୍ଣୟ ପରେ ନିୟମିତ ଭାବରେ ଔଷଧ ଖାଇବା ଓ ଯାଞ୍ଚ କରିବା ଉଚିତ। ସାଧାରଣତଃ ଉଚ୍ଚ ରକ୍ତଚାପ, ମଧୁମେହ, ଥାଇରଏଡ ନ୍ୟୂନତା, ମାନସିକ ଅବସାଦ, ହୃଦ୍‌ରୋଗ ଓ କେତେଗୁଡ଼ିଏ ସ୍ନାୟୁଜନିତ ରୋଗ ତଥା କେତେକ କ୍ଷେତ୍ରରେ କ୍ୟାନସର ଓ ରକ୍ତରୋଗର ସାରା ଜୀବନ ଚିକିତ୍ସାର ଆବଶ୍ୟକ ହୋଇଥାଏ। ମାତ୍ର କେତେକ ପ୍ରକାର ରୋଗ ପାଇଁ ଡାକ୍ତରଖାନାରେ ରହି ଚିକିତ୍ସିତ ହେବାକୁ ପଡ଼ିଥାଏ। ଦୁର୍ଘଟଣା, ହାର୍ଟଆଟାକ୍, ଷ୍ଟ୍ରୋକ୍, ରେନାଲ (କିଡନୀ) ଫେଲ୍ୟୁୟର, ମଧୁମେହ ଜଟିଳତା, ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନ, ବିଭିନ୍ନ ପ୍ରକାରର ଅସ୍ତ୍ରୋପଚାର (ଅପରେଶନ) ଦ୍ୱାରା ହେଉଥିବା ଚିକିତ୍ସା ଓ ଆହୁରି ଅନେକ ରୋଗ ପାଇଁ ହସପିଟାଲରେ ଆଡମିଶନ ଦରକାର ପଡିଥାଏ।

# ଡିପ୍ରେସନଠାରୁ ଦୂରେଇ ରହିବାର ସହଜ ଉପାୟ



ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜିକାଲିର ବ୍ୟସ୍ତମୟ ଜୀବନରେ ଆମେ ଡିପ୍ରେସନ୍‌ର ମଧ୍ୟ ସମ୍ମୁଖୀନ ହେଉଛେ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀଙ୍କ ଦ୍ୱାରା ନିକଟରେ 'ଡିପ୍ରେସନ ଓ ଖାଦ୍ୟ'ଶୀର୍ଷକ ବିଷୟକୁ ନେଇ ଏକ ସର୍ଭେ କରାଯାଇଥିଲା। ଏଥିରେ ଯେଉଁମାନେ ପ୍ରାୟ ଅଧିକାଂଶ ସମୟ ସୁଷମ ଖାଦ୍ୟ ଖାଉ ନ ଥିଲେ, ସେମାନେ ଡିପ୍ରେସନ୍‌ର ସମ୍ମୁଖୀନ ହେଉଥିବାର ଜଣାପଡ଼ିଥିଲା। ତେଣୁ ଜଣେ ଯଦି ନିଜ ଖାଦ୍ୟପେୟ ପ୍ରତି ସତର୍କ ରହିବ ସେ ନିଜକୁ କେତେକାଂଶରେ ଡିପ୍ରେସନଠାରୁ ଦୂରେଇ ରଖିପାରିବ। କାରଣ ସୁଷମ ଖାଦ୍ୟ ଖାଇବା ଦ୍ୱାରା ଆମର ମନ କେତେକାଂଶରେ ସକାରାତ୍ମକ ରହିଥାଏ। ଯଦି ଜଣେ ବ୍ୟକ୍ତିଙ୍କର ମନ ଅଧିକାଂଶ ସମୟ ସକାରାତ୍ମକ ରହିଲା ତେବେ ସେ ନିଜକୁ ଡିପ୍ରେସନଠାରୁ ଅନେକାଂଶରେ ଦୂରେଇ ରଖିପାରିବେ। ଆଉ ଏହାପଛରେ ସୁଷମ ଖାଦ୍ୟରେ ଭୂମିକା ରହିଛି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଯଦି ଗୁରୁତ୍ୱ ଦେବା...



ଆମେ ସୁସ୍ଥ ରହିବାକୁ ଖାଦ୍ୟ ଖାଇବା ନିହାତି ଦରକାର। ତେବେ ଏହି ଖାଦ୍ୟ ଖାଇବା ପରେ ଆମକୁ କେତୋଟି ବିଷୟ ପ୍ରତି ନଜର ଦେବା ନିହାତି ଦରକାର। ଅନେକଙ୍କର ଖାଇବା ପରେ ଏଭଳି କିଛି ଅଭ୍ୟାସ ରହିଛି ଯାହା ପରୋକ୍ଷରେ କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ଖାଇବାର ଠିକ୍ ପରେ ପରେ କେତେକେ ପାଣି ପିଅନ୍ତି। ଏହା ଏକ ଖରାପ ଅଭ୍ୟାସ। ଏହାଦ୍ୱାରା ମେଦବହୁଳତା ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଖାଦ୍ୟ ଖାଇବାର ଅତିକମ୍‌ରେ ଅଧ ଘଣ୍ଟାଏ ପରେ କିମ୍ବା ଘଣ୍ଟାଏ ଭିତରେ ପାଣି ପିଅନ୍ତୁ। ଆଉ ଏକ ସାଧାରଣ ଅଭ୍ୟାସ ସହ ଆମେ ପ୍ରାୟ ଜଡ଼ିତ। ତାହା ହେଲା ରାତ୍ରଭୋଜନ ଶେଷ କରିବା ପରେ ପରେ କେତେକେ ଶୋଇବାକୁ ଯାଇଥାଆନ୍ତି। କିନ୍ତୁ ଗୋଟିଏ କଥା ମନେ ରଖିବା ଦରକାର ଯେ ରାତ୍ରଭୋଜନ ଏବଂ ଶୋଇବା ଭିତରେ ଅତିକମ୍‌ରେ ଦୁଇ ଘଣ୍ଟା ଗ୍ୟାପ୍ ରହିବା ଭଲ। ଏହାଦ୍ୱାରା ଖାଦ୍ୟ ଭଲ ଭାବରେ ହଜମ ହୁଏ ଏବଂ ଭଲ ନିଦ ହୁଏ। ରାତ୍ରଭୋଜନ ଶେଷ କରିବା ପରେ ଗୋଟିଏ ସ୍ଥାନରେ ନ ବସି କିଛି ସମୟ ଚାଲବୁଲ କରନ୍ତୁ। ଏହାଦ୍ୱାରା ଖାଦ୍ୟ ହଜମ ହୋଇଥାଏ। ଖାଇବା ପରେ କଦାପି ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ। ଏହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର କ୍ୟାନ୍‌ସର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ସବୁବେଳେ ଖାଇବା ପରେ ନିଶାଦ୍ରବ୍ୟ ସେବନ କରନ୍ତି ତେବେ ସେ ଭବିଷ୍ୟତରେ କ୍ୟାନ୍‌ସର ପରି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି।

## ସ୍ୱାସ୍ଥ୍ୟ ସୂଚନା

➤ଗ୍ରୀନ୍ ମଟରରେ ଆଇରନ୍ ଓ ଫାଇବର୍ ଅଧିକ ପରିମାଣରେ ରହିଛି। କୋଷ୍ଠକାଠିନ୍ୟ ସମସ୍ୟାରୁ ଏହା କେତେକାଂଶରେ ରକ୍ଷା କରିଥାଏ।

➤ବୟସ୍କ ବ୍ୟକ୍ତିମାନେ ସେମାନଙ୍କର ଖାଦ୍ୟପେୟ ପ୍ରତି ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଉଚିତ। ଏହି ସମୟରେ ଅଧିକ ଗରିଷ୍ଠ ଖାଦ୍ୟ ନ ଖାଇବା ଭଲ। ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।

➤ସବୁ ଋତୁ ପରି ଶୀତଦିନେ ଆମେ ଚର୍ମର ଯତ୍ନ ନେବା ଦରକାର। ଏହି ସମୟରେ ଭଲ କ୍ୱାଲିଟିର ବଡି ଲୋଶନ ବ୍ୟବହାର କରିପାରିବେ।

➤ତଟକା ଫଳମୂଳରେ ଭିଟାମିନ୍ ଭରି ରହିଛି। ତେଣୁ ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

➤ଯଦି କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତେବେ ସେ ନେଇ ଭାଙ୍ଗି ପଡନ୍ତୁ ନାହିଁ। ଏହି ସମୟରେ ନିଜର ଧୈର୍ଯ୍ୟ ରଖି ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସିତ ହୁଅନ୍ତୁ।

➤କାର୍ଯ୍ୟବ୍ୟସ୍ତ ରହିଲେ ମଧ୍ୟ ଅଧିକ ସମୟ ଖାଲି ପେଟରେ ରୁହନ୍ତୁ ନାହିଁ। କାରଣ ଏହାଦ୍ୱାରା ଏସିଡିଟି ସମସ୍ୟା ବଢ଼ିଯାଇଥାଏ। ଯଦି ଆମେ ଏଭଳି ସମସ୍ୟାକୁ ଠିକ୍ ସମୟରେ ଗୁରୁତ୍ୱ ନ ଦେବା ତେବେ ଭବିଷ୍ୟତରେ ଏଥିରୁ ଆରୋଗ୍ୟ ଲାଭ କରିବାକୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ।



# ରକ୍ତ ସଞ୍ଚାଳନକୁ ସକ୍ରିୟ କରେ କଲରା

କଲରା ଏଭଳି ଏକ ଖାଦ୍ୟ ଯେଉଁଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ଏହି ତାଲିକାରେ ନିକଟରେ ଆଉ ଏକ କଥାକୁ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ସାମିଲ କରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ନିୟମିତ କଲରା ଖାଇଲେ ତାହା ରକ୍ତ ସଞ୍ଚାଳନକୁ ଆହୁରି ସକ୍ରିୟ କରାଇଥାଏ। ରକ୍ତ ସଞ୍ଚାଳନଜନିତ ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ କିଛି ସପ୍ତାହ ନିୟମିତ କଲରା ଖାଇବାକୁ ପରାମର୍ଶ ଦେବା ପରେ ସେମାନେ ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ସାହାଯ୍ୟ କରିଥାଏ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ୍ୟ ଭରି ରହିଛି। ଭିଟାମିନ୍ 'ଏ'ର ମଧ୍ୟ ଏହା ଅନ୍ୟତମ ଉତ୍ସ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜଣେ ଡାଇବେଟିସ୍ ରୋଗୀ ଏହାକୁ ଖାଇବା ଦରକାର। କାରଣ ଏହା ରକ୍ତରେ ଶର୍କରା ଅଂଶକୁ କେତେକାଂଶରେ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। କଲରା ଜୁସ୍ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହିତକର। ଏହା ମଧ୍ୟ ଓଜନକୁ ସନ୍ତୁଳିତ ରଖିଥାଏ। ଶରୀରକୁ ଆଲର୍ଜିଠାରୁ ରକ୍ଷା କରିଥାଏ କଲରା। ଅନ୍ୟପକ୍ଷରେ ଖାଦ୍ୟ ହଜମରେ ମଧ୍ୟ ସହାୟତା କରିଥାଏ।



# ଜାଣି ରଖନ୍ତୁ



ରକ୍ତଦାନ ଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯଦି ଆପଣ ରକ୍ତଦାନ କରିବାକୁ ଯାଉଛନ୍ତି, ତେବେ ରକ୍ତଦାନ ପୂର୍ବରୁ ରକ୍ତଦାନ କେନ୍ଦ୍ରରେ ନିଜ ସମ୍ପର୍କିତ ସମସ୍ତ ସୂଚନାକୁ ପଞ୍ଜୀକରଣ କରିବାକୁ ଭୁଲନ୍ତୁ ନାହିଁ। ଏବେ ରକ୍ତଦାନ କରିବାକୁ ଅନେକ ଆଗଭର ହେଉଛନ୍ତି। ତେଣୁ ସେଭଳି ମହତ କାମ କରିବା ପୂର୍ବରୁ କେତୋଟି ବିଷୟରେ ଜାଣିବା ନିହାତି ଦରକାର। ରକ୍ତଦାନ କରିବା ପୂର୍ବରୁ ସଂପୃକ୍ତ ବ୍ୟକ୍ତିଙ୍କର ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପୂର୍ବଦିନ ପ୍ରଚୁର ପାଣି ପିଅନ୍ତୁ। ରକ୍ତଦାନକୁ ନେଇ ମନରେ କୌଣସି ଆଶଙ୍କା ଥିଲେ ଅଭିଜ୍ଞ ରକ୍ତରୋଗ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ। କାରଣ ଏହାପୂର୍ବରୁ ମନରେ ଉଙ୍କି ମାରୁଥିବା ପ୍ରଶ୍ନଗୁଡିକର ସମାଧାନ ହୋଇଯିବା ଆବଶ୍ୟକ। ରକ୍ତଦାନ କରୁଥିବା ବ୍ୟକ୍ତି ମନକୁ ହାଲୁକା ରଖନ୍ତୁ। ଆପଣ ଯଦି କୌଣସି ରୋଗରେ ଆକ୍ରାନ୍ତ ତେବେ ରକ୍ତଦାନ କରିବା କେତେଦୂର ଠିକ୍ ତାହା ଡାକ୍ତରଙ୍କୁ ପଚାରି ବୁଝି ନିଅନ୍ତୁ।

# ଭିଟାମିନ୍ 'ଡି' ପରିମାଣ କମିଗଲେ ହୋଇପାରେ ହୃଦ୍‌ଘାତ

ହୃଦ୍‌ଘାତ ହେବା ପଛରେ ଅନେକ କାରଣ ରହିଛି। ରକ୍ତରେ କୋଲେଷ୍ଟରଲ ପରିମାଣ ବଢ଼ିଗଲେ, ଦୀର୍ଘଦିନ ଧରି ଡାଇବେଟିସ୍ ଏବଂ ବ୍ଲଡପ୍ରେସର ଅସନ୍ତୁଳିତ ରହିଲେ ଏଭଳି ଆଶଙ୍କା ଅଧିକ ଥାଏ। କିନ୍ତୁ ଯଦି ଆମେ ଭିଟାମିନ୍ 'ଡି'ଯୁକ୍ତ ଖାଦ୍ୟ ଆବଶ୍ୟକତାଠାରୁ କମ୍ ଖାଉ ତେବେ ଏଭଳି ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏଭଳି ସର୍ଭେ ସମୟରେ ସେମାନେ କେତେକ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟକୁ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କ ଶରୀରରେ ଭିଟାମିନ୍ 'ଡି' ପରିମାଣ ଅଧିକାଂଶ ସମୟ କମ୍ ରହୁଥିଲା, ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ହୃଦ୍‌ଜନିତ ସମସ୍ୟାର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଭିଟାମିନ୍ 'ଡି'ରେ ଏଭଳି ତତ୍ତ୍ୱ ରହିଛି, ଯାହା ହାର୍ଟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ବୋଲି ସେମାନେ ମତ ଦେଇଛନ୍ତି। ତା' ସହ ସବୁବେଳେ ଏଭଳି ଖାଦ୍ୟ ଅଧିକ ପରିମାଣରେ ଖାଇବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। କଦଳୀ, କମଳା, ଆଳମଣ୍ଡ, ଛତୁ, କ୍ଷୀର, ଜୁସ୍ ଆଦିରେ ଭିଟାମିନ୍ 'ଡି' ଭରି ରହିଛି।



# ୟଙ୍ଗଷ୍ଟର ପ୍ରିମିୟର ଲିଗ୍ ନିଲାମୀ ଆରମ୍ଭ

**ଭୁବନେଶ୍ୱର, ୧।୧୨ (ସରୋଜ ଜେନା):** ରାଜ୍ୟରେ ଯୁବ ଖେଳାଳିଙ୍କ ବିକାଶ ପାଇଁ କ୍ରିକେଟ୍ ଏକାଡେମୀ ଅଫ୍ ପଠାନ୍ସ (ସିଏପି) ପକ୍ଷରୁ ୟଙ୍ଗଷ୍ଟର୍ସ ପ୍ରିମିୟର ଲିଗ୍‌ର ପ୍ରଥମ ସିଜନ ପାଇଁ ଖେଳାଳି ନିଲାମୀ ରବିବାର ହୋଇଛି। ଆଇପିଏଲ ଢାଞ୍ଚାରେ ହେଉଥିବା ଟୁର୍ନାମେଣ୍ଟରେ ୮ ଫ୍ରାଞ୍ଚାଇଜ ରହିଥିବା ବେଳେ ରବିବାର ପ୍ରଥମ ଦିନର ନିଲାମୀ ଶେଷ ହୋଇଛି। ଲୋୟଲା ସ୍କୁଲରେ ଥିବା ସିଏପି ଗ୍ରାଉଣ୍ଡରେ ଏହି ଟୁର୍ନାମେଣ୍ଟର ନିଲାମୀ ହୋଇଥିଲା। ପ୍ରତି ଟିମରେ ସର୍ବାଧିକ ୨୧ ଜଣ ବିଭିନ୍ନ ବୟସ ବର୍ଗର ଖେଳାଳି ରହିବେ। ସେହିପରି ଚୂଡାନ୍ତ ଏକାଦଶରେ ଜଣେ ରାଜ୍ୟ ପ୍ରତିନିଧିତ୍ୱ କରିଥିବା ଖେଳାଳି, ୪ ଜଣ ୧୬ ବର୍ଷରୁ କମ୍ ଓ ୨ ଜଣ ୧୪ ବର୍ଷରୁ କମ୍ ବୟସର ଖେଳାଳିଙ୍କ ରହିବା ବାଧ୍ୟତାମୂଳକ କରାଯାଇଛି। ଏହି ଟୁର୍ନାମେଣ୍ଟ ପାଇଁ ମୋଟ ୪୫୬ଜଣ ଖେଳାଳି ନାମ ପଞ୍ଜୀକୃତ କରିଥିବା ବେଳେ ୨୧୮ ଜଣ ଖେଳାଳିଙ୍କୁ ଶର୍ଟଲିଷ୍ଟ କରାଯାଇଥିଲା। ସୁରଞ୍ଜନା ମହାପାତ୍ର ଓ ଯୁଧିଷ୍ଠିର ଅକ୍ସନ ପରିଚାଳନା କରିଥିଲେ। ପ୍ରଥମ ଦିନରେ ଅଭିଷେକ ମିଶ୍ର ସବୁଠୁ ଦାମୀ ଖେଳାଳି ରହିଛନ୍ତି। ଅଭିଷେକଙ୍କୁ ୪୭ ହଜାର ଟଙ୍କାରେ କିଣିଥିଲା ଏଚ୍‌ଟୁଓ ହରିକେନ୍ସ। ଏହା ସହିତ ୟଙ୍ଗଷ୍ଟର ପ୍ରିମିୟର ଲିଗର ଟ୍ରଫି ମଧ୍ୟ ଉନ୍ମୋଚିତ ହୋଇଥିଲା। ଲୋୟଲା ସ୍କୁଲର ରେକ୍ଟର ଫାଦର ଅଗଷ୍ଟିନ ଟ୍ରଫି ଉନ୍ମୋଚନ କରିଥିଲେ।










Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ